


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-216 ◆SUNDAY ◆1 FEBRUARY 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୨୧୬ ◆ରବିବାର ◆୧ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦ (ସିନ୍ଦୂରା ସହ)


## ହିରୋଇନ୍‌ଙ୍କ ବେକରେ ନୁର୍‌ଜହାଁଙ୍କ ହାର



■ କାଲିଫର୍ଣ୍ଣିଆ, ୩୧।୧ (ଏଜେନ୍ସି): ହଲିଉଡ ଅଭିନେତ୍ରୀ ମାର୍ଗୋଟ ରାବି ମୋଗଲ ବେଗମ ନୁରଜହାଁଙ୍କ ୪୦୦ ବର୍ଷ ତଳର ପୁରୁଣା ହାର ପିନ୍ଧି ର୍ୟାମ୍ପକୁ ଓହ୍ଲାଇଛନ୍ତି। ଏହାକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ହେଉଛି। ସେ ନିଜର ପରବର୍ତ୍ତୀ ଚଳଚ୍ଚିତ୍ର 'ଉଥରିଙ୍ଗ ହାଇଟ୍ସ'ର ପ୍ରଚାର ପାଇଁ ରେଡ କାର୍ପେଟକୁ ଓହ୍ଲାଇ ଥିଲେ। ଗ୍ଲାମରସ୍ ଲୁକ୍ ସହିତ ଏହି ହାର ତାଙ୍କ ସୌନ୍ଦର୍ଯ୍ୟକୁ ବହୁ ଗୁଣିତ କରି ଦେଇଥିଲା। ଏହି ହାରର ମୂଲ୍ୟ ପ୍ରାୟ ପ୍ରାୟ ୮ ନିୟୁତ ଡଲାର ଅର୍ଥାତ ୭୪ କୋଟି ଟଙ୍କା। ଏଥିରେ ୬୯.୪୨ କ୍ୟାରେଟର 'ହାର୍ଟ ସେପ' ଆକୃତିର ଟେବୁଲ-କଟ୍ ହୀରା ଲାଗିଛି। ରତ୍ନ ପଥରେ ମଝିରେ ଏହାକୁ ରଖାଯାଇଛି। ୫୪ ବର୍ଷ ▶ପୃଷ୍ଠା-୭

**ମୂଲ୍ୟ ୭୪ କୋଟି ଟଙ୍କା**

**ସ୍ୱାମୀ ଦେଇଥିଲେ ଉପହାର**

## ଶପଥ ନେଲେ ସୁନେତ୍ରା ପାୱାର୍



■ ମୁମ୍ବଇ, ୩୧।୧ (ଏଜେନ୍ସି): ବିମାନ ଦୁର୍ଘଟଣାରେ ସ୍ୱାମୀ ଅଜିତ ପାୱାରଙ୍କ ଅକାଳ ବିୟୋଗର ଚତୁର୍ଥ ଦିନରେ ସ୍ତ୍ରୀ ସୁନେତ୍ରା ପାୱାର (୬୨) ମହାରାଷ୍ଟ୍ର ଉପ-ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଏଥିସହିତ ସେ ରାଜ୍ୟର ପ୍ରଥମ ମହିଳା ଉପ-ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ସୁନେତ୍ରାଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ସେ ମରାଠୀରେ ଶପଥ ନେଇଛନ୍ତି। ଅଜିତ ଦାଦାଙ୍କ ଆଶା ପୂରଣ କରିବେ ବୋଲି କହିଛନ୍ତି। ଏହି ଶପଥ ଗ୍ରହଣ ସମାରୋହ ପ୍ରାୟ ୧୨ ମିନିଟ ପର୍ଯ୍ୟନ୍ତ ଚାଲିଥିଲା। ମାତ୍ର ଲୋକଭବନରେ ଅନୁଷ୍ଠିତ ଏହି ସମାରୋହରେ ଏନ୍‌ସିପି ମୁଖ୍ୟ ଶରଦ ପାୱାର ସାମିଲ ହୋଇ ନ ଥିଲେ। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଏବଂ ଉପ- ▶ପୃଷ୍ଠା-୭

**ସାମିଲ ହେଲେନି ଶରଦ**

# ବିରୋଧ ପରେ ଚେତିଲେ ସରକାର

## ଭୁବନେଶ୍ୱରରୁ ଦୁବାଇ ଓ ସିଙ୍ଗାପୁରକୁ ବିମାନ ଚଳାଚଳ ପାଇଁ ମିଳିବ ଭିଜିଏଫ୍ ସହାୟତା

- ରାଜ୍ୟ କ୍ୟାବିନେଟରେ ୧୨ ପ୍ରସ୍ତାବକୁ ଅନୁମୋଦନ
- ବ୍ୟାଙ୍କକ୍ ଓ ଆବୁଧାବି ରୁଟ୍‌ରୁ ସହାୟତା ପ୍ରତ୍ୟାହାର ପାଇଁ ନିଷ୍ପତ୍ତି
- ଢେଙ୍କାନାଳର ଗଜମରାଠାରେ କଲ୍ୟାଣୀ ଗ୍ରୁପ୍ କରିବ ୧୭,୨୫୦ କୋଟିର ନିବେଶ
- 'ଓଡ଼ିଶା କର୍ମଚାରୀ ରାଜ୍ୟ ବୀମା ଯୋଜନା ନର୍ସିଂ ସେବା ନିୟମ-୨୦୨୫'ରେ ମୋହର
- ଓଡ଼ିଶା ଉଚ୍ଚତର ନ୍ୟାୟିକ ସେବା ଓ ନ୍ୟାୟିକ ସେବା ନିୟମାବଳୀ-୨୦୦୭ ରେ ସଂଶୋଧନ ପାଇଁ ନିଷ୍ପତ୍ତି
- 'ଡାଇଭର୍ସନ୍ ୱେୟାର ସୁଧାର ଯୋଜନା'କୁ ମଞ୍ଜୁରୀ; ୩ ବର୍ଷରେ ଖର୍ଚ୍ଚ ହେବ ୩୬୨ କୋଟି ଟଙ୍କା
- ଓଡ଼ିଶା ସମବାୟ ନୀତି-୨୦୨୬କୁ ଅନୁମୋଦନ



■ ଭୁବନେଶ୍ୱର, ୩୧।୧ (ସମିସ): ଓଡ଼ିଶାରୁ ଦୁବାଇ ଓ ସିଙ୍ଗାପୁରକୁ ସିଧାସଳଖ ବିମାନ ସେବା ଆସନ୍ତା ମାର୍ଚ୍ଚ ୨୮ ତାରିଖ ପରେ ବନ୍ଦ ହେବା ନେଇ ଆଶଙ୍କା ଉପୁଜିଥିଲା। ଏହାକୁ ନେଇ ଦୁବାଇ, ଆବୁଧାବିରେ ରହୁଥିବା ଓଡ଼ିଆ ସମାଜ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି କ୍ଷୋଭ ପ୍ରକାଶ କରିଥିଲେ। ରାଜ୍ୟରେ ମଧ ଏହାକୁ ନେଇ ଉଦବେଗ ପ୍ରକାଶ ପାଇବା ପରେ ଚେତିଛନ୍ତି ରାଜ୍ୟ ସରକାର। ରାଜ୍ୟ ସରକାର ଭୁବନେଶ୍ୱରରୁ ଦୁବାଇ ଏବଂ ସିଙ୍ଗାପୁରକୁ ବିମାନ ଚଳାଚଳ ଜାରି ରଖିବା ପାଇଁ 'ଭାୟାବିଲିଟି ଗ୍ୟାପ୍ ଫଣ୍ଡ'(ଭିଜିଏଫ) ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କିତ ଏକ ପ୍ରସ୍ତାବକୁ ଶନିବାର ଲୋକସେବା ଭବନରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଅନୁମୋଦନ ମିଳିଛି। ବର୍ତ୍ତମାନ ଇଣ୍ଡିଗୋ ବିମାନ ସଂସ୍ଥା ଦ୍ୱାରା ଦୁବାଇ ଓ ସିଙ୍ଗାପୁରକୁ ସିଧାସଳଖ ବିମାନ ସେବା ଯୋଗାଇ ଦିଆଯାଉଛି। ଏଠାକୁ ବିମାନ ଚଳାଚଳ ବଜାୟ ରଖିବା ପାଇଁ ଆର୍ଥିକ ସହାୟତା(ଭିଜିଏଫ) ପ୍ରଦାନ କରିବାକୁ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛନ୍ତି।ଏଥିପାଇଁ ପ୍ରାୟ ୨୬.୮୭ କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବିତ ହୋଇଛି। ଯାତ୍ରୀ ସଂଖ୍ୟା ହ୍ରାସ ଓ ବିମାନ ସେବା ବନ୍ଦ ହେବାର ଆଶଙ୍କା ଥିବାରୁ ୬ ମାସ ପାଇଁ ଭିଜିଏଫ ସହାୟତା ପ୍ରଦାନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ ବ୍ୟାଙ୍କକ୍( ୨୭ ଅକ୍ଟୋବର ୨୦୨୫ରୁ) ଓ ଆବୁଧାବି(୧୧ ଡିସେମ୍ବର ୨୦୨୫ରୁ) ରୁଟ୍ ପାଇଁ ଏହି ସହାୟତାକୁ ପ୍ରତ୍ୟାହାର କରି ନିଆଯାଇଛି।

ସେହିପରି ଢେଙ୍କାନାଳର ଗଜମରାଠାରେ କଲ୍ୟାଣୀ ଗ୍ରୁପ୍ ଦ୍ୱାରା ୧୭,୨୫୦ ▶ପୃଷ୍ଠା-୭

## ଆଜି ଆଗତ ହେବ କେନ୍ଦ୍ର ବଜେଟ

■ ନୂଆଦିଲ୍ଲୀ, ୩୧।୧ (ଏଜେନ୍ସି): ଆସନ୍ତାକାଲି କେନ୍ଦ୍ର ବଜେଟ ଉପସ୍ଥାପନ ହେବାକୁ ଯାଉଛି। ଏହି ବଜେଟ ବିଭିନ୍ନ ଦୃଷ୍ଟିରୁ ରେକର୍ଡ ସୃଷ୍ଟି କରିବ। ପ୍ରଥମ ଥର ପାଇଁ ବଜଟେ ରବିବାର ଦିନ ଉପସ୍ଥାପିତ ହେବ। କ୍ରମାଗତ ନବମ ଥର ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହି ବଜେଟ ଆଗତ କରିବେ। ସକାଳ ୧୧ଟାରେ ବଜେଟ ଉପସ୍ଥାପନ କରିବା ସହିତ ଏହି କୃତିତ୍ୱ ହାସଲ କରିବାରେ ସେ ଦେଶର ପ୍ରଥମ ଅର୍ଥମନ୍ତ୍ରୀ ହେବେ। ନିର୍ମଳାଙ୍କ ଏହି ରେକର୍ଡ ବଜେଟକୁ ନେଇ ଲୋକଙ୍କ ମନରେ ଅନେକ ଆଶା ରହିଛି। ଜରୁରୀ ସାମଗ୍ରୀରେ ଗରିବ ରିଆତି ଚାହୁଁଥିବା ବେଳେ ମଧ୍ୟବିତ୍ତ ଇଏମ୍‌ଆଇ, ଟିକସ ବୋଝରୁ ମୁକ୍ତି ଚାହୁଁଛନ୍ତି। ଚାଷୀ ନିଜ ଉତ୍ପାଦିତ ସାମଗ୍ରୀ ଉପରେ ଏମଏସ୍‌ପି ଗ୍ୟାରେଣ୍ଟି ଆଶା ରଖିଥିବା ବେଳେ ବ୍ୟବସାୟୀ ଅଧିକ ଟିକସ ନ ଲାଗୁ ବୋଲି ଆଶା ବାନ୍ଧି ବସିଛନ୍ତି। ଗରିବଠାରୁ ଧନୀ ପର୍ଯ୍ୟନ୍ତ ସମସ୍ତେ ସୁନା ଏବଂ ରୁପାରୁ ଟିକସ ହ୍ରାସ ହେଉ ବୋଲି ଚାହୁଁଛନ୍ତି। କାରଣ ଗତ ଦୁଇ ବର୍ଷ ହେଲା ଏହାର ମୂଲ୍ୟ ରକେଟ ଗତିରେ ବଢ଼ି ଚାଲିଛି। କେବଳ ବାହାଘର ପାଇଁ ସୁନା କିଣିବାରେ ଗରିବ ପରିବାରର ଅର୍ଜିତ ସମ୍ପତ୍ତି ସରିଯାଉଛି। ମାତ୍ର ଆୟ ପୂର୍ବଭଳି କମ୍ ରହିଛି।

ଅର୍ଥମନ୍ତ୍ରୀ ରବିବାର ୧୧ଟାରେ ବଜେଟ ଅଭିଭାଷଣ ଆରମ୍ଭ କରିବେ। ବଜେଟ ପାଇଁ ରବିବାର ମଧ ସେୟାର ବଜାର ଖୋଲାରହିବ। ବଜେଟ ଆକଳନ ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ଏହି ବଜେଟରେ ନିର୍ମଳା ଲୋକଙ୍କୁ ସୁନା ଏବଂ ରୁପା କ୍ରୟରେ ଆଶ୍ୱସ୍ତି ଦେଇପାରନ୍ତି। ଏହା ଉପରେ ଲଗା ଯାଇଥିବା ସୀମା ▶ପୃଷ୍ଠା-୭




**ରେକର୍ଡ ନବମ ଥର ପାଇଁ ବଜେଟ ଉପସ୍ଥାପନ କରିବେ ନିର୍ମଳା**

**ପ୍ରଥମ ଥର ପାଇଁ ରବିବାର ଆସିବ ବଜେଟ**

**ହାଇକୋର୍ଟ ଏଏସ୍‌ଓ ପରୀକ୍ଷା ଅନିୟମିତତା**

## ୬ ଜଣଙ୍କୁ ବାନ୍ଧିଲା ପୁଲିସ

■ କଟକ, ୩୧।୧ (ସମିସ): ଓଡ଼ିଶା ହାଇକୋର୍ଟ ଏଏସ୍‌ଓ ପରୀକ୍ଷା-୨୦୨୪ ପରିଚାଳନାରେ ହୋଇଥିବା ଗୁରୁତର ଅନିୟମିତତା ସଂପର୍କିତ ମାମଲାରେ ମୋଟ ୬ଜଣଙ୍କୁ ଲାଲବାଗ ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ, ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଶକ୍ତିବିହାର ଅଞ୍ଚଳର ହିମାଂଶୁ ଶେଖର ଦାଶ, ଇନ୍‌ଫୋସିଟି ଥାନା ଅନ୍ତର୍ଗତ ନନ୍ଦନବିହାର ଅଞ୍ଚଳର ଶ୍ରୀଧର ମନ୍ତ୍ରୀ, ଖଣ୍ଡଗିରି ଥାନା ଅନ୍ତର୍ଗତ ଆଲୋକ ସାହୁ, ବାଙ୍କି ଥାନା ଅନ୍ତର୍ଗତ କେଶିପୁର ଅଞ୍ଚଳର ଗଙ୍ଗାଧର ଜେନା, ବାଲେଶ୍ୱର ଟାଉନ୍ ଥାନାଞ୍ଚଳର ନିର୍ମାଲ୍ୟ ଦାସ ଏବଂ ହିଞ୍ଜିଳି ଥାନାଞ୍ଚଳର ଜ୍ୟୋତିର୍ମୟୀ ସାହୁ। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ସେଠାରେ ଜାମିନ୍ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ଏହି ମାମଲାରେ ପ୍ରଶ୍ନପତ୍ର ଓ ଉତ୍ତର ଲିକ୍ ▶ପୃଷ୍ଠା-୭

**ହଳଦିଆପଦର ଓଭରବ୍ରିଜ୍‌ରେ ଛାତିଥରା ଦୁର୍ଘଟଣା**

## ଟ୍ରକ୍ ଚାପାରେ ଚାଲିଗଲା ୫ ଜୀବନ

■ ବ୍ରହ୍ମପୁର, ୩୧।୧(ସମିସ): ୧୬ନମ୍ବର ଜାତୀୟ ରାଜପଥ ସହ ବ୍ରହ୍ମପୁର ସହରକୁ ସଂଯୋଗ କରୁଥିବା ହଳଦିଆପଦର ଓଭରବ୍ରିଜ୍‌ରେ ଆଜି ମଧ୍ୟାହ୍ନରେ ଏକ ଛାତିଥରା ଦୁର୍ଘଟଣା ଘଟିଛି। ଟ୍ରକ୍ ଚାପାରେ ମୋଟ ୫ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ଦକ୍ଷିଣପୁର ଗ୍ରାମର ଶିବରାମ ଜେନା(୩୫), ସୋମାସିଙ୍ଗ ଶାସନ ଗ୍ରାମର ସତ୍ୟନାଥ ବେଜ(୨୩), ଆଯୋଧ୍ୟାନଗରର ସୂର୍ଯ୍ୟନାରାୟଣ ପଣ୍ଡା ଏବଂ ଫୁଲଟା ଗ୍ରାମର ଦୁଇ ସମ୍ପର୍କୀୟ ଭାଇ ଜଗନ୍ ନାହକ ଓ ରାକେଶ ନାହକ।



ଘଟଣାସ୍ଥଳରେ ୩ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଏମ୍‌କେସିଜି ମେଡିକାଲରେ ଅନ୍ୟ ୨ଜଣଙ୍କୁ ମୃତ ଘୋଷଣା କରାଯାଇଥିଲା। ପୁଲିସ ଶବଗୁଡ଼ିକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଘଟଣାସ୍ଥଳରେ ବ୍ରହ୍ମପୁର ଦକ୍ଷିଣାଞ୍ଚଳ ଆଇଜି ନିତିଶେଖର, ବିଇଏମ୍‌ସି କମିଶନର୍ ପ୍ରଥମେଶ ଅରବିନ୍ଦ ରାଜେସିର୍କେ, ବ୍ରହ୍ମପୁର ଉପ-ଜିଲ୍ଲାପାଳ ଅବିନାଶ କୁମାର, ଆର୍‌ଟିଓ ▶ପୃଷ୍ଠା-୭

**ଶୋକ ବ୍ୟକ୍ତକଲେ ମୋହନ, ନବୀନ**

**୪ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା**

## ସ୍କୁଲରେ ଝାଡ଼ାବାନ୍ତି; ଛାତ୍ରୀ ମୃତ

**୪୦ ଆକ୍ରାନ୍ତ; ୨ ସଂକଟାପନ୍ନ**





ବିଷମ କଟକ, ୩୧।୧ (ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ୍ ଅନ୍ତର୍ଗତ ଚାଟିକଣା ପଞ୍ଚାୟତ ଅଞ୍ଚଳରେ ଥିବା ବାରିଗୁଡ଼ା ନଳିନୀ ବିଦ୍ୟାମନ୍ଦିର ହଷ୍ଟେଲରେ ଝାଡ଼ାବାନ୍ତି ଆତଙ୍କ ଦେଖାଦେଇଛି। ଝାଡ଼ାବାନ୍ତିରେ ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୪୦ରୁ ଉର୍ଦ୍ଧ୍ୱ ଛାତ୍ରୀଙ୍କୁ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଦଶମ ଶ୍ରେଣୀର ବିନ୍ଦୁ ହିକାବାଡ଼ି ଓ ତୃତୀୟ ଛାତ୍ରୀ ଅଞ୍ଜଳି ହିକ୍କାଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ମୃତ ଛାତ୍ରୀଜଣଙ୍କ ଭାତପୁର ପଞ୍ଚାୟତ କନଡି ଗ୍ରାମ ରାଜେନ୍ଦ୍ର ଉର୍କାକାଙ୍କ ଝିଅ ବୋଲି ଜଣାପଡ଼ିଛି।

ବିଷମକଟକ ତହସିଲଦାର କେ. ଭେଙ୍କେଟେଶ୍ୱର ରେଡ୍ଡୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଆକ୍ରାନ୍ତ ଛାତ୍ରୀ ଓ ସେମାନଙ୍କ ଅଭିଭାବକ ସହ ଆଲୋଚନା କରିଛନ୍ତି। ଏଥିସହ ମେଡିକାଲ ଟିମ୍‌କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ଜିଲ୍ଲା ମେଡିକାଲ ଟିମ୍ ▶ପୃଷ୍ଠା-୭


With Best Compliments from:

NIIS GROUP OF INSTITUTIONS
BHUBANESWAR-752054
(Accredited by NAAC, Approved by AICTE, Govt. of India & Affiliated to BPUT, Utkal University, SCTE&VT & CHSE)

Celebrating 25 Years of NIIS
"Transforming Lives, Building Futures"

GROOMING TO EXCEL..... SINCE THE YEAR 2000

Campus - I: Saradavihar, Madanpur, Bhubaneswar | Campus - II: At/Po- Chhatabar, Bhubaneswar

NIIS INSTITUTE OF BUSINESS ADMINISTRATION
MBA I MCA

NIIS INSTITUTE OF INFORMATION SCIENCE & MANAGEMENT
MSW I MPMIR I M.Com.
M.Sc.(Comp.Sc., Phy., Chem, Biotech)
BBA I BCA I B.Com.(Hons.)
B.Sc.(Comp.Sc.,ITM, Biotech)
B.Sc.(Hons.) I B.A.(Hons.)

NIIS INSTITUTE OF ENGINEERING & TECHNOLOGY
B.Tech.
Diploma
MCA

NIIS HIGHER SECONDARY SCHOOL
+2 Science & Commerce

Contact: 9778899990 / 9778899991
E-mail: contactus@niisgroup.org I Visit us: www.niisgroup.org



SIKSHA 'O' ANUSANDHAN
SAAT-2026

Empowering students for a brighter future

MANAGEMENT PROGRAMMES
- BBA
- MBA
- Integrated MBA
- MBA (Hospital Administration)
- MBA (Artificial Intelligence and Data Science)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 66th Best in Management Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

# ଯୋଧପୁର ଜେଲ୍‌ରେ ସୋନମ୍ ୱାଙ୍ଗଚୁକ୍ ଅସୁସ୍ଥ

ଯୋଧପୁର, ୩୧।୧(ଏଜେନ୍ସି): ଜଣାଶୁଣା ସମାଜସେବୀ ତଥା ବୈଜ୍ଞାନିକ ସୋନମ୍ ୱାଙ୍ଗଚୁକ୍ ଗତ ୪ ମାସ ହେବ ଯୋଧପୁର ଜେଲ୍‌ରେ ଅଟକ ରହିଛନ୍ତି। ଜେଲରେ ଥିବା



ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ ବିଗିଡ଼ି ଯାଇଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଶନିବାର ସକାଳେ ପୁଲିସ

**୪ ମାସ ହେଲା ଅଟକ**

ତାଙ୍କୁ ଯୋଧପୁର ସେଣ୍ଟ୍ରାଲ ଜେଲ୍‌ରୁ ଏମ୍ସ ହସ୍ପିଟାଲର ଜରୁରୀକାଳୀନ ୱାର୍ଡକୁ ନେଇଥିଲା। ଏମ୍ସରେ ପ୍ରାୟ ଦେଢ଼ ଘଣ୍ଟା ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ହସ୍ପିଟାଲ ସୂତ୍ର ଅନୁଯାୟୀ, ୱାଙ୍ଗଚୁକ୍ ପେଟ ଜନିତ ସମସ୍ୟାରେ ପୀଡିତ ଅଛନ୍ତି। ପୂର୍ବରୁ ଶୁକ୍ରବାର ମଧ ତାଙ୍କୁ ଏମ୍ସକୁ ନିଆଯାଇଥିଲା। ସୂଚନାଯୋଗ୍ୟ ଯେ, ଲଦାଖ ପାଇଁ ପୂର୍ଣ୍ଣ ରାଜ୍ୟ ପାହ୍ୟା ଓ ସମ୍ବିଧାନର ଷଷ୍ଠ ଅନୁସୂଚୀରେ ସାମିଲ କରିବା ଦାବିରେ ଅନ୍ଦୋଳନ କରୁଥିବା ବେଳେ ତାଙ୍କୁ ଜାତୀୟ ସୁରକ୍ଷା ଆଇନ୍ (ଏନ୍‌ଏସ୍‌ଏ) ଅନୁସାରେ ଗିରଫ କରାଯାଇଥିଲା। ତାଙ୍କ ଚିକିତ୍ସା ହୋଇଥିଲେ ମଧ ଡାକ୍ତରମାନେ ଆନୁଷ୍ଠାନିକ ଭାବେ କୌଣସି ମେଡିକାଲ ବୁଲେଟିନ ଜାରି କରିନାହାନ୍ତି। ତାଙ୍କୁ ଏମ୍ସକୁ ନେବା ବେଳେ ପୁଲିସ ବ୍ୟାପକ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରିଥିଲା।

# ଗାଜାରେ ପୁଣି ଇସ୍ରାଏଲ ଆକ୍ରମଣ; ୩୧ ମୃତ

ଗାଜା, ୩୧।୧(ଏଜେନ୍ସି): ଇସ୍ରାଏଲ ଶନିବାର ଗାଜା ଉପରେ ପୁଣି ଆକ୍ରମଣ କରିଛି। ଏଥିରେ ୩୧ ଜଣ ପାଲେଷ୍ଟାଇନ ନାଗରିକ ମୃତ୍ୟୁବରଣ କରିଛନ୍ତି। ଏମାନଙ୍କ ମଧ୍ୟରେ ବହୁ ନିଷ୍ପାପ ଶିଶୁ ସାମିଲ ରହିଛନ୍ତି। ଆସୋସିଏଟ ପ୍ରେସ୍ (ଏପି)ର ରିପୋର୍ଟ ଅନୁଯାୟୀ, ଗାଜା ପଟ୍ଟିର ମେଡିକାଲଗୁଡ଼ିକ ସୂଚନା ଦେଇଛନ୍ତି ଯେ, ଏହି ଆକ୍ରମଣରେ ଦୁଇଟି ପରିବାରର ସଦସ୍ୟମାନେ ମୃତ୍ୟୁବରଣ କରିଛନ୍ତି। ଏହି ଆକ୍ରମଣ ଉତ୍ତର ଓ ଦକ୍ଷିଣ ଗାଜାର ଏକ ଆପାର୍ଟମେଣ୍ଟ ବିଲ୍ଡିଂ ଓ ରିଲିଫ କ୍ୟାମ୍ପକୁ ଟାର୍ଗେଟ କରାଯାଇଥିଲା। ଆକ୍ରମଣ ଯୋଗୁଁ କ୍ୟାମ୍ପରେ ଭୟଙ୍କର ଭାବେ ନିଆଁ ଲାଗିଥିଲା। ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁଯାୟୀ, ଗତ ଅକ୍ଟୋବର ୧୦ରୁ ଅସ୍ତ୍ରବିରତି ଲାଗୁ ହେବା ପରେ ଇସ୍ରାଏଲ ଗୁଳିମାଡ଼ରେ ୫୦୦ରୁ ଅଧିକ ପାଲେଷ୍ଟାଇନ ନାଗରିକ ମୃତ୍ୟୁବରଣ କରିଛନ୍ତି। ଏହି ଆକ୍ରମଣ ଏପରି ଏକ ସମୟରେ ହୋଇଛି, ଯେତେବେଳେ ରବିବାରଠାରୁ ମିଶର ସୀମାରେ ଥିବା ରଫା କ୍ରସିଂ ଖୋଲିବାକୁ ଯାଉଛି। ଏହା ଆମେରିକା ମଧ୍ୟସ୍ଥତାରେ ହେଉଥିବା ଅସ୍ତ୍ରବିରତି ଚୁକ୍ତିର ଦ୍ୱିତୀୟ ପର୍ଯ୍ୟାୟର ଅଂଶ। ଗୋଟିଏ ପଟେ ଅସ୍ତ୍ରଶସ୍ତ୍ର ବିକ୍ରି (ଆମେରିକା- ଇସ୍ରାଏଲ ଚୁକ୍ତି) ଓ ଅନ୍ୟପଟେ ଲୋକଙ୍କ ଜୀବନହାନୀ, ଏଭଳି ସ୍ଥିତି ମଧ୍ୟପ୍ରାଚ୍ୟରେ ମାନବିକ ସଙ୍କଟକୁ ଆହୁରି ଗମ୍ଭୀର କରିଦେଇଛି।

# ଭେଜାଲ୍ ଲଡ୍ଡୁ ମାମଲା: କାହାକୁ କ୍ଲିନ୍ ଚିଟ୍ ଦିଆଯାଇନାହିଁ

ତିରୁପତି, ୩୧।୧(ଏଜେନ୍ସି): ତିରୁମାଲା ତିରୁପତି ଦେବସ୍ଥାନମ (ଟିଟିଡି) ସ୍ପଷ୍ଟ କରିଛି ଯେ, ବହୁ ଚର୍ଚ୍ଚିତ ଲଡ୍ଡୁ ଭେଜାଲ ମାମଲାରେ କାହାକୁ କ୍ଲିନ ଚିଟ୍ ଦିଆଯାଇନାହିଁ। ବିଭିନ୍ନ ମହଲରେ ଚାଲିଥିବା ଚର୍ଚ୍ଚା ମଧ୍ୟରେ ବୋର୍ଡ ପକ୍ଷରୁ ଏହି ସ୍ପଷ୍ଟୀକରଣ ଦିଆଯାଇଛି। ଶୁକ୍ରବାର ତିରୁପତିରେ ଗଣମାଧ୍ୟମକୁ ସମ୍ବୋଧିତ କରି ଟିଟିଡି ବୋର୍ଡ ଅଧ୍ୟକ୍ଷ ବିଆର ନାଇଡୁ ଏ ନେଇ ସ୍ପଷ୍ଟୀକରଣ ଦେଇଛନ୍ତି। ସେ କହିଛନ୍ତି ଯେ, ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଟିଏଫ୍)ର ଚାର୍ଜସିଟ୍‌ରେ ଶ୍ରୀବାରୀ ଲଡ୍ଡୁ ପ୍ରସ୍ତୁତିରେ ବ୍ୟବହୃତ ଘିଅରେ ଭେଜାଲ ଥିବା କଥାକୁ ସ୍ପଷ୍ଟ ଭାବେ ପ୍ରମାଣିତ କରିଛି। କିଛି ଗୋଷ୍ଠୀ ମିଥ୍ୟା ଗୁଜବ ପ୍ରଚାର କରି ଭକ୍ତମାନଙ୍କୁ ବିଭ୍ରାନ୍ତ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ସିବିଆଇ ନେଲୋର କୋର୍ଟରେ ଦାଖଲ କରିଥିବା ଚୂଡାନ୍ତ ଚାର୍ଜସିଟ୍ ଅନୁଯାୟୀ, ଉତ୍ତରାଖଣ୍ଡ ଭଗବାନପୁରର ‘ଭୋଲେବାବା ଡାଏରୀ’ ଦିଆଯାଇଥିବା ଘିଅ ଅପମିଶ୍ରିତ ଥିଲା। ତେବେ ଏଥିରେ ପ୍ରାଣୀଙ୍କ ଚର୍ବିର ବ୍ୟବହାର ହୋଇନାହିଁ ବୋଲି ଉଲ୍ଲେଖ କରାଯାଇଛି। ପୁଣି ଟେଣ୍ଡର ପ୍ରଦାନରେ ଅନିୟମିତତା ହୋଇଥିବା କୁହାଯାଇଛି। ଆବଶ୍ୟକ ଉତ୍ପାଦନ କ୍ଷମତା ନଥିବା କମ୍ପାନୀଗୁଡ଼ିକୁ ଘିଅ ଯୋଗାଣ ଟେଣ୍ଡର ଦିଆଯାଉଥିଲା ବୋଲି ନାଇଡୁ ଅଭିଯୋଗ କରିଛନ୍ତି। ପ୍ରାୟ ୨୫୦ କୋଟି ଟଙ୍କାରେ ୬୦ ଲକ୍ଷ ଭେଜାଲ ଘିଅ କିଣା ଯାଇଥିଲା ବୋଲି ସେ କହିଛନ୍ତି।

# ଇରାନର ବନ୍ଦର ଆବାସ୍ ଓ ଆହୱାଜରେ ବିସ୍ଫୋରଣ; ୪ ମୃତ

ତେହେରାନ, ୩୧।୧(ଏଜେନ୍ସି): ଆମେରିକା ସହ ଜାରି ରହିଥିବା ଉତ୍ତେଜନା ମଧ୍ୟରେ ଇରାନର ଦକ୍ଷିଣାଞ୍ଚଳରେ ଥିବା ରଣନୈତିକ ବନ୍ଦର ସହର ବନ୍ଦର ଆବାସ ଓ ଆହୱାଜ ସହରରେ ଭୟଙ୍କର ବିସ୍ଫୋରଣ ଘଟିଛି। ବନ୍ଦର ଆବାସରେ ବିସ୍ଫୋରଣ କାରଣରୁ ଏକ ଅଟ୍ଟାଳିକାର ଦୁଇଟି ମହଲା ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଛି। ବିସ୍ଫୋରଣର କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଏଥିରେ ଦୋକାନ ଓ ଯାନବାହନ କ୍ଷତିଗ୍ରସ୍ତ ହୋଇଛି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କାରାଯାଇଥିବା ବେଳେ କେହି ମୃତାହତ ହୋଇନାହାନ୍ତି। ବନ୍ଦର ଆବାସ ତୈଳ ବାଣିଜ୍ୟ ପାଇଁ ଅତ୍ୟନ୍ତ ପ୍ରସିଦ୍ଧ। ସେହିପରି ଅନ୍ୟଏକ ପୃଥକ ଘଟଣାରେ ଦକ୍ଷିଣ- ପଶ୍ଚିମ ଖୁଜେସ୍ତାନ ରାଜ୍ୟର ଆହୱାଜ ସହରରେ ଏକ ଗ୍ୟାସ ବିସ୍ଫୋରଣ ହୋଇଛି। ଏଥିରେ ୪ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଗ୍ୟାସ୍ ଲିକ୍ କାରଣରୁ ଏହି ବିସ୍ଫୋରଣ ହୋଇଛି ବୋଲି କୁହାଯାଇଛି। ଭଗ୍ନାବଶେଷ ତଳେ ଫସି ରହିଥିବା ଲୋକଙ୍କୁ ବାହାର କରିବାକୁ ଚେଷ୍ଟା କରାଯାଉଛି। ଏହି ବିସ୍ଫୋରଣ ଆମର କୌଣସି ଭୂମିକା ନାହିଁ ବୋଲି ଇସ୍ରାଏଲ ତରଫରୁ କୁହାଯାଇଛି।

# ଡଙ୍କି ରୁଟ୍‌ରେ ଏବେ ବି ଯାଉଛନ୍ତି ଆମେରିକା

## ପ୍ରତିଦିନ ଧରା ପଡୁଛନ୍ତି ୬୫ ଭାରତୀୟ; ବର୍ଷକରେ ୨୩ ହଜାର ଗିରଫ

ନ୍ୟୁୟର୍କ/ନୂଆଦିଲ୍ଲୀ, ୩୧।୧ (ଏଜେନ୍ସି): ଆମେରିକାରେ ବେଆଇନ୍ ଭାବେ ପ୍ରବେଶ କରୁଥିବା ଭାରତୀୟଙ୍କ ସଂଖ୍ୟା ଓ ସେମାନଙ୍କ ପ୍ରଣାଳୀକୁ ନେଇ ଚକିତ କଲାଭଳି ଏକ ରିପୋର୍ଟ ସାମ୍ନାକୁ ଆସିଛି। ଡଙ୍କି ରୁଟ୍ ମାଧ୍ୟମରେ ଆମେରିକା ଯାଉଥିବା ଲୋକଙ୍କ ଉପରେ କଡ଼ା ନଜର ରଖାଯାଉଥିଲେ ମଧ ଏହା



ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇନାହିଁ। ଡଙ୍କି ରୁଟ୍ ହେଉଛି ଏକ ବେଆଇନ ପନ୍ଥା ବା ବ୍ୟବସ୍ଥା ଯେଉଁଠାରେ ଲୋକମାନେ ଏଜେଣ୍ଟମାନଙ୍କୁ ଲକ୍ଷ ଲକ୍ଷ ଟଙ୍କା ପ୍ରଦାନ କରି ବିଭିନ୍ନ ଦେଶ ଦେଇ ଲୁଚିଛପି ଆମେରିକା ସୀମାରେ ପହଞ୍ଚିବାକୁ ଚେଷ୍ଟା କରିଥାନ୍ତି। ଏହି ଡଙ୍କି ରୁଟ୍ ଅତ୍ୟନ୍ତ ବିପଜ୍ଜନକ ଓ ଏଥିରେ ଅନେକ ସମୟରେ ଲୋକଙ୍କ ଜୀବନ ମଧ ଚାଲିଯାଇଥାଏ। ଡଙ୍କି ରୁଟ୍ ଦେଇ ପ୍ରତିଦିନ ୬୫ ଜଣ ଭାରତୀୟ ଧରା ପଡୁଛନ୍ତି। ୨୦୨୫ ଜାନୁଆରୀରୁ ଡିସେମ୍ବର ମଧ୍ୟରେ ପରିସଂଖ୍ୟାନ ଅନୁଯାୟୀ, ଆମେରିକୀୟ ବର୍ଡର ଆଣ୍ଡ କଷ୍ଟମ ବିଭାଗ ମୋଟ୍ ୨୩,୮୩୦ ଭାରତୀୟଙ୍କୁ ଅଟକ ରଖିଛି। ବିଭାଗର ସୂଚନା ଅନୁଯାୟୀ, ବେଆଇନ ପ୍ରବେଶ ମାମଲା ପୂର୍ବାପେକ୍ଷା ହ୍ରାସ ପାଇଛି। କିନ୍ତୁ ଏହା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇନାହିଁ। ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ କାର୍ଯ୍ୟକାଳ ସମୟରେ ୨୦୨୪ରେ ମୋଟ୍ ୮୫,୧୧୯ ଭାରତୀୟ ଧରାପଡ଼ିଥିଲେ। ଅଧିକାରୀମାନେ କହିଛନ୍ତି ଯେ, ଏବେ ଏକ ନୂଆ ଟ୍ରେଣ୍ଡ ଦେଖିବାକୁ ମିଳିଛି। ଆମେରିକାରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା ଲୋକମାନେ ଏକା ଥିଲେ। କୌଣସି ଭାରତୀୟ ପରିବାର ସହିତ ଗିରଫ ହୋଇ ନଥିଲେ। କିନ୍ତୁ ୨୦୨୪ରେ ଗିରଫ ହୋଇଥିବା ଭାରତୀୟଙ୍କ ମଧ୍ୟରୁ ୨୦,୦୦୦ ସେମାନଙ୍କ ଭାଇ, ସ୍ତ୍ରୀ କିମ୍ବା ପିଲାମାନଙ୍କ ସହ ଆମେରିକାରେ ଅବୈଧ ଭାବେ ପ୍ରବେଶ କରୁଥିଲେ। ପୂର୍ବରୁ କାନାଡ଼ା ଓ ମେକ୍ସିକୋ ସୀମା ଦେଇ ଅଧିକ ପ୍ରବେଶ ହେଉଥିଲା। କିନ୍ତୁ ଏବେ ତୁର୍କୀ ଓ ଦୁବାଇ ରୁଟ୍ ବ୍ୟବହାର କରି ଆମେରିକା ଯିବାର ପ୍ରବଣତା ବୃଦ୍ଧି ପାଇଛି।



# ରଣ ମାଗିବାକୁ ଏବେ ଲାଜ ଲାଗୁଛି

ଇସଲାମାବାଦ୍, ୩୧।୧(ଏଜେନ୍ସି): ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ବିଦେଶୀ ଋଣ ଉପରେ ଦେଶର ବଢୁଥିବା ନିର୍ଭରଶୀଳତାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏକ ଜଣାଶୁଣା ନ୍ୟୁଜ ଏଜେନ୍ସି ଅନୁଯାୟୀ, ଶେହବାଜ ସ୍ୱୀକାର କରିଛନ୍ତି ଯେ, ଦେଶର ଆର୍ଥିକ ଦୁର୍ବଳ ସ୍ଥିତି ଯୋଗୁଁ ତାଙ୍କୁ ବାରମ୍ବାର ବିଦେଶ ଗସ୍ତ କରି ଋଣ ମାଗିବାକୁ ପଡୁଛି ଓ ଏଥିପାଇଁ ଆମକୁ ଲାଜ ଲାଗୁଛି। ଇସଲାମାବାଦ୍‌ରେ ବ୍ୟବସାୟିକ ନେତାମାନଙ୍କୁ ସମ୍ବୋଧିତ କରି ସେ କହିଛନ୍ତି ଯେ, ଯେତେବେଳେ ଫିଲ୍ଡ ମାର୍ଶାଲ ଆସିମ ମୁନିର ଓ ମୁଁ ସାରା ବିଶ୍ୱରେ ଟଙ୍କା ଋଣ ମାଗିବାକୁ ଯାଉ, ସେତେବେଳେ ଆମକୁ ଭାରୀ ଲାଜ ଲାଗେ। ସେ ଆହୁରି ମଧ କହିଛନ୍ତି ଯେ, ଋଣ ନେବା ଆତ୍ମସମ୍ମାନ ଉପରେ ଏକ ବଡ଼ ବୋଝ। ଅନେକ ସମୟରେ ଆମକୁ ସାଲିସ କରିବାକୁ ପଡ଼େ ଓ ଆମେ ସେମାନଙ୍କ ସର୍ତ୍ତକୁ ଅନିଚ୍ଛା ସତ୍ତ୍ୱେ ନା ବୋଲି କହିପାରୁନୁ। ଋଣର ବୋଝ ଏବେ ପାକିସ୍ତାନର ସମ୍ମାନ ଉପରେ ଭାରି ପଡୁଛି। ଏବେ ବିକଳ୍ପ ଆର୍ଥିକ ମାର୍ଗ ଖୋଜିବାର ଆବଶ୍ୟକତା ରହିଛି। ପାକିସ୍ତାନ ଆଇଏମ୍‌ଏଫ୍‌ରୁ ସାହାଯ୍ୟ ଓ ପୁରୁଣା ଋଣର ଅବଧି ବଢ଼ାଇବାକୁ ଚେଷ୍ଟା କରୁଥିବା ବେଳେ ତାଙ୍କର ଏହି ବୟାନ ଆସିଛି। ସେ ଚୀନ୍‌କୁ ସବୁ ସମୟର ବନ୍ଧୁ ବୋଲି କହିଛନ୍ତି। ସାଉଦି ଆରବ, ୟୁଏଇ ଓ କତାର ମଧ ଭଲ-ମନ୍ଦ ସବୁ ସମୟରେ ପାକିସ୍ତାନକୁ ସାହାଯ୍ୟ କରିଆସିଛନ୍ତି ବୋଲି ସେ କହିଛନ୍ତି। ଦେଶରେ ଦାରିଦ୍ର୍ୟ ଓ ବେକାରୀ ସମସ୍ୟାକୁ ନେଇ ସେ ଚିନ୍ତା ପ୍ରକଟ କରିଛନ୍ତି। ଏବେ ପାକିସ୍ତାନରେ ୮୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ବେକାର ଅଛନ୍ତି। ୨୦୨୫ ମାର୍ଚ୍ଚ ସୁଦ୍ଧା ପାକିସ୍ତାନର ଋଣ ୭୬,୦୦୦ ବିଲିଅନ (୭୬ ଲକ୍ଷ କୋଟି)ରୁ ଅଧିକ ହୋଇଛି। ଏହା ଗତ ୪ ବର୍ଷରେ ପ୍ରାୟ ଦୁଇଗୁଣ ହୋଇଛି।



# ମୋଦୀଙ୍କ ପଞ୍ଜାବ ଗସ୍ତ ପୂର୍ବରୁ ବିସ୍ଫୋରଣ ଧମକ

ଜଳନ୍ଧର, ୩୧।୧(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପଞ୍ଜାବ ଗସ୍ତର ଠିକ୍ ଗୋଟିଏ ଦିନ ପୂର୍ବରୁ (୩୧ ଜାନୁଆରୀ) ଜଳନ୍ଧରରେ ୪ଟି ସ୍କୁଲ୍‌ରେ ବୋମା ବିସ୍ଫୋରଣ କରିବାକୁ ଧମକ ଦିଆଯାଇଛି। ସୂଚନା ପାଇବା ମାତ୍ରେ ଥାନା-୭ ଅର୍ବାନ ଷ୍ଟେଟ୍ ପୁଲିସ ଓ ସୁରକ୍ଷା ଏଜେନ୍ସିଗୁଡ଼ିକ ସକ୍ରିୟ ହୋଇ ସର୍ଚ୍ଚ ଅପରେସନ ଆରମ୍ଭ କରିଛନ୍ତି। ପୁଲିସ କହିବା ଅନୁଯାୟୀ, ପ୍ରଥମେ କ୍ୟାମ୍ବ୍ରିଜ୍ ସ୍କୁଲ୍‌କୁ ଧମକ ମିଳିଥିଲା। ଏବେ ଆଉ ୩ଟି ସ୍କୁଲ- ପଠାନକୋଟ ଚୌକ ନିକଟରେ ଥିବା କେଏମ୍‌ଭି ସଂସ୍କୃତି ସ୍କୁଲ, ବ୍ରିଟିଶ ଓଲିଭା ସ୍କୁଲ ଓ ଡିଜେଏସ୍ ପବ୍ଲିକ ସ୍କୁଲକୁ ଧମକପୂର୍ଣ୍ଣ ଇମେଲ ମିଳିଛି। କିନ୍ତୁ

**■ ନିଶାଣରେ ଡେରା ବଲ୍ଲାଁ, ୪ ବିଦ୍ୟାଳୟ**

ତଦନ୍ତ ସମୟରେ କୌଣସି ସନ୍ଦେହଜନକ ବସ୍ତୁ ମିଳିନାହିଁ। ଆଜି ଗୁରୁ ରବିଦାସ ମହାରାଜଙ୍କ ଜୟନ୍ତୀ ଅବସରରେ ଶୋଭାଯାତ୍ରା ପାଇଁ ଜଳନ୍ଧରର ସ୍କୁଲଗୁଡ଼ିକ ଛୁଟି ରହିଛି। ଏହି ମେଲ୍ ବିଲ୍ଲୀ- ହାଲୀ ନାମରେ ପଠାଯାଇଛି। ମୋଦୀଙ୍କ ଗସ୍ତରେ ବୋମା ବିସ୍ଫୋରଣ ହେବ ଓ ୩-୪ଟି ସ୍କୁଲରେ ଏହା ହେବ। ଆମେ ଗୁରୁ ରବିଦାସଙ୍କୁ ସମ୍ମାନ କରୁ। କିନ୍ତୁ ମୋଦୀ ଖଲିସ୍ତାନୀଙ୍କ ଶତ୍ରୁ ବୋଲି ମେଲ୍‌ରେ ଉଲ୍ଲେଖ କରାଯାଇଛି। ଜଣାଶୁଣା ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂ ନିଜ୍ଜର ମୃତ୍ୟୁର ପ୍ରତିଶୋଧ ନେବା ଓ ଏଥିପାଇଁ ଡେରା ବଲ୍ଲାଁ ହେଉଛି ଆମର ଟାର୍ଗେଟ ବୋଲି ଉଲ୍ଲେଖ କରାଯାଇଛି। ଜଳନ୍ଧରର ବଲ୍ଲାଁ ଗାଁରେ ରବିଦାସଙ୍କ ଧାର୍ମିକ ପ୍ରତିଷ୍ଠାନକୁ ଡେରା ବଲ୍ଲାଁ କୁହାଯାଇଥାଏ। ଏହା ୧୯୦୦ରେ ସ୍ଥାପିତ ହୋଇଥିଲା।

ପ୍ରଧାନମନ୍ତ୍ରୀ ରବିବାର ଜଳନ୍ଧର ଗସ୍ତ କରି ଦୁଇଟି ବଡ଼ ଘୋଷଣା କରିବେ। ଆଦମପୁର ବିମାନବନ୍ଦରକୁ ଶ୍ରୀ ଗୁରୁ ରବିଦାସ ଜୀଙ୍କ ନାମରେ ନାମକରଣ କରାଯିବ। ସେହିପରି ଲୁଧିଆନାର ହଲୱାରା ବିମାନବନ୍ଦର ନୂତନ ଟର୍ମିନାଲକୁ ଆଭାସୀ ଭାବେ ଉଦ୍‌ଘାଟନ କରିବେ।

# ଇସ୍ରାଏଲ୍‌କୁ ୬.୬ ବିଲିୟନ ଡଲାରର ଅସ୍ତ୍ରଶସ୍ତ୍ର ବିକିବ ଆମେରିକା

ୱାସିଂଟନ, ୩୧।୧(ଏଜେନ୍ସି): ଆମେରିକା ଇସ୍ରାଏଲ୍‌କୁ ୬.୬ ବିଲିଅନ୍ ଡଲାରର ଅସ୍ତ୍ରଶସ୍ତ୍ର ବିକ୍ରି କରିବାକୁ ମଞ୍ଜୁରୀ ଦେଇଛି। ଆମେରିକା ବୈଦେଶିକ ବିଭାଗ ଶୁକ୍ରବାର କହିଛି ଯେ, ଇସ୍ରାଏଲ ଏବେ ଆମେରିକାରେ ନିର୍ମିତ ଅସ୍ତ୍ରଶସ୍ତ୍ର କିଣି ପାରିବ। ଏଥିରେ ୩୦ଟି ଆପାଚେ ଆଟାକ୍ ହେଲିକପ୍ଟର ସାମିଲ ରହିଛି ଓ ଏଗୁଡ଼ିକର ମୂଲ୍ୟ ୩.୮ ବିଲିଅନ ଡଲାର। ଏହି ହେଲିକପ୍ଟରଗୁଡ଼ିକୁ ବୋଇଂ ଓ ଲକ୍‌ହିଡ଼ ମାର୍ଟିନ କମ୍ପାନୀ ଇସ୍ରାଏଲକୁ ବିକ୍ରି କରିବ। ଏହା ବ୍ୟତୀତ, ଇନ୍‌ଫାଣ୍ଟ୍ରି ଆସଲ୍ଟ ଭେଇକଲ ବା ଜଏଣ୍ଟ ଲାଇଟ୍ ଟାକ୍ଟିକାଲ ଭେଇକଲ (ଜେଏଲ୍‌ଟିଭି)ର ବିକ୍ରି ହେବ। ଏଥିରେ ୩, ୨୫୦ଟି ଯାନ ସାମିଲ ରହିଛି। ସେହିପରି ଆର୍ମର୍ଡ୍ ପର୍ସନାଲ କ୍ୟାରିଅର ପାଇଁ ୭୪୦


**୩୦ ଆଟାକ୍ ହେଲିକପ୍ଟର, ୩,୦୦୦ରୁ ଅଧିକ ଗାଡ଼ି**

ମିଲିୟନ ଡଲାର ପ୍ୟାକ୍ ଯୋଗାଇ ଦିଆଯିବ।

ସୂଚନାଯୋଗ୍ୟ ଯେ, ଇସ୍ରାଏଲ ପୂର୍ବରୁ ୱେଷ୍ଟବ୍ୟାଙ୍କ ଓ ଗାଜାରେ ପାଲେଷ୍ଟାଇନ ନାଗରିକଙ୍କ ଉପରେ ଆକ୍ରମଣ କରିବାକୁ ଆପାଚେ ହେଲିକପ୍ଟରଗୁଡ଼ିକୁ ବ୍ୟବହାର କରିଛି। ଏଥିସହ ସାଉଦି ଆରବର ପ୍ରତିରକ୍ଷା ବ୍ୟବସ୍ଥାକୁ ମଜଭୁତ କରିବା ପାଇଁ ଆମେରିକା ଏକ ଅଲଗା ଚୁକ୍ତି କରିଛି। ସାଉଦିକୁ ୯ ବିଲିଅନ ଡଲାରର ପ୍ୟାଟ୍ରିଅଟ ମିସାଇଲ ଓ ସମ୍ବନ୍ଧିତ ଉପକରଣ ବିକ୍ରି କରିବାକୁ ମଞ୍ଜୁରୀ ଦେଇଛି ଆମେରିକା। ଏଥିରେ ୭୩୦ଟି ପାଟ୍ରିଅଟ ମିସାଇଲ ସାମିଲ ରହିଛି। ଏହା ସାଉଦିର ସାମରିକ ଶକ୍ତିକୁ ବୃଦ୍ଧି କରିବ ଓ ଆଞ୍ଚଳିକ ବାୟୁ ଓ କ୍ଷେପଣାସ୍ତ୍ର ପ୍ରତିରକ୍ଷାର ବ୍ୟବସ୍ଥାରେ ଅବଦାନକୁ ବୃଦ୍ଧି କରିବା ବୋଲି କୁହାଯାଇଛି।

# ଅନୁପ୍ରବେଶକାରୀଙ୍କୁ ବିଦା କରିବ ଏସ୍‌ଆଇଆର୍: ଶାହା

କୋଲକାତା, ୩୧।୧(ଏଜେନ୍ସି): କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏକ ଦୁଇଦିନିଆ ଗସ୍ତରେ ପଶ୍ଚିମବଙ୍ଗ ଯାଇଛନ୍ତି। ପଶ୍ଚିମବଙ୍ଗର ଉତ୍ତର ୨୪ ପରଗଣା ଜିଲ୍ଲାରେ ସେ କହିଛନ୍ତି ଯେ, ମମତା ବାନାର୍ଜୀଙ୍କ ସରକାର ରାଜ୍ୟରେ ଅନୁପ୍ରବେଶକାରୀଙ୍କୁ ସଂରକ୍ଷଣ ଦେଉଛନ୍ତି।



ରାଜ୍ୟର ଲୋକମାନେ ଏଥର ତୃଣମୂଳ କଂଗ୍ରେସ(ଟିଏମ୍‌ସି)କୁ ଉପାଡ଼ି ଫୋପାଡ଼ି ଦେବେ ଓ ସେମାନଙ୍କ ବିଦାୟ ନେବାର ସମୟ ଉପନୀତ ହୋଇଛି। ସେ କହିଛନ୍ତି ଯେ, ମମତା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍)କୁ ଯେତେ ବିରୋଧ କରିବା କଥା କରନ୍ତୁ। କିନ୍ତୁ ଭୋଟର ତାଲିକାରୁ ଅନୁପ୍ରବେଶକାରୀଙ୍କୁ ବାହାର କରିବାକୁ ପଡ଼ିବ। ଯେଉଁମାନେ ବାକି ରହିଯିବେ, ସେମାନଙ୍କୁ ବିଜେପିର ମୁଖ୍ୟମନ୍ତ୍ରୀ ରାଜ୍ୟରୁ ବାହର କରିବେ। ୨୦୨୬ ବର୍ଷ ହେଉଛି ଟିଏମ୍‌ସିକୁ ଟାଟା, ବାଏ-ବାଏ କହିବାର ବର୍ଷ। ଆମେ ଆନ୍ଧ୍ରପ୍ରଦେଶ, ଓଡ଼ିଶା, ଅରୁଣାଚଳ ପ୍ରଦେଶ, ହରିୟାଣା, ମହାରାଷ୍ଟ୍ର ଓ ଦିଲ୍ଲୀରେ ସରକାର ଗଢ଼ିଛୁ। ସେହିପରି ବର୍ଷ ଶେଷରେ ବିହାରରେ ପ୍ରଚଣ୍ଡ ବହୁମତରେ ସରକାର ଗଢ଼ିଛୁ। ଏଥର ପଶ୍ଚିମବଙ୍ଗର ପାଳି ବୋଲି ସେ କହିଛନ୍ତି। ସେହିପରି ସେ ଆନନ୍ଦପୁର ମୋମୋ କାରଖାନରେ ହୋଇଥିବା ଅଗ୍ନିକାଣ୍ଡ ଘଟଣାରେ ୨୫ ଜଣଙ୍କ ଜୀବନ ଯାଇଥିବା ବେଳେ ୨୭ ଜଣ ନିଖୋଜ ଅଛନ୍ତି। ଏହି କାରଖାନ କାହର ଟଙ୍କାରେ ଚାଲିଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଦୋଷୀମାନଙ୍କୁ ସରକାର ଘଣ୍ଟା ଘୋଡ଼ାଉଛନ୍ତି। ଏପ୍ରିଲରେ ବିଜେପି ସରକାର ଆସିଲେ, ଦୋଷୀମାନଙ୍କୁ ଖୋଜି ଖୋଜି ଜେଲ୍ ପଠାଇବୁ ବୋଲି ଶାହା କହିଛନ୍ତି।

# ବେଲୁଚିସ୍ତାନରେ ୧୨ଟି ସ୍ଥାନରେ ଆକ୍ରମଣ, ୨୭ ପୁଲିସ ମୃତ

କ୍ୱେଟା, ୩୧।୧(ଏଜେନ୍ସି): ପାକିସ୍ତାନର ବେଲୁଚିସ୍ତାନ ରାଜ୍ୟରେ ଶନିବାର ବେଲୁଚ୍ ଲିବରେସନ ଆର୍ମି (ବିଏଲ୍‌ଏ) ଏକାସାଙ୍ଗରେ ୧୨ଟି ସ୍ଥାନରେ ଆକ୍ରମଣ କରିଛି। ନ୍ୟୁଜ ଏଜେନ୍ସି ଏଏଫ୍‌ପି ଅନୁଯାୟୀ, ଏହି ଆକ୍ରମଣରେ ଅତିକମ୍‌ରେ ୨୭ ଜଣ ପୁଲିସକର୍ମୀ ମୃତ୍ୟୁବରଣ କରିଛନ୍ତି। ଅପରପକ୍ଷରେ ପାକିସ୍ତାନ ସୁରକ୍ଷା ବାହିନୀର ପାଲଟା କାର୍ଯ୍ୟକ୍ରମରେ ୩୬ ଜଣ ବିଦ୍ରୋହୀ ନିହତ ହୋଇଛନ୍ତି ବୋଲି କୁହାଯାଉଛି। ଜଣେ ଅଧିକାରୀଙ୍କ କହିଛନ୍ତି ଯେ, ବିଦ୍ରୋହୀମାନେ କ୍ୱେଟା, ପସନୀ, ନୁଶ୍କି ଓ ଗ୍ୱାଦ ଜିଲ୍ଲାରେ ଶନିବାର ସକାଳେ ୧୨ଟି ସ୍ଥାନରେ ଏକାସାଙ୍ଗରେ ଆକ୍ରମଣ କରିଥିଲେ। ରାଜଧାନୀ କ୍ୱୋଟାରେ ଅତିକମ୍‌ରେ ୪ ଜଣ ପୁଲିସକର୍ମୀ ପ୍ରାଣ ହରାଇଛନ୍ତି। ବିଦ୍ରୋହୀମାନେ ନୁଶ୍କି ଜିଲ୍ଲାର ଡେପୁଟି କମିଶନରଙ୍କୁ ଅପହରଣ କରିନେଇଛନ୍ତି ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏହି ଆକ୍ରମଣ ପଛରେ ଭାରତର ହାତ ଓ ଷଡ଼ଯନ୍ତ୍ର ରହିଛି ବୋଲି ପାକିସ୍ତାନ ପ୍ରଧାମନମନ୍ତ୍ରୀ ଶେହବାଜ ସରିଫ କହିଛନ୍ତି। ଏହି ଆକ୍ରମଣ ପାଇଁ ବିଏଲ୍‌ଏ ନିଜକୁ ଦାୟୀ କରିଛି। ସଂଗଠନ ତରଫରୁ କୁହାଯାଇଛି ଯେ, ସେମାନେ ସେନା ଘାଟି, ପୁଲିସ ଓ ପ୍ରଶାସନିକ ଅଧିକାରୀଙ୍କୁ ଟାର୍ଗେଟ କରିଛନ୍ତି। ଏଥିପାଇଁ ସେମାନେ ମୁଖ୍ୟ ରାଜପଥକୁ ବନ୍ଦ କରି ଦେଇଥିଲେ। ସେମାନେ କ୍ୱେଟାର ଏକ ବଜାର ଅଞ୍ଚଳକୁ ନିଜ ନିୟନ୍ତ୍ରଣକୁ ନେଇଛନ୍ତି।

# ଏପ୍‌ଷ୍ଟିନ ଫାଇଲ୍ସରେ ସିନେ ନିର୍ଦ୍ଦେଶିକା ମୀରା ନାୟାର



ୱାସିଂଟନ, ୩୧।୧(ଏଜେନ୍ସି): ଆମେରିକା ନ୍ୟାୟ ବିଭାଗ ଶୁକ୍ରବାର ବିଳମ୍ବିତ ରାତିରେ ଏପ୍‌ଷ୍ଟିନ ଯୌନ କାଣ୍ଡ ସହିତ ଜଡ଼ିତ ନୂତନ ଫାଇଲ ପ୍ରକାଶ କରିଛି। ଏଥିରେ ଜେଫ୍ରି ଏପଷ୍ଟିନ୍‌ଙ୍କ କିଛି ଇମେଲ୍ ଅନ୍ତର୍ଭୁକ୍ତ। ନ୍ୟୁୟର୍କ ପୋଷ୍ଟ ଅନୁଯାୟୀ, ପ୍ରସିଦ୍ଧ ଭାରତୀୟ ଚଳଚ୍ଚିତ୍ର ନିର୍ଦ୍ଦେଶିକା ତଥା ନ୍ୟୁୟର୍କ ସିଟି ମେୟର ଜୋହରାନ ମମଦାନୀଙ୍କ ମା’ ମୀରା ନାୟାରଙ୍କ ନାମ ଏହି ଫାଇଲରେ ରହିଛି। ମୀରାଙ୍କ ସହିତ ଜଡ଼ିତ ଇମେଲ୍ ଆମେରିକୀୟ ଚଳଚ୍ଚିତ୍ର ପ୍ରଚାରକ ପେଗି ସିଗାଲ ୨୦୦୯ ଅକ୍ଟୋବର ୨୧ରେ ଏପଷ୍ଟିନଙ୍କୁ ପଠାଇଥିଲେ। ଏଥିରେ ପେଗି ସିଗାଲ ଲେଖିଛନ୍ତି ଯେ, ସେ ଘିସଲେନ ମ୍ୟାକ୍ସୱେଲ (ଏପଷ୍ଟାଇନ୍‌ଙ୍କ ପ୍ରେମିକା ଓ ଦୋଷୀ ସାବ୍ୟସ୍ତ ଅପରାଧୀ) ମାନହାସନ ଟାଉନ୍‌ହାଉସ୍‌ରେ ଆୟୋଜିତ ଏକ ଆଫ୍ଟର-ପାର୍ଟିରୁ ଫେରିଛନ୍ତି। ଏହି ନୂଆ ଫାଇଲ୍‌ଗୁଡ଼ିକରେ ୩୦ ଲକ୍ଷ ପୃଷ୍ଠା, ଏକ ଲକ୍ଷ ୮୦ ହଜାର ଫଟୋ ଏବଂ ୨ ହଜାରରୁ ଅଧିକ ଭିଡ଼ିଓ ସାମିଲ ରହିଛି। ମୀରା ନାୟାର ହେଉଛନ୍ତି ଜଣେ ପ୍ରସିଦ୍ଧ ଭାରତୀୟ ଚଳଚ୍ଚିତ୍ର ନିର୍ଦ୍ଦେଶିକା, ଲେଖିକା ଓ ପ୍ରଯୋଜିକା। ୨୦୦୯ ରେ ମୀରାଙ୍କ ନିର୍ଦ୍ଦେଶିତ ସିନେମା ‘ଆମେଲିଆ’ ପାଇଁ ମ୍ୟାକ୍ସୱେଲ ଖୁସିରେ ଘରେ ଏହି ପାର୍ଟି ଦେଇଥିଲେ। ଏହି ଆଫ୍ଟର ପାର୍ଟି ଏପଷ୍ଟିନଙ୍କ ସହଯୋଗୀ ଗିସଲେନ ମ୍ୟାକ୍ସୱେଲଙ୍କ ଘରେ ଆୟୋଜିତ ହୋଇଥିଲା। ପେଗି ସିଗାଲ ପଠାଇଥିବା ଇମେଲ୍‌ରେ ଏହି ପାର୍ଟି ବିଷୟରେ ଉଲ୍ଲେଖ କରାଯାଇଥିଲା। ଏଥିରେ ମୀରାଙ୍କ ସମେତ ବିଲ୍ କ୍ଲିଣ୍ଟନ ଏବଂ ଜେଫ୍ ବେଜୋସଙ୍କ ଭଳି ବଡ଼ ବଡ଼ ବ୍ୟକ୍ତି ଯୋଗ ଦେଇଥିବା କୁହାଯାଇଛି। ଏହି ଫାଇଲ ଅନୁସାରେ ଏପଷ୍ଟିନ ୨୦୧୨ ଓ ୨୦୧୩ରେ ଏଲନ ମସ୍କଙ୍କୁ ନିଜର ବେସରକାରୀ ଦ୍ୱୀପକୁ ବାରମ୍ବାର ନିମନ୍ତ୍ରଣ କରିଥିଲେ।

**■ ଯୌନ ଅପରାଧୀଙ୍କ ଘର ପାର୍ଟିକୁ ଯାଇଥିଲେ ମମ୍‌ଦାନୀଙ୍କ ମା’ ମୀରା**

**■ ରୁଷୀୟ ଯୁବତୀଙ୍କ ଠାରୁ ଯୌନ ସଂକ୍ରମିତ ହୋଇଥିଲେ ବିଲ୍ ଗେଟ୍ସ**

ଇମେଲ୍‌ରେ ହେଲିକପ୍ଟର ବ୍ୟବସ୍ଥା ଓ ୱାଇଲ୍ଡ ପାର୍ଟି ବିଷୟରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ଏପଷ୍ଟିନ ନାବାଳିକା ଝିଅଙ୍କୁ ପ୍ରତିଦିନ ଦୁଷ୍କର୍ମ କରୁଥିଲା ବୋଲି ଫାଇଲରୁ ମିଳିଥିବା କାଗଜପତ୍ରରେ ଉଲ୍ଲେଖ ଅଛି। କେବଳ ସେତିକି ନୁହେଁ, ଝିଅମାନଙ୍କୁ ନିଜନିଜ ସହ ଯୌନ ସମ୍ପର୍କ ରଖିବାକୁ ସେ ବାଧ୍ୟ କରୁଥିଲା। ମାଇକ୍ରୋସଫ୍ଟର ପ୍ରତିଷ୍ଠାତା ବିଲ ଗେଟ୍ସ ରୁଷୀୟ ଝିଅଙ୍କଠାରୁ ଯୌନ ରୋଗରେ ସଂକ୍ରମିତ ହୋଇଥିଲେ ବୋଲି ମଧ ଉଲ୍ଲେଖ କରାଯାଇଛି। ଏପଷ୍ଟିନଙ୍କ ସହ ସମ୍ପର୍କକୁ ନେଇ ଗେଟ୍ସ ନିଜର ଅବଶୋସ ଜାହିର କରିସାରିଛନ୍ତି।

# ସମ୍ପତ୍ତି ପାଇଁ ବାପା-ମା, ଉଉଣୀକୁ ହତ୍ୟା

ବେଙ୍ଗାଲୁରୁ, ୩୧।୧(ଏଜେନ୍ସି): କର୍ଣ୍ଣାଟକର ବିଜୟ ନଗରରେ ଜଣେ ବ୍ୟକ୍ତି ନିଜ ବାପା-ମା ଓ ଭଉଣୀଙ୍କୁ ହତ୍ୟା କରିବାର ଖବର ସାମ୍ନାକୁ ଆସିଛି। ପୁଲିସ ଶନିବାର ଏହି ମାମଲାରେ ଜଣେ ୨୪ ବର୍ଷୀୟ ଯୁବକକୁ ଗିରଫ କରିଛି। ସମ୍ପତ୍ତି ପାଇଁ ସେ ଏହି କାଣ୍ଡ ଘଟାଇଥିଲା ବୋଲି ପୁଲିସ କହିଛି। ହତ୍ୟା କରିବା ପରେ ଅଭିଯୁକ୍ତ ୩ ଜଣଙ୍କ ଶବକୁ କୋଟ୍ଟୁରସ୍ଥିତ ସେମାନଙ୍କ ଭଡ଼ା ଘର ଭିତରରେ ପୋତି ଦେଇଥିଲା। ତିଳକନଗର ଥାନ ପୁଲିସ ମୃତଦେହଗୁଡିକୁ ଉଦ୍ଧାର କରିଛି। ଅଭିଯୁକ୍ତ ହେଉଛି ଅକ୍ଷୟ କୁମାର। ହତ୍ୟା କରିବା ପରେ ଅକ୍ଷୟ ଥାନାରେ ୩ ଜଣ ନିଖୋଜ ହୋଇଥିବାର ଅଭିଯୋଗ କରିଥିଲା ଓ ବାପା-ମା ଓ ଭଉଣୀଙ୍କୁ ଖୋଜିବାର ନାଟକ କରିଥିଲା। କିନ୍ତୁ ତଦନ୍ତ ସମୟରେ ଅକ୍ଷୟ ନିଜର ବୟାନକୁ ବାରମ୍ବାର ବଦଳାଇଥିଲା। ଫଳରେ ପୁଲିସର ସନ୍ଦେହ ଘେରକୁ ଆସିଥିଲା। ପୁଲିସ କଠୋର ଭାବେ ପଚରା ଉଚରା କରିବା ପରେ ଅକ୍ଷୟ ବାପା ଭୀମରାଜ, ମା ଜୟଲକ୍ଷ୍ମୀ ଓ ଭଉଣୀ ଅମୃତାଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲା। ପୁଲିସ ଅଧିକ ତଦନ୍ତ ଜାରି ରଖିଛି। ଏହି ହତ୍ୟାକାଣ୍ଡ ଜାନୁଆରୀ ୨୭ରେ ଘଟିଥିଲା। ମୃତଦେହଗୁଡିକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

# ବିଯୁକ୍ତ ୩୫ ଡିଗ୍ରୀରେ ଚୀନ, ନେପାଳ ସୀମାରେ ପାଟ୍ରୋଲିଂ କରୁଛନ୍ତି ଯବାନ

ଡେରାଡୁନ, ୩୧।୧(ଏଜେନ୍ସି): ଉତ୍ତରାଖଣ୍ଡ ପିଥୋରାଗଡ଼ ଜିଲ୍ଲାର ଉଚ୍ଚ ହିମାଳୟ ସୀମାବର୍ତ୍ତୀ ଅଞ୍ଚଳରେ ତାପାମାତ୍ରା ବିଯୁକ୍ତ ୩୫ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ଖସିଆସିଛି। ଏହି ପ୍ରବଳ ତଥା ହାଡ଼ଭଙ୍ଗା ଶୀତ ସତ୍ତ୍ୱେ ସଶସ୍ତ୍ର ସୀମା ବଳ (ଏସ୍‌ଏସ୍‌ବି)ର ଯବାନମାନେ ଚୀନ୍ ଓ ନେପାଳ ସୀମାରେ ସକ୍ରିୟ ଭାବେ ପାଟ୍ରୋଲିଂ କରୁଛନ୍ତି। ଶୀତ ଏତେ ଭୟଙ୍କର ଯେ, ବାହାରକୁ ଗୋଡ଼ କାଢ଼ିବା ମାତ୍ରେ ଆଖିରୁ ଲୁହ ମଧ କିଛି ମୁହୂର୍ତ୍ତ ମଧ୍ୟରେ ବରଫ ପାଲଟି ଯାଉଛି। ଚୀନ୍ ସୀମାରେ ପାଟ୍ରୋଲିଂ ସମୟରେ ଏସଏସ୍‌ବି ଯବାନମାନେ ସ୍ୱତନ୍ତ୍ର ସୁରକ୍ଷା ଚଷମା ବ୍ୟବହାର କରୁଛନ୍ତି। ପ୍ରବଳ ତୁଷାରପାତ ଓ ବରଫ ପବନ ସତ୍ତ୍ୱେ, ଦେଶର ସୁରକ୍ଷା ପାଇଁ ସୈନିକମାନେ ନିୟମିତ ପାଟ୍ରୋଲିଂ କରୁଛନ୍ତି। ଏହା ଯବାନମାନଙ୍କ ଅଦମ୍ୟ ସାହସକୁ ସୂଚିତ କରୁଛି। ଜାନୁଆରୀ ୨୩ ପରେ ସେଠାରେ ହୋଇଥିବା ପ୍ରବଳ ତୁଷାରପାତ ଯୋଗୁଁ ଜନସାଧରଣଙ୍କ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଛି। ଏହି ଅଞ୍ଚଳର ନଦୀ, ନାଳ ଓ ଝରଣାଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ଜମାଟ ବାନ୍ଧି ବରଫରେ ପରଣିତ ହୋଇଛି। ଜଳର ସମସ୍ତ ଉତ୍ସ ବରଫ ହୋଇଥିବାରୁ, ପିଇବା ପାଇଁ ଯବାନମାନଙ୍କୁ ପ୍ରତିଦିନ ବରଫ ତରଳାଇବାକୁ ପଡୁଛି। ଭାରତ- ନେପାଳ ସୀମାରେ ଥିବା କଳାପାଣି ଓ ଆଦି କୈଳାଶ ଅଞ୍ଚଳରେ ତାପାମାତ୍ର ବିଯୁକ୍ତ ୩୦ ଡିଗ୍ରୀରେ ପହଞ୍ଚିଛି।

## କାଳ ହେଲା ସମୁଦ୍ର ସ୍ନାନ

# ମହୋଦଧିରେ ଭାସି ମା'-ପୁଅ ମୃତ

ପୁରୀ, ୩୧।୧(ସମିସ): ପୁରୀ ବୁଲିବାକୁ ଆସିଥିଲେ। ମହାପ୍ରଭୁଙ୍କୁ ଦର୍ଶନ କରି ବୁଲାବୁଲି ସାରିବା ପରେ ପୁଣି ଖୁସିରେ ଘରକୁ ଫେରିଥା'ନ୍ତେ। ହେଲେ ବିଧିର ବିଧାନ ଥିଲା ଅଲଗା। ପୁରୀ ସମୁଦ୍ରରେ ଛକି ବସିଥିଲା ମୃତ୍ୟୁ। ଗାଧୋଇବା ମା'-ପୁଅଙ୍କ ପାଇଁ ହୋଇଥିଲା କାଳ। ସମୁଦ୍ରରେ ଚାଲି ଯାଇଥିଲା ଦୁହିଁଙ୍କ ଜୀବନ। ମୃତ ମା'-ପୁଅ ହେଉଛନ୍ତି ଝାଡ଼ଖଣ୍ଡ ରାଞ୍ଚି ଅଞ୍ଚଳର କୁସୁମ ଓ ଅଙ୍କିତ ଗୁପ୍ତା। ଶନିବାର ପୁରୀ ସମୁଦ୍ରରେ ଘଟିଥିଲା ଏଭଳି ଏକ ଅଘଟଣ।

**ବୁଡ଼ି ଯାଉଥିବା ମା'ଙ୍କୁ ଉଦ୍ଧାର ପାଇଁ ଡେଇଁ ପଡ଼ିଥିଲା ପୁଅ**

କୁସୁମ ତାଙ୍କ ପରିବାର ଓ ସମ୍ପର୍କୀୟଙ୍କ ସହ ପୁରୀ ବୁଲିବାକୁ ଆସିଥିଲେ। ସାଙ୍ଗରେ ସ୍ୱାମୀଙ୍କ ସମେତ ପୁଅ ଅଙ୍କିତ ମଧ୍ୟ ଆସିଥିଲେ। ପୂର୍ବାହ୍ନରେ ସମସ୍ତେ ଚକ୍ରତୀର୍ଥ ରୋଡ୍ ପିଙ୍କ୍ ହାଉସ୍ ନିକଟ ବେଳାଭୂମିରେ ସମୁଦ୍ର ସ୍ନାନର ମଜା ନେଉଥିଲେ। ଏହି ସମୟରେ କୁସୁମ ରିପ୍ କରେଣ୍ଟରେ ପଡ଼ି ଯାଇଥିଲେ। ସେ ବୁଡ଼ିଯାଇ ସମୁଦ୍ର ଭିତରକୁ ଟାଣି ହୋଇଯାଉଥିଲେ। ସମ୍ପର୍କୀୟମାନେ ଦେଖି ଡାକ ପକାଇଥିଲେ। ଆଖି ଆଗରେ ମା' ବୁଡ଼ି ଯାଉଥିବା ଦେଖି ସମ୍ଭାଳିପାରି ନଥିଲା ପୁଅ ଅଙ୍କିତ। ମା'ଙ୍କୁ ବଞ୍ଚାଇବାକୁ ଯାଇ ସମୁଦ୍ର ଭିତରକୁ ଡେଇଁ ପଡ଼ିଥିଲେ। ହେଲେ ସେ ମଧ୍ୟ ରିପ୍ କରେଣ୍ଟରେ ପଡ଼ିଯାଇଥିଲେ। ପରିବାରର ଅନ୍ୟ ସଦସ୍ୟମାନେ ଚିତ୍କାର କରିବାରୁ ନିକଟରେ ଉପସ୍ଥିତ ଥିବା ପ୍ରାଇଭେଟ୍ ଲାଇଫ୍‌ଗାର୍ଡ ଓ ମତ୍ସ୍ୟଜୀବୀ ସମୁଦ୍ର ଭିତରକୁ ଯାଇ ମା'-ପୁଅଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରିଥିଲେ। ସଙ୍ଗେସଙ୍ଗେ ଉଭୟଙ୍କୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ଦୁଇଜଣଙ୍କୁ ମୃତ ଘୋଷଣା କରିଥିଲେ। ସମୁଦ୍ରକୂଳ ଥାନା ପୁଲିସ ଶବଦ୍ୱୟକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ମାନସ ଚକ୍ର କହିଛନ୍ତି। ତେବେ ଚକ୍ରତୀର୍ଥ, ପେଣ୍ଠକଟା ବେଳାଭୂମିରେ ପ୍ରଶାସନ ପକ୍ଷରୁ ଲାଇଫ୍‌ଗାର୍ଡ ମୁତୟନ ହୋଇ ନ ଥିବାରୁ ପ୍ରତି ସମୟରେ ଏଭଳି ଅଘଟଣ ଘଟୁଛି। ତୁରନ୍ତ ଜିଲ୍ଲା ପ୍ରଶାସନ ଏ ଦିଗରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ଦାବି ହୋଇଛି।

## ରାଜ୍ୟ ସରକାରଙ୍କ ଅଜବ ନୀତି

# କୋଟିଆରେ ଢାଳୁଛନ୍ତି; ରାଇପାଡ଼କୁ ଉପେକ୍ଷା

- କୋଟିଆ ପାଇଁ ସରକାର ଦେଲେଣି ୨୯୦ କୋଟି
- ରାଇପାଡ଼ ଚୁକ୍ତିର ୩ବର୍ଷ ପରେ ବି ବିକାଶ ଶୂନ୍
- ଆଜି ବି ଆନ୍ଧ୍ର ଛତ୍ରଛାୟା ତଳେ ସୀମାନ୍ତ ଗ୍ରାମବାସୀ

ନନ୍ଦପୁର,୩୧।୧(ସମିସ): କୋରାପୁଟ ଜିଲ୍ଲା କୋଟିଆର ବିକାଶ ପାଇଁ ସରକାର ଅଜସ୍ର ଟଙ୍କା ଢାଳୁଥିବା ବେଳେ ନନ୍ଦପୁର ବ୍ଲକରେ ଆନ୍ଧ୍ର ସୀମାନ୍ତକୁ ଲାଗି ରହିଥିବା ରାଇପାଡ଼ ପ୍ରତି ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ବିଗତ ଦିନରେ ହୋଇଥିବା ରାଇପାଡ଼ ଚୁକ୍ତିକୁ ୩ବର୍ଷ ବିତିଥିଲେ ହେଁ ସେଥିପ୍ରତି ସରକାର ଦୃଷ୍ଟି ନ ଦେବାକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଛି।

ସୂଚନାନୁଯାୟୀ, କୋଟିଆରେ ଆନ୍ଧ୍ରର ଅନୁପ୍ରବେଶ ରୋକିବା ତଥା କୋଟିଆର ସାମି ବିକାଶ ନେଇ କିଛି ଦିନ ତଳେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳ କୋଟିଆ ଗସ୍ତ କରି ଏକ ରିପୋର୍ଟ ପ୍ରସ୍ତୁତ କରିଥିଲେ। ଉକ୍ତ ରିପୋର୍ଟକୁ ଆଧାର କରି ଏକ ଉଚ୍ଚସ୍ତରୀୟ ବୈଠକରେ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରାଯାଇଥିଲା। ପ୍ଲାନ୍ ଅନୁସାରେ ଗୃହ ବିଭାଗ, କୃଷି ବିଭାଗ, ବିଦ୍ୟୁତ୍ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, ଗ୍ରାମ୍ୟ ଜଳଯୋଗାଣ ବିଭାଗ, ଗଣଶିକ୍ଷା ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଭଳି ୨୦ ବିଭାଗକୁ ଏହି ଅଞ୍ଚଳର ସାମି ବିକାଶ ଲାଗି ଦାୟିତ୍ୱ ଦିଆଯାଇଥିବା ଜଣାପଡ଼ିଛି। ବିଭିନ୍ନ ବିଭାଗ ଦ୍ୱାରା କରାଯିବାକୁ ଥିବା ବିକାଶମୂଳକ କାର୍ଯ୍ୟକ୍ରମ ଲାଗି ମୋଟ ୨୯୦କୋଟି ଟଙ୍କାର ବଡ଼ ପ୍ୟାକେଜ୍ ଅନୁମୋଦନ କରାଯାଇଛି।

କିନ୍ତୁ କୋଟିଆ ପରି କୋରାପୁଟ ଜିଲ୍ଲା ସୀମାନ୍ତରେ ଥିବା ଅନ୍ୟ ଏକ ବିବାଦୀୟ ସ୍ଥାନ ନନ୍ଦପୁର ବ୍ଲକ୍ ରାଇପାଡ଼ ଚୁକ୍ତିକୁ ତିନି ବର୍ଷ ବିତିଯାଇଥିଲେ ସୁଦ୍ଧା ସରକାର ଆଜି ସୁଦ୍ଧା କୌଣସି ତତ୍ପରତା ଦେଖାଇ ନଥିବା ପରିଲକ୍ଷିତ ହୋଇଛି।



ନିକଟ ଅତୀତରେ କୋଟିଆ ଭଳି ଆଧାର, ରାସନ, ବିଦ୍ୟୁତ୍ ସହଯୋଗ ଆଳରେ ରାଇପାଡ଼ ଅଞ୍ଚଳର ଜଙ୍ଗଲ ଜମିକୁ ହାତେଇ ଚଞ୍ଚକତାର ସହ ନିଜ ଅକ୍ତିଆରକୁ ନେଇ ଯାଇଥିଲା ଆନ୍ଧ୍ର। ରାଇପାଡ଼ ଅଞ୍ଚଳର ନିରୀହ ତଥା ପଛୁଆ ଜନଜାତିର ଅଧିବାସୀଙ୍କୁ ପ୍ରଲୋଭନ ଦେଖାଇ ନେଇଥିଲା ଜଙ୍ଗଲ ଜମି। ହେଲେ ଆନ୍ଧ୍ରର ଏହି ଚଞ୍ଚକତା ପଦାରେ ପଡ଼ିବା ପରେ ପ୍ରଶାସନ ତତ୍ପରତା ଦେଖାଇ ଆନ୍ଧ୍ର ପ୍ରଶାସନ ସହ ଦୀର୍ଘ ତିନି ମାସରେ ଆଲୋଚନା ପରେ ସୀମାନ୍ତ ଚାଟୁଆଠାରେ ଉଭୟ ଆନ୍ଧ୍ର ଓ ଓଡ଼ିଶା ପ୍ରଶାସନିକ ଅଧିକାରୀଙ୍କ ଆଲୋଚନା ଓ ବିଚାରବିମର୍ଶ ପରେ ରାଇପାଡ଼ ଉପରେ ସୀମାନିର୍ଦ୍ଧାରଣ ସହ ଆନ୍ଧ୍ରର ଅହେତୁକ ଅନୁକମ୍ପା ବନ୍ଦ କରିବାକୁ ରାଜିନାମା ସ୍ୱାକ୍ଷର ହୋଇଥିଲା। ସେହି ଦିନଠାରୁ ରାଇପାଡରେ ଉନ୍ନୟନ କାର୍ଯ୍ୟ ପାଇଁ ତାଲିକା ସହ ବ୍ୟୟ ବରାଦ ପ୍ରସ୍ତୁତ କରାଯାଇଥିଲା। ତାଲିକା ମଧ୍ୟରେ ରାସ୍ତା ଘାଟ, ପାନୀୟ ଜଳ, ଆବାସ, ବିଦ୍ୟୁତ୍ ଯୋଗାଣ, କୃଷି, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଥିଲା।

ହେଲେ ପରିତାପର ବିଷୟ, ଆଜି ମଧ୍ୟ ଆନ୍ଧ୍ରର ଛତ୍ରଛାୟା ତଳେ ରହିଛନ୍ତି ରାଇପାଡ଼ବାସୀ। ବିକାଶ ତ ଦୂରର କଥା, ଆଜି ସୁଦ୍ଧା ଏହି ଅଞ୍ଚଳରେ ମାଟି ମୁଠେ ପଡ଼ିପାରିଲାନି। କୋଟିଆ ଉପରେ ସରକାର ଅନୁକମ୍ପା ପରେ ଅନୁକମ୍ପା ଢାଳି ଚାଲୁଥିବା ବେଳେ ରାଇପାଡ଼ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ କାହିଁକି? ସାମାନ୍ୟ ବିଦ୍ୟୁତ୍, ପାଣି ବା ମୁଣ୍ଡ ଗୁଞ୍ଜିବା ପାଇଁ ଆବାସ ଏହି ଗ୍ରାମବାସୀଙ୍କ ଲାଗି ସୁବିଧାଜନକ ହୋଇପାରିଲା ନାହିଁ।

କୋରାପୁଟ ଜିଲ୍ଲାର ଦ୍ୱିତୀୟ ବୃହତ୍ ବ୍ଲକ ନନ୍ଦପୁରକୁ ଆନ୍ଧ୍ର ସୀମାନ୍ତର ବିଶାଳ ସୀମା ଘେରି ରହିଥିବା ବେଳେ ପାଛଲୁଙ୍ଗ, ବିଲାପୁଟ୍, ଗୋଲୁର୍, ଚାଟୁଆ ପଞ୍ଚାୟତ ମୁଖ୍ୟତଃ ଆନ୍ଧ୍ରର ଲୋଲୁପ ଦୃଷ୍ଟିରେ ରହିଛି। ସରକାର ଓ ପ୍ରଶାସନ ସମେତ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ସ୍ୱତନ୍ତ୍ର ଦୃଷ୍ଟି ପଡ଼ୁନଥିବା ହେତୁ ଏହି ଅଞ୍ଚଳର ଗୋଟିଏ ପରେ ଗୋଟେ ଗାଁକୁ ଆନ୍ଧ୍ର ଅକ୍ତିଆର କରିବାରେ ଲାଗିଛି। ଏହାର ଜ୍ୱଳନ୍ତ ଉଦାହରଣ ବିଲାପୁଟ୍‌ର ଜଲାପୁଟ, ପାଛଲୁଙ୍ଗର ସୋଭାପୁଟ ଓ ଗୋଲୁରୁର ରାଇପାଡ ଯାହା ସରକାରଙ୍କ ନଜରରେ ରହିଛି। ତଥାପି ଏହି ଅଞ୍ଚଳ ସରକାରଙ୍କ ଦୃଷ୍ଟି ଆଢୁଆଳରେ କାହିଁକି ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ତୁରନ୍ତ ଏ ଦିଗରେ ରାଜ୍ୟ ସରକାର ପଦକ୍ଷେପନେବାକୁ ସ୍ଥାନୀୟବୁଦ୍ଧିଜୀବୀ ଦାବି କରିଛନ୍ତି।

# ନବୀନଙ୍କୁ ଭେଟିଲେ ୧୫ ପୌର ପରିଷଦ ଅଧ୍ୟକ୍ଷ

- ନିର୍ବାଚିତ ପ୍ରତିନିଧିଙ୍କ କ୍ଷମତା ସଂକୋଚନ ପାଇଁ ସରକାରୀ ନିର୍ଦ୍ଦେଶନାମାକୁ ବିରୋଧ
- ନିର୍ବାଚିତ ପ୍ରତିନିଧିମାନଙ୍କୁ ନ୍ୟୂନ କରିବାକୁ ସରକାରଙ୍କ ଉଦ୍ୟମକୁ ନବୀନଙ୍କ ନାପସନ୍ଦ

ଭୁବନେଶ୍ୱର,୩୧।୧(ସମିସ): ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ନେତୃତ୍ୱରେ ଓଡ଼ିଶା ରାଜ୍ୟ ପୌର ପରିଷଦ ମହାସଂଘ ପକ୍ଷରୁ ୧୫ଟି ପୌର ପରିଷଦର ଅଧ୍ୟକ୍ଷ/ଅଧ୍ୟକ୍ଷା ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଶନିବାର ପୂର୍ବାହ୍ନରେ ଏହି ସାକ୍ଷାତ ସମୟରେ ବିଭିନ୍ନ ବିକାଶ ଓ କଲ୍ୟାଣ କାର୍ଯ୍ୟକୁ କାର୍ଯ୍ୟକାରୀ କରିବାରେ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ବିଷୟରେ ଦୃଷ୍ଟି ଆକର୍ଷଣକରିଛନ୍ତି।ସେହିପରିରାଜ୍ୟସରକାରଙ୍କନୂତନ ପ୍ରଶାସନିକ ନିର୍ଦ୍ଦେଶନାମା ସମ୍ପର୍କରେ ମଧ୍ୟ ସେମାନେ ନବୀନଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି।



ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ବିଭିନ୍ନ ପୌରଅଧ୍ୟକ୍ଷମାନଙ୍କ କ୍ଷମତା ସଂକୁଚିତ କରାଯାଇଥିବାରୁ ଲୋକଙ୍କ ଆଶା ଆକାଂକ୍ଷା ପୂରଣ କରିବାରେ ସେମାନେ କିପରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସେ ବିଷୟରେ ନବୀନଙ୍କୁ ଅବଗତ କରିଥିଲେ। ନିର୍ବାଚିତ ପୌର ପ୍ରତିନିଧିମାନଙ୍କ କ୍ଷମତାକୁ ପ୍ରଶାସନିକ ଆଦେଶ ବଳରେ ରାଜନୈତିକ ସୁବିଧା ପାଇଁ କ୍ଷୁଣ୍ଣ କରିବା ପାଇଁ ସରକାରଙ୍କ ନିଷ୍ପତ୍ତିକୁ ଶ୍ରୀ ପଟ୍ଟନାୟକ ଏହି ଅବସରରେ ନାପସନ୍ଦ କରିଥିଲେ। ତେବେ ସମସ୍ତ ପ୍ରତିକୂଳ ପରିସ୍ଥିତିରେ ଲୋକଙ୍କ ସହ ରହି ଲୋକଙ୍କ କାମ ଜାରି ରଖିବା ପାଇଁ ଶ୍ରୀ ପଟ୍ଟନାୟକ ସେମାନଙ୍କୁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗର ତା ୫/୧/୨୬ ରିଖ ପତ୍ର ଅନୁଯାୟୀ ନିର୍ବାହୀ ଅଧିକାରୀମାନଙ୍କ ଆର୍ଥିକ କ୍ଷମତା ୩ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ବିନା କାଉଣ୍ଟର ସାଇନରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚେକ ପ୍ରଦାନ ଆଦି ଅଗଣତନ୍ତ୍ର ବିଭିନ୍ନ ନିର୍ଦ୍ଦେଶ ଦିଆଯାଇଛି। ଯାହାକୁ ନିର୍ବାଚିତ ପ୍ରତିନିଧିମାନେ ବିରୋଧ କରି ଆସୁଛନ୍ତି।

## କେ. ମୁରୁଗେସାନ୍ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ନିଯୁକ୍ତ

ଭୁବନେଶ୍ୱର,୩୧।୧(ସମିସ): ୧୯୯୪ ବ୍ୟାଚର ବରିଷ୍ଠ ଆଇଏଫଏସ ଡ. କେ. ମୁରୁଗେସାନ୍‌ଙ୍କୁ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ପିସିସିଏଫ) ଓ ରାଜ୍ୟ ବନ ବାହିନୀ ମୁଖ୍ୟ ଭାବେ ନିଯୁକ୍ତି ମିଳିଛି। ଏନେଇ ଶନିବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ବାଲିଗୁଡ଼ା ହାତୀ ମୃତ୍ୟୁ ଘଟଣାରେ ଏସିଏଫ୍ ନିଲମ୍ବିତ

ଭୁବନେଶ୍ୱର,୩୧।୧(ସମିସ): ବାଲିଗୁଡ଼ା ବନଖଣ୍ଡ ଅଧୀନ ବେଲଘର ରେଞ୍ଜ୍ ଅଞ୍ଚଳରେ ହାତୀର ମୃତ୍ୟୁ ଘଟଣାରେ ବାଲିଗୁଡ଼ା ବନଖଣ୍ଡର ଏସିଏଫ ସୂର୍ଯ୍ୟକାନ୍ତ ବେହେରାଙ୍କୁ ବିଭାଗ ନିଲମ୍ବନ କରିଛି। ଏହାସହ ତାଙ୍କ ବିରୋଧରେ ବିଭାଗୀୟ ତଦନ୍ତ ଆରମ୍ଭ କରାଯାଇଛି। ଏନେଇ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଗତ ୫ ତାରିଖରେ ହାତୀର ମୃତ୍ୟୁ ଘଟିଥିବା ବେଳେ କିଛି ବନ କର୍ମଚାରୀ ଉପରିସ୍ଥିତ ଅଧିକାରୀଙ୍କୁ ନ ଜଣାଇ ତାକୁ ୩୨ ଖଣ୍ଡରେ କାଟି ପୋତି ଦେଇଥିଲେ।

# ନବମ ଛାତ୍ରକୁ ହାଣିଲା ଦଶମ ଛାତ୍ର

ବାଲେଶ୍ୱର,୩୧।୧(ସମିସ): ବାଲେଶ୍ୱର ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଅପରାଧିକ କାର୍ଯ୍ୟକଳାପରେ ସ୍କୁଲ ଛାତ୍ର ମଧ୍ୟ ସାମିଲ ହେଲେଣି। ଦୁଇ ଦିନ ତଳେ ଶ୍ରୀଜଙ୍ଗସ୍ଥିତ ଏକ ବିଦ୍ୟାଳୟର ଜଣେ ଛାତ୍ରଙ୍କ ବ୍ୟାଗରୁ ବନ୍ଧୁକ ଜବତ ହୋଇଥିବା ବେଳେ ଆଜି ରେମୁଣା ଅଞ୍ଚଳରେ ଜଣେ ଦଶମ ଶ୍ରେଣୀ ଛାତ୍ର ଜଣେ ନବମ ଛାତ୍ରକୁ ଖଣ୍ଡାରେ ହାଣି ଥାନାରେ ଆତ୍ମସମର୍ପଣ କରିଛି। ଗୁରୁତର ଛାତ୍ରଙ୍କୁ ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲରେ ଭର୍ତ୍ତି କରାଯାଇଛି। ଏ ସଂପର୍କରେ ତାଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ଅପରପକ୍ଷେ, ଏହି ଘଟଣାକୁ ନେଇ ଜିଲ୍ଲାବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ରେମୁଣା ଏନ୍‌ଏସି ଅନ୍ତର୍ଗତ ପିଏମଶ୍ରୀ ରେମୁଣା ହାଇସ୍କୁଲର ଆଜି ବାର୍ଷିକ ଉତ୍ସବ ଥିଲା। ସ୍କୁଲ ଭିତରେ ଜଣେ ଦଶମ ଶ୍ରେଣୀ ଛାତ୍ର ତା'ର ଜଣେ ସାଙ୍ଗ ମାଧ୍ୟମରେ ନବମ ଛାତ୍ରକୁ ଡକାଇଥିଲା। ପରେ ସେମାନେ ଉକ୍ତ ଛାତ୍ରଙ୍କୁ ସ୍କୁଲ ପରିସରରେ ଥିବା ଏକ ଭଙ୍ଗା ଶୌଚାଳୟ ନିକଟକୁ ନେଇଯାଇ ସେଠାରେ ଅତର୍କିତ ଆକ୍ରମଣ କରିଥିଲା। ପୂର୍ବରୁ ସେଠାରେ ରଖିଥିବା ଏକ ଖଣ୍ଡାରେ ନବମ ଛାତ୍ରଙ୍କୁ ହାଣି ପକାଇଥିଲା। ସ୍କୁଲ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଏହା ଆସିବା ପରେ ରକ୍ତଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅନ୍ୟପଟେ, ଏହି ଆପରାଧିକ କାଣ୍ଡ ଘଟାଇବା ପରେ ଅଭିଯୁକ୍ତ ଛାତ୍ରଜଣଙ୍କ ରେମୁଣା ଥାନାରେ ଆତ୍ମସମର୍ପଣ କରିଥିଲା। ପୁଲିସ ଘଟଣାସ୍ଥଳରୁ ଖଣ୍ଡାକୁ ଜବତ କରିଛି। ପ୍ରେମ ବ୍ୟାପାରକୁ ନେଇ ଏହି ହଣାକଟା ହୋଇଥିବା ଚର୍ଚ୍ଚା ହେଉଛି। ଗୁରୁତର ଆହତ ଛାତ୍ରଙ୍କ ବାପାଙ୍କ ଅଭିଯୋଗ କ୍ରମେ ପୁଲିସ ଘଟଣାର ତଦନ୍ତ ଚଳାଇଛି।

## +୨ ପରୀକ୍ଷା ପ୍ରସ୍ତୁତି

# ପ୍ରଶ୍ନପତ୍ର ନେଇ ଯାଉଥିବା ଭ୍ୟାନ୍‌ରେ ଲାଗିବ ଜିପିଏସ୍

ଭୁବନେଶ୍ୱର, ୩୧।୧(ସମିସ): ଆଉ ମାତ୍ର ଦୁଇ ସପ୍ତାହ ପରେ +୨ ପରୀକ୍ଷା ଆରମ୍ଭ ହେବ। ଫେବୃଆରୀ ୧୮ରୁ ମାର୍ଚ୍ଚ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ସମ୍ପୂର୍ଣ୍ଣ ପରୀକ୍ଷାକୁ ତ୍ରୁଟିଶୂନ୍ୟ କରିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ପ୍ରଶ୍ନପତ୍ର ରଖିବାକୁ ପ୍ରସ୍ତୁତ ହୋଇଥିବା ହବ୍‌ରେ କୃତ୍ରିମ ବୁଦ୍ଧିମତା (ଏଆଇ) ପରିଚାଳିତ କ୍ୟାମେରା ଲଗାଯିବ। ସେହିପରି ହବ୍‌କୁ ପ୍ରଶ୍ନପତ୍ର ନେଉଥିବା ଗାଡ଼ିରେ ପ୍ରଥମଥର ପାଇଁ ଜିପିଏସ୍ ଲଗାଇବାକୁ ବ୍ୟବସ୍ଥା କରାଯାଇଛି। ପ୍ରଶ୍ନପତ୍ର ଯେପରି ଲିକ୍ ନ ହେବ ବା ଯୋଗାଣରେ କୌଣସି ବିଭ୍ରାଟ ନ ହେବ ସେଥିପାଇଁ ସିଏଚ୍‌ଏସ୍‌ଇ କର୍ତ୍ତୃପକ୍ଷ ତୀକ୍ଷ୍ଣ ନଜର ରଖିଛନ୍ତି।

ପ୍ରଶ୍ନପତ୍ରକୁ ସୁରକ୍ଷିତ ଭାବେ ଓ ଠିକଣା ସମୟରେ ହବ୍‌ରେ ପହଞ୍ଚାଇବା ପାଇଁ ଏକାଧିକ ପଦକ୍ଷେପ ନିଆଯାଇଛି। ପ୍ରିଣ୍ଟିଂ ପ୍ରେସ୍‌ରୁ ହବ୍‌କୁ ପ୍ରଶ୍ନପତ୍ର ନେଉଥିବା ଗାଡ଼ିରେ ଜିପିଏସ୍ ଲଗାଇବାକୁ ପରିଷଦ ନିଷ୍ପତ୍ତି ନେଇଛି। କେଉଁ ରାସ୍ତାରେ ଗାଡ଼ି ଯାଉଛି ଓ କେଉଁଠାରେ କେତେ ସମୟ ରହୁଛି, ତାକୁ ପରିଷଦ କାର୍ଯ୍ୟାଳୟରୁ ନିରୀକ୍ଷଣ କରାଯିବ। ଆବଶ୍ୟକତା ଠାରୁ ଅଧିକ ସମୟ ଗାଡ଼ି ଅଟକିଲେ ବା ବିନା ଅନୁମତିରେ ରହିଲେ କର୍ତ୍ତୃପକ୍ଷ ତତ୍‌କ୍ଷଣାତ ପଦକ୍ଷେପ ନେବେ। ପ୍ରଶ୍ନପତ୍ର ଯେପରି ଲିକ୍ ନ ହେବ ସେଥିପାଇଁ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରାଯାଇଛି।

**ହବ୍‌ରେ ଲାଗିବ ଏଆଇ କ୍ୟାମେରା**

ପ୍ରଶ୍ନପତ୍ର ପହଞ୍ଚିବା ପରେ ହବ୍‌ରେ ସୁରକ୍ଷିତ ଭାବେ ରଖାଯିବ। ହବ୍‌ରେ ପ୍ରଶ୍ନପତ୍ରର ସୁରକ୍ଷା ପାଇଁ ଏଆଇ ପରିଚାଳିତ ସିସିଟିଭି କ୍ୟାମେରା ଲଗାଯାଇଛି। ଷ୍ଟ୍ରଙ୍ଗ ରୁମ୍ ଭିତରେ କୌଣସି ପ୍ରକାର ହଲଚଲ ହେଲେ ଏଆଇ ତୁରନ୍ତ ପରିଷଦ କାର୍ଯ୍ୟାଳୟକୁ ସୂଚନା ପହଞ୍ଚିବ। ଏପରିକି ଝିଟିପିଟି ଚାଲିଲେ ମଧ୍ୟ ସିଏଚ୍‌ଏସ୍‌ଇ ମୁଖ୍ୟାଳୟକୁ ନୋଟିଫିକେସନ୍ ପହଞ୍ଚିବ। ଅନୁରୂପ ଭାବେ ପରୀକ୍ଷାରେ କପି ରୋକିବା ପାଇଁ ଏକାଧିକ ପଦକ୍ଷେପ ନିଆଯାଇଛି। ସମସ୍ତ ପରୀକ୍ଷା ହଲ୍‌ରେ ସିସିଟିଭି କ୍ୟାମେରା ଲଗାଯାଇଛି। ସମସ୍ତ ସିସିଟିଭି କ୍ୟାମେରାକୁ ପରିଷଦ କାର୍ଯ୍ୟାଳୟରେ ହୋଇଥିବା ପରୀକ୍ଷା ନିୟନ୍ତ୍ରଣ କକ୍ଷରେ ଡିସପ୍ଲେ କରାଯିବ। ଅଭିଯୋଗ ଆସୁଥିବା ବିଦ୍ୟାଳୟର ସିସିଟିଭିକୁ ଏଠାରୁ ପର୍ଯ୍ୟବେକ୍ଷଣ କରାଯିବ। କୌଣସି ପିଲା କପି କରୁଥିଲେ ବା ପରୀକ୍ଷା ନିରୀକ୍ଷକ କୌଣସି ଅସଙ୍ଗତି କାର୍ଯ୍ୟ କରୁଥିବା ଦେଖାଦେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ପରୀକ୍ଷା ହଲ୍‌ରେ କପି ଯାଞ୍ଚ କରିବାକୁ ପଞ୍ଚସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି। ପୂର୍ବରୁ ଜିଲ୍ଲା ସ୍ତରରେ ଗୋଟିଏ ଫ୍ଲାଇଂ ସ୍କ୍ୱାଡ୍ ଟିମ୍ ମୃତୟନ ହେଉଥିବାବେଳେ ଚଳିତ ଥର ଦୁଇଟି ଟିମ୍ ରହିବେ। ଜିଲ୍ଲା ମୁଖ୍ୟାଳୟରେ ରହିବା ସହ ଅଚାନକ ପରୀକ୍ଷା କେନ୍ଦ୍ର ଗସ୍ତ କରି କପି ଯାଞ୍ଚ କରିବେ। ଚଳିତବର୍ଷ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବର୍ଗରେ ପରୀକ୍ଷା ଦେବା ପାଇଁ ମୋଟ୍ ୪ ଲକ୍ଷ ୧ ହଜାର ୬୨୩ ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଛନ୍ତି। ତନ୍ମଧ୍ୟରେ ପ୍ରାୟ ୨୫ହଜାର ଏକ୍ସ-ରେଗୁଲାର୍ ପିଲା ରହିଛନ୍ତି।

## ହବ୍‌ରେ ୧୨ରୁ ପହଞ୍ଚିବ ପ୍ରଶ୍ନପତ୍ର

ଭୁବନେଶ୍ୱର, ୩୧।୧(ସମିସ): ଯୁକ୍ତ ୨ ପରୀକ୍ଷା ପାଇଁ ଦୁଇଟି ପର୍ଯ୍ୟାୟରେ ହବ୍‌ରେ ପ୍ରଶ୍ନପତ୍ର ପହଞ୍ଚିବ। ମୋଟ୍ ୨୧୧ ଟି ପରୀକ୍ଷା ପରିଚାଳନା ହବ୍ (ଇଏମ୍‌ଏଚ୍‌ଏସ୍) ହୋଇଥିବାବେଳେ ଆସନ୍ତା ୧୨ରୁ ୧୪ ତାରିଖ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ପ୍ରଶ୍ନପତ୍ର ପ୍ରେରଣ କରାଯିବ। ୧୫ ତାରିଖ ସୁଦ୍ଧା ସମସ୍ତ ହବ୍‌ରେ ପ୍ରଶ୍ନପତ୍ର ପହଞ୍ଚିବ। ସେହିପରି ମାର୍ଚ୍ଚ ୪ ରୁ ୬ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶ୍ନପତ୍ର ହବ୍‌କୁ ପ୍ରେରଣ କରାଯିବାକୁ ଥିବାବେଳେ ୭ ତାରିଖ ସୁଦ୍ଧା ପହଞ୍ଚିବ। ନିର୍ଦ୍ଧାରିତ ସମୟରେ ପ୍ରଶ୍ନପତ୍ର ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଗ୍ରହଣ କରିବାକୁ ପରିଷଦ ପକ୍ଷରୁ ସମସ୍ତ ହବ୍‌ର ସୁପରିଟେଣ୍ଡେଣ୍ଟଙ୍କୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ଶନିବାର ଅବଗତ କରାଯାଇଛି।

ହବ୍‌ରେ ପ୍ରଶ୍ନପତ୍ର ଗ୍ରହଣ କରିବା ସମୟରେ ଓ ଏହା ପରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବାକୁ ପରିଷଦ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ସିସିଟିଭି ଲାଗିଥିବା ଅଞ୍ଚଳରେ ହିଁ ପ୍ରଶ୍ନପତ୍ର ହସ୍ତାନ୍ତର କରାଯିବ। ପ୍ରଶ୍ନପତ୍ର ଗ୍ରହଣ କରିବା ପୂର୍ବରୁ ସିଏଚ୍‌ଏସ୍‌ଇ ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟ ମେଳ କରିବା ଆବଶ୍ୟକ। ହବ୍‌ର ସମସ୍ତ ପାୱାର୍ ବନ୍ଦ ଥିବା ବାଧ୍ୟତାମୂଳକ କରିବା ସହ ପ୍ରଶ୍ନପତ୍ର ପହଞ୍ଚିବା ପୂର୍ବରୁ ଏହାକୁ ସୁନିଶ୍ଚିତ କରିବାକୁ କୁହାଯାଇଛି। ସେହିପରି ସ୍ଥାନୀୟ ପ୍ରଶାସନ ସହିତ ପୁଲିସ ଆଇଆଇସିଙ୍କୁ ଆବଶ୍ୟକ ସୁରକ୍ଷା ସମ୍ପର୍କରେ ଅବଗତ କରି ସୁରକ୍ଷା ସୁନିଶ୍ଚିତ କରିବେ। ଅନ୍ତରିଣ ଓ ବାହ୍ୟ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ବନ୍ଧୁକଧାରୀ ପୁଲିସ୍ ରହିବେ। ପରୀକ୍ଷା ସରିବା ଯାଏଁ ବନ୍ଧୁକଧାରୀଙ୍କ ସୁରକ୍ଷାରେ ପ୍ରଶ୍ନପତ୍ର ରହିବ। ଏହାସହ ୨୪ ଘଣ୍ଟିଆ ସୁରକ୍ଷା ସୁନିଶ୍ଚିତ କରିବା ସହିତ ଏକ ମୋବାଇଲ୍ ନମ୍ବର ପ୍ରଦାନ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି।

## ଗଣଶିକ୍ଷା ସଚିବଙ୍କୁ ବ୍ୟକ୍ତିଗତ ହାଜିରା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୩୧।୧ (ସମିସ): ଏକ ଅଦାଲତ ଅବମାନନା ମାମଲାର ଶୁଣାଣି କରି ସ୍କୁଲ ଓ ଗଣଶିକ୍ଷା ସଚିବଙ୍କୁ ବ୍ୟକ୍ତିଗତ ହାଜିରା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଅନ୍ୟ ଅଧିକାରୀ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, କେନ୍ଦୁଝରର ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ମାମଲାର ପରବର୍ତ୍ତୀ ଶୁଣାଣି ବେଳେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ ରହିଛି। ବିଜୟକୃଷ୍ଣ ପ୍ରଧାନଙ୍କ ତରଫରୁ ଦାୟର ଅଦାଲତ ଅବମାନନା ମାମଲାର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ପ୍ରତିପକ୍ଷ ଗଣଶିକ୍ଷା ସଚିବ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, କେନ୍ଦୁଝର ଡିଇଓଙ୍କୁ ପୁଲିସ ମାଧ୍ୟମରେ ନୋଟିସ ଜାରି କରିଛନ୍ତି ଅଦାଲତ। ତେବେ ପୂର୍ବ ନିର୍ଦ୍ଦେଶ ପାଳନ କରାଯିବା ସହ ପରବର୍ତ୍ତୀ ଶୁଣାଣି ପୂର୍ବରୁ କାର୍ଯ୍ୟକାରିତା ରିପୋର୍ଟ ଦାଖଲ କରାଗଲେ ପ୍ରତିପକ୍ଷ ହାଜର ହେବା ଆବଶ୍ୟକ ପଡ଼ିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଫେବ୍ରୁଆରି ୧୩କୁ ଧାର୍ଯ୍ୟ କରାଯାଇଛି। ମାମଲାରୁ ପ୍ରକାଶ ଯେ ଆବେଦନକାରୀଙ୍କୁ କେନ୍ଦୁଝରର ଏକ ସ୍କୁଲରେ ଆବେଦନକାରୀଙ୍କୁ ନିଯୁକ୍ତି ପ୍ରଦାନ ସପକ୍ଷରେ ହାଇକୋର୍ଟ ୨୦୨୫ ଡିସେମ୍ବର ୮ ରେ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ପାଳନ କ୍ଷେତ୍ରରେ କର୍ତ୍ତୃପକ୍ଷ ଅବହେଳା କରିଥିବା ଅଭିଯୋଗ କରି ଉପରୋକ୍ତ ଅଦାଲତ ଅବମାନନା ମାମଲା ଦାୟର ହୋଇଛି।

## ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ପ୍ରସଙ୍ଗ

# ପୁରୀବାସୀଙ୍କ କଟା ଘା'ରେ ସରକାରଙ୍କ ଚୂନ

ପୁରୀ, ୩୧।୧(ସମିସ): ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ପ୍ରସଙ୍ଗ ନେଇ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ପୁରୀବାସୀଙ୍କ କଟା ଘା'ରେ ଚୂନ ସଦୃଶ ହୋଇଛି। ନିକଟରେ ସରକାର ବରିଷ୍ଠ ନାଗରିକଙ୍କ ପାଇଁ ନୂଆ ଯୋଜନା ଆଣିଛନ୍ତି। ବରିଷ୍ଠ ନାଗରିକଙ୍କୁ ପୁରୀ ବୁଲାଇବେ। ୬୦ରୁ ୭୫ବର୍ଷ ବୟସ୍କ ଓ ବିଧବା ମହିଳାଙ୍କୁ ଜଗନ୍ନାଥ ଦର୍ଶନ କରାଇବେ। ଖୁବ୍‌ଶୀଘ୍ର ଆରମ୍ଭ ହେବ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା। ଏନେଇ ସମସ୍ତ ଜିଲ୍ଲାପାଳଙ୍କୁ ପର୍ଯ୍ୟଟନ ବିଭାଗ ଚିଠି ଦେଇଛି। ପ୍ରାୟ ୩୫ହଜାର ଲୋକଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ପଞ୍ଚାୟତସ୍ତରରେ ହିତାଧିକାରୀ ଚୂଡ଼ାନ୍ତ କରିବା ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହା ନିଶ୍ଚିତ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ପରିଣତ ବୟସରେ ପହଞ୍ଚିଥିବା ବରିଷ୍ଠ ନାଗରିକ ଏହାଦ୍ୱାରା ଉପକୃତ ହେବେ। କିନ୍ତୁ, ୭/୮ ମାସ ହେବ ସେମାନଙ୍କ ପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରିବାକୁ ପୁରୀବାସୀ ଦାବି କରିଆସୁଛନ୍ତି। ହେଲେ ସରକାର ଶୁଣୁନାହାନ୍ତି। ଏହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ସହରବାସୀ।

ପୂର୍ବଭଳି ଆଉ ପୁରୀ ସହରବାସୀ ଶ୍ରୀମନ୍ଦିରକୁ ଯାଉ ନାହାନ୍ତି। ସମୟ ଥିଲା, ଅନେକ ସହରବାସୀ ଦିନକୁ ଏକାଧିକଥର ମନ୍ଦିରକୁ ଯାଉଥିଲେ। ମଙ୍ଗଳ ଆଳତି ହେଉ କି ସନ୍ଧ୍ୟା ଆଳତି ଅବା ଚନ୍ଦନଲାଗି, ବଡ଼ସିଂହାର ବେଶ ଦେଖୁଥିଲେ। ପୁଣି ମନ ହେଲେ ଆନନ୍ଦବଜାରକୁ ଯାଇ ଅବଢ଼ା ଖାଇବା ସହ ପରିବାର ପାଇଁ ଧରି ଆସୁଥିଲେ। ହେଲେ, କିଛି ବର୍ଷ ହେବ ଏଭଳି ସୁଯୋଗ ଆଉ ନାହିଁ। ପ୍ରଶାସନିକ କଟକଣାରେ ରୁନ୍ଧି ହୋଇଯାଉଛନ୍ତି ପୁରୀ ସହରବାସୀ। କଟକଣା ଲଗାଉଥିବା ବାବୁମାନେ ଜାଣିବା ଦରକାର ଯେ ପୁରୀବାସିନ୍ଦାଙ୍କ ଦୈନନ୍ଦିନ ଜୀବନରେ ମହାପ୍ରଭୁ ହେଉଛନ୍ତି ସ୍ୱତନ୍ତ୍ର। ସେମାନଙ୍କ ପାଇଁ ଶ୍ରୀମନ୍ଦିର ହେଉଛି ଗାଁ ମନ୍ଦିର ଆଉ ଶ୍ରୀଜଗନ୍ନାଥ ହେଉଛନ୍ତି ଗ୍ରାମ ଦେବତା। ଶ୍ରୀମନ୍ଦିର ପୁରୀ ଅଧିବାସୀଙ୍କ ଶୁଭ-ଅଶୁଭ କାର୍ଯ୍ୟ ଓ ଷୋହଳ ସଂସ୍କାର ସହ ଓତପ୍ରୋତ ଭାବେ ଜଡ଼ିତ। ଶହଶହ ବର୍ଷ ଧରି ଶ୍ରୀମନ୍ଦିରରେ ଅବାଧରେ ଯା'ଆସ କରିବା ପରେ ଏବେ ସେମାନଙ୍କୁ ଦହଗଞ୍ଜ ହେବାକୁ ପଡୁଛି। ଘରର ବରିଷ୍ଠ ନାଗରିକଙ୍କ ପାଇଁ ମହାପ୍ରଭୁଙ୍କ ଦର୍ଶନ ସତେ ଯେମିତି ସ୍ୱପ୍ନ ପାଲଟିଯାଇଛି। ଅନ୍ୟମାନେ ଇଚ୍ଛା କଲେ ବି ଘଣ୍ଟା ଘଣ୍ଟା ଧରି ସେମାନଙ୍କୁ ଅପେକ୍ଷା କରିବାକୁ ପଡୁଛି। ତେଣୁ, ମନ୍ଦିରକୁ କିପରି ସହଜରେ ପ୍ରବେଶ ଏବଂ ଦର୍ଶନ କରିବେ, ସେନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି କରିଆସୁଛନ୍ତି ପୁରୀ ସହରବାସୀ।

ପୁରୀବାସୀଙ୍କ ଏହି ଦାବି ଭୁବନେଶ୍ୱରଠାରୁ ଆରମ୍ଭ କରି ଦିଲ୍ଲୀରେ ବି ଉଠିଛି। ଏଥିପାଇଁ ଗଠିତ ମଞ୍ଚ ପୁରୀରେ ଦୀପଦାନ, ଧାରଣା, ନିରବ ପ୍ରତିବାଦ କରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଭେଟି ଦାବି ଜଣାଇଥିଲେ। ପୁରୀବାସୀଙ୍କ ଶ୍ରୀମନ୍ଦିର ପ୍ରବେଶ ଓ ଶ୍ରୀଜଗନ୍ନାଥ ଦର୍ଶନର ସୁବ୍ୟବସ୍ଥା କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପରବର୍ତ୍ତୀ ସମୟରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ସାକ୍ଷାତ୍ ଆଲୋଚନା କରିଥିଲେ। ଏହି ଆଲୋଚନାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁରୀ ଜିଲ୍ଲାପାଳ ଏବଂ ଏସ୍‌ପି ମଧ୍ୟ ଉପସ୍ଥିତ ଥିଲେ। ଆଇନମନ୍ତ୍ରୀ କହିଥିଲେ ଯେ ଖୁବ୍‌ଶୀଘ୍ର ଆଉଥରେ ଶ୍ରୀମନ୍ଦିର ଓ ଜିଲ୍ଲା ପ୍ରଶାସନ ସହ ବିଶଦ୍ ଆଲୋଚନା ହେବ। ନୂଆବର୍ଷ ଉପଲକ୍ଷେ ଲକ୍ଷଲକ୍ଷ ଭକ୍ତ, ପର୍ଯ୍ୟଟକ ପୁରୀ ଆସିବେ। ନୂଆବର୍ଷ ପରେ ଖୁବ୍‌ଶୀଘ୍ର ପୁରୀବାସୀଙ୍କ ପାଇଁ ବ୍ୟବସ୍ଥା କରାଯିବ। ଇତିମଧ୍ୟରେ ନୂଆବର୍ଷ ଯାଇ ଜାନୁଆରୀ ମାସ ସରିଗଲାଣି। ହେଲେ ଏ ପର୍ଯ୍ୟନ୍ତ କିଛି ବ୍ୟବସ୍ଥା ହେଲା ନାହିଁ। କିନ୍ତୁ ଭିଭିଆଇପିଙ୍କୁ କିପରି ପ୍ରୋଟୋକଲ ଦର୍ଶନ ମିଳିବ, ସେନେଇ ଶ୍ରୀମନ୍ଦିର ପ୍ରଶାସନ ଗୋଟିଏ ଦିନରେ ବୈଠକ ଡାକି ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ଏସ୍‌ଓପି ପ୍ରସ୍ତୁତ ଦାୟିତ୍ୱ ଦେଇଥିବା ବେଳେ ଏବେ ରାଜ୍ୟ ସରକାର ବରିଷ୍ଠ ନାଗରିକଙ୍କୁ ପୁରୀ ବୁଲାଇବେ। ୬୦ରୁ ୭୫ବର୍ଷ ବୟସ୍କ ଓ ବିଧବା ମହିଳାଙ୍କୁ ଜଗନ୍ନାଥ ଦର୍ଶନ କରାଇବେ ବୋଲି ଘୋଷଣା କରିଛନ୍ତି।

ଏହାକୁ ନେଇ ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି, ରାଜ୍ୟ ସରକାର ବରିଷ୍ଠ ନାଗରିକଙ୍କୁ ଜଗନ୍ନାଥ ଦର୍ଶନ କରାଇବା ଏକ ଭଲ ପଦକ୍ଷେପ। କିନ୍ତୁ, ବର୍ଷତମାମ ଯେଉଁ ପୁରୀବାସୀ ସରକାର ଏବଂ ପ୍ରଶାସନକୁ ସବୁକ୍ଷେତ୍ରରେ ସହଯୋଗର ହାତ ବଢ଼ାଇ ଆସୁଛନ୍ତି, ସେମାନଙ୍କ ଦାବି ପ୍ରତି ଅଣଦେଖା କାହିଁକି? ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତି ପୁରୀବାସୀଙ୍କ କଟା ଘା'ରେ ଚୂନ ଲଗାଇବା ଭଳି ହୋଇଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି।

## ୩ ଆଇଏଏସଙ୍କୁ ଅତିରିକ୍ତ ମୁଖ୍ୟ ସଚିବ ପାହ୍ୟା

ଭୁବନେଶ୍ୱର, ୩୧।୧ (ସମିସ): ରାଜ୍ୟର ୩ ବରିଷ୍ଠ ଆଇଏଏସ ଅଧିକାରୀଙ୍କୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଏସିଏସ) ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି ରାଜ୍ୟ ସରକାର। ୧୯୯୬ ବ୍ୟାଚର ଶାଶ୍ୱତ ମିଶ୍ର, ବିଶାଳ କୁମାର ଦେବ ଓ ଉଷା ପାଢ଼ୀଙ୍କୁ ଏହି ପଦୋନ୍ନତି ମିଳିଛି। ଶନିବାର ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏତଦ୍ ବ୍ୟତୀତ କେନ୍ଦ୍ରୀୟ ଡେପୁଟେସନରେ ଥିବା ସମାନ ବ୍ୟାଚର ଆଇଏଏସ ବୀର ବିକ୍ରମ ଯାଦବଙ୍କୁ ମଧ୍ୟ ପଦୋନ୍ନତି ମିଳିଛି। ତାଙ୍କୁ ସର୍ବୋଚ୍ଚ ଗ୍ରେଡ ଅର୍ଥାତ୍ ଲେଭୁଲ୍-୧୭କୁ ପଦୋନ୍ନତି ମିଳିଥିବା ନେଇ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ୧୯୯୫ ବ୍ୟାଚର ଆଇଏଏସ ଚିତ୍ରା ଅରୁମୁଗମଙ୍କୁ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ମହାନିର୍ଦ୍ଦେଶକ(ଟ୍ରେନିଂ କୋର୍ଡିନେସନ) ଭାବରେ ସାମୟିକ ସମୟ ପାଇଁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଆଇଏଏସ ସରୋଜ କୁମାର ସେଠୀଙ୍କୁ ଶିଳ୍ପ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି।

# କୋପଟିଆମ୍ବରେ ଏବେଠୁ ଜଳ ସଙ୍କଟ

ସିନାପାଲି/ବୋଡ଼େନ,୩୧ ।୧(ସମିସ)



ଗ୍ରୀଷ୍ମ ଋତୁ ଆରମ୍ଭ ନ ହେଉ ବିଭିନ୍ନ ଗାଁ ଗଣ୍ଡାରେ ପାନୀୟ ଜଳ ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଥିବା ବେଳେ ପ୍ରଶାସନ ତରଫରୁ ଜଳ ଯୋଗାଣର କୌଣସି ବ୍ୟବସ୍ଥା କରୁ ନଥିବାରୁ ଆଗକୁ ଭୟଙ୍କର ଜଳକଷ୍ଟ ଅନୁଭବ କରିବେ ବୋଲି ଆଶଙ୍କା ପ୍ରକଟ କରିବା ଭଳି ନଜରକୁ ଆସିଛି ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ୍ ଅନ୍ତର୍ଗତ ଭାଇସାଦଦାନୀ ପଞ୍ଚାୟତ ବଣ ପାହାଡ ଘେରା କୋପଟି ଆମ୍ବଗ୍ରାମରେ। ଏବେଠାରୁ ଗ୍ରାମବାସୀ ପାନୀୟ ଜଳ ସମସ୍ୟାର ସମ୍ମୁଖୀନ ହେଉଥିବା ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ଏହି ଗ୍ରାମ ସମୁଦ୍ର ପତ୍ତନ ଠାରୁ ୩ ହଜାର ଫୁଟ ଉଚ୍ଚତାରେ ଅବସ୍ଥିତ।ଗ୍ରାମରେ ଗୋଟିଏ ମାତ୍ର କୁଆ ଖୋଳା ଯାଇଥିବା ବେଳେ ସେହି ଜଳକୁ ପାନୀୟ ଜାଲ ରୂପେ ଗ୍ରାମବାସୀ ବ୍ୟବହାର କରନ୍ତି। ତାହା ପୁଣି ଗ୍ରୀଷ୍ମ ଋତୁ ସମୟରେ ଆବଶ୍ୟକତା ପୂରଣ କରି ପାରେନାହିଁ। ଏହି କୂଅର ଜଳକୁ ପାଇପ ଯୋଗେ ଗ୍ରାମର ଦ୍ୱାର ମୁଁହରେ ଯୋଗାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ନିଘଞ୍ଚ ଜଙ୍ଗଲ ଲାଗି ରହିଥିବା ବେଳେ ଗ୍ରାମର ମହିଳାମାନେ ଜଳ ସଂଗ୍ରହରେ ସମସ୍ୟା ସୃଷ୍ଟି ହୋଇଥାଏ। ତେଣୁ ହର ଘର ନଳ ଯୋଜନା କିମ୍ବା ବସୁନ୍ଧରା ଯୋଜନା ଦ୍ୱାରା ସରକାରଙ୍କ ପକ୍ଷରୁ ପାଇପ ଯୋଗେ ଜଳ ଯୋଗାଣ ପାଇଁ ଗ୍ରାମବାସୀ ଦାବି କରୁଛନ୍ତି।ମାଓ ପ୍ରଭାବ ହେତୁ ଗ୍ରାମରେ ପ୍ରଶାସନ ପହଞ୍ଚି ପାରୁ ନ ଥିବା ବେଳେ ଅନେକ ସମସ୍ୟା ରହିଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।ଜଙ୍ଗଲ ଥିବା କାରଣରୁ ଦୁଇ ସମୟ ଜଳ ସଂଗ୍ରହ କରିବା ତାଙ୍କ ପାଇଁ କଷ୍ଟ ସାଧ ଅଟେ। ବନ୍ୟା ପ୍ରାଣୀଙ୍କ ଆକ୍ରମଣର ଭୟ ରହିଥିବା ବେଳେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଗ୍ରାମର ମହିଳା ପୁରୁଷ ସମେତ ବୟୋଜ୍ୟେଷ୍ଠ ବ୍ୟକ୍ତି ହଜାରି ଚିନ୍ତା ପ୍ରକାଶ କରିଛନ୍ତି।

## କଳାହାଣ୍ଡି ଲେଖିକା ସଂଘର 'ବସନ୍ତ କାବ୍ୟୋତ୍ସବ'

ଭବାନୀପାଟଣା,୩୧ ।୧(ସମିସ):ବସନ୍ତର ଆଗମନରେ କବିର ଲେଖନୀ ମୁନରୁ ଝରିପଡୁଥିବା କବିତା ହିଁ ମହୋତ୍ତମ ଉପଲବ୍ଧି। କାର୍ଯ୍ୟକ୍ରମର ପ୍ରାରମ୍ଭରେ କବି ଅନୀତା ମୁଣ୍ଡ ବ୍ରହ୍ମନାଦ କରିଥିଲେ। ସ୍ୱାଗତ ସଂଗୀତ କବି ନିରୂପମା ଦେବୀ ଗାନ କରିଥିଲେ। ସଭାପତି ସୁଦେଷ୍ଣା ପଣ୍ଡାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ସମ୍ପାଦିକା କଳ୍ପନା ରଥ। କବି ମିନତି ପ୍ରଧାନଙ୍କ ସଂଯୋଜନାରେ ୨୬ରୁ ଉଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ପ୍ରଥମେ ନୂତନ ସଦସ୍ୟା ସୁରମା ବେହେରାଙ୍କୁ ସଂଘ ପକ୍ଷରୁ ସ୍ୱାଗତ କରାଯାଇଥିଲା। କବିତା ମୁଣ୍ଡ, ଅର୍ଚ୍ଚନା ମିଶ୍ର, ବିଳାସିନୀ ମହାପାତ୍ର, କଳ୍ପନା ରଥ, ମମତା ପଟ୍ଟନାୟକ,ସୁରମା ବେହେରା, ମଞ୍ଜୁରାଣୀ ରଥ, ମୀନା ମୁଣ୍ଡ,ମିନତି ପ୍ରଧାନ,ସୁବ୍ରତା ମହାପାତ୍ର, ନୀରୂପମା ଦେବୀ, ସବିତା ଦାସ, ସୁନୀତା ଦାଶ, ତପସ୍ୱିନି ପଣ୍ଡା, ପଦ୍ମିନୀ ବେହେରା, ସୌଦାମିନୀ ଭୋଇ, ସଂଯୁକ୍ତା ମୁଣ୍ଡ, ନିବେଦିତା ମହାନ୍ତି,ବୈଜୟନ୍ତୀ ସାମଲ, ରୀତା ପଟ୍ଟଯୋଷୀ, ସୁଦେଷ୍ଣା ପଣ୍ଡା, ସବିତା ଶତପଥୀ ପ୍ରମୁଖ କବିତା ପାଠ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ କବି ସଂଯୁକ୍ତା ମୁଣ୍ଡ, ଗୁଗୁଲ ମିଟ ସହାୟତା ଯୋଗାଇଥିଲେ କବି ଅର୍ଚ୍ଚନା ମିଶ୍ର। ଶାନ୍ତି ମନ୍ତ୍ର ପାଠ କରିଥିଲେ ସବିତା ଦାଶ।ମୀନା ମୁଣ୍ଡ ବନ୍ଦେ ମାତରମ୍ ଗାନ କରିଥିଲେ।

● ୨୪ରୁ ସୁଭଦ୍ରା ଶକ୍ତି ମେଳା

## ଆର୍ଥିକ ପ୍ରଗତି ପ୍ରଦର୍ଶନ କରିବାକୁ ଆହ୍ୱାନ



ନୂଆପଡ଼ା,୩୧ ।୧(ସମିସ): 'ସୁଭଦ୍ରା ଶକ୍ତି ମେଳା'କୁ ନୂଆପଡା ଜିଲ୍ଲାରେ ଆୟୋଜନ କରିବା ପାଇଁ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମେଳା ୨୪ ଫେବୃଆରୀରୁ ୨ ମାର୍ଚ୍ଚ ପର୍ଯ୍ୟନ୍ତ ନ୍ୟାସନାଲ କଲେଜ ପଡିଆରେ ଅନୁଷ୍ଠିତ ହେବ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ଧନେଶ୍ୱର ସେଠୀ,ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ପାର୍ଥସାରଥୀ ଦୋରା, ଉପନିବନ୍ଧକ ଶିବପ୍ରସାଦ ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ କୁମାର ମହାରାଙ୍କ ସହିତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ମିଶନ ଶକ୍ତିର ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ସୁନୀଲ କୁମାର ମଲ୍ଲିକ ସମସ୍ତଙ୍କୁ ସ୍ୱାଗତ କରି ମେଳାର ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ରୂପରେଖ ଉପସ୍ଥାପନ କରିଥିଲେ।୭ ଦିନିଆ ମେଳାରେ ଜିଲ୍ଲାର ସମସ୍ତ ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ଉତ୍ପାଦକ ଗୋଷ୍ଠୀ ଓ ଲକ୍ଷପତି ଦିଦିମାନେ ତାଙ୍କ ନିଜସ୍ୱ ଉତ୍ପାଦଗୁଡ଼ିକୁ ପ୍ରଦର୍ଶନ ଓ ବିକ୍ରୟ କରିବେ।ମେଳା ପରିସରରେ ବିଭିନ୍ନ ସରକାରୀ ବିଭାଗଙ୍କ ଦ୍ୱାରା ଜନକଲ୍ୟାଣକାରୀ ଯୋଜନା ସମ୍ପର୍କିତ ପ୍ରଦର୍ଶନୀ ଷ୍ଟଲ୍ ସ୍ଥାପନ କରାଯିବ। ମେଳା ଅବଧିରେ ପ୍ରତ୍ୟେକ ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ମେଳାକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଜିଲ୍ଲାପାଳ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ଶିକ୍ଷଣ ସାମଗ୍ରୀ କର୍ମଶାଳା ଉଦ୍‌ଯାପିତ




ଗୋଲାମୁଣ୍ଡା,୩୧ ।୧(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ପୁଟିଆଚୁରା ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା ପୁଟିଆଚୁରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସିଆରସିସି ରେଖରାମ ନାଏକଙ୍କ ଅଧକ୍ଷତାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ସିଆରସିସି ରେଖରାମ ନାଏକ ,ବୃନ୍ଦାବାହାଲ ସିଆରସିସି କ୍ଷିରାବ୍ଧି ମଶ୍ରା,କରଙ୍ଗାମୁଣ୍ଡା ସିଆରସିସି ବିରୁପାକ୍ଷ ଦୀପ, ପୁଟିଆଚୁରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଞ୍ଜନ ସାହୁ ,ଶିକ୍ଷକ ସଚିନ ବାଗ, ଅଭୟ କୁମାର ସାହୁ, ସୂର୍ଯ୍ୟନାରାୟଣ ଗୌଡ଼ ଉପସ୍ଥିତ ଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ପୁଟିଆଚୁରାର ୧୫ଟି ବିଦ୍ୟାଳୟରୁ ୧୮ ଜଣ ଶିକ୍ଷକ ଦୁଇଦିନ ଧରି ଶିକ୍ଷଣ ସାମଗ୍ରୀ ତିଆରି କରିଥିଲେ। ବହୁତ ଆନନ୍ଦ ଦାୟକ, ଓଡ଼ିଆ ଭାଷା, ଇଂରାଜୀ ଭାଷା, ଗଣିତ, ପରିବେଶ ଭିତ୍ତିକ ୧୫୦ ରୁ ଅଧିକ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ। ପୁଟିଆଚୁରା ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଞ୍ଜନ ସାହୁ ମଞ୍ଚ ପରିଚାଳନା କରିଥିଲେ। ସିଆରସିସି ରେଖିରାମ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ମିନି ମାରାଥନ



କୋମନା,୩୧ ।୧(ସମିସ):ସ୍ଥାନୀୟ ଅଞ୍ଚଳରେ କ୍ରୀଡ଼ା ଏବଂ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି କରିବା ଲକ୍ଷ୍ୟରେ ଆୟୋଜକ କଂଗ୍ରେସ ଯୁବ ସମ୍ପାଦକ ଶାହରୁଖ ଖାନଙ୍କ ନେତୃତ୍ୱରେ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି। ଉଦ୍ୟାନବନ୍ଧରୁ କୋମନା ପର୍ଯ୍ୟନ୍ତ ପ୍ରାୟ ୭ କିଲୋମିଟର ବ୍ୟାପୀ ଦୌଡ଼ ପ୍ରତିଯୋଗିତାରେ ଅଞ୍ଚଳର ପ୍ରାୟ ୧୫୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ କଂଗ୍ରେସ ବିଧାୟକ ପ୍ରାର୍ଥୀ ଘାସିରାମ ମାଝୀ ଓ କମଲ ଚରଣ ତାଣ୍ଡି,ଜିଲ୍ଲା ପରିଷଦ ସଭ୍ୟ ଭରତ ଲାଲ ରାଉତ, ପୂର୍ବତନ ସରପଞ୍ଚ ପ୍ରତିଭା ପାଣିଗ୍ରାହୀ, ଆଇନଜୀବୀ ଦେବଦତ୍ତ ଦିକ୍ଷିତ, ପୂର୍ବତନ ସରପଞ୍ଚ ଅନନ୍ତ ସାହୁ ପ୍ରମୁଖ ଯୋଗ ଦେଇ ପତାକା ଦେଖାଇ ମାରାଥନର ଶୁଭାରମ୍ଭ କରିଥିଲେ। ମାରାଥନ ଉଦ୍ୟାନବନ୍ଧରୁ ଆରମ୍ଭ ହୋଇ କୋମନାରେ ଶେଷ ହୋଇଥିଲା।ଏଭଳି କାର୍ଯ୍ୟକ୍ରମ ଯୁବପିଢ଼ିଙ୍କୁ ଶାରୀରିକ ଭାବେ ସୁସ୍ଥ ରଖିବା ସହ ସେମାନଙ୍କ ମଧ୍ୟରେ ଏକତା ଏବଂ ପ୍ରତିଯୋଗିତା ମନୋଭାବ ସୃଷ୍ଟି କରିବାରେ ସହାୟକ ହେବ। ୭ କିଲୋମିଟର ଦୌଡ଼ ସଫଳତାର ସହ ଶେଷ କରିଥିବା କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା।

## କେସିଙ୍ଗାରେ ବିରାଟ ହିନ୍ଦୁ ସମ୍ମିଳନୀ

କେସିଙ୍ଗା,୩୧ ।୧(ସମିସ):କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରର ହିନ୍ଦୁ ସମାଜ ପକ୍ଷରୁ ଶୁକ୍ରବାର ଦିନ ସ୍ଥାନୀୟ ଜଗନ୍ନାଥ ସ୍କୁଏର ପ୍ରାଙ୍ଗଣରେ ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ବିରାଟ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।ହିନ୍ଦୁ ଜାଗରଣ ପାଇଁ ହେଉଥିବା କାର୍ଯ୍ୟଧାରାକୁ ନୂତନ ଶକ୍ତି ଏବଂ ଚେତନା ପ୍ରଦାନ କରିବା ଉଦ୍ଦେଶ୍ୟରେ ସନାତନ ସଂସ୍କୃତି ସନାତନ ଧର୍ମ ଏବଂ ସାମାଜିକ ଏକତାର ପ୍ରତୀକ ଭାବରେ ଉକ୍ତ ସମ୍ମିଳନୀ ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବରେ ଆରଏସଏସ ପ୍ରଚାରକ ପରମାନନ୍ଦ ମହାରାଜ,ମୁଖ୍ୟବକ୍ତା ଭାବରେ ଗୋପାଳ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱନାଥ କମାନୀ,ସଞ୍ଚାଳନ ସମିତି ସଭାପତି ଆଇନଜୀବୀ ଯୁଗଳ କିଶୋର ଦୀପ,କେସିଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରବୀଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଭଜନ କୀର୍ତ୍ତନ ସମେତ ସାମୁହିକ ହନୁମାନ ଚାଳିଶା ପାଠ କରାଯାଇଥିଲା।

## ଜାତୀୟ ସଡ଼କ ସୁରକ୍ଷା ମାସ ଉଦ୍‌ଯାପିତ

ଭବାନୀପାଟଣା,୩୧ ।୧(ସମିସ):ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ କଳାହାଣ୍ଡି ଏବଂ ଜିଲ୍ଲା ସଡକ ସୁରକ୍ଷା କମିଟି, କଳାହାଣ୍ଡିଙ୍କ ସଂଯୁକ୍ତ ଆୟୋଜନରେ ଜାତୀୟ ସଡକ ସୁରକ୍ଷା ମାସ ସମାପନ ସମାରୋହ ଆଜି ଭବାନୀପାଟଣା ସରକାରୀ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସମାପନ ସଭାରେ ଉପକମିଶନର ପ୍ରତାପ କିଶୋର ପଣ୍ଡା ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡ. ହରେକୃଷ୍ଣ ଶତପଥୀ, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ, ଶୁଭ୍ରାଂଶୁ ଶେଖର ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଡ.ତ୍ରିଲୋଚନ ଜେନା, ଅଧ୍ୟକ୍ଷ,ସରକାରୀ ମହିଳା ମହାବିଦ୍ୟାଳୟ, ଭବାନୀପାଟଣା,ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ପ୍ରବୋଧ ରଥ, ସଭାପତି, ବସ୍ ମାଲିକ ସଂଘ, ଲୋକନାଥ ସାହୁ, ଉପଆରକ୍ଷୀ ଅଧୀକ୍ଷକ ଯୋଗଦେଇଥିଲେ। ସ୍ୱାଗତ ଭାଷଣ ଡା. ରାଧାରାଣୀ ନାୟକ, ଅଧ୍ୟାପିକା (ଇଂରାଜୀ), ସରକାରୀ ମହିଳା ମହାବିଦ୍ୟାଳୟ, ଭବାନୀପାଟଣା ପ୍ରଦାନ କରିଥିଲେ ଏବଂ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଡ. ପ୍ରତାପ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ସଡକ ସୁରକ୍ଷା ପ୍ରଚାରରେ ଅବଦାନ ରଖିଥିବା ୧୫ ଜଣ ଗୁଡ୍ ସାମାରିଟନ୍, ଅନୁଭବୀ ଟ୍ରକ୍ ଓ ବସ୍ ଚାଳକ ଏବଂ ରୋଡ୍ ସୁରକ୍ଷା ପ୍ରେରକ, ସହିତ ୬ ଜଣ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମର ସଡକ ସୁରକ୍ଷା ଓ ହେଲମେଟ୍ ପିନ୍ଧିବାର ଗୁରୁତ୍ୱ ଉପରେ ଆଧାରିତ ଏକ ସଂକ୍ଷିପ୍ତ ସଚେତନତାମୂଳକ ନାଟିକା ପରିବେଶିତ ହୋଇଥିଲା। ମିଥୁନ ପ୍ରଧାନ, ଟ୍ରାଫିକ୍ ଇନ୍ସପେକ୍ଟର, ସହ ସମସ୍ତ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।



## କାଉଡୋଲା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

କୋକସରା,୩୧ ।୧(ସମିସ):କୋକସରା ବ୍ଲକ୍ କାଉଡୋଲା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟଶଙ୍କର ପାଠୀଙ୍କ ସଭାପତିତ୍ୱରେ ବାର୍ଷିକ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋକସରା ବ୍ଲକ୍ ଉପାଧ୍ୟକ୍ଷ ରାଜିବ କୁମାର ଅଗ୍ରୱାଲ ଯୋଗ ଦେଇ ଥିଲେ। ମୁଖ୍ୟବକ୍ତା ବିଆରସିସି ଦୟାନିଧି ପାଢ଼ୀ, ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଚକ୍ରଧର ବେଶ୍ରା, ସିଆରସିସି ସୁମନ୍ତ ପ୍ରସାଦ ଠାକୁର, ଶିକ୍ଷକ ଲକ୍ଷ୍ମୀଧର ସେନାପତି, କାଉଡୋଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ପଣ୍ଡା,ତଳାଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିଳାମ୍ବର ଦାସ, ମହାଜନ ଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଚନ୍ଦ୍ରମଣି ବେମାଳ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମ ଆଗକୁ ନେଇଁ ଥିଲେ। ଛାତ୍ରୀଛାତ୍ରୀଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ "ଶିକ୍ଷା ଦ୍ୱାରା ହିଁ ସ୍ୱପ୍ନ ସମ୍ଭବ'ନାଟ୍ୟ ପରିବେଷଣ ହୋଇଥିଲା। ବିଦ୍ୟାଳୟର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମରେ ଜଡିତ ହୋଇ ରହିଥିବାରୁ ବିଦ୍ୟାଳୟ ପକ୍ଷରୁ ପରିଚାଳନା କମିଟି ଅଧ୍ୟକ୍ଷ ଚକ୍ରଧର ବେଶ୍ରାଙ୍କୁ ପ୍ରଶଂସା ପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ର ଛାତ୍ରଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଯଶୋଦା ବାଗ ପରିଚାଳନା କରିଥିବା ବେଳେ ଶିକ୍ଷକ ତୁଳାରାମ ମାଝୀ,ନିତ୍ୟାନନ୍ଦ ମାଝୀ,ସୁନୀଳ କୁମାର ବାଗ ଏବଂ ଶିକ୍ଷୟିତ୍ରୀ ହିରଣ୍ମୟୀ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।



## ମଦନପୁରରେ ଜଳ ଅର୍ପଣ ଦିବସ

ମ.ରାମପୁର,୩୧ ।୧(ସମିସ):କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକର ମଦନପୁର ଠାରେ ଜଳ ଅର୍ପଣ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ,ସମ୍ମାନିତ ଅତିଥି ଭାବେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ରାଜେଶ କୁମାର ଗଡ଼ନାୟକ, ସାଂସଦ ପ୍ରତିନିଧି ପଦ୍ମଲୋଚନ ମିଶ୍ର,ବିଡ଼ିଓ ଶରତ କୁମାର ସେଠୀ,ଏବିଡ଼ିଓ ଲକ୍ଷ୍ମ ଣ ପ୍ରଧାନ, ସହକାରୀ ଯନ୍ତ୍ରୀ ବଲବିନ୍ଦର ସିଂହ ଯାଦବ, ବିଜେପି ମଦନପୁର ମଣ୍ଡଳ ସଭାପତି ଖ୍ରୀଷ୍ଟଦତ୍ତ ରାଉତ,ମଦନପୁର ସରପଞ୍ଚ କେତକୀ ଦାଣ୍ଡିଆ, ସମାଜସେବୀ ସୁଦର୍ଶନ ଦାଣ୍ଡିଆ ଯୋଗ ଦେଇ ପ୍ରତ୍ୟେକ ଘରକୁ କିଭଳି ପାନୀୟ ଜଳ ଯୋଗାଣ ହୋଇପାରିବ, ତାର ସଂରକ୍ଷଣ କିଭଳି କରାଯିବ ଆଲୋକପାତ କରିଥିଲେ। ଏଥିସହ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ପାନୀୟ ଜଳର ସମସ୍ୟା ଦୂର କରିବା ପାଇଁ ବିଭିନ୍ନ ଯୋଜନାରେ ବିଷୟରେ ବକ୍ତବ୍ୟ ରଖିଥିଲେ।ଏନେଇ ଉପସ୍ଥିତ ସମସ୍ତଙ୍କୁ ନେଇ ଶପଥ ପାଠ ଅନୁଷ୍ଠିତ ହୋଇଥିଲା। ପରେ ନାଚ ଗୀତର ମାଧ୍ୟମରେ ପାନୀୟ ଜଳ ସମ୍ପର୍କିତ ସଚେତନ କାର୍ଯ୍ୟକ୍ରମ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭାଗୀୟ ଏସଡ଼ିଓ, ଯନ୍ତ୍ରୀ, ଏମ ବି କେ, ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିବାଲେ। ଏବିଡ଼ିଓ ଲକ୍ଷ୍ମଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଆଳି ଖଲିଦନା ପ୍ରସ୍ତୁତ ୟୁନିଟ୍ ଉଦ୍‌ଘାଟିତ



ନୂଆପଡା,୩୧ ।୧(ସମିସ):ନୂଆପଡା ସହରସ୍ଥିତ ସିର୍ଡୋଲ ୱାର୍ଡ ନମ୍ବର-୧୨ ରେ ରାଧାଗୋବିନ୍ଦ ସ୍ୱୟଂ ସହାୟକ ଦଳର ଶିଆଳିପତ୍ର ଖଲିଦନା ପ୍ରସ୍ତୁତ ୟୁନିଟକୁ ଜିଲ୍ଲାପାଳ ମଧୁସୂଦନ ଦାଶ ଉଦ୍‌ଘାଟନ କରିଛନ୍ତି। ଓରମାସ ଓ ହର୍ଷା ଟ୍ରଷ୍ଟର ମିଳିତ ଉଦ୍ୟମରେ ମେସିନକୁ ଉକ୍ତ ଏସଏଚ୍‌ଜିକୁ ଯୋଗାଇ ଦିଆଯାଇଛି। ଓରମାସ ଦ୍ୱାରା ଆୟୋଜିତ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ଓ ଡେପୁଟି ସିଇଓ ବିଦେଶ ଘୋଷ ମଧ୍ୟ ଉପସ୍ଥିତ ଥିଲେ।ଜିଲ୍ଲାପାଳ ନୂଆପଡାର ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକମୁକ୍ତ ଅଭିଯାନକୁ କାର୍ଯ୍ୟକାରୀ କରିବା ଏବଂ ଆହୁରି ସୁଦୃଢ଼ କରିବା ପାଇଁ ଜିଲ୍ଲାର ସମସ୍ତ ପଞ୍ଚାୟତରେ ସମାନ ପରିବେଶ ଅନୁକୂଳ ଲିଫ ପ୍ଲେଟ ଏବଂ କଟଲେରୀ ଶିଳ୍ପ ପ୍ରତିଷ୍ଠା କରିବାର ଯୋଜନା ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନୂଆପଡା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଦୀପ ଚନ୍ଦ୍ରକାର,ଅନୀଲ କୁମାର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

● ଜିଲ୍ଲାସ୍ତରୀୟ ପାଠକ ଦିବସ

## ପାଠକକୁ ସୃଷ୍ଟି ଛୁଇଁଲେ ସ୍ରଷ୍ଟାଙ୍କ ଶ୍ରମ ସାର୍ଥକ ହୋଇଥାଏ

ଭବାନୀପାଟଣା, ୩୧ ।୧(ସମିସ):ପାଠକ ସର୍ବଦା ନିଜ ଅନ୍ତର୍ଦୃଷ୍ଟି ଭିତରେ ଖୋଜେ ଭାବଜଗତରେ ରସପୂର୍ଣ୍ଣ ସୌନ୍ଦର୍ଯ୍ୟବୋଧ। ପାଠକ ନିଷ୍ଠା ଓ ଏକାଗ୍ରତା ସହିତ ନୀରବ ତପସ୍ୱୀ ପାଲଟିବା କାରଣରୁ ସାହିତ୍ୟରେ ପାଠକଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଏ। ପାଠକକୁ ସୃଷ୍ଟି ଛୁଇଁଲେ ସ୍ରଷ୍ଟାଙ୍କ ଶ୍ରମ ସାର୍ଥକ ହୋଇଥାଏ। ପାଠକ ବୋଧଗମ୍ୟ, ସରଳ ଓ ତା'ନିଜ କଥା ଥିବା ସାହିତ୍ୟକୁ ସର୍ବାଧିକ ପସନ୍ଦ କରେ ବୋଲି ସର୍ବଶ୍ରୀ ସବାଖିଆ ସାହିତ୍ୟ ସଂସଦର ଧାରାବାହିକ ୨୨୮ ସଂଖ୍ୟକ ସାରସ୍ୱତ ଆସର ଅବସରରେ ପାଳିତ 'ପାଠକ ଦିବସ'ର ଅତିଥି ଲେଖକଗଣ ମତ ପ୍ରକାଶ କରିଥିଲେ। ଭବାନୀପାଟଣାସ୍ଥ ପ୍ରକୃତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସାରସ୍ୱତ ପର୍ବରେ ସଂସଦ ସମ୍ପାଦକ ବିରଞ୍ଚି ନାରାୟଣ ମୁଣ୍ଡ ପୌରୋହିତ୍ୟ କରିଥିବା ବେଳେ ବରିଷ୍ଠ ସାହିତ୍ୟିକ ଡ. ତପନ କୁମାର ରଥ ଅତିଥି ବକ୍ତା ତଥା ସମ୍ମାନିତ ଆଲୋଚକ ଭାବେ କବି ସ୍ୱର୍ଣ୍ଣକାନ୍ତି ବୈକାର, କବି ସବିତା ଶତପଥୀ, ହାସ୍ୟ କବି ଆନନ୍ଦିନୀ ପାତ୍ର, ଗାଳ୍ପିକା ଦୀପ୍ତି ମୁଣ୍ଡ, କବି ସଂଜୀବ ପଣ୍ଡା ଓ କବି କିଶୋର ମହାନନ୍ଦ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସର୍ବଶ୍ରୀ ପାଠକ ସମ୍ମାନ-୨୫ରେ ସମ୍ମାନିତ କେଦାରନାଥ ମିଶ୍ରଙ୍କୁ ତାଙ୍କ ଅବର୍ତ୍ତମାନରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଶିଳ୍ପୀ ଲଙ୍କେଶ୍ୱରୀ ନାଏକ ପ୍ରାରମ୍ଭିକ ଗୀତ ପରିବେଷଣ କରିଥିଲେ। ପ୍ରକାଶ ଥାଉକି, ଲବ୍ଧପ୍ରତିଷ୍ଠ ପାଠକ ସୁରେଶ ଚନ୍ଦ୍ର ନେଗୀ ଓଡ଼ିଆ, ଇଂରାଜୀ, ବଙ୍ଗଳା, ହିନ୍ଦୀ ଆଦି ଭାଷାର ପୁସ୍ତକ କ୍ରୟ କରି ପଠନ କରିବା ସହ ସମ୍ପୃକ୍ତ ଲେଖକଙ୍କୁ ଫୋନ କରୁଥିଲେ। ଜଣେ ବିଦଗ୍ଧ ପାଠକ ଭାବେ ଲେଖକ ମହଲରେ ସେ ଖୁବ ପରିଚିତ ଥିଲେ। ପାଠକମାନଙ୍କ ସମ୍ମାନ ପାଇଁ ପ୍ରତିବର୍ଷ ସ୍ୱର୍ଗତ ନେଗୀଙ୍କ ତିରୋଧାନ ଦିନ ଜାନୁଆରୀ ୩୦କୁ ପାଠକ ଦିବସ ଭାବେ ପାଳନ କରାଯାଉଛି। ଛାତ୍ର ସନନ୍ତ ମାଝୀ ପୁସ୍ତକ ପଢିବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରତାପ ଚନ୍ଦ୍ର ପଣ୍ଡା ପରିଚାଳନା କରିଥିବା ବେଳେ ଅଧ୍ୟାପକ ପ୍ରସନ୍ନ ଶବର ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ ସାହୁ ସହଯୋଗ କରିଥିବା ବେଳେ ଛାତ୍ରଛାତ୍ରୀ ଓ ଅଧ୍ୟାପକ 'ଆପଣ ବର୍ତ୍ତମାନ କେଉଁ ପୁସ୍ତକ ପଢୁଛନ୍ତି' ବୋଲି କଥା ଆରମ୍ଭ କରିବା ପାଇଁ ଶପଥ ନେଇଥିଲେ। ବନ୍ଦେ ମାତରମ୍ ଗାନ ସହ ସଭା ସାଂଗ ହୋଇଥିଲା।

## କୁଟୁରୁରେ ଭିମା ଦେବଙ୍କ ବାଲିଯାତ୍ରା ମହୋତ୍ସବ

କୋକସରା,୩୧ ।୧(ସମିସ): କୋକସରା ବ୍ଲକ୍ ଆମପାଣି ପଞ୍ଚାୟତର କୁଟୁରୁଗ୍ରାମରେ ଚାଲିଥିବା ଅଣ୍ଡିରା ଭିମା ଦେବଙ୍କ ବାଲିଯାତ୍ରା ମହୋତ୍ସବ ଉଦ୍‌ଯାପିତ ହୋଇଛି। ଶନିବାର ବାଲିଯାତ୍ରାର ଉଦଯାପନୀ ଉତ୍ସବ ରହିଥିବା ବେଳେ ବାଲିଗୁଡି ନିକଟରୁ ଲାଠିଯାତ୍ରା ବାହାରି ଠାକୁରାଣୀ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଯଥା ମାନ୍ୟତା ପୂଜାବିଧି ପରେ ସନ୍ଧ୍ୟାରେ ବଳି ପ୍ରଥା ରହିଥିଲା। ପୁଝାରୀ ଜଗନ୍ନାଥ ପୁଝାରୀ ବଳି କାର୍ଯ୍ୟ ସମ୍ପାଦନ କରିଥିଲେ।୯ ଦିନ ଧରି ଗୁରୁମେ ମାଝୀ ମାଝୀ ପୂଜାର୍ଚ୍ଚନା ସମ୍ପନ୍ନ କରିବା ସହ କାଳିଶୀ ଚଢ଼ିଥିବା ଲୋକଙ୍କ ମଧ୍ୟରେ ଭିମାଦେବ ସହିତ ବିଭିନ୍ନ ଦେବାଦେବୀଙ୍କୁ ଚିହ୍ନଟ କରିଥିଲେ। ଉଦଯାପନୀ ଅବସରରେ ଧର୍ମଗଡ଼ ବିଧାୟକ ସୁଧୀର ପାଟଯୋଷୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମାଜସେବୀ ଜିତେନ୍ଦ୍ର ପଣ୍ଡା, ଆମପାଣି ଗୋଣ୍ଟିଆ ରୁତୁରାଜ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଧାୟକ ଶ୍ରୀ ପାଟଯୋଷୀ ଲୋକଙ୍କ ମଙ୍ଗଳ କାମନା କରିଥିଲେ। ଏଥିସହ ଲୋକେ ରାସ୍ତା, ପାନୀୟ ଜଳ, ବିଦ୍ୟୁତ୍ ଭଳି ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକଙ୍କୁ ଅବଗତ କରି ଶିଘ୍ର ସମାଧାନ କରିବା ପାଇଁ କହିଥିଲେ। ଗାଁରେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ରହିଥିବା ବେଳେ ଅପଗ୍ରେଡ କରିବା ପାଇଁ ଦୃଷ୍ଟି ଦିଆଯିବ ବୋଲି ମଧ କହିଥିଲେ। ବିଧାୟକଙ୍କ ସହି ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, କୋକସରା ମଣ୍ଡଳ ସଭାପତି ବସନ୍ତ ନାଗ, ପୂର୍ବତନ ଆମପାଣି ମଣ୍ଡଳ ସଭାପତି ଅର୍ଜୁନ ଭାଟି, ପୂର୍ବତନ ମଣ୍ଡଳ ଉପସଭାପତି ଚକ୍ରଧର ବେଶ୍ରା, ପୂର୍ବତନ ସାଧାରଣ ସମ୍ପାଦକ ସନ୍ତୋଷ ମାଝୀ,ଆମପାଣି ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ତ୍ରୈଲୋକ୍ୟ ବେଶ୍ରା, ବୈଷ୍ଣବ ମାଝୀ, ପାରେଶ୍ୱର ପୁଝାରୀ, ପୂର୍ବତନ ସରପଞ୍ଚ ସୁବାଷ ନାଏକ, ଧରୀତ୍ରି ବାଗ, ସାଧାରଣ ସମ୍ପାଦକ ତୁଳାରାମ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ନାଟକ ପରିବେଷଣ ହୋଇଥିଲା। ବାଲିଯାତ୍ରା କମିଟିର ସଭାପତି ଉଚ୍ଚବ ଠାକୁର, ସମ୍ପାଦକ ଧନୁର୍ଜୟ ପୁଝାରୀ, କୋଷାଧ୍ୟକ୍ଷ ଗଗନେଶ୍ୱର ଠାକୁର, ସଦନ ମାଝି, ବିଳୀ ମାଝୀ, ତ୍ରିନାଥ ମାଝୀ, ଅଭି ମାଝୀ ସମେତ ଲେଖାଆମ, ଗିର୍ଲିମାଲ, ବାଗଝରନ, ସର୍ଗିପାନୀ ଆଦି ଗ୍ରାମବାସୀ ସହଯୋଗ କରିଥିଲେ।



### ମଶାଣି ଓ ବିଦ୍ୟାଳୟ ଜମି ଜବରଦଖଲ

# କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ ଚେତାବନୀ

ଥୁଆମୂଳରାମପୁର,୩୧ ।୧(ସମିସ)



ଗାଁର ମଶାଣି ଜମି ଏବଂ ବିଦ୍ୟାଳୟ ପାଇଁ ଉଦ୍ଦିଷ୍ଟ ସରକାରୀ ଜମିକୁ ବ୍ୟକ୍ତିଗତ ଭାବେ ଜବରଦଖଲ କରିଥିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ୍ କାଣିଗୁମା ପଞ୍ଚାୟତର ତାରା ଗାଁର ସରକାରୀ ଜମି ଜବରଦଖଲ ଗମ୍ଭୀର ବିଷୟ ହୋଇଛି। ସୂଚନା ଅନୁଯାୟୀ, ଉକ୍ତ ସରକାରୀ ଜମି ଦୀର୍ଘଦିନ ଧରି ସାର୍ବଜନୀନ ଉଦ୍ଦେଶ୍ୟରେ ରହିଥିବା ବେଳେ ଅସାମାଜିକ ତତ୍ତ୍ୱ ସରକାରୀ ଜମିକୁ ବେଆଇନ ଭାବେ ନିଜ କବ୍ଜାରେ ଜବରଦଖଲ କରି ରଖିଛନ୍ତି। ଗ୍ରାମବାସୀ ଜବରଦଖଲକାରୀଙ୍କ ବିରୋଧରେ ଥୁଆମୂଳ ରାମପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଜବରଦଖଲକାରୀ ବ୍ୟକ୍ତି ଜଣକ ହେଉଛନ୍ତି ପିତମାଣ୍ଡି ଗ୍ରାମର ହରିଶ୍ଚନ୍ଦ୍ର ନାଏକ। ସେ କେବଳ ସରକାରୀ ଜମି ନୁହଁ ଗ୍ରାମର କିଛି ଗରିବ ନିରୀହଲୋକଙ୍କ ଜମିକୁ ମଧ୍ୟ ନିଜ କବ୍ଜାରେ ରଖିଛନ୍ତି। ଏହାକୁ ଛାଡିବାକୁ କହିଲେ ଧାରୁଆ ଅସ୍ତ୍ର ଧରି ମାରିବାକୁ ଉଦ୍ୟକ୍ତ ହେଉଥିବା ଭଳି ଅଭିଯୋଗ ଆଣିଛନ୍ତି। ପୁଲିସ ପ୍ରଶାସନ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନେଉନଥିବା ଅଭିଯୋଗ ଆଣି ଶୁକ୍ରବାର ଗ୍ରାମବାସୀ ଥୁଆମୂଳରାମପୁର ଥାନାରେ ପହଞ୍ଚି ଥାନା ଫାଟକରେ ପ୍ରତିବାଦ କରିବା ସହିତ ସମାଧାନ ପାଇଁ ସ୍ଥାନୀୟ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଥିଲେ। ଜବରଦଖଲ ତୁରନ୍ତ ହଟାଇବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି କରିଛନ୍ତି। ଗ୍ରାମବାସୀମାନେ କହିଛନ୍ତି ଯେ, ମଶାଣି ଓ ବିଦ୍ୟାଳୟ ଭଳି ସାର୍ବଜନୀନ ସ୍ଥାନ ଗାଁର ସମ୍ମାନ ଓ ଭବିଷ୍ୟତ ସହ ଜଡିତ। ଏପରି ଜମି ଜବରଦଖଲ କେବେ ବି ସହ୍ୟ କରାଯିବ ନାହିଁ। ପ୍ରଶାସନ ଶୀଘ୍ର ତଦନ୍ତ କରି ଯଥୋଚିତ ପଦକ୍ଷେପ ନେବ ବୋଲି ଆଶା ପ୍ରକାଶ କରିଛନ୍ତି।

# ଗଣତନ୍ତ୍ର ଦିବସରେ ରାଜ ଅତିଥି ହେଲେ ବଣାଇଁ ଅଙ୍ଗନବାଡ଼ି ଦିଦି



**ବଣାଇଁ, ୩୧ ।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା ବଣାଇଁଗଡ଼ ବ୍ଲକ ଅଧୀନ ବଣାଇଁଗଡ଼ ପଞ୍ଚାୟତର ଜେଲପଡ଼ାର ଅଙ୍ଗନବାଡ଼ି କର୍ମୀ ଝରଣା ବେହେରା ସାଧାରଣତନ୍ତ୍ର ଦିବସରେ ଦିଲ୍ଲୀ କର୍ତ୍ତବ୍ୟ ପଥରେ ରାଜଅତିଥି ଭାବେ ଯୋଗ ଦେଇଥିଲେ। ଏହା ସହିତ ୭୭ତମ ଗଣତନ୍ତ୍ର ଦିବସ -୨୦୨୬ ପାଳନ ଅବସରରେ, ନୂଆଦିଲ୍ଲୀର ହୋଟେଲ ଅଶୋକାଠାରେ ଭାରତ ସରକାର, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ (କ୍ୟାବିନେଟ୍) ଅନ୍ନପୂର୍ଣ୍ଣା ଦେବୀ, ମନ୍ତ୍ରୀ (ରାଜ୍ୟ) ସାବିତ୍ରୀ ଠାକୁର ଏବଂ ଓ ବିଭାଗୀୟ ସଚିବ ଅନୀଲ ମଲ୍ଲିକଙ୍କ ଉପସ୍ଥିତିରେ ଓଡ଼ିଶାର ସ୍ୱତନ୍ତ୍ର ଅତିଥି ଭାବରେ ଯୋଗଦେଇଥିବା ମାଲକାନଗିରି, ନୂଆପଡ଼ା, କନ୍ଧମାଳ, ସୁନ୍ଦରଗଡ଼ ଏବଂ ବାଲେଶ୍ୱର ଜିଲ୍ଲାର ଅଙ୍ଗନବାଡ଼ି କର୍ମୀମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହାପରେ ସମସ୍ତେ ଜନପଥ ଠାରେ ଆୟୋଜିତ ଭବ୍ୟ ସମାରୋହରେ ଯୋଗ ଦେଇଥିଲେ। ସୁନ୍ଦରଗଡ଼ ଜିଲ୍ଲାରୁ ଜଣେ ମାତ୍ର କର୍ମୀ ଦିଲ୍ଲୀ ଯାଇଥିବାରୁ କର୍ମୀମାନଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି।

# ଗୋ-ଚାଲାଣ ଯାନକୁ ଗୋଡ଼ାଇ ଗୋଡ଼ାଇ ଧରିଲେ ବଜରଙ୍ଗଦଳ କର୍ମୀ

**ରାଉରକେଲା, ୩୧।୧(ସମିସ) :** ସୁନ୍ଦରଗଡ଼ ଜିଲ୍ଲାର ମସନିକାନି ଟୋଲ ପ୍ଲାଜାର ଗେଟ୍ ଭାଙ୍ଗି ଝାରସୁଗୁଡା ପଟରୁ ଗୋରୁ ନେଇ ଦ୍ରୁତ ଗତିରେ ଆସୁଥିବା ଏକ ଭ୍ୟାନ୍‌କୁ ୨୦ କିଲୋମିଟର ପିଛା କରି ବଜରଙ୍ଗଦଳ ସଦସ୍ୟମାନେ କରମଡିହ - ସବଡେଗା ରାସ୍ତାରେ ଅଟକାଇ ସଦର ପୁଲିସ ଜିମାରେ ଦେଇଛନ୍ତି। ଭ୍ୟାନ ଚାଳକ ଫେରାର ହୋଇଯାଇଥିବାବେଳେ ଗୋରୁ ଚାଲାଣକାରୀକୁ ବଜରଙ୍ଗଦଳ ସଦସ୍ୟମାନେ କାବୁ କରିଥିଲେ। ଗାଡ଼ିରୁ ୨୫ଟି ଗାଇ ଓ ବଳଦକୁ ଉଦ୍ଧାର କରାଯାଇଥିଲା। ସଦରଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୋରୁ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଥିଲେ।

# ସରସ୍ୱତୀ ଦେବୀ ମହିଳା କଲେଜରେ ଆତ୍ମରକ୍ଷା ପ୍ରଶିକ୍ଷଣ



**ରାଉରକେଲା, ୩୧।୧(ସମିସ):** ରାଜଗାଙ୍ଗପୁରସ୍ଥିତ ସରସ୍ୱତୀ ଦେବୀ ମହିଳା ମହାବିଦ୍ୟାଳୟରେ ଆଜି ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହ ଆୟୋଜିତ ହୋଇଥିଲା। ଏଥିରେ ଛାତ୍ରୀମାନଙ୍କ ସହ ଶିକ୍ଷକ ଶିକ୍ଷୟିତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅଶୋକ କୁମାର ବେଉରା ଉପସ୍ଥିତ ଥିଲେ। ଆଇକ୍ୟୁଏସି ସଂଯୋଜକ ସପନ କୁମାର ପାଣ୍ଡା କୌଶଳଭିତ୍ତିକ କାର୍ଯ୍ୟକ୍ରମଗୁଡ଼ିକ ଛାତ୍ରୀମାନଙ୍କର ସାମଗ୍ର ବିକାଶରେ କେତେଟା ଗୁରୁତ୍ୱପୂର୍ଣ୍ଣ ତଥ୍ୟଗୁଡ଼ିକୁ କହାଣୀ ମାଧ୍ୟମରେ ଓ ଛାତ୍ରୀମାନଙ୍କ ଜୀବନର ବିଭିନ୍ନ ଉଦାହରଣ ଦେଇ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆମନ୍ତ୍ରିତ ଅତିଥି ବିପିନ ଚୌଧୁରୀ ଉପସ୍ଥିତ ଥିଲେ। ଶିବିରର ସଂଯୋଜିକା ସସ୍ମିତା ଦଣ୍ଡସେନା ପରିଚାଳନା କରିଥିଲେ।

**ମୁକ-ବଧିର ନାବାଳିକାକୁ ଗର୍ଭବତୀ ମାମଲା**

# ଅଭିଯୁକ୍ତକୁ ୧୦ ବର୍ଷ କାରାଦଣ୍ଡ; ୨୦ ହଜାର ଜରିମାନା



**ରାଉରକେଲା, ୩୧।୧(ସମିସ):** ଜଣେ ମୁକ-ବଧିର ନାବାଳିକାକୁ ଗର୍ଭବତୀ କରିବା ମାମଲାର ବିଚାର କରି ସୁନ୍ଦରଗଡ଼ ସ୍ୱତନ୍ତ୍ର ପକ୍ସୋ କୋର୍ଟର ବିଚାରପତି ଜ୍ଞାନ ରଞ୍ଜନ ପଟ୍ଟନାୟକ ଜଣେ ଭିନ୍ନକ୍ଷମ ଯୁବକକୁ ୧୦ ବର୍ଷ ଶଶ୍ରମ କାରାଦଣ୍ଡ ସହ ୨୦ ହଜାର ଜରିମାନା ଓ ଜରିମାନା ଅର୍ଥ ଅନାଦେୟ ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବା ପାଇ ରାୟ ପ୍ରକାଶ କରିଛନ୍ତି। ମୋଟ ୨୪ ଜଣଙ୍କ ସାକ୍ଷ୍ୟ ଗ୍ରହଣ ପରେ ଆଜି ଏହି ରାୟ ପ୍ରକାଶ ପାଇଛି। ଏହାସହ ପୀଡ଼ିତାକୁ କ୍ଷତିପୂରଣ ଆକାରରେ ୭ ଲକ୍ଷ ଟଙ୍କା ଦେବା ପାଇଁ ଡିଏଲସିସିକୁ ବିଚାରପତି ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

କୁତ୍ରା ଥାନା ଅଧୀନରେ ରବିନସନ ନାମକ ଜଣେ ଯୁବକ ଏକ ସଡ଼କ ଦୁର୍ଘଟଣାରେ ଏକ ଗୋଡ଼ ହରାଇ ଆଶା ବାଡି ଧରି ଗାଁରେ ରହୁଥିଲା। ରବିନସନ ପୀଡ଼ିତାଙ୍କ ଘରକୁ ଯିବା ଆସିବା କରନ୍ତି। ଗ୍ରାମର ଆଙ୍ଗନବାଡ଼ି କର୍ମୀ କୁଆଁରୀ ଲୁଗୁନ ଓ ଡାହିଜିରା ଗ୍ରାମର ଅଙ୍ଗନବାଡ଼ି କର୍ମୀଙ୍କ ଅଭିଯୋଗ କ୍ରମେ କୁତ୍ରା ଥାନା ପୁଲିସ ଏକ ଦୁଷ୍କର୍ମ ମାମଲା ରୁଜୁ କରି ଅଭିଯୁକ୍ତ ରବିନସନ ଓରଫ ରବିନ ଗୁଡିଆକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏହି ମାମାଲାକୁ ପକ୍ସୋ କୋର୍ଟର ସରକାରୀ ଓକିଲ ପ୍ରଭାତ କୁମାର ନନ୍ଦ ପରିଚାଳନା କରୁଥିଲେ।

**ବଣାଇଁରେ ବର୍ଜ୍ୟବସ୍ତୁ ପରିଚାଳନା ଦିଗହରା**

# ଖୋଲାମେଲାରେ ପଡୁଛି ଅଳିଆ

**ବଣାଇଁ, ୩୧ ।୧(ସମିସ)**



ବଣାଇଁ ସହରରୁ ପ୍ରତ୍ୟେକ ଦିନ ସଂଗ୍ରହ କରାଯାଉଥିବା କୁଡ଼କୁଡ଼ ଅଳିଆ ଆବର୍ଜନାକୁ ନେଇ ଶୁଣ୍ଠିକୋଣ ନିକଟରେ ପକାଇ ଦିଆଯାଉଛି। କିନ୍ତୁ କିଛିବର୍ଷ ପୂର୍ବରୁ ଆବର୍ଜନା ପକାଇବାକୁ ନିର୍ମାଣ କରାଯାଇଥିବା ପୋଖରୀ ଚତୁଃପାଶ୍ୱର୍ରେ ଦିଆଯାଇଥିବା ବାଡ ଓ ଫାଟକ ଦୀର୍ଘ ଦିନ ହେବ ଭାଙ୍ଗି ଯାଇଛି। ଯାହାଫଳରେ ଅଳିଆ ଆବର୍ଜନା ପଡ଼ିଥିବା ସ୍ଥାନଟି ଏବେ ଖୋଲାମେଲା ଭାବେ ପଡ଼ି ରହିଛି। ଫଳରେ ନିକଟସ୍ଥବସ୍ତିର ଗାଇଗୋରୁ ଖାଦ୍ୟ ପାଇବା ଆଶାରେ ସେଠାରେ ରୁଣ୍ଡ ହୋଇ ଅଳିଆ ଆବର୍ଜନାକୁ ଛିନଭିନ କରୁଛନ୍ତି। ଅନେକ ସମୟରେ ଖାଦ୍ୟ ସହ ପଲିଥିନ ଖାଇ ଦେବାରୁ ବସ୍ତିର ଅନେକଙ୍କ ଗୋରୁଗାଇ ମୃତ୍ୟୁବରଣ କରିଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଲୋକେ। ଅଳିଆ ଆବର୍ଜନା ଏଣେ ତେଣେ ପବନରେ ଉଡ଼ି ରାସ୍ତା ଏବଂ ଘର ନିକଟକୁ ଚାଲି ଆସିବା ସହ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଯାହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ସ୍ଥାନୀୟ ଲୋକେ। ବଣାଇଁ ସହରର ବିଭିନ୍ନ ସ୍ଥାନରୁ ଯେଉଁ କୁଡ଼କୁଡ଼ ବର୍ଜ୍ୟବସ୍ତୁ ସଂଗ୍ରହ ହେଉଛି ତାହାର ସଠିକ ସୁପରିଚାଳନା ହେଉ ନ ଥିବା ଅଭିଯୋଗ ହେଉଛି। ସେଇ ରାସ୍ତାରେ ଜଙ୍ଗଲ ବିଭାଗ ଭାଗ ନର୍ସରୀ, ଡାକବଙ୍ଗଳା, ବାଲିଘାଟ ତଥା ବ୍ରାହ୍ମଣୀ ନଦୀକୁ ଗାଧୋଇବାକୁ ଗଲାବେଳେ ଦୁର୍ଗନ୍ଧରେ ଜନସାଧାରଣଙ୍କ ନାକ ପାଟି ପଡୁଛି। ଏଥିପାଇଁ ବର୍ଜ୍ୟବସ୍ତୁ ପରିଚାଳନା ଦିଗରେ ସ୍ଥାନୀୟ ପ୍ରଶାସନ

**ପଲିଥିନ ଖାଇ ଗାଇ ଗୋରୁଙ୍କ ମୃତ୍ୟୁ ହେଉଥିବା ଅଭିଯୋଗ**

ଯତ୍ନବାନ ହେବା ଜରୁରୀ ହୋଇପଡ଼ିଛି। ତେଣୁ ଏହି ପ୍ରକଳ୍ପର ଚାରିପାଖରେ ପୂନର୍ବାର ତାର ବାଡ଼ ସହିତ ତୁରନ୍ତ ଏକ ଫାଟକ ନିର୍ମାଣ କରିବା ପାଇଁ ଶୁଣ୍ଠିକୋଣର ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ରମ୍ୟରଞ୍ଜନ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ଖୁବଶୀଘ୍ର ଏନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଆର୍‌ଏସ୍‌ପିର ଆରଏମ୍‌ଏଚ୍‌ପି ବିଭାଗରେ କୋକ୍ ଅଭାବ ଦୂର



**ରାଉରକେଲା, ୩୧ ।୧(ସମିସ):** ରାଉରକେଲା ଇସ୍ପାତ କାରଖାନାର କଞ୍ଚାମାଲ ପରିଚାଳନା ବିଭାଗ (ଆରଏମଏଚପି)ରେ କୋକ୍ ନିଷ୍କାସନକୁ ସହଜ କରିବା ପାଇଁ ମରାମତି ଏବଂ ନିର୍ମାଣ (ଯାନ୍ତ୍ରିକ) ବିଭାଗର ଏକ ଉଦ୍ୟମୀ ଦଳ ଦ୍ୱାରା ପୁରୁଣା ରିଫ୍ରାକ୍ଟ୍ରାକ୍ଟରୀ ସାଇଟ୍ ପିଟ୍‌ରୁ ପ୍ରାୟ ୭୨ ନିୟୁତ ଲିଟର ପାଣି ନିଷ୍କାସନ ସହିତ ଏକ ବିଶାଳ ଡିୱାଟରିଂ ଅପରେସନ୍ ସଫଳତାର ସହ ସମ୍ପାଦିତ ହୋଇଥିଲା। ବେସ୍ ମିଶ୍ରଣ ପ୍ରସ୍ତୁତି ପାଇଁ ଆବଶ୍ୟକ ନଟ୍ କୋକ୍ ଅଭାବକୁ ସମାଧାନ କରିବାରେ ଏହି ପଦକ୍ଷେପ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। କାର୍ଯ୍ୟକୁ କଡ଼ା ନଜର ରଖିବା ପାଇଁ ଦିବାରାତ୍ର କର୍ମଚାରୀ ନିୟୋଜିତ କରାଯାଇଥିଲା। ଜଳସ୍ତର ହ୍ରାସ ପାଇବା ଏବଂ ବାୟୁ ଶୋଷଣ ଆରମ୍ଭ ହେବା ସହିତ, ନିରବଚ୍ଛିନ୍ନ ପମ୍ପିଂ ସୁନିଶ୍ଚିତ କରିବା ପାଇଁ ଏଫଏମଏମର ସହାୟତାରେ ସର୍ବନିମ୍ନ ସ୍ଥାନରେ ଏକ ସମ୍ପ୍ ପିଟ୍ ଉପଲବ୍ଧ କରାଯାଇଥିଲା। ନିରନ୍ତର ଏବଂ ସମନ୍ୱିତ ପ୍ରୟାସ ମାଧ୍ୟମରେ, ସଂଗୃହିତ ଜଳକୁ ଘଣ୍ଟା ପ୍ରତି ହାରାହାରି ୪୫୦ ଘନ ମିଟର ହାରରେ ଖାଲି କରାଯାଇଥିଲା, ଯାହା ପରେ ଏଫଏମଏମ କୁ ଉତ୍ତୋଳନ ପାଇଁ ସ୍ଥାନ କ୍ଲିୟରାନ୍ସ ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ସମୟରେ, ଏଫ୍ଏମ୍ଏମ୍ ସଫଳତାର ସହ ପ୍ରାୟ ୧୪୦୦୦ ଟନ୍ କୋକ୍ ନିଷ୍କାସନ କରିଥିଲା, ଯାହା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଏବଂ ପ୍ଲାଣ୍ଟର କାର୍ଯ୍ୟକ୍ଷମ ଆବଶ୍ୟକତା ପୂରଣ କରିବାରେ ଯଥେଷ୍ଟ ଅବଦାନ ରଖିଥିଲା।

# ଆର୍‌ଏସ୍‌ପି ପକ୍ଷରୁ ସଡ଼କ ସୁରକ୍ଷା ଅଭିଯାନ




**ରାଉରକେଲା, ୩୧ ।୧(ସମିସ):** ରାଉରକେଲା ଇସ୍ପାତ କାରଖାନାର ଟାଉନ୍ ଇଞ୍ଜିନିୟରିଂ, ଉଦ୍ୟାନକୃଷି, ସହର ସେବା, କ୍ରୀଡ଼ା, ସିଏସ୍ଆର୍, ଚିକିତ୍ସା ଏବଂ ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ଦ୍ୱାରା ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଏକ ବିଶାଳ ସଚେତନତା ଅଭିଯାନ ଆୟୋଜନ କରାଯାଇଥିଲା। ସେକ୍ଟର-୨୧ ସ୍ଥିତ ଟ୍ରାଫିକ୍ ଛକରେ ଅନୁଷ୍ଠିତ ଏହି ଅଭିଯାନରେ ବିଭିନ୍ନ ବିଭାଗରୁ ୨୦୦ରୁ ଊର୍ଦ୍ଧ୍ୱ ଅଧିକାରୀ, କର୍ମଚାରୀ, ଠିକା ଶ୍ରମିକ, ସୁରକ୍ଷା କର୍ମୀ ଏବଂ ନର୍ସିଂ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ସହର ଇଞ୍ଜିନିୟରିଂ ଏବଂ ଉଦ୍ୟାନକୃଷି ବିଭଗର ସିଜିଏମ୍ ବି. କେ. ଜୋଜୋ ଓ ସୁରକ୍ଷା ଏବଂ ଅଗ୍ନିଶମ ବିଭାଗର ସିଜିଏମ ହିରାଲାଲ ମହାପାତ୍ର ଏହି ଅଭିଯାନର ନେତୃତ୍ୱ ନେଇଥିଲେ। ଏହି ଅଭିଯାନରେ ସୁରକ୍ଷା ବିଭାଗର ଜିଏମ୍ ଅବକାଶ ବେହେରା, ସହର ଇଞ୍ଜିନିୟରିଂ ସିଭିଲ ବିଭାଗର ଜିଏମ ଶ୍ରୀନାଥ ନାୟକ, ସହର ଇଞ୍ଜିନିୟରିଂ ବିଦ୍ୟୁତ ବିଭାଗର ଜିଏମ ଏମ୍ଏ ସିଦ୍ଦିକି, ସିଏସ୍ଆର୍ ବିଭାଗର ଜିଏମ୍ ଇନ୍‌ଚାର୍ଜ ମୁନମୁନ ମିତ୍ର, ଟାଉନ ଇଞ୍ଜିନିୟରିଂ ବିଭାଗର ଜିଏମ୍ ହର ପ୍ରସାଦ ପଟ୍ଟନାୟକ, ଉଦ୍ୟାନକୃଷି ବିଭାଗର ଡ. ଅଭିଜିତ ବିଶ୍ୱାସ ଏବଂ ସିଏସ୍ଆର୍ ବିଭାଗର ଜିଏମ୍ ବିଭାବସୁ ମଲ୍ଲିକଙ୍କ ସହ ସମ୍ପୃକ୍ତ ବିଭାଗର ବହୁ ବରିଷ୍ଠ ଅଧିକାରୀମାନେ ଏହି ଅଭିଯାନରେ ଅଂଶଗ୍ରହଣ କରିଥିଲେ। ଗାଡ଼ି ଚଲାଇବା ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର ଏଡାଇବା, ଅସୁରକ୍ଷିତ ଓଭରଟେକିଂରୁ ନିବୃତ୍ତ ରହିବା, ଟ୍ରାଫିକ୍ ସିଗନାଲ ପାଳନ କରିବା, ବିପଦପୂର୍ଣ୍ଣ ଗାଡ଼ି ଚାଳନା ଅଭ୍ୟାସରୁ ଦୂରେଇ ରହିବା ଏବଂ ଗତି ସୀମା ବଜାୟ ରଖିବା ଭଳି ଅତ୍ୟାବଶ୍ୟକ ଦିଗଗୁଡ଼ିକୁ ଆଲୋକପାତ କରାଯାଇଥିଲା।

# ନାବାଳିକାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ରାଉରକେଲା, ୩୧।୧(ସମିସ):** ଘରେ କେହି ନ ଥିବାର ସୁଯୋଗ ନେଇ ନାବାଳିକାଙ୍କୁ ଦୁର୍ବ୍ୟବହାର ହୋଇଥିବା ବନ୍ଧମୁଣ୍ଡା ଥାନାରେ ଅଭିଯୋଗ ହୋଇଛି। ପୁଲିସ ଅଭିଯୁକ୍ତକୁ ଅଟକ ରଖି ପଚରାଉଚରା ଚଳାଇ ଥିବା ସୂଚନା ମିଳିଛି। ଶନିବାର ଅପରାହ୍ନରେ ଥାନାଞ୍ଚଳର ନାବାଳିକା ସ୍କୁଲରୁ ଘରକୁ ଫେରିଥିଲେ। ତେବେ ଘରେ ସେ ଏକୁଟିଆ ଥିଲେ। ୫୨ ବର୍ଷୀୟ ବ୍ୟକ୍ତିଜଣକ ତାଙ୍କ ଘରେ ପହଞ୍ଚି ଏକୁଟିଆର ସୁଯୋଗ ନେଇ ଦୁର୍ବ୍ୟବହାର କରିଥିଲେ। ନାବାଳିକାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଉଦ୍ଧାର କରିଥିବା ବେଳେ ସେ ଦୌଡ଼ି ଫେରାର ହୋଇଯାଇଥିଲା। ପରିବାର ସଦସ୍ୟ ଘରକୁ ଫେରିବା ପରେ ଘଟଣା ସମ୍ପର୍କରେ ଜାଣିବା ପରେ ପୁଲିସ ନିକଟରେ ଅଭିଯୋଗ କରିଥିଲେ।

# ଷୋହଳ ପ୍ରହର ନାମଯଜ୍ଞ ସଂକୀର୍ତ୍ତନ ଉଦ୍‌ଯାପିତ

**ବଣାଇଁ, ୩୧ ।୧(ସମିସ):** ବଣାଇଁ ସହରସ୍ଥିତ ତେଲିସାହିର ଗୋପାଳଜୀଉ ମନ୍ଦିର ପ୍ରାଙ୍ଗଣରେ ଥିବା ମଣ୍ଡପରେ ଆୟୋଜିତ ଷୋହଳପ୍ରହର ନାମଯଜ୍ଞ ସଂକୀର୍ତ୍ତନ ଆଜି ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଳସ ଶୋଭାଯାତ୍ରାରେ ଜଳ ଅଣାଯାଇ ଯଜ୍ଞମଣ୍ଡପରେ ସ୍ଥାପନା କରାଯିବା ସହିତ ଅଧିବାସ କରାଯାଇଥିଲା। ଗୁରୁବାର ସକାଳୁ ହରିନାମ ଆରମ୍ଭ ହୋଇ ୪୮ ଘଣ୍ଟା ଅହୋରାତ୍ର ନାମ ସଂକୀର୍ତ୍ତନ ହୋଇଥିଲା। ଏଥିରେ କୁଚିଣ୍ଡା, ବେଲଡିହି, ଗୋବିନ୍ଦପୁର, ଗମଲେଇ, ଜମକେଇ, ଶିବଶକ୍ତି, ସିନ୍ଦୁର କଳା, ଲଲେଇ, ବ୍ରାହ୍ମଣ ଗାଁ, ବଡ଼ଗାଁ, ସାନ ଗୋଗୁଆ, ଇତ୍ୟାଦି ଗ୍ରାମରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀ ସାମିଲ ହୋଇଥିଲେ। ହରିନାମ ଗାନ କରିଥିଲେ। ଏହି ଅବସରରେ ନାମ ଯଜ୍ଞରେ ସାମିଲ ହୋଇଥିବା ସମସ୍ତ ଭକ୍ତ ମାନଙ୍କ ନିମନ୍ତେ ଅନ୍ନ ଭୋଗର ବ୍ୟବସ୍ଥା କରାଯାଇଥିଲା।

# ଜିଲ୍ଲାସ୍ତରୀୟ ଜୁନିୟର ରେଡ୍‌କ୍ରସ ଶିବିର




**ରାଉରକେଲା, ୩୧।୧(ସମିସ):** ସୁନ୍ଦରଗଡ଼ ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲିଥିବା ତିନି ଦିନିଆ ଜିଲ୍ଲାସ୍ତରୀୟ ଜୁନିୟର ରେଡକ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲା ଶିକ୍ଷାଧିକାରୀ ଡ. ମୁରଲୀଧର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ମାନବିକତା, ସେବାଭାବ ଓ ସାମାଜିକ ଦାୟିତ୍ୱବୋଧ ଗଢ଼ି ଉଠାଇବାରେ ରେଡକ୍ରସର ଭୂମିକା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଡିପିଇଓ ଅଜୟ କୁମାର ପ୍ରଧାନ, ଅନୁଷ୍ଠାନର ପ୍ରଧାନଶିକ୍ଷକ ଅଶ୍ୱିନୀ କୁମାର ପଟେଲ, ଜେଆରସିଓ ଅନୀଲ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଜିଲ୍ଲା ଯୁଗ୍ମ ସମ୍ପାଦକ ତଥା ରାଜ୍ୟ ସାଧନକର୍ମୀ ଡ. ବିଭୀଷଣ ବାରିକ ପରିଚାଳନା କରିଥିଲେ। ଆୟୋଜିତ ଏହି ତିନିଦିନିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିରରେ ଛାତ୍ରଛାତ୍ରୀମାନଙ୍କୁ ରେଡ୍‌କ୍ରସ ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଓ ତାଲିମ ପ୍ରଦାନ କରାଯିବା ସହ ପ୍ରାଥମିକ ଚିକିତ୍ସା, ଏଚ୍ଆଇଭି/ଏଡସ୍ ସଚେତନତା, ରୋଡ୍‌ସେଫ୍ଟି, ବିପର୍ଯ୍ୟୟ ପରିଚାଳନା ଭଳି ବିଷୟରେ ବିସ୍ତୃତ ପ୍ରଶିକ୍ଷଣ ଦିଆଯାଇ ଥିଲା।

# ରକ୍ତଦାନ ଶିବିର: ୫୧ ୟୁନିଟ୍ ସଂଗ୍ରହ



**ରାଉରକେଲା, ୩୧।୧(ସମିସ):** ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଆଜି ମସ୍ନିକାନି ଟୋଲଗେଟ୍ ଠାରେ ସେକୁରା ସମ୍ବଲପୁର- ରାଉରକେଲା ପ୍ରାଇଭେଟ୍ ଟୋଲୱେ ଲିମିଟେଡ଼ ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ସେକୁରା ପ୍ରକଳ୍ପ ମୁଖ୍ୟ ଦେବେନ୍ଦ୍ର ବାରିକ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ୍ ୫୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଭେଡାବାହାଲ ନର୍ସିଂ କଲେଜର ୬ଜଣ ଝିଅପିଲା ପ୍ରଥମଥର ପାଇଁ ରକ୍ତଦାନ କରିଥିଲେ। ଏଥିରେ ପ୍ରକଳ୍ପ କାର୍ଯ୍ୟପରିଚାଳକ ମୁଖ୍ୟ ଗୋବିନ୍ଦ ଚନ୍ଦ୍ର ଦାସ, ପରିଚାଳକ ଆଶିଷ ମହାନ୍ତି, ପ୍ଲାଜା ପରିଚାଳକ ସତ୍ୟବ୍ରତ ପ୍ରଧାନ, ପଥ ଅଧିକାରୀ ମାମିଲା ଶିବା ପ୍ରମୁଖ ଉପସ୍ଥିତ ଥିଲେ। ଶିବିର ପରିଚାଳନାରେ ପାଟ୍ରୋଲିଂ ବିଭାଗର ହିତେଶ ଉର୍ମାଲ୍, ଅଲିଭାଂଶୁ ମହାନନ୍ଦିଆ, ଉମାକାନ୍ତ ପଟେଲ, ଆଶୁତୋଷ ନାଏକ, ପିଣ୍ଟୁ ମେହେର, ଜ୍ୟୋତି ପ୍ରକାଶ ବାଈ, ସନ୍ତୋଷ ମଲୁଆ, ନରେଶ ମଲୁଆ, ଦିଲୀପ ପାଣ୍ଡେ, ରଞ୍ଜିତ ଖଡ଼ିଆ, ହେମନ୍ତ କମାର, ସୁମନ୍ତ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ଔଦ୍ୟୋଗିକ ସୁରକ୍ଷା ପ୍ରସଙ୍ଗରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ରାଉରକେଲା, ୩୧।୧(ସମିସ)**





କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ, ଓଡ଼ିଶା ଆନୁକୂଲ୍ୟରେ କାଂସ ବାହାଲ ସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ପ୍ରଡ୍‌କ୍ସନ୍ ମ୍ୟାନେଜମେଣ୍ଟ ପରିସରରେ 'ଔଦ୍ୟୋଗିକ' ସୁରକ୍ଷା ପ୍ରସଙ୍ଗରେ କମ୍ପିଟେଣ୍ଟ ପର୍ସନଙ୍କ ଦ୍ୱାରା ଗୃହିତ ଯାଞ୍ଚ ପଦ୍ଧତି ସଂକ୍ରାନ୍ତୀୟ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଫ୍ୟାକ୍ଟୋରୀ ଓ ବଏଲର ବିଭାଗର ଉପ-ନିର୍ଦ୍ଦେଶକ ସୁରକ୍ଷା ଡ. ମଳୟ କୁମାର ପ୍ରଧାନ ଯୋଗଦେଇ ଶିକ୍ଷାନୁଷ୍ଠାନର ସୁରକ୍ଷା ସୁନିଶ୍ଚିତ କରିବାରେ କମ୍ପିଟେଣ୍ଟ ପର୍ସନ୍‌ଙ୍କର ଏକ ଗୁରୁତ୍ୱପୂର୍ଣ ଭୂମିକା ରହିଥିବା ବେଳେ ସୁରକ୍ଷା ଆଇନ୍‌କୁ ମାନିବା, ତାକୁ କଡ଼ାକଡ଼ି ଲାଗୁ କରିବା, ନିୟମିତ ଯାଞ୍ଚ, ପରୀକ୍ଷା, ସମୟାନୁସାରେ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ର-ଉପକରଣର ପ୍ରମାଣପତ୍ର ପ୍ରଦାନ କରାଗଲେ ଦୁର୍ଘଟଣାକୁ ବାରଣ କରିହେବ ବୋଲି କହିଥିଲେ> ଙ୍କ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ପ୍ରଡକ୍‌ସନ୍ ମ୍ୟାନେଜମେଣ୍ଟର ନିର୍ଦ୍ଦେଶକ ଅରୁଣ କୁମାର ମିଶ୍ର, ଫ୍ୟାକ୍ଟୋରୀ ଓ ବଏଲର ବିଭାଗ ଉପ-ନିର୍ଦ୍ଦେଶକ ବିଭୁ ପ୍ରସାଦ ପ୍ରମୁଖ ଯୋଗ ଦେଇ କାରଖାନାରେ ପରିଚାଳନାଗତ ତ୍ରୁଟି, ପରିଚାଳନା କର୍ତ୍ତୃପକ୍ଷଙ୍କର ଭୁଲର ପରିଣାମ ଯୋଗୁଁ ଦୁର୍ଘଟଣା ଘଟୁଥିବା କଥା କହିଥିଲେ। ଉତ୍ତମ ସ୍ୱାସ୍ଥ୍ୟ ଏବଂ ନିରାପଦ କାମ, ଏକ ଦୁର୍ଘଟଣାମୁକ୍ତ ଔଦ୍ୟୋଗିକ ପରିବେଶ ଉତ୍ପନ୍ନ କରିଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ଶୁଭେନ୍ଦୁ ଶେଖର ରାଉତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ସହକାରୀ ନିର୍ଦ୍ଦେଶକ ଅନୀଲ କୁମାର ନନ୍ଦ କାର୍ଯ୍ୟକ୍ରମ ବିବରଣୀ ପାଠ କରିଥିଲେ। ସ୍ୱରାଜ କୁମାର ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ରିସୋର୍ସ ପର୍ସନ ଭାବରେ ସୁବାସ ଚନ୍ଦ୍ର ଚାଉପଟ୍ଟନାୟକ, ବସନ୍ତ କୁମାର ପ୍ରଧାନ, ଭବେଶ ଚିନ୍ତକ, ହିମାଂଶୁ ମିଶ୍ର ଉପସ୍ଥିତ ଥିଲେ। ନ୍ୟାସନାଲ ସେଫ୍‌ଟି କାଉନସିଲ, ଓଡ଼ିଶାର ସେକ୍ରେଟାରୀ ମଧୁସୂଦନ ମୋହିନୀ, ଓ ଶ୍ରୀ ଝରଣା ସଭାକାର୍ଯ୍ୟ ପରିଚାଳନା କରିଥିଲେ।

# ଡକାୟତି ମାମଲାର ପର୍ଦ୍ଦାଫାସ; ୩ ଗିରଫ



**ରାଉରକେଲା, ୩୧।୧(ସମିସ):** ରାଜଗାଙ୍ଗପୁର ପୁଲିସ୍ ୩ଟି ଡକାୟତି ମାମଲାର ତଦନ୍ତ ପରେ ପର୍ଦ୍ଦାଫାସ କରି ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହାସହ ଏହି ଘଟଣାରେ ୪ଟି ଲୁଟ ମୋବାଇଲ୍ ଫୋନ୍, ନଗଦ ୩ ହଜାର ଟଙ୍କା ଓ ଏକ ଛୁରୀ ଜବତ କରିଥିବା ଜଣାପଡ଼ିଛି।

# ଜନନାୟକ



## ମଧୁସୂଦନ ସ୍ୱାଇଁ



ଅଜସ୍ର ସତ୍ୟାଗ୍ରହୀଙ୍କ ସୁବଳୟାଗିରି ମୁକ୍ତି ସ୍ଲୋଗାନରେ ସମଗ୍ର ମାଡ଼ଗୁଲ ପେଣ୍ଠ ଉପତ୍ୟକା ପ୍ରକମ୍ପିତ । ମାଡ଼ଗୁଲ ପେଣ୍ଠର ମଧ୍ୟଭାଗରେ ଅବସ୍ଥିତ ଭୂୟଞ୍ଜ ଆଶ୍ରମରୁ ଜନସମୁଦ୍ର ପ୍ରଲମ୍ବିତ ତିନି କିଲୋମିଟର ଦୂର ସୁବଳୟାଗିରି ପର୍ଯ୍ୟନ୍ତ । ସମସ୍ତେ ସତ୍ୟାଗ୍ରହୀ, ବନବାସୀ, ଆଦିବାସୀ, ହରିଜନ, ସୁବଳୟାଗିରି ଯଜ୍ଞରେ ଆତ୍ମାହୂତି ପାଇଁ ଠୁଳ ହୋଇଛନ୍ତି ମାଡ଼ଗୁଲ ପେଣ୍ଠର ତ୍ରାଣକର୍ତ୍ତା, ଗାନ୍ଧୀବାଦୀ, ଭୂଦାନକର୍ମୀ, ଜୀବିତ ଗାନ୍ଧୀ, ବୟୋବୃଦ୍ଧ ବଳରାମ ଭାଇଙ୍କ ଆହ୍ୱାନରେ ।

ଭୂୟଞ୍ଜ ଆଶ୍ରମକୁ କେନ୍ଦ୍ର କରି ମାଡ଼ଗୁଲ ପେଣ୍ଠର ଅତୀତ, ଭବିଷ୍ୟତ, ଭୂଗୋଳ ଓ ଇତିହାସ । ଏହାର ନିର୍ମାତା ସ୍ୱୟଂ କର୍ମଯୋଗୀ ବଳରାମ ଭାଇ । ସମୁଦ୍ର ପତନଠୁ ହଜାର ହଜାର ଫୁଟ୍ ଉଚ୍ଚ, ଘଞ୍ଚ ଅରଣ୍ୟ, ଗିରିଶୃଙ୍ଗ ବେଷ୍ଟିତ ସଭ୍ୟତାଠୁ ଯୋଜନ ଯୋଜନ ଦୂରବର୍ତ୍ତୀ ମାଡ଼ଗୁଲ ପେଣ୍ଠକୁ କୋଳାହଳପୂର୍ଣ୍ଣ ସଦର ମହକୁମା, ମଣ୍ଡଳ, ବାଣିଜ୍ୟିକ ପେଣ୍ଠସ୍ଥଳୀ, ପୂର୍ଣ୍ଣାଙ୍ଗ ସହରରେ ରୂପାନ୍ତରିତ କରିଛି ଦୀର୍ଘ ସତୁରି ବର୍ଷର ନିରନ୍ତର ପ୍ରୟାସ ।

ସେ ଦିନର ଝାଟିମାଟିର ଭୂୟଞ୍ଜ ଆଶ୍ରମ ଆଜି ନଭଶ୍ଚୁମ୍ବୀ ପ୍ରାସାଦ ।

ସମାଜସେବୀ ଦୁଇ ପ୍ରକାର । ସମାଜର ମଙ୍ଗଳ ପାଇଁ ନିଜକୁ ଉତ୍ସର୍ଗ କରିଦେବା କିମ୍ବା ସାମୂହିକ ସ୍ୱାର୍ଥ ବିନିମୟରେ ନିଜକୁ ପ୍ରତିଷ୍ଠା କରିବା । ବଳରାମ ଭାଇ ପ୍ରଥମ ଶ୍ରେଣୀର ସମାଜସେବୀ ।

ଉଣେଇଶ ପଞ୍ଚାବନ ସାଲ୍ ସନ୍ଥ ବିନୋବାଜୀଙ୍କ ଭୂଦାନ କାର୍ଯ୍ୟକ୍ରମ ପାଇଁ ଓଡ଼ିଶା ଆଗମନ କାଳରେ ଯୁବକ ବଳରାମ ଭାଇ ଭୂଦାନ ଆନ୍ଦୋଳନରେ ସାମିଲ ହେଲେ । ମାଳତୀ ଚୌଧୁରୀ ମା' ରମାଦେବୀଙ୍କ ସହ ବିଶିଷ୍ଟ ଗାନ୍ଧୀବାଦୀଙ୍କ ମେଳରେ ପଦଯାତ୍ରା କଲେ । ଭୂଦାନ, ଗ୍ରାମଦାନ, ଅସ୍ପୃଶ୍ୟ ଦୂରୀକରଣ, ଗ୍ରାମ ସ୍ୱରାଜ ପରି ରଚନାତ୍ମକ କାର୍ଯ୍ୟକ୍ରମରେ ନିଜକୁ ଉତ୍ସର୍ଗ କରିଦେଲେ । ଗୃହତ୍ୟାଗୀ କର୍ମଯୋଗୀ ବଳରାମ ଭାଇ ଦରିଦ୍ର ଆଦିବାସୀ ବନବାସୀଙ୍କ ସେବା ପାଇଁ ମାଡ଼ଗୁଲ ପେଣ୍ଠକୁ ସ୍ଥିର କରିନେଲେ କର୍ମଭୂମି । ପ୍ରତିଷ୍ଠା ହେଲା ଭୂୟଞ୍ଜ ଆଶ୍ରମ । ଦୁର୍ଗମ, ଅଗମ୍ୟ ବଣପର୍ବତ ଘେରା ମାଡ଼ଗୁଲ ପେଣ୍ଠ ସାରା ପଦଯାତ୍ରା କରି ଶୁଣ୍ଠି, କୁମୁଟି, ତେଲେଙ୍ଗା ଦୋରା ସଂପ୍ରଦାୟର ଭୂମିଦାନରେ ଗ୍ରହଣ କରି ଭୂମିହୀନ ଦରିଦ୍ର ଆଦିବାସୀ ହରିଜନଙ୍କୁ ବାଣ୍ଟି ଦେଇଥିଲେ । ଜନମାନସରେ ସବୁ ସୁପୁରୁଷର ନୂଆ ପରିଚୟ ମିଳିଲା ।

ଚଉରାନବେ ବର୍ଷର ଚଞ୍ଚଳତା କେବଳ ଜନତାର ସେବା ପାଇଁ ଉତ୍ସର୍ଗୀକୃତ । ତାଙ୍କ ଶୀର୍ଣ୍ଣ ଶରୀରରେ ଖଦଡ଼ ଧୋତିକୁର୍ତ୍ତା ଉପରେ ଧଳା ଖଦଡ଼ ଜାକେଟ୍ ଓ ଉତ୍ତରୀୟ, ମୁଣ୍ଡରେ ଗାନ୍ଧୀ ଟୋପି, ମୁହଁ ସାରା ପାଚିଲା ଦାଢ଼ିରୁ ବାରି ହୋଇଯାଏ ବଳରାମ ଭାଇ କୋଟିକରୁ ଗୋଟିଏ । ଗାନ୍ଧୀ ଝୁଲାମୁଣି ଓ ସୋଲାପୁରୀ ଚପଲ ପିନ୍ଧି ସେ ମାଡ଼ିଯାନ୍ତି, ଗାଁରୁ ସହର, ମନ୍ତ୍ରୀଠୁ ଯନ୍ତ୍ରୀ, ରାଜନୀତିରୁ ଜନନୀତି, ଯୋଜନାଠୁ ରୂପାୟନ ଯାଏଁ ।

ଅର୍ଥ, କାମ, ଲୋଭ ପ୍ରତି ନିରାସକ୍ତ ବଳରାମ ଭାଇଙ୍କ ଭୂୟଞ୍ଜ ଆଶ୍ରମ ଭବ୍ୟ, ରମ୍ୟ, ଐଶ୍ୱର୍ଯ୍ୟବନ୍ତ ହୋଇପାରିଛି ତାହା କେବଳ ଲକ୍ଷ ଲକ୍ଷ ଆଦିବାସୀଙ୍କ ଶ୍ରଦ୍ଧାରୁ । ସେ ତ ପଦ୍ମପତ୍ରର ଜଳ ବିନ୍ଦୁ । ବିଷୟ ମାୟା ଗ୍ରାସ କରିନି । ଯଶ, ପ୍ରଶସ୍ତି, ପୁରସ୍କାରର ମାୟା ସ୍ପର୍ଶ କରିନି ନିର୍ମଳ ପ୍ରାଣକୁ । ସେବା ଆଉ ସେବା...ଛୋଟରୁ ବଡ଼ ଯାଏଁ ପ୍ରିୟ ବଳରାମ ଭାଇ ମାଡ଼ଗୁଲ ପେଣ୍ଠ ଗାନ୍ଧୀ ।

ସେ ଆଜି ବି ପ୍ରତିଦିନ ଚରଖାରେ ଅଧଘଣ୍ଟା ସୂତା ବୁଣନ୍ତି, ତନ୍ତ ଚଳାନ୍ତି । ସାଧନାର ଘଟାନ୍ତର ନାହିଁ । ପଞ୍ଚଷଠି ମସିହା ଯୁଦ୍ଧ ବେଳେ ଖାଦ୍ୟ ସଂଚୟ ପାଇଁ ସପ୍ତାହରେ ଦିନେ ଉପବାସ କରୁଥିଲେ । ଜରୁରୀକାଳୀନ ପରିସ୍ଥିତିରେ ଜେଲ୍ ଯାଇ ଶାରୀରିକ ଶ୍ରମ ଓ ରଚନାତ୍ମକ କାର୍ଯ୍ୟ କରିଛନ୍ତି । ବାବ୍‌ରୀ ମସଜିଦ୍ ଭଙ୍ଗା ବେଳେ ସାତଦିନ ମୌନବ୍ରତ ପାଳନ କରିଛନ୍ତି ।

ନିର୍ଦ୍ଦିଷ୍ଟ ବ୍ୟବଧାନରେ ଝଙ୍କୁରିତ ହେଉଛି ଜନ ସମୂହର ମିଳିତ ସ୍ୱର ସୁବଳୟାଗିରି ସୁରକ୍ଷା ଆମର ଦାବି, ଆଲୁମିନିୟମ କମ୍ପାନୀ ହଟି ଯାଅ... ଇତ୍ୟାଦି ।

ସୁବଳୟାଗିରି ମାଡ଼ଗୁଲ ପେଣ୍ଠର ଜୀବନରେଖା । ତା'ରି କନ୍ଦର, ଗୁମ୍ଫାରୁ ଅନେକ ଚିରସ୍ରୋତା ବଣ ଝରଣା ଉଦ୍‌ଗମ ହୋଇ ମାଡ଼ଗୁଲ ପେଣ୍ଠର ସର୍ବତ୍ର ଜଳସେଚିତ ହେଉଛି । ବଣ୍ୟଜାତ ସାମଗ୍ରୀ ଆଦିବାସୀଙ୍କ ଜୀବନ-ଜୀବିକା । ପ୍ରତ୍ୟକ୍ଷ ଦେବୀ ଦନ୍ତେଶ୍ୱରୀଙ୍କ ଆସ୍ଥାନ ସୁବଳୟାଗିରିର ଅନ୍ଧାରୀ ଗୁମ୍ଫାରେ । ପ୍ରକୃତିର ବିରୋଧାଭାସ । ମାଟିତଳେ କିନ୍ତୁ ଧବଳ ସୁନା-ବକ୍‌ସାଇଟ୍ । ଆଗାମୀ ଶହେ ବର୍ଷ ଯାଏଁ ଦେଶର ବକ୍‌ସାଇଟ୍ ଆବଶ୍ୟକତାକୁ ପୂରଣ କରିବାକୁ ସମର୍ଥ । ରାମରାଜ୍ୟ ଆଲୁମିନା କମ୍ପାନୀ ଆସିଛି, ଡିନାମାଇଟ୍ ଲଗାଇ ସୁବଳୟାଗିରି ଭାଙ୍ଗି ଦେବ । ବୁଲ୍‌ଡୋଜରରେ ଛିନ୍ନଛତ୍ର କରିଦେବ ।

ସତ୍ୟାଗ୍ରହ ପାଇଁ ଅଣ୍ଟା ଭିଡ଼ିଛନ୍ତି ବଳରାମ ଭାଇ । ଶପଥ କରିଛନ୍ତି ତାଙ୍କ ଶବ ଉପରେ ବୁଲଡୋଜର୍ ଚାଲିବ । ସେ ତ ଆଉ ଜଣେ ବ୍ୟକ୍ତି ନୁହଁନ୍ତି- ସାମୂହିକ ସ୍ୱର । ତତ୍ତ୍ୱ, ମାର୍ଗଦ୍ରଷ୍ଟା ବଳରାମ ଭାଇ କୁହନ୍ତି, ବ୍ୟକ୍ତିର ମୃତ୍ୟୁ ଅଛି ହେଲେ ତା'ର ଚିନ୍ତା, ଦର୍ଶନ, ପ୍ରଦର୍ଶିତ ମାର୍ଗ ଅମର, ସ୍ଥାୟୀ, ସ୍ୱୟଂକ୍ରିୟ ।

ସରକାରଙ୍କ ଦୁଇ ପ୍ରତିନିଧି ଓ ଦୁଇ କମ୍ପାନୀ ଅଧିକାରୀଙ୍କ ସହ ବଳରାମ ଭାଇଙ୍କ ଭୂୟଞ୍ଜ ଆଶ୍ରମର ବୈଠକଗୃହରେ ରୁଦ୍ଧଦ୍ୱାର ଆଲୋଚନା ଚାଲିଛି । ସମସ୍ତେ ଆଶାବାଦୀ, ଯାହା ନିଷ୍କର୍ଷ ବାହାରିବ ତାହା ମାଡ଼ଗୁଲ ପେଣ୍ଠବାସୀଙ୍କ ସପକ୍ଷରେ ଯିବ । ବଳରାମ ଭାଇଙ୍କ ଉପରେ ପ୍ରବଳ ଆସ୍ଥାବାନ ସମସ୍ତ ବନବାସୀ ଆଦିବାସୀ ସତ୍ୟାଗ୍ରହୀ । ତାଙ୍କରି ପାଇଁ ତ ଏ ଆନ୍ଦୋଳନ । ସିଏ ଶପଥ କରିଛନ୍ତି ପ୍ରଥମ ବୁଲଡୋଜର୍ ଚାଲିବ ତାଙ୍କ ଶବ ଉପରେ ।

ଦୀର୍ଘ ଆଲୋଚନା ପରେ ସମବେତ ଜନତା ସମ୍ମୁଖରେ ବଳରାମ ଭାଇ ଘୋଷଣା କଲେ ଚୂଡ଼ାନ୍ତ ନିଷ୍ପତ୍ତିର ସାରମର୍ମ ।

- "ମୋର ପ୍ରିୟ ସତ୍ୟାଗ୍ରହୀ ଭାଇ-ଭଉଣୀ । ଏହା ଆମ ପାଇଁ ବିରାଟ ବିଜୟ । ବହୁ ତର୍କବିତର୍କ ପରେ ସରକାର ଓ କମ୍ପାନୀ ଆମ ଆଗରେ ହାର ମାନିଛନ୍ତି । ସୁବଳୟାଗିରି ସୁରକ୍ଷିତ ରହିବ । ଅର୍ଥାତ୍ ମା' ଦନ୍ତେଶ୍ୱରୀଙ୍କ ଆସ୍ଥାନ ଓ ଝରଣାମାନଙ୍କ ଉତ୍ପତ୍ତି ସ୍ଥାନ ସୁରକ୍ଷିତ ରହିବ । କମ୍ପାନୀ ଆଧୁନିକ ଜ୍ଞାନ କୌଶଳରେ ବକ୍‌ସାଇଟ୍ ଖନନ କରିବ । ଯାହା କ୍ଷତି ହେବ ତାହା ଭରଣା କରିବ । ଆଉ କମ୍ପାନୀରେ ଆପଣଙ୍କ ପିଲାମାନଙ୍କୁ ଚପରାସୀଠୁ ଆରମ୍ଭ କରି ନିଜ ଯୋଗ୍ୟତା ଭିତରେ ନିଯୁକ୍ତି ମିଳିବ । ଆମ ଜିଲ୍ଲା ଶିଳ୍ପ ସମୃଦ୍ଧ ହେବ । ନିଯୁକ୍ତି ସୃଷ୍ଟି ହେବ...ଆମର ଆର୍ଥିକ ଉନ୍ନତି ଘଟିବ ।"

ସମବେତ ଜନତା ସ୍ତମ୍ଭୀଭୂତ ଏ ନିଷ୍ପତ୍ତିରେ । କାହାରି ପାଟିରୁ କଥା ବାହାରୁନି । କିଏ ବା କ'ଣ କହିବ? ଏହା ତ ସ୍ୱୟଂ ବଳରାମ ଭାଇଙ୍କ ନିଷ୍ପତ୍ତି ।

ତଥାପି ସରକାରୀ ପ୍ରତିନିଧି ଓ କମ୍ପାନୀ ଅଧିକାରୀ ଅପେକ୍ଷା କରିଛନ୍ତି ବଳରାମ ଭାଇଙ୍କ ଫେରିବା ବାଟକୁ ।

ଏଥର କମ୍ପାନୀର ପଦସ୍ଥ ଅଧିକାରୀ ଜଣକ ପାଖରେ ଥିବା ଅର୍ଦ୍ଧ ନୂଆ ବ୍ରିଫ୍‌କେସ୍‌ଟି ଅଧାଖୋଲା କରି ବଳରାମ ଭାଇଙ୍କ ଦୃଷ୍ଟି ଆକର୍ଷଣ କଲେ । ଉପହାର ଭର୍ତ୍ତି ବଣ୍ଡଲ ସବୁ ସତେଜ ଲାଗୁଥାନ୍ତି । ବଳରାମ ଭାଇ କ୍ଷଣିକ ପାଇଁ ଆଖି ବୁଲାଇ ନେଲେ ଗାନ୍ଧିଜୀଙ୍କ ମୁହଁ ଉପରେ ।

ନଗଦ କାରବାର ଉପହାର ପାଇଁ ସବୁଠୁ ଅଧିକ ନିରାପଦ ।

"କ'ଣ ପ୍ରୟୋଜନ ଥିଲା ଏ ସବୁରେ? ଆଣିଛନ୍ତି ଯେତେବେଳେ ଗରିବ ଆଦିବାସୀଙ୍କ ଭିତରେ ବାଣ୍ଟି ଦେବି ।"

ଏଥର ସରକାରୀ ପ୍ରତିନିଧି ତାଙ୍କ ଫୋଲଡ଼ର୍‌ରୁ ବାହାର କଲେ ଦ୍ୱିତୀୟ ବିସ୍ମୟ । ତାହା ଥିଲା ପଦ୍ମ ପୁରସ୍କାର ପାଇଁ ସୁପାରିସ୍ ପତ୍ର ।

ଏସବୁ ପରେ ଖୁବ୍ ପ୍ରସନ୍ନ ଲାଗୁଥାନ୍ତି ଜନନାୟକ ବଳରାମ ଭାଇ । ଜନଆନ୍ଦୋଳନ ସଫଳ ହେଉଛି । ■

ଗୌତମ ନଗର, କୋରାପୁଟ
ମୋ: ୯୪୩୭ ୯୦୮ ୯୫୮

# ଝୁରାଣ

## ପୂରବୀ ଶତପଥୀ



ଆଜି ଯେଉଁ ଦର୍ପଣ ଆଗରେ ମୁଁ ନିଜକୁ ନିତି ଦେଖେ
ସେ ଦର୍ପଣ ଭଙ୍ଗା; ହଜାର ଶୂନ୍ୟତାର ପ୍ରତିବିମ୍ବରେ,

ତଥାପି ଯୋଉ ପାପୁଲିଏ ସୂର୍ଯ୍ୟର ଆଲୁଅ
ମୋ ଆଞ୍ଜୁଳିରେ ଭରି ତମକୁ ଢ଼ାଳି ଦିଏ,
ସେଠି ଆଶାର ବୁନ୍ଦାଏ ବି ପାଣି
ଅଛି କି ନା ଜାଣେନା!


ତମକୁ ଦେଖେଇ ପାରୁନି ମୋ ଝୁରାଣ
ହୁଏତ ତାର ଆଭାସ ତୁମଠି ନଥାଇ ବି ପାରେ,
ଯୋଉ ତରଙ୍ଗରେ ଲେଖା ଥିଲା ତୁମ ନାଆଁ ମନ୍ତ୍ର ଭଳି
ଯୋଉ ଢେଉ ଡେଇଁ ପଡୁଥିଲା
ଛୁଇଁଦେଇ ମୋ ପାଦ ଛୁଇଁବାକୁ ତମ ଓଠ
ସେ ଏବେ କୁଆଡ଼େ ମୋ ଆଖିତଳେ; କୋହର ଘର କରିଛି!

ମୁଁ ତୁମକୁ ଭଲପାଏ ପ୍ରିୟ;
ଭଲପାଏ ବୋଲିତ ଆମେ ମିଶି ଯୋଉ ବାଲିଘର କରିଥିଲେ
ସେ ବାଲିର ରେଣୁରେ ରେଣୁରେ ଛାଡ଼ି ଆସିଚି
ମୋ' ନାଆଁର ଅସୁମାରୀ ପ୍ରତିଧ୍ୱନି

ତମେ ଦିନେ ଯଦି ପୁଣି ସମୁଦ୍ରକୂଳରେ
ଆଞ୍ଜୁଳିରେ ଟେକି ଧର ମୁଠାଏ ବାଲି ତର୍ପଣ ମୁଦ୍ରାରେ;


କେଜାଣି ନକ୍ଷତ୍ରଟିଏ ହୋଇ ତମ ପାପୁଲିରେ ମୁଁ
ପହଞ୍ଚିବି ନା ନାହିଁ!
କେଜାଣି ତମେ ସେଦିନ କୋଉ ସାମୁଦ୍ରିକ ସଂଗୀତ ଗାଉଥିବ;
ମୁଁ ସମୁଦ୍ରେଇ ଯାଉଥିବି ନା ନାହିଁ!
କେଜାଣି ଆମ ଝୁରା-ଗୀତ
ଭଲ ପାଇବାର ଆୟୁଷ ବଢ଼ଉଥିବ ନା ନାହିଁ! ■

ରାସୋଳ, ଢେଙ୍କାନାଳ
ମୋ: ୮୮୪୭୮୨୫୬୮୮



# ହୁଏତ

## ସୂର୍ଯ୍ୟସ୍ନାତ ତ୍ରିପାଠୀ



ହୁଏତ,
ଦିନେ ବୁଡ଼ିଯାଉଥିବି ଯେଉଁଠି,
ଠିକ୍ ସେଇଠି ହିଁ ଭାସୁଥିବ
ସଂସାରର ଶେଷ କୁଟାଖିଅ...

ହୁଏତ,
ଦିନେ ଭୋକିଲା ମଣିଷମାନଙ୍କୁ
ଯାଚିଦେଲା ବେଳକୁ ହାଡ଼ ମାଂସ ମୋର,
ଆହୁରି ଆହୁରି ଭୋକ ମାଡ଼ିବସୁଥିବ
ଏ ପୃଥିବୀକୁ !

ହୁଏତ,
ମୋ ରକ୍ତରେ ମୁହଁ ଧୋଇ
ଫେରିଯିବାର ବହୁ ବର୍ଷ ପରେ,
ଶୋଷରେ ଆତୁର ହେଇ
ଜୋକସବୁ ପୁଣି ଲେଉଟିଆସିବେ
ଅଗଣାକୁ ମୋର...

ହୁଏତ,
ଘୃଣାର ହାତ ଧରି ଦୀର୍ଘ ବାଟ
ଚାଲିଆସିବା ପରେ, ହଠାତ୍ ଦିନେ
ଭେଟହେବ ତୁମ ସହ ରକ୍ତନଦୀ ତୀରେ,
ଓ ସଂସାରର ସବୁଠୁ ନିରୀହ ଆଖି ଦୁଇଟି
ମତେ ଲଜ୍ଜିତ କରିବେ କ୍ଷମା
ଯାଚିଦେଇ...

ହୁଏତ,
ନିଃସହାୟ ମଣିଷଙ୍କ ଲୁହପଖଳା
ଶବ୍ଦ ସବୁ ଦିନେ ଅଚାନକ ମନ୍ତ୍ର ପାଲଟିଯିବେ,
ମଣିଷର ଲୁହ ପୋଛିବାକୁ ମଣିଷର ହାତ
ନିଃସଙ୍କୋଚ ଲମ୍ବିଆସିବ, କାହାରି
କଟା ଘା' ଉପରେ ଲୁଣ ଭଳି ଖସି ପଡ଼ିବନି
କଟାକ୍ଷ କାହାରି ଓ ଅଗଣିତ ପ୍ରେମପକ୍ଷୀ
ଉଡ଼ି ଯିବେ ହସି ହସି ସାତରଙ୍ଗୀ
ଦିଗନ୍ତ ଆଡ଼କୁ...

ହୁଏତ,
ହୁଏତ,
ହୁଏତ !!! ■

ସିଦ୍ଧେଶ୍ୱରପୁର, କଟକ

ମୁଁ କାହିଁକି ଲେଖେ

# "ମାନବବାଦର ଅଭ୍ୟୁଦୟ ପାଇଁ ମୁଁ ଲେଖେ"



## ପିନାକୀ ମିଶ୍ର

ଜୀବନ ହେଉଛି ଗୋଟେ ଭାବନାର କାଠବାକ୍ସ, କେତେ ସ୍ମୃତିସବୁ ସାଇତି ରଖା ହୋଇଥାଏ । କେତେ ନୂଆ ସ୍ମୃତି ଆସି ମିଶୁଥାଏ, ତାକୁ କେତେ ପୋଛା କେଡ଼େ ଯତ୍ନ, ମନର ପୂରିଲା ମହୁଘର ଏ ସ୍ମୃତି ସିନ୍ଦୁକ । ବୟସ ନଇ ଯେତେ ଆଗକୁ ବଢ଼ିଚାଲେ କିଛି ସ୍ମୃତି କର୍ପୂର ପରି ଉଡ଼ିଯାଏ ବାକ୍ସରୁ । ଛାତି ଭିତରେ ରଗରଗ ରୁନ୍ଧିହୁଏ ସୂକ୍ଷ୍ମ ଅନୁଭୂତି, ମନରେ ଢେଉ ଖେଳେ କଳ୍ପନା । ଉଠେ ଅମାପ ଆବେଗ, ତାକୁ ବେଶୀ ସମୟ ଛାତିରେ ଚାପି ରଖିହୁଏନା । ଭାବନାକୁ ପାପୁଲିରେ ଧରି ମୁଁ ଶବ୍ଦବ୍ରହ୍ମଙ୍କୁ କୋଟି ଅନୁନୟ ହୁଏ । ଉପରୁ ଓହ୍ଲେଇ ଆସେ ଭାଗବତ କରୁଣା । ଧୀରେଧୀରେ ମୁଁ ପଶେ ସମ୍ବେଦ ସାହିତ୍ୟ ଭିତରକୁ । କେତେ କ୍ଷତ, କେତେ ଯନ୍ତ୍ରଣା ଭୋଗ, ସବୁଥାଇ କେତେ ଶୂନ୍ୟତା, ଚାଲୁଚାଲୁ ଅଲକ୍ଷ୍ୟରେ ଦୀର୍ଘବାଟ ଅତିକ୍ରମ କରି ମୁଁ ପହଞ୍ଚି ଯାଇଥାଏ କବିତା ତୀର୍ଥରେ । କବିତା ଛନ୍ଦରେ ମୋତେ କିଏ ଛନ୍ଦି ଦେଉଛି, ସିଏ କି ମୋତେ ଏ ମଳିନ ଆଖିରେ କେବେ ଦିଶିବ (?), ସେ କାଳେ ଆଖି ମୁଦିଲେ ଦିଶେ, ହେଲେ ମୁଁ ତ ସେମିତି ତା'ର ନିକଟତର ହୋଇପାରିନି । ମୁଁ କବିତାମାୟାରେ ପଶେ, ପଢୁଛି ଲେଖୁଛି ଅନେକଦିନରୁ ।

ଏଇଥିପାଇଁ ଯେ, ଏ ସମୟ ମୋ ପାଇଁ ଅମୃତକାଳ, ପ୍ରେମପାର୍ବଣର, ଅକପଟ ଶ୍ରଦ୍ଧାର ଅସଲବେଳ, ନିଜକୁ ଆନହିତରେ ସମର୍ପଣ ନକଲେ ସିଏକି ଜୀବନ ? ଅଥଚ ହାତଗଢ଼ା ଅନର୍ଥରେ ଆଜିର ସମୟକୁ ବିଷାକ୍ତ କରୁଛି ଅବାଧ ମଣିଷ । କୋଉଠି ଖାଦ୍ୟ ଭରପୂର ଅଛି ଅଥଚ ଖାଇବାକୁ ପେଟ ନାହିଁ ତ କୋଉଠି ରାତି ଖାଙ୍କର ପେଟର କୁହାଟ ଶୁଭୁଛି । ଭୋକ ଅସହ୍ୟ, ଚୁଲୀ ଜଳୁନି ରାତିରେ, କି ଦାରିଦ୍ର୍ୟର କରୁଣଚିତ୍ର ମୋ' ଦେଶର ବଣମୂଳକରେ !! ମୋ ଘର, ଗାଁ ସହର, ମୋ'ଦେଶ ଆଗଉଛି ପରା, ତା' ହେଲେ ଅନାବିଳ ପ୍ରେମ, ମୂଲ୍ୟବୋଧ, ମାଟିପ୍ରୀତି, ପରୋପକାର କାହିଁ ଦେଖିବାକୁ ତ ପାଉନି ?

ସୂର୍ଯ୍ୟ ଦେବତା ଆଲୋକ ଦେଲେ, ମାଟି ଆହାର ବାସ ଦେଲା ଅଥଚ ହଳେଆଖି ମାତିଲା ବାସନାରେ, ଜଙ୍ଗଲ ପଦାହେଲା ଲୋଭରେ, ଜମି ହଡ଼ପ ହେଲା ବାହୁବଳରେ । ମଣିଷ ଦେବଅଂଶୀ ଅଥଚ ଜଣେ ଅଧେ ଜାନ୍ତବକ୍ଷୁଧାରେ ବର୍ବର, ନିଇତି କଳଙ୍କ ଘଟଣା ଘଟି ଚାଲିଛି ସମାଜରେ । ପ୍ରେମ ଆଜି ବଜାର ସଉଦା, ଏତେ କ୍ରୋଧ ଏତେ ହତ୍ୟା ଦିନକୁ ଦିନ ବଢୁଛି କାହିଁକି ? ଆବଶ୍ୟକତା ଅଳ୍ପ ହେଲେ ଚଳନ୍ତାନି । ନାରୀ ଡରିଡରି ଜିଉଁଛି ଘରେ ବାହାରେ, ନୀରିହ ପୁରୁଷଟି ସରଳ ହୋଇ ବି ପାଉଛି ନିର୍ଯାତନା । ଇତିହାସ ମ୍ରିୟମାଣ, ବର୍ତ୍ତମାନ ମ୍ଳାନମଉନ, ଭବିଷ୍ୟତ କେହି କାହା ପାଖରେ ବସୁ ନଥିବା ଏକ ଧୂଳିଧୂସର ମାଟିପିଣ୍ଡା ।

ମୁଁ ଲେଖୁଛି - ମାଟି ସହ ମଣିଷର ସଂପର୍କ ଏଥର ଫେରିଆସୁ, ପରମାତ୍ମାଙ୍କ ସହ ଆତ୍ମାର ସମ୍ପର୍କ ଦୃଢ଼ ହେଉ, ହୃଦୟ ରସସିକ୍ତ ହେଉ, ନିଃସର୍ତ୍ତ ବନ୍ଧୁତାର ଭାବ ରହୁ, ସେବା ଜୀବନର ବ୍ରତହେଉ, ଆଚରଣ ଓ ଉଚ୍ଚାରଣରେ ଶୁଦ୍ଧତା ରହୁ । ଆଶା ତ ସଂଜିବନୀ - ଥାଉ ଛାତିରେ, ଦୁଃଖ ଆସୁ, ସମୟର ପ୍ରହାର ପଡୁ ପିଠିରେ, ମୋତେ ସରଳ ହେବାକୁ ପଡ଼ିବ । ଜଡ଼ବସ୍ତୁ ଭିତରର ପ୍ରାଣସତ୍ତାକୁ ଯେମିତି ହେଲେ ଖୋଜି କାଢ଼ିବାକୁ ପଡ଼ିବ । ମୁଁ ଆଗ୍ରହୀ, ଅନୁରାଗ ପ୍ରଣୟଛନ୍ଦ କବିତା ରୋମାଞ୍ଚିତ କରୁ ଶ୍ରମକ୍ଳାନ୍ତ ହୃଦୟକୁ । ଜନ୍ମମାଟି ମୋର ଆଦ୍ୟ ବନ୍ଦିତା, ତା' ଯଶବିଭବ ଗୀତ ମୁଁ ଗାଇବିନି ତ ଆଉ କିଏ ଗାଇବ ? ମୋ ଛାତିରେ ଗଭୀର ଭକ୍ତିରସର ଉଚ୍ଛ୍ୱାସ, ଦେବୀର ପାଦବେଢ଼ା ସଜଲାଗି ମୁଁ ପ୍ରସ୍ତୁତ । କବିତା ମୋର ଦିଅଁଙ୍କୁ କାଢ଼ିଆଣୁ ଗମ୍ଭିରାର ବନ୍ଦୀଘରୁ । ସେ ବନସ୍ତଦେବତା, ବଣଫଳ ପ୍ରିୟ, ସେ ବଡ଼ଦାଣ୍ଡ ଦିଅଁ, ଗହଳଚହଳରେ ଠିଆନାଚ ତାଙ୍କର ପ୍ରିୟ, ସେ ନିଜେ ହାତବଢ଼େଇ ନଡ଼ିଆ ନେବେ, ବାଇଗଣ ବାଡ଼ିରେ ପଶି ଗୀତଗୋବିନ୍ଦ ଶୁଣିବେ । ମୁଁ ବିଶ୍ୱାବସୁର ଦାୟାଦ, ମୋ ଆଦିମ ଭାଷା ହିଁ ତା' ଲାଗି ମନ୍ତ୍ର, ଲୁହଛଳ କବିତାରେ ଆବାହନ କରିବି ଭାବରଠାକୁରଙ୍କୁ, ଦେଉଳରେ ଘୁମୁରୁ ଥିବ ମନପାରା, ଏମିତି ସୁଖଭାଗ୍ୟକୁ କାହିଁକି ହାତଛଡ଼ା କରିବି ?

କିଏ ଦେଲା ଏ ଭାବ? ନଈ ନା ପବନ ନା ଶୂନ୍ୟ କିଏ ଛନ୍ଦାୟିତ କରୁଛି ମୋ ଅନ୍ତରକୁ? ସାହିତ୍ୟ ଅଛି ବୋଲି ମୁଁ ନିଦାଘରେ ବି ଅନୁଭବ କରୁଛି ବଉଳ ଛାଇର ପରଶ । ମୁଁ ପ୍ରଣୟସିକ୍ତ, ଗୋପଗାଁ ଅବୋଧ ବାଳୁତ । କେମିତି ଆସିଲେ ଏଇ ମୋ କ୍ଷୁଦ୍ର କୁଟୀରକୁ ଶବ୍ଦବ୍ରହ୍ମ, କବିତାଜନନୀ ? କିଏ ଦେଲା ଏ ଲଳିତ ଇଙ୍ଗିତ କବିତା ସର୍ଜନା ଲାଗି ? କେମିତି ପାଇଲି ସେ ଲଳିତ ଲବଙ୍ଗ ସନ୍ଧାନ, ସବୁ ନୀଳକାନ୍ତ ନୀଳଶୂନ୍ୟ ପରମ ପ୍ରିୟତମଙ୍କର କଳାର ବିଭୂତି । ଏ ଦୁର୍ଲଭ ଯୋଗ ଏ ଜନ୍ମରେ ପାଇଛି, ହାତଛଡ଼ା ହେବାକୁ ଦେବିନି । ଶ୍ରଦ୍ଧା ଓ ପ୍ରଜ୍ଞା ମୋ ହୃଦୟର ଭାବନାକୁ ମହକ ଦେଉଛି । ସେତେବେଳେ ମୁଁ ଲେଖେ ମାନବବାଦର ଅଭ୍ୟୁଦୟ ଲାଗି ନବ ନବ ଚେତନାର ଲଳିତ ସର୍ଜନା । ଗୋଟେ ହାତଆଉଁସା ପାଉଛି, ମଧୁମୟଙ୍କ ନିର୍ଦ୍ଦେଶ ମୋ ପାଇଁ ।

କବିତାକୁ ପ୍ରାଣ ପୂରିଲା ଆବାହନ କରୁଛି ମୁଁ, ଦୁଃଖଶୋକର ପୃଥିବୀରେ କବିତା ହିଁ ସାନ୍ତ୍ୱନା, ମୋତେ ସେ ପାଖକୁ ଡାକି ଠା ଦେଇଛି, ବଡ଼କଥା । ସାହିତ୍ୟ ସବୁ ନିନ୍ଦା ବିବାଦର ଉର୍ଦ୍ଧ୍ୱରେ । ଲୁହ ଆଉ କବିତା କେଡ଼େ ଆତ୍ମୀୟ ସତେ, ଭାଗବତ, ଲକ୍ଷ୍ମୀପୁରାଣ, ମନବୋଧ ଚଉତିଶା, ଟୀକା ଗୋବିନ୍ଦଚନ୍ଦ୍ର, ପ୍ରାଣୀଙ୍କ ଆରତ, ମିଶୁ ମୋର ଦେହ ଏସବୁ ମୋ ଭାବଘରକୁ ଦେଉଳ କରିଛି, ଏସବୁ ତ ଚାଲିଛି ବାଲ୍ମୀକିଙ୍କର ଆଦ୍ୟପର୍ବରୁ । ■

'ଶୂନ୍ୟନୀଳ'
ଚର୍ଚ୍ଚ ପାଖ, ଜେଲ ରୋଡ୍, କେନ୍ଦୁଝର
ମୋ ୯୪୩୮୧୧୮୩୯୭

# ପତ୍ରିକା ପରିଚୟ

## ରେବତୀ

### ସଂପାଦିକା : ସୁବାସିନୀ ଜେନା




ଓଟି ରୋଡ୍, ବାଲେଶ୍ୱର
ପିନ୍: ୭୫୬୦୦୧
ମୂଲ୍ୟ: ୭୦ ଟଙ୍କା

ମାସିକ ସାହିତ୍ୟ ଓ ଫିଚରଧର୍ମୀ ପତ୍ରିକା 'ରେବତୀ' ଆମ ମାଟିର ସ୍ୱରର ଜାନୁଆରୀ -୨୦୨୬ ସଂଖ୍ୟା ବେଶ୍ ଆକର୍ଷଣୀୟ ଓ ମନଲୋଭା ହୋଇଛି । ସୁବାସିନୀ ଜେନାଙ୍କ ସଂପାଦନାରେ ପ୍ରକାଶିତ 'ରେବତୀ'ର ଏହି ସଂଖ୍ୟାରେ ଡକ୍ଟର ରାଧାରଞ୍ଜନ ପଟ୍ଟନାୟକଙ୍କ 'ବିନ୍ଦୁରୁ ବିବିଧତା: ବଂଶୀଧର ଚୌଧୁରୀ', ନାରାୟଣ ରାଉତରାୟଙ୍କ 'ଗୁମ୍ଫାର ଗାଥା', ବିକାଶ ଚନ୍ଦ୍ର ସ୍ୱାଇଁଙ୍କ 'ମୁକ୍ତେଶ୍ୱରର ମହକ' ଆଦି ଆଲେଖ୍ୟଗୁଡ଼ିକ ଉଚ୍ଚକୋଟୀର ହୋଇଛି । ସେହିପରି ପ୍ରତିଭା ଖିଲାରଙ୍କ '୫ ସ୍ୱପ୍ନଖୋର୍ କବିଙ୍କ ଗୁଞ୍ଜନ' ଓ ମାଧବାନନ୍ଦ ପାତ୍ରଙ୍କ 'ନୂଆ ତାରା, କବିତାର ନବ୍ୟଧାରା'ରେ ଓଡ଼ିଆ ସାହିତ୍ୟର କେତେ ଜଣ ନବ ପ୍ରତିଭାଙ୍କ କାବ୍ୟସ୍ୱର ସଂପର୍କରେ ଆଲୋକପାତ କରାଯାଇଛି । ସେଭଳି ସମରେନ୍ଦ୍ରନାଥ ମହାପାତ୍ରଙ୍କ 'ପଥର', ସୂର୍ଯ୍ୟସ୍ନାତ ତ୍ରିପାଠୀଙ୍କ 'ଦ୍ୱିପାକ୍ଷିକ', ଅଭୟ ଦାସଙ୍କ 'ଆହତ ଅକ୍ଷର', ସାବିତ୍ରୀ କବିଙ୍କ 'କିଏ ସିଏ ଆସିବ', ଈପ୍‌ସିତା ଷଡ଼ଙ୍ଗୀଙ୍କ 'ସବୁ କାହିଁକିର...?', ଡକ୍ଟର ମମତା ବାରିକଙ୍କ 'ତଅପୋଇର ଘର ସଂସାର', ଆଶିଷ କୁମାର ମିଶ୍ରଙ୍କ 'ମାଂସ ଭକ୍ଷଣ' ଆଦି କବିତାଗୁଡ଼ିକର ଅନ୍ତଃସ୍ୱର ମାର୍ମିକ ହୋଇଛି । ସେହିପରି ପ୍ରଦୋଷ ମିଶ୍ରଙ୍କ 'କାହାଣୀ ନୁହେଁ', ବିରଜା ରାଉତରାୟଙ୍କ 'ସରି ଆସୁଥିବା ଗପ', ଜ୍ଞାନରଞ୍ଜନ ନାୟକଙ୍କ 'ବାପା' ଆଦି ଗପଗୁଡ଼ିକର ହୃଦୟସ୍ପର୍ଶୀ ହୋଇଛି । 'ରେବତୀ'ର ଅନ୍ୟାନ୍ୟ ନିୟମିତ ବିଭାଗର ଲେଖାଗୁଡ଼ିକ ମଧ ମନଛୁଆଁ ହୋଇଛି । ■

## ମୋନାଲିସା

### ସଂପାଦିକା : ସଂଘମିତ୍ରା ସ୍ୱାଇଁ




ମୋନାଲିସା ସାହିତ୍ୟ ସଂସଦ
ମଧୁବନ, ପରାଦ୍ୱୀପ,
ଜଗତସିଂହପୁର
ମୂଲ୍ୟ: ୧୫୦ ଟଙ୍କା

ସଂଘମିତ୍ରା ସ୍ୱାଇଁଙ୍କ ସଂପାଦନାରେ ସୃଜନଶୀଳତାର ନୂତନ ପରିଭାଷା 'ମୋନାଲିସା'ର ତ୍ରୟୋଦଶ ସଂଖ୍ୟା ନବବର୍ଷ ୨୦୨୬ ପ୍ରକାଶ ପାଇଛି । ଏହି ସଂଖ୍ୟାରେ ଓଡ଼ିଶାର ବହୁ ବରିଷ୍ଠ ଓ ଯୁବ ଲେଖକଲେଖିକାଙ୍କ କବିତା, ଗଳ୍ପ, ପ୍ରବନ୍ଧ, ଅନୁବାଦ ଆଦି ଲେଖାରେ ସମୃଦ୍ଧ ହୋଇଛି । ଗପ ବିଭାଗରେ ବରିଷ୍ଠ କଥାକାର ତରୁଣକାନ୍ତି ମିଶ୍ରଙ୍କ 'ଛାୟାଘନ ପ୍ରାନ୍ତରର ସୀମା', ଗୌରହରି ଦାସଙ୍କ 'ଘର', ସଦାନନ୍ଦ ତ୍ରିପାଠୀଙ୍କ 'ସନ୍ତାନ', ବିଷ୍ଣୁ ସାହୁଙ୍କ 'ସୁନୟନା', ରବି ସ୍ୱାଇଁଙ୍କ 'ଜଗନାଥିଆ', ଅରବିନ୍ଦ ରାୟଙ୍କ 'ଉତ୍ତର ପୁରୁଷ', ରବି ପଣ୍ଡାଙ୍କ 'ଆଖି' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । ପ୍ରତିଟି ଗପରେ ମାନବୀୟ ଭାବାବେଗ, ସାମାଜିକ ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି । ସେହିପରି ପ୍ରବନ୍ଧ ବିଭାଗରେ ଦାଶରଥି ଜେନାଙ୍କ 'ଗାନ୍ଧିଜୀଙ୍କ ଓଡ଼ିଶା ଗସ୍ତ', ନିରାକାର ଦାସଙ୍କ 'ଏକମାତ୍ର ସାମ୍ୟବାଦ ହିଁ ବିଶ୍ୱକୁ ସୁରକ୍ଷିତ ରଖିପାରିବ', ରାଜୀବ ପାଣିଙ୍କ 'ଜୀବନ ଓ ସଙ୍ଗୀତ', ମଙ୍ଗୁଳି ଚରଣ ମଲ୍ଲିକଙ୍କ 'ସମକାଳୀନ ଓଡ଼ିଆ ଦଳିତ କବିତାରେ ସାମାଜିକ ଚେତନା' ପ୍ରଭୃତି ପ୍ରବନ୍ଧ ଉଚ୍ଚକୋଟୀର ଓ ତଥ୍ୟଭିତ୍ତିକ ହୋଇଛି । ସେଭଳି କବିତା ବିଭାଗରେ ବଂଶୀଧର ଷଡ଼ଙ୍ଗୀଙ୍କ 'ସିଏ ଆସିଗଲେ', ରଞ୍ଜିତା ନାୟକଙ୍କ 'ସନ୍ଦିଗ୍ଧ ମୃଗୟା', ପୀତାମ୍ବର ତରାଇଙ୍କ 'ଅସ୍ପୃଶ୍ୟ' ଆଦି କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । 'ମୋନାଲିସା'ର ପ୍ରତିଟି ଲେଖା ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

## ଆଷାଢ଼

### ସଂପାଦକ : ପୀତାମ୍ବର ମହାପାତ୍ର



ଆନନ୍ଦ ବଜାର, ହନୁମନ୍ତ ବ୍ରହ୍ମପୁର
ଜଗତସିଂହପୁର-୭୫୪୧୧୧
ମୂଲ୍ୟ: ୧୦୦ ଟଙ୍କା

ଆଷାଢ଼ ସାହିତ୍ୟ ସଂସଦ ପକ୍ଷରୁ ପୀତାମ୍ବର ମହାପାତ୍ରଙ୍କ ସଂପାଦିତ 'ଆଷାଢ଼' ପତ୍ରିକା ପ୍ରକାଶ ପାଇଛି । 'ଆଷାଢ଼'ର ଏହି ସଂଖ୍ୟାରେ ପ୍ରବନ୍ଧ, ଗପ, ଗୀତି କବିତା, ଛନ୍ଦ କବିତା, ପୁସ୍ତକ ସମୀକ୍ଷା ଆଦି ପ୍ରକାଶିତ ହୋଇଛି । ଡ. ପ୍ରଭାକର ପଣ୍ଡାଙ୍କ 'ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା', ଡ. ଶ୍ରୀଚରଣ ଦାସଙ୍କ 'କାପୁରୁଷ', କିଶୋର ଚନ୍ଦ୍ର ମହାନ୍ତିଙ୍କ 'ଦିବ୍ୟ ଜ୍ଞାନ', ଦୁର୍ଗାପ୍ରସାଦ ଆଚାର୍ଯ୍ୟଙ୍କ 'ଶ୍ରୀଜଗନ୍ନାଥଙ୍କ ଚକାଡୋଳା ଓ କୃତ୍ରିମ ଉପଗ୍ରହ 'ନାଇସାର', ଜୟରାମ ସାହୁଙ୍କ 'ରହସ୍ୟମୟ ଶ୍ରୀଜଗନ୍ନାଥ' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର ଓ ଚିନ୍ତନମୂଳକ ହୋଇଛି । ସେହିପରି ନନ୍ଦକିଶୋର ସିଂହଙ୍କ 'ଇୟେ କି ଉଚ୍ଛ୍ୱାସ', ବାବାଜୀ ଚରଣ ଜେନାଙ୍କ 'ଜହ୍ନ ବି ଲାଜେଇ ଗଲା', ଡକ୍ଟର ତୋଫାନ ଜେନାଙ୍କ 'ମତେ ଭଲ ମୋ ଗାଁ', ସୁରଞ୍ଜନ ପାତ୍ରଙ୍କ 'ନିଆଁରେ ଜଳୁଛି ମାଟି', ଡକ୍ଟର ସଙ୍ଗୀତା ପଣ୍ଡାଙ୍କ 'ପାଉଁଶ ଗଦାର ନିଆଁ' ଆଦି ଗୀତି କବିତାଗୁଡ଼ିକ ଭାବ,ଭାଷା ଦୃଷ୍ଟିରୁ ବୋଧଗମ୍ୟ ଓ ମାର୍ମିକ ହୋଇଛି । ସେଭଳି ଚକ୍ରଧର ରାଉତଙ୍କ 'ପରଦା ପଛର ଆତୁଆଳେ', ଚିନ୍ମୟୀ ନନ୍ଦଙ୍କ 'ସ୍ୱପ୍ନ', ଲକ୍ଷ୍ମୀପ୍ରିୟା ଓଝାଙ୍କ 'ଜଡ଼ାଟା' ଆଦି ଗପକୁଡ଼ିକରେ ସାମାଜିକ ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି । ସେହିପରି କୃଷ୍ଣ କୁମାର ମହାନ୍ତି, ସ୍ନିଗ୍ଧା ନାୟକ, ସଞ୍ଜିତ କୁମାର ବଳ, ଡକ୍ଟର ବନପ୍ରଭା ପରିଡ଼ା, ହରିଶ୍ଚନ୍ଦ୍ର ବେହେରା ପ୍ରମୁଖଙ୍କ କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । 'ଆଷାଢ଼' ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ■

## ବିଜେଡିର ପ୍ରଶ୍ନ
# ବିଶ୍ୱ ବ୍ୟାଙ୍କରୁ ଋଣ କରିବାକୁ ଚାହୁଁଛନ୍ତି କି ରାଜ୍ୟ ସରକାର

ଭୁବନେଶ୍ୱର,୩୧ା୧(ସମିସ): ନିକଟରେ ବିଶ୍ୱ ବ୍ୟାଙ୍କ ସମୂହ ସଭାପତି ଓ ତାଙ୍କ ଟିମ୍ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମଧ୍ୟରେ ହୋଇଥିବା ବୈଠକକୁ ନେଇ ପ୍ରଶ୍ନ ଉଠାଇଛି ବିଜୁ ଜନତା ଦଳ। ଏହି ବୈଠକ କେବଳ ଅର୍ଥନୈତିକ କ୍ଷେତ୍ରରେ ଓଡ଼ିଶାର ସ୍ଥିତି ଓ ପ୍ରଗତି ସମ୍ବନ୍ଧରେ ଔପଚାରିକ ଆଲୋଚନା ନା ବିଶ୍ୱ ବ୍ୟାଙ୍କରୁ ଓଡ଼ିଶା ଋଣ କରିବା ଏହାର ଉଦ୍ଦେଶ୍ୟ, ତାହା ସ୍ପଷ୍ଟ ହେବାର ଆବଶ୍ୟକତା ରହିଛି। ରାଜ୍ୟର ଅର୍ଥ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ହାତରେ ଥିବାବେଳେ, ରାଜ୍ୟବାସୀଙ୍କ ଆଗରେ ସେ ଏହାର ସ୍ପଷ୍ଟୀକରଣ ରଖିବା ଉଚିତ ବୋଲି ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ୍ ମହାନ୍ତି ମତବ୍ୟକ୍ତ କରିଛନ୍ତି।

ସେ କହିଛନ୍ତି ଯେ ରାଜ୍ୟର ବିତ୍ତୀୟ ନିଅଣ୍ଟ ୧.୭ରୁ ୩.୫ରେ ପହଞ୍ଚିଛି, ଯାହା



- ୨୮ ମାସରେ ୯୧,୦୦୦ କୋଟି ଟଙ୍କା ଋଣ କଲେଣି
- ଖୋଲା ବଜାରରୁ ଚଢ଼ା ସୁଧରେ ୩୮ ପ୍ରତିଶତ ଋଣ
- ୯୦ ଦଶକର ଶେଷ ଭାଗ ସ୍ଥିତିର ପୁନରାବୃତ୍ତି ଆଶଙ୍କା

ଏଫ୍‌ଆର୍‌ବିଏମ୍ ନିୟମକୁ ଉଲ୍ଲଂଘନ କରୁଛି। ରାଜ୍ୟରେ ବିଜେପି ସରକାର କ୍ଷମତାସୀନ ହେବା ପରେ ଦୁଇଟି ବଜେଟରେ ୯୧,୦୦୦ କୋଟି ଟଙ୍କା ଋଣ କରିଥିବା ବେଳେ ଏଥିରୁ ପ୍ରାୟ ୩୮ ପ୍ରତିଶତ ଖୋଲା ବଜାରରୁ ନିଆଯାଇଛି। ଖୋଲା ବଜାରରୁ ଋଣ ନିଆଯାଉଛି ବୋଲି ବିଶ୍ୱ ବ୍ୟାଙ୍କ ସମ୍ମୁଖରେ ରାଜ୍ୟ ସରକାର ସ୍ପଷ୍ଟ କରିଛନ୍ତି କି ନାହିଁ ସେନେଇ ସନ୍ଦେହ ରହିଛି। ଗତ ୧୮ ମାସରେ ରାଜ୍ୟର ଆର୍ଥିକ ସ୍ଥିତି ଦୁର୍ବଳ ହେଉଥିବା ବେଳେ ରାଜ୍ୟ ସରକାର ବିଶ୍ୱ ବ୍ୟାଙ୍କରୁ ଋଣ ନେବା ପାଇଁ ଉଦ୍ୟମ କରୁଛନ୍ତି ବୋଲି ଚର୍ଚ୍ଚା ହେଉଛି। ରାଜ୍ୟର ଆର୍ଥିକ ସ୍ଥିତି ବିଗୁଡୁଥିବାବେଳେ ସ୍ୱାଭାବିକ ଭାବେ ରାଜ୍ୟବାସୀଙ୍କ ମନରେ ଅନେକ ପ୍ରଶ୍ନ ଉଠୁଛି। ନବେ ଦଶକର ଶେଷ ବେଳକୁ ଓଡ଼ିଶାର ଆର୍ଥିକ ସ୍ଥିତି ଯେପରି ଦୟନୀୟ ଥିଲା, ବିଜେପି ଶାସନରେ ତାହାର ପୁନରାବୃତ୍ତି ହେବ ନାହିଁ ତ ବୋଲି ଡ. ମହାନ୍ତି ପ୍ରଶ୍ନ କରିଛନ୍ତି।

# ଜନଶୁଣାଣି ପୂର୍ବରୁ ଡ୍ରମ୍ ବଜାଇ ଘୋଷଣା କରିବା ଜରୁରୀ ନୁହେଁ :ହାଇକୋର୍ଟ

କଟକ,୩୧ା୧(ସମିସ): ପରିବେଶ ମଞ୍ଜୁରୀ ସଂପର୍କିତ ଜନଶୁଣାଣି ତାରିଖ ସଂପର୍କରେ ସ୍ଥାନୀୟ ଲୋକଙ୍କୁ ଜଣାଇବା ପାଇଁ ପାରମ୍ପରିକ ଭାବେ ଡ୍ରମ୍ ବଜାଇ ଘୋଷଣା କରାଯିବା ଜରୁରୀ ନୁହେଁ। ଏପରିକି, ଜନଶୁଣାଣି ସୂଚନାକୁ ପଞ୍ଚାୟତ କାର୍ଯ୍ୟାଳୟରେ ଲଗାଇବା ମଧ୍ୟ ଆବଶ୍ୟକ ନୁହେଁ। କିନ୍ତୁ, ନିୟମ ଅନୁସାରେ ଜନଶୁଣାଣି ସଂପର୍କିତ ସୂଚନା ଜାତୀୟ ଓ ଆଞ୍ଚଳିକ ଭାଷାର ସମ୍ବାଦପତ୍ରରେ ପ୍ରକାଶ କରାଯିବା ଉଚିତ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରସନ୍ନଜିତ ନାୟକ ଓ ଅନ୍ୟମାନଙ୍କ ତରଫରୁ ଦାୟର ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ଜନଶୁଣାଣିପାଇଁ ଡ୍ରମବଜାଇ ଘୋଷଣା କରା ନଯିବା ଓ ପଞ୍ଚାୟତ କାର୍ଯ୍ୟାଳୟରେ ସୂଚନା ଲଗା ନଯିବା କାରଣରୁ ଜନ ଶୁଣାଣିକୁ ରଦ୍ଦ ପାଇଁ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ ଯାଜପୁର ଜିଲ୍ଲା ଦାନଗଦିଠାରେ ଏକ ପ୍ରକଳ୍ପ ପାଇଁ ୨୦୨୫ ମେ' ୨୮ରେ ଅନୁଷ୍ଠିତ ହୋଇଥିବା ଜନଶୁଣାଣି ପାଇଁ ନୋଟିସ ଦିଆଯାଇନଥିଲା। ଏଥିସହ ଜନ ପଞ୍ଚାୟତ କାର୍ଯ୍ୟାଳୟର ପ୍ରମୁଖ ସ୍ଥାନରେ ଜନ ଶୁଣାଣି ନୋଟିସ ଲଗାଯାଇ ନଥିଲା କି ଡ୍ରମ ବଜାଇ ଜନସାଧରଣଙ୍କ ପାଇଁ ଘୋଷଣା ହୋଇ ନଥିଲା। ତେଣୁ ଏପରି ଜନଶୁଣାଣି ଆଇନ ଅନୁସାରେ ହୋଇନଥିବା ଦର୍ଶାଇ ଏହାକୁ ରଦ୍ଦ କରିବା ସହ ସାନି ଜନ ଶୁଣାଣି ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ଦର୍ଶାଇ ଏହି ମାମଲା ଦାୟର ହୋଇଥିଲା।

ଅନ୍ୟପକ୍ଷରେ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ବିଜ୍ଞପ୍ତି ଅନୁସାରେ ଜନ ଶୁଣାଣି ସଂପର୍କିତ ସୂଚନା ବିଜ୍ଞାପନ ମାଧ୍ୟମରେ ଜାତୀୟ ଓ ଆଞ୍ଚଳିକ ସ୍ଥାନୀୟ ଭାଷାର ଖବର କାଗଜରେ ପ୍ରକାଶ ପାଇବ ଓ ଜନସାଧରଣଙ୍କ ଜବାବ ରଖିବାକୁ ସର୍ବନିମ୍ନ ୩୦ ଦିନ ସମୟ ପ୍ରଦାନ କରାଯିବ ବୋଲି ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ଡ୍ରମ୍ ବଜାଇ ସୂଚନା ଦେବା ବା ପଞ୍ଚାୟତ କାର୍ଯ୍ୟାଳୟରେ ନୋଟିସ ଲଗାଇବା ଭଳି ବ୍ୟବସ୍ଥା ବାଧ୍ୟତାମୂଳକ ନଥିବା ଶୁଣାଣି ବେଳେ ଜଣା ପଡ଼ିଥିଲା। ସମ୍ବାଦପତ୍ରରେ ନୋଟିସ ପ୍ରକାଶ କରାଯାଇ ଜନ ଶୁଣାଣି ହୋଇଥିବାରୁ ମାମଲାରେ ହସ୍ତକ୍ଷେପ କରିବାକୁ ମନା କରିବା ସହିତ ଆବେଦନକୁ ଖାରଜ କରିଛନ୍ତି।

## ବିଦ୍ୟୁତ ସଂସ୍ପର୍ଶରେ ମହିଳା ମୃତ ଘଟଣା
# ୩୫ ଘଣ୍ଟା ଅନ୍ଧାରରେ ରହିଲା ଟିକିରି

ଟିକିରି, ୩୧ା୧(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ଅନ୍ତର୍ଗତ ନୂଆସାହି ନିକଟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ମହିଳାଙ୍କ ମୃତ୍ୟୁ ପରେ ପ୍ରାୟ ୩୫ଘଣ୍ଟା ଧରି ରାୟଗଡ଼ା ଜିଲ୍ଲାର ଟିକିରି ଅଞ୍ଚଳ ଅନ୍ଧାରରେ ରହିଥିଲା। ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଟିକିରି ଏବଂ ନୂଆପଡ଼ା ଫିଡର୍‌ରେ ପ୍ରାୟ ୩୫ଘଣ୍ଟା ଧରି ବିଦ୍ୟୁତ ସରବରାହ ବନ୍ଦ ରହିଥିବାରୁ ଅଞ୍ଚଳବାସୀ ନାହିଁ ନଥିବା ହୋଇରାଣ ହୋଇଥିଲେ। ମୁଖ୍ୟତଃ ପିଇବା ପାଣି ଘୋର ଅସୁବିଧା ଦେଖାଦେଇଥିଲା। ବିଦ୍ୟୁତ୍ ନଥିବାରୁ ବ୍ୟାଙ୍କ କିମ୍ବା କୌଣସି ଅନଲାଇନ କାମ ହେଇନଥିଲା। ଶୁକ୍ରବାର ଦିନ ସାଢ଼େ ୧୦ଟାରେ ବିଦ୍ୟୁତ୍ କାଟ ହୋଇଥିବା ବେଳେ ଶନିବାର ରାତି ୮ଟାରେ ସରବରାହ ସ୍ୱାଭାବିକ ହୋଇଥିଲା।

ସୂଚନାଯୋଗ୍ୟ, କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ଅନ୍ତର୍ଗତ ବୁର୍ଜା ପଞ୍ଚାୟତର ବଡ଼ ଶଙ୍ଖା ଗ୍ରାମର ସରସ୍ୱତୀ ଟ୍ରେପେକା(୩୫) ବୁଧବାର ଦିନ ନିଜ ମଇଁଷି ଖୋଜିବାକୁ ବାହାରି ଥିଲେ। ଲକ୍ଷ୍ମୀପୁର ନୂଆଁସାହି ନିକଟରେ ଥିବା ଏକ ବଣଠାରେ ବିଦ୍ୟୁତ୍ ତାର ଓହଳିଥିବାରୁ ସେ ଜାଣି ନପାରି ବିଦ୍ୟୁତ୍ ସ୍ପର୍ଶରେ ଆସିବାରୁ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ୪ଦିନ ଧରି ଘରଲୋକେ ଖୋଜାଖୋଜି କରି ତାଙ୍କୁ ପାଇ ନଥିଲେ। ପରେ ତାଙ୍କ ମୃତ ଶରୀରକୁ ଦେଖି ସ୍ୱାମୀ ତଇଲ ଟ୍ରେପେକା ଲକ୍ଷ୍ମୀପୁର ଥାନାରେ ଏତଲା ଦେଇଥିଲେ। ପରିବାର ଲୋକ କ୍ଷତିପୂରଣ ଦାବିରେ ୩୩ କେଭି ଲାଇନକୁ ବନ୍ଦ କରିବାକୁ ଅଡ଼ି ବସିଥିଲେ। ଶନିବାର ବିଭାଗୀୟ ଅଧିକାରୀ ପହଞ୍ଚି ୨ ଲକ୍ଷ ଟଙ୍କା କ୍ଷତି ପୂରଣ ଦେବା ପରେ ଓହଳି ପଡିଥିବା ବିଦ୍ୟୁତ ତାର ମରାମତି ପରେ ବିଦ୍ୟୁତ ସ୍ୱାଭାବିକ ହୋଇଥିଲା।

# ସରକାରୀ ପଦରେ ଚୁକ୍ତିଭିତ୍ତିକ ଓ କେବଳ ସାକ୍ଷାତକାରଭିତ୍ତିକ ନିଯୁକ୍ତି ନେଇ ହାଇକୋର୍ଟଙ୍କ ଉଦ୍‌ବେଗ

କଟକ, ୩୧ା୧(ସମିସ): ରାଜ୍ୟରେ ହଜାରହଜାର ସରକାରୀ ପଦ ଦୀର୍ଘ ଦିନ ଧରି ଖାଲି ପଡ଼ିଥିବାରୁ ହାଇକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। ଏହି ପଦଗୁଡ଼ିକରେ ସମୟାନୁସାରେ ନିଯୁକ୍ତି ଦିଆନଯିବାରୁ ଅନେକ ଯୋଗ୍ୟ ପ୍ରାର୍ଥୀ ବୟସ ଗଡ଼ିଯିବା ଯୋଗୁଁ ସୁଯୋଗ ହରାଉଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ହାଇକୋର୍ଟ। ତେଣୁ ସରକାର ଓ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ତୁରନ୍ତ ଖାଲି ପଦଗୁଡ଼ିକୁ ନିୟମିତ ପ୍ରକ୍ରିୟାରେ ପୂରଣ କରନ୍ତୁ ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ ଦୀକ୍ଷିତ କୃଷ୍ଣ ଶ୍ରୀପଦ ଏବଂ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଶିବାଙ୍ଗୀ ମାହାତୋଙ୍କ ଆବେଦନକୁ ଖାରଜ କରିବା ସହ ଏପରି ରାୟ ପ୍ରଦାନ କରିଛନ୍ତି।

ସରକାରୀ ଚାକିରି କ୍ଷେତ୍ରରେ ଚୁକ୍ତିଭିତ୍ତିକ ନିଯୁକ୍ତି ଏବଂ କେବଳ ସାକ୍ଷାତକାର (ୱାକ୍-ଇନ୍-ଇଣ୍ଟରଭ୍ୟୁ) ମାଧ୍ୟମରେ ଚୟନ ପ୍ରକ୍ରିୟାକୁ ନେଇ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସାଧାରଣ ନିଯୁକ୍ତି କ୍ଷେତ୍ରରେ ସ୍ୱଚ୍ଛତା ଓ ନିୟମିତ ପ୍ରକ୍ରିୟା ଅପରିହାର୍ଯ୍ୟ। ଯେଉଁଠାରେ ନିୟମିତ ନିଯୁକ୍ତି ପାଇଁ ବିଧିବଦ୍ଧ ନିୟମ ରହିଛି, ସେଠାରେ ଚୁକ୍ତିଭିତ୍ତିକ ପ୍ରକ୍ରିୟା ଆପଣାଇବା ଅନୁଚିତ ବୋଲି ହାଇକୋର୍ଟ କହିଛନ୍ତି। ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ଓପିଏସ୍‌ସି ସଚିବଙ୍କୁ ଏହି ରାୟର ନକଲ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ, ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜରେ ସହକାରୀ ପ୍ରଫେସର୍ (ନିଶ୍ଚେତକ) ପଦବୀ ପାଇଁ ଆବେଦନକାରୀ, ୨୦୨୪ ମେ' ୮ରେ ପ୍ରକାଶିତ ଏକ ୱାକ୍-ଇନ୍-ଇଣ୍ଟରଭ୍ୟୁ ବିଜ୍ଞାପନ ଆଧାରରେ ଚୟନ ତାଲିକାର ଚତୁର୍ଥ ସ୍ଥାନରେ ଥିଲେ। ଚୟନ ହୋଇଥିବା ୨ଜଣ ପ୍ରାର୍ଥୀ ଯୋଗ ନ ଦେବାରୁ ବଳକା ପଦବୀରେ ତାଙ୍କୁ ନିଯୁକ୍ତି ଦେବା ପାଇଁ ସେ ଦାବି କରିଥିଲେ। ମାତ୍ର କର୍ତ୍ତୃପକ୍ଷ ଏହାର ବିଚାର ନକରି ୨୦୨୪ ନଭେମ୍ବର ୫ରେ ସରକାର ସାନି ନୂତନ ନିଯୁକ୍ତି ବିଜ୍ଞପ୍ତି ଜାରି କରିବାରୁ ସେ ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜଣିକିଆ ବିଚାରପତି ତାଙ୍କ ଆବେଦନକୁ ଖାରଜ କରିବାରୁ ସେ ଦୁଇ ଜଣିଆ ଖଣ୍ଡପୀଠରେ ମାମଲା ରୁଜୁ କରିଥିଲେ। ଏମ୍‌କେସିଜି ମେଡିକାଲରେ ସହକାରୀ ପ୍ରଫେସର୍ ପଦ ପାଇଁ ଆବେଦନକାରୀ କେବଳ ସାକ୍ଷତକାର ବା ୱାକ୍ ଇନ୍ ଇଣ୍ଟରଭିୟୁରେ ଅଂଶଗ୍ରହଣ କରିଥିବା ସ୍ପଷ୍ଟ ହୋଇଥିଲା। କେବଳ ୱାକ୍-ଇନ୍-ଇଣ୍ଟରଭ୍ୟୁ ମାଧ୍ୟମରେ ଯୋଗ୍ୟତା ମାପିବା ଠିକ୍ ନୁହେଁ। ଏହା ଦ୍ୱାରା ସ୍ୱଚ୍ଛତା ବାଧାପ୍ରାପ୍ତ ହୁଏ ଏବଂ ଜନସାଧାରଣଙ୍କ ମନରେ ନିଯୁକ୍ତି ପ୍ରକ୍ରିୟା ପ୍ରତି ସନ୍ଦେହ ସୃଷ୍ଟି ହୁଏ ବୋଲି ହାଇକୋର୍ଟ କଡ଼ା ଟିପ୍ପଣୀ ଦେବା ସହ ମାମଲାକୁ ଖାରଜ କରିଦେଇଛନ୍ତି।

# ଭିଜିଲାନ୍ସ ଜାଲରେ ପ୍ରାଣୀ ଚିକିତ୍ସା କର୍ମଚାରୀ

ଯାଜପୁର, ୩୧ା୧(ସମିସ): ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକର ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟର କାର୍ଯ୍ୟକ୍ରମ ସହାୟକ ଶୁଭାଶିଷ ସାମଲ ଆଜି ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। କୁକୁଡ଼ା ଚାଷ ଯୋଜନାରେ ପ୍ରଥମ ପର୍ଯ୍ୟାୟ ସବ୍‌ସିଡି ରାଶି ୨.୧୬ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଏବଂ ହିତାଧିକାରୀଙ୍କ ଦ୍ୱାରା କୁକୁଡ଼ା ଫାର୍ମ ନିର୍ମାଣ ଏବଂ ପ୍ରୋତ୍ସାହନ ସମ୍ପର୍କିତ ଦ୍ୱିତୀୟ ପର୍ଯ୍ୟାୟ ସବ୍‌ସିଡି



ପ୍ରଦାନ ପାଇଁ ସେ ଏହି ଲାଞ୍ଚ ନେଉଥିଲେ। ଜଣେ ହିତାଧିକାରୀଙ୍କଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ସେ ଗିରଫ ହୋଇଛନ୍ତି।

ହିତାଧିକାରୀଜଣକ ଏହି ଯୋଜନାରେ ମୋଟ ୭.୨୦ ଲକ୍ଷ ଟଙ୍କା ପାଇବାର ଥିଲା। ଏହାର ସବ୍‌ସିଡି ପରିମାଣ ପ୍ରକଳ୍ପର ମୂଲ୍ୟର ୬୦ ପ୍ରତିଶତ ଅନୁଯାୟୀ ୪.୩୨ ହଜାର ଟଙ୍କା ଥିଲା। ଅଭିଯୁକ୍ତ ଶ୍ରୀ ସାମଲ ହିତାଧିକାରୀଙ୍କ ସପକ୍ଷରେ ଦ୍ୱିତୀୟ ପର୍ଯ୍ୟାୟ ସବ୍‌ସିଡି ରାଶି ପ୍ରଦାନ କରିବା ପାଇଁ ୪୦ ହଜାର ଟଙ୍କା (ମୋଟ ସବସିଡି ପରିମାଣର ପ୍ରାୟ ୧୦ ପ୍ରତିଶତ) ଲାଞ୍ଚ ଦାବି କରୁଥିଲେ। ହିତାଧିକାରୀ ଦାବି କରାଯାଇଥିବା ଲାଞ୍ଚ ଦେବାକୁ ଅକ୍ଷମତା ପ୍ରକାଶ କରିବାରୁ, ଅଭିଯୁକ୍ତ ଆଲୋଚନାରେ ୩୦ ହଜାର ଟଙ୍କା ଦାବି କରିଥିଲେ। ଆହୁରି ମଧ୍ୟ ଯଦି ଲାଞ୍ଚ ରାଶି ପ୍ରଦାନ ନ କରାଯାଏ, ତେବେ ସେ ଦ୍ୱିତୀୟ ପର୍ଯ୍ୟାୟ ସବସିଡି ରାଶି ପ୍ରଦାନ ପାଇଁ ଫାଇଲ୍ ଆରମ୍ଭ କରିବେ ନାହିଁ ବୋଲି ସେ ଧମକ ଦେଇଥିଲେ। ଫଳରେ ହିତାଧିକାରୀ କାର୍ଯ୍ୟକ୍ରମ ସହାୟକ ଶ୍ରୀ ସାମଲଙ୍କ ଦ୍ୱାରା ହଇରାଣ ହେଉଥିବା ବିଷୟରେ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ କରିଥିଲେ। ସୂଚନା ପାଇ ଓଡ଼ିଶା ଭିଜିଲାନ୍ସର

### ୩୦ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡ଼ିଲେ

ଏକ ଦଳ ଆଜି ଯାଜପୁରର ବଡ଼ଚଣା ନିକଟସ୍ଥ ୧୬ନଂ ଜାତୀୟ ରାଜପଥର ଗଣ୍ଡି ଛକରେ ହିତାଧିକାରୀଙ୍କଠାରୁ ଲାଞ୍ଚ ନେଉଥିବା ସମୟରେ ଅଭିଯୁକ୍ତ ଶ୍ରୀ ସାମଲଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତ ଶ୍ରୀ ସାମଲଙ୍କ ସ୍ୱତନ୍ତ୍ର କବ୍‌ଜାରୁ ସମସ୍ତ ଦାଗୀ ଲାଞ୍ଚ ଟଙ୍କା ଉଦ୍ଧାର କରାଯାଇ ଜବତ କରାଯାଇଛି। ଏ ସଂକ୍ରାନ୍ତରେ ଶ୍ରୀ ସାମଲଙ୍କ ବିରୋଧରେ ଏକ ମାମଲା ୭/୨୬ରେ ରୁଜୁ ହେବା ସହିତ ତାଙ୍କର ଘର ଓ କାର୍ଯ୍ୟାଳୟରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ଉ ଜାରି ରହିଛି। ଏ ସମ୍ପର୍କରେ କଟକ ଭିଜିଲାନ୍ସ ପିଏସ୍ କେସ୍ ନମ୍ବର ୫/୨୦୨୬, ୟୁ/ଏସ୍-୭ପିସି (ସଂଶୋଧନ) ଆଇନ, ୨୦୧୮, ପ୍ରୋଗ୍ରାମ ସହାୟକଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ହିରୋଇନଙ୍କ ବେକରେ...

ତଳେ ୧୯୭୨ରେ ଆମେରିକା ଅଭିନେତ୍ରୀ ଏଲିଜାବେଥ ଟେଲରଙ୍କୁ ତାଙ୍କ ୪୦ ତମ ଜନ୍ମଦିନରେ ପଞ୍ଚମ ସ୍ୱାମୀ ରିଚାର୍ଡ ବର୍ଟନ ଏହି ହାର ଉପହାର ଦେଇଥିଲେ। ଏହାକୁ ତାଜମହଲ ଡାଏମଣ୍ଡ ମଧ୍ୟ କୁହାଯାଏ। ମୋଗଲ ସମ୍ରାଟ ଶାହା ଜହାଙ୍ଗୀର ପତ୍ନୀ ନୁରଜହାଁଙ୍କୁ ଏହି ହାର ଉପହାର ଦେଇଥିଲେ। ହୃତପିଣ୍ଡ ଆକାର ଏହି ହୀରା ୧୭ଶ ଶତାବ୍ଦୀର। ଏଥିରେ ପାର୍ସୀ ଭାଷାରେ 'ଭଲ ପାଇବା ସର୍ବଦା ରହିଥାଏ' ବୋଲି ଲେଖା ଯାଇଛି। ନରୁଜହାଁଙ୍କ ନାମ ମଧ୍ୟ ରହିଛି। ପରେ ଏହି ହାର ତାଙ୍କ ପୁଅ ଶାହାଜାହାଁଙ୍କ ପାଖରେ ପହଞ୍ଚି ଥିଲା। ସେ ନିଜ ପତ୍ନୀ ମୁମତାଜଙ୍କୁ ଏହା ଦେଇଥିଲେ। ମମତାଜଙ୍କ ମୃତ୍ୟୁପରେ ଶାହାଜାହାଁ ତାଜମହଲ ଗଢ଼ିଥିଲେ। ତେଣୁ ଏହି ହୀରାକୁ ତାଜମହଲ ଡାଏମଣ୍ଡ କୁହାଗଲା। ଅନେକ ଶତାବ୍ଦୀ ପରେ ଏହି ହୀରା ଭିନ୍ନ ଭିନ୍ନ ଲୋକଙ୍କ ପାଖକୁ ଯାଇଥିଲା। ଶେଷରେ ୧୯୭୧ରେ ଫ୍ରେଞ୍ଚ ଲକ୍‌ଜୁରି ବ୍ରାଣ୍ଡ କାର୍ଟିଅର ଏହାକୁ କ୍ରୟ କରିଥିଲେ। ସେ ଏହାକୁ ନୂଆ କରି ପ୍ରସ୍ତୁତ କରିଥିଲେ। ୧୯୭୨ରେ ରିଚର୍ଡ ବର୍ଟନ ନୂଆ ହାରକୁ କିଣି ନେଇଥିଲେ।

### ଶପଥ ନେଲେ...

ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଉପସ୍ଥିତ ରହିଥିଲେ। ଶପଥ ନେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୁନେତ୍ରାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ସୁନେତ୍ରାଙ୍କୁ ଉତ୍ପାଦନ ଶୁଳ୍କ, କ୍ରୀଡ଼ା ଏବଂ ଯୁବ କଲ୍ୟାଣ ସହିତ ସଂଖ୍ୟାଲଘୁ ବିକାଶ ମନ୍ତ୍ରାଳୟ ଦିଆଯାଇଛି। ମାତ୍ର ସ୍ୱାମୀଙ୍କ ପାଖରେ ଥିବା ଅର୍ଥ ବିଭାଗକୁ ତାଙ୍କୁ ଦିଆଯାଇ ନାହିଁ। ମୁଖ୍ୟମନ୍ତ୍ରୀ ଏହି ବିଭାଗକୁ ନିଜ ପାଖରେ ରଖିଛନ୍ତି। ଏହା ପୂର୍ବରୁ ଏନ୍‌ସିପି ବିଧାୟକ ଦଳ ଏବଂ ବିଧାନ ପରିଷଦ ସଦସ୍ୟଙ୍କ ବୈଠକ ବିଧାନ ଭବନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁନେତ୍ରାଙ୍କୁ ସର୍ବସମ୍ମତି କ୍ରମେ ଦଳୀୟ ନେତ୍ରୀ ଚୟନ କରାଯାଇଥିଲା। ଦଳୀୟ ନେତା ଛଗନ ଭୁଜବଳ ତାଙ୍କ ନାମ ପ୍ରସ୍ତାବ ଦେଇଥିବାବେଳେ ଦିଲୀପ ପାଟିଲ ଏହାକୁ ସମର୍ଥନ କରିଥିଲେ। ଶପଥ ନେବା ପୂର୍ବରୁ ସୁନେତ୍ରା ସାଂସଦ ପଦରୁ ଇସ୍ତଫା ଦେଇଥିଲେ।

ଅନ୍ୟପଟେ ଦ୍ୱିପହରେ ଶରଦ ପାୱାରଙ୍କ ନେତୃତ୍ୱରେ ଦ୍ୱିପହରେ ଏନ୍‌ସିପି ବୈଠକ ବସିଥିଲା। ଏଥିରେ ସେ କହିଥିଲେ ଯେ ଏନ୍‌ସିପିର ଦୁଇ ଗୋଷ୍ଠୀ ଏକାଠି ହୁଅନ୍ତୁ ବୋଲି ଅଜିତ ଚାହୁଥିଲେ। ଏଥିପାଇଁ ଆଲୋଚନା ମଧ୍ୟ ହୋଇଥିଲା। ୧୨ ତାରିଖରେ ଏହି ଘୋଷଣା ହେବାର ଥିଲା। ମାତ୍ର ଦୁର୍ଭାଗ୍ୟ ଯେ ଏହା ପୂର୍ବରୁ ଅଜିତ ଆମକୁ ଛାଡ଼ି ଚାଲି ଯାଇଛନ୍ତି। ଏହା ମଧ୍ୟରେ ସୁନେତ୍ରାଙ୍କ ସମ୍ପର୍କୀୟ ତଥା ବିଧାୟକ ରୋହିତ ପାୱାର କହିଛନ୍ତି ଯେ ଅଜିତ ଦାଦାଙ୍କ ସ୍ଥାନ କେହି ନେଇପାରିବେ ନାହିଁ। ମାତ୍ର ଅତିକମରେ ଆମେ ଅଜିତ ଦାଦାଙ୍କ ସ୍ଥାନରେ ସୁନେତ୍ରାବାଇଙ୍କୁ ଦେଖିପାରିବୁ। ସୂଚନାଯୋଗ୍ୟ ଯେ ୧୯୬୩ ଅକ୍ଟୋବର ୧୮ ରେ ଜନ୍ମିତ ସୁନେତ୍ରାଙ୍କ ରାଜନୈତିକ କ୍ୟାରିୟର ସେତେ ଭଲ ନ ଥିଲା। ସେ ୨୦୨୪ରେ ସମ୍ମାନଜନକ ବାରାମତୀରୁ ଲୋକସଭା ନିର୍ବାଚନ ଲଢି ନଣନ୍ଦ ସୁପ୍ରିୟା ସୁଲେଙ୍କଠାରୁ ପରାଜିତ ହୋଇଥିଲେ। ଏହା ପରେ ସୁନେତ୍ରା ରାଜ୍ୟସଭାକୁ ମନୋନୀତ ହୋଇଥିଲେ। ଗତ ୨୮ ତାରିଖରେ ବିମାନ ଦୁର୍ଘଟଣାରେ ଉପ-ମୁଖ୍ୟମନ୍ତ୍ରୀ ଅଜିତଙ୍କ ମୃତ୍ୟୁ ହେବା ପରେ ତାଙ୍କ ସ୍ଥାନରେ ପତ୍ନୀ ସୁନେତ୍ରାଙ୍କୁ ନିଯୁକ୍ତି କରିବାକୁ ଦାବି ହୋଇଥିଲା। ମେଣ୍ଟ ସହଯୋଗୀ ବିଜେପି ଏବଂ ଶିବସେନା (ଏକନାଥ) ମଧ୍ୟ ଏହାକୁ ମାନି ନେଇଥିଲେ।

### ବିରୋଧ ପରେ...

କୋଟି ଟଙ୍କାର ମେଗା ଶିଳ୍ପ ପ୍ରକଳ୍ପ ସମେତ ୧୦ଟି ବିଭାଗର ମୋଟ ୧୨ଟି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ମିଳିଥିବା ନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସୂଚନା ପ୍ରଦାନ କରିଛନ୍ତି। କଲ୍ୟାଣୀ ଗ୍ରୁପ୍ ପକ୍ଷରୁ ଢେଙ୍କାନାଳ ଜିଲ୍ଲାର ଗଜମରାଠାରେ ଏକ ସମନ୍ୱିତ ଅଟୋମୋଟିଭ୍, ଏରୋସ୍ପେସ୍ ଏବଂ ପ୍ରତିରକ୍ଷା ଉପକରଣ ନିର୍ମାଣ କମ୍ପ୍ଲେକ୍ସ ପ୍ରତିଷ୍ଠା ହେବ। ପ୍ରାୟ ୧୧୦୦ ଏକର ଜମିରେ ବିକଶିତ ହେବାକୁ ଥିବା ଏହି ପ୍ରକଳ୍ପରେ କଲ୍ୟାଣୀ ଷ୍ଟିଲ୍ସ, ସାରଲୋହା ଆଡଭାନ୍ସଡ୍ ମ୍ୟାଟେରିଆଲ୍ସ ଓ ଭାରତ ଫୋର୍ଜ ପକ୍ଷରୁ ମୋଟ ୧୭୨୫୦ କୋଟି ଟଙ୍କାର ନିବେଶ କରାଯିବ। ଏହି ପ୍ରକଳ୍ପ ଦ୍ୱାରା ପ୍ରାରମ୍ଭିକ ଭାବେ ୪୮୦୦ ପ୍ରତ୍ୟକ୍ଷ ଓ ୫୫୦୦ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବାକୁ ଥିବାବେଳେ ଭବିଷ୍ୟତରେ ଏହା ୨୦ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ପ୍ରଦାନ କରିବ।

ସେହିପରି କେନ୍ଦ୍ର ସରକାରଙ୍କ 'ସମବାୟରୁ ସମୃଦ୍ଧି' ନୀତି ଅନୁରୂପ ପ୍ରସ୍ତୁତ ଓଡ଼ିଶା ସମବାୟ ନୀତି-୨୦୨୬କୁ ଆଜି ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ଏହି ନୀତି ୨୦୩୬ ମସିହା ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହା ମାଧ୍ୟମରେ ପ୍ୟାକ୍ସ, ସମବାୟ ସଂସ୍ଥା ଓ ସମବାୟ ବ୍ୟାଙ୍କଗୁଡ଼ିକୁ ସୁଦୃଢ଼ କରାଯିବା ସହ ଗ୍ରାମାଞ୍ଚଳରେ ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି ଓ କୃଷି ପ୍ରକ୍ରିୟାକରଣକୁ ପ୍ରୋତ୍ସାହନ ଦିଆଯିବ। ଏହି ନୀତି 'ବିକଶିତ ଓଡ଼ିଶା-୨୦୩୬' ଓ 'ବିକଶିତ ଭାରତ-୨୦୪୭'ର ଲକ୍ଷ୍ୟ ସହିତ ସମନ୍ୱୟ ରକ୍ଷାକରି ପ୍ରସ୍ତୁତ କରାଯାଇଛି ବୋଲି ସରକାର କହିଛନ୍ତି।

ସେହିପରି ରାଜ୍ୟରେ ବୈଜ୍ଞାନିକ ଗବେଷଣା ଓ ନବସୃଜନକୁ ଉତ୍ସାହିତ କରିବା ପାଇଁ 'ରାଜ୍ୟ ବିଜ୍ଞାନ ଓ ବୈଷୟିକ ପରିଷଦ' ଯୋଜନାକୁ ମଞ୍ଜୁରୀ ମିଳିଛି। ୨୦୨୫-୨୬ରୁ ୨୦୨୯-୩୦ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୫ବର୍ଷ ପାଇଁ ଏହି ଯୋଜନା କାର୍ଯ୍ୟକାରୀ ହେବାକୁ ଥିବାବେଳେ ଏଥିରେ ୨୫୪.୮୫ କୋଟି ଟଙ୍କା ବିନିଯୋଗ ହେବ। ଏହି ଯୋଜନା ଅଧୀନରେ ୧୪ଟି ଉପ ଯୋଜନା ରହିଛି, ଯାହା ମାଧ୍ୟମରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନରେ ଉଚ୍ଚଶିକ୍ଷା ଓ ଗବେଷଣା ପାଇଁ ପ୍ରୋତ୍ସାହିତ କରାଯିବା ସହ ଜିଲ୍ଲା ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟୋରିୟମ୍ ମାଧ୍ୟମରେ ଜନସାଧାରଣଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ସୃଷ୍ଟି କରାଯିବ। ଏହାବ୍ୟତୀତ ଇନୋଭେସନ ହବ୍ ପ୍ରତିଷ୍ଠା କରି ରାଜ୍ୟରେ ଏକ ଦୃଢ଼ ଇନୋଭେସନ ଇକୋସିଷ୍ଟମ ବିକଶିତ କରିବା ଏହାର ଲକ୍ଷ୍ୟ ବୋଲି ଜଣାପଡ଼ିଛି।

ରାଜ୍ୟ ସରକାରୀ କର୍ମଚାରୀଙ୍କ ସ୍ୱାର୍ଥ ଓ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ପାଇଁ ରାଜ୍ୟ କ୍ୟାବିନେଟ୍ ଏକାଧିକ ପ୍ରସ୍ତାବ ଉପରେ ମୋହର ମାରିଛନ୍ତି। ରାଜ୍ୟର ଇଏସଆଇ ହସ୍ପିଟାଲ ଓ ଡିସପେନସାରିରେ କାର୍ଯ୍ୟରତ ନର୍ସିଂ କର୍ମଚାରୀଙ୍କ ପାଇଁ 'ଓଡ଼ିଶା କର୍ମଚାରୀ ରାଜ୍ୟ ବୀମା ଯୋଜନା ନର୍ସିଂ ସେବା(ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତାବଳୀ) ନିୟମ-୨୦୨୫' ପ୍ରଣୟନ କରାଯାଇଛି। ଏହା ସେମାନଙ୍କ ନିଯୁକ୍ତି ଏବଂ ପଦୋନ୍ନତି ପ୍ରକ୍ରିୟାକୁ ସଠିକ୍ ଭାବେ ନିୟନ୍ତ୍ରିତ କରିବ। ସେହିପରି ମିଳିତ ବୈଷୟିକ ସେବା ନିଯୁକ୍ତି ପରୀକ୍ଷା ନିୟମାବଳୀ-୨୦୨୨ରେ ସଂଶୋଧନ କରାଯାଇ ୧୦ଟି ନୂଆ ପଦବୀକୁ ସାମିଲ କରାଯାଇଛି। ଏହାଦ୍ୱାରା ଏଣିକି କ୍ୟାବିନେଟ୍ ବଦଳରେ ସରକାରଙ୍କ ଅନୁମୋଦନକ୍ରମେ ସେବା, ପଦବୀ ଓ ସିଲାବସର ଅନ୍ତର୍ଭୁକ୍ତ କରାଯାଇପାରିବ କିମ୍ବା ବାଦ୍ ଦିଆଯାଇପାରିବ। ସେହିପରି ପୁଲିସ, ଅବକାରୀ ଓ ଜଙ୍ଗଲ, ବାଣିଜ୍ୟ ଓ ପରିବହନ ବିଭାଗ ଭଳି ୟୁନିଫର୍ମ ସେବାରେ ଚୟନ ପାଇଁ ଅଧ୍ୟକ୍ଷ ଓ ସଦସ୍ୟଙ୍କ ନିଯୁକ୍ତି ସକାଶେ ନୂତନ ନିୟମ-୨୦୨୬କୁ ମଞ୍ଜୁରୀ ମିଳିଛି। ଏହା ଏଣିକି ଓଡ଼ିଶା ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ ନିୟମାବଳୀ, ୨୦୨୬ ଭାବରେ ଅଭିହିତ ହେବ। ଏତଦ୍ ବ୍ୟତୀତ ଦିବ୍ୟାଙ୍ଗ ପ୍ରାର୍ଥୀମାନଙ୍କୁ ନ୍ୟାୟିକ ସେବାରେ ଅଧିକ ସୁଯୋଗ ପ୍ରଦାନ କରିବା ପାଇଁ ଓଡ଼ିଶା ଉଚ୍ଚତର ନ୍ୟାୟିକ ସେବା ଓ ନ୍ୟାୟିକ ସେବା ନିୟମାବଳୀ-୨୦୦୭ରେ ସଂଶୋଧନ ପାଇଁ ନିଷ୍ପତ୍ତି ନିଆଯାଇଛି।

ଏତଦ୍ ବ୍ୟତୀତ ରାଜ୍ୟର କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ 'ଡାଇଭର୍ସନ୍ ୱେୟାର ସୁଧାର ଯୋଜନା' କୁ ରାଜ୍ୟ କ୍ୟାବିନେଟ ଅନୁମୋଦନ ଦେଇଛି। ଯେଉଁଥିରେ ୨୦୨୫-୨୬ରୁ ୨୦୨୭-୨୮ ଅର୍ଥାତ୍ ୩ ବର୍ଷ ମଧ୍ୟରେ ୩୬୨ କୋଟି ଟଙ୍କା ଖର୍ଚ୍ଚ ହେବ। ଏହା ମାଧ୍ୟମରେ ରାଜ୍ୟର ପୁରାତନ ନଦୀବନ୍ଧ ଓ ବ୍ୟାରେଜ ଗୁଡ଼ିକର ମରାମତି କରାଯିବା ସହ କେନାଲରେ କଂକ୍ରିଟ୍ ଲାଇନିଙ୍ଗ୍ ନିର୍ମାଣ କରାଯାଇ ଚାଷୀଙ୍କୁ ସୁବିଧାରେ ଜଳ ଯୋଗାଇ ଦିଆଯିବ।

### ଆଜି ଆଗତ ହେବ...

ଶୁଳ୍କ ହ୍ରାସ କରି ୬ରୁ ୪ ପ୍ରତିଶତ କରିପାରନ୍ତି। ଯଦି ଏପରି ହୁଏ ତେବେ ସୁନା ୧୦ ଗ୍ରାମ ପିଛା ୩ ହଜାର ଏବଂ ରୁପା ୬ ହଜାର ଟଙ୍କା ପର୍ଯ୍ୟନ୍ତ ଶସ୍ତା ହୋଇଯିବ। ସୂଚନା ଅନୁଯାୟୀ, ୨୦୨୫ରେ ସୁନା ୭୫ ପ୍ରତିଶତ ଏବଂ ରୁପା ମୂଲ୍ୟ ୧୬୭ ପ୍ରତିଶତ ବୃଦ୍ଧି ପାଇଥିଲା।

ବଜେଟରେ ସରକାର ସୁଧାର ଏକ୍ସପ୍ରେସ ଜାରି ରଖିପାରନ୍ତି। ଚଳିତ ଥର ସ୍ୱାସ୍ଥ୍ୟା ସେବାରେ ବ୍ୟୟ ବୃଦ୍ଧି, ପ୍ରତିରକ୍ଷା କ୍ଷେତ୍ରରେ ସ୍ୱଦେଶୀକୁ ଗୁରୁତ୍ୱ ଏବଂ ଭିତ୍ତିଭୂମି ପ୍ରକଳ୍ପକୁ ନୂଆ ଗତି ଦିଆଯାଇପାରେ। ରିୟଲ ଇଷ୍ଟେଟ କ୍ଷେତ୍ରକୁ ଶସ୍ତାରେ ଋଣ, ଟିକସ ରିଆତି ଏବଂ ସୁଲଭ ମୂଲ୍ୟରେ ଗୃହ ପାଇଁ ଘୋଷଣା ହୋଇପାରେ।

### ଟ୍ରକ୍ ଚାପାରେ...

ଦେବାଶିଷ ସ୍ୱାଇଁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏହି ଘଟଣାରେ ପୁଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ର ଚାଳକକୁ ଅଟକ ରଖି ପଚରାଉଚରା ଚଳାଇଛି।

ଅନ୍ୟପକ୍ଷରେ, ଏହି ଦୁଃଖଦ ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ପ୍ରତି ମୃତକଙ୍କ ପରିବାରର ନିକଟତମ ସଦସ୍ୟଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ସେହିପରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ଶୋକବ୍ୟକ୍ତ କରିଛନ୍ତି। 'ଏକ୍ସ'ରେ ସେ ଉଲ୍ଲେଖ କରିଛନ୍ତି ଯେ ଏହି ମର୍ମନ୍ତୁଦ ଦୁର୍ଘଟଣାରେ ଏକାଧିକ ବ୍ୟକ୍ତିଙ୍କ ପ୍ରାଣହାନି ହେବା ସହ ଅନେକ ଆହତ ହୋଇଥିବା ବିଷୟରେ ଜାଣି ମୁଁ ଦୁଃଖିତ। ମୃତକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସଙ୍କ ପ୍ରତି ମୋର ସମବେଦନା ଜଣାଉଛି। ଏଥିସହ ଆହତ ବ୍ୟକ୍ତିମାନଙ୍କ ଆଶୁଆରୋଗ୍ୟ କାମନା କରୁଛି।

ସୂଚନାଯୋଗ୍ୟ, ମଧ୍ୟାହ୍ନରେ ୩ଟି ବାଇକ୍ ୧୬ ନମ୍ବର ଜାତୀୟ ରାଜପଥରୁ ହଳଦିଆପଦର ଓଭରବ୍ରିଜ୍ ଦେଇ ବ୍ରହ୍ମପୁର ସହରକୁ ଆସିଥିଲେ। ଏହି ସମୟରେ ବିପରୀତ ଦିଗରୁ ଯାଉଥିବା ଏକ ଟ୍ରକ୍ (ଓଡି ୦୭ଜେଡ୍-୭୨୫୯) ରାସ୍ତାର ଅନ୍ୟ ପାର୍ଶ୍ୱକୁ ଯାଇ ଗୋଟିଏ ପରେ ଗୋଟିଏ ବାଇକ୍‌କୁ ଧକ୍କା ଦେଇ ମାଡ଼ି ଯାଇଥିଲା। ଏଥିରେ ୩ଟି ବାଇକ୍‌ର ଚାଳକଙ୍କ ସମେତ ମୋଟ ୫ ଜଣଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ଘଟାଇବା ପରେ ଘଟଣାସ୍ଥଳରୁ ଟ୍ରକ୍ ଚାଳକ ପ୍ରଦୀପ ଜାନି ଫେରାର ହେବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ କାବୁ କରିନେଇଥିଲା।

ପ୍ରକାଶଯୋଗ୍ୟ, ହଳଦିଆପଦର ଓଭରବ୍ରିଜ୍‌ରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ସହ ଅନେକଙ୍କ ଜୀବନହାନି ଘଟୁଥିବାରୁ ଏହି ସ୍ଥାନକୁ 'ବ୍ଲାକ୍ ସ୍ପଟ୍' ଭାବେ ଚିହ୍ନଟ କରାଯାଇଛି। କିନ୍ତୁ ଏଠାରେ ଯାତ୍ରୀଙ୍କୁ ସତର୍କ ଓ ସଚେତନ କରିବା ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ଏହି ଓଭରବ୍ରିଜ୍‌ରେ ଦୁର୍ଘଟଣା ବଢ଼ିବାରେ ଲାଗିଛି। ସମ୍ପ୍ରତି ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ କରାଯାଉଥିବା ବେଳେ ଆଜି ମାସର ଶେଷ ଦିନରେ ସଡ଼କ ଦୁର୍ଘଟଣାରେ ୫ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ ତ୍ରୁଟିପୂର୍ଣ୍ଣ ଓଭରବ୍ରିଜ ନିର୍ମାଣ ଯୋଗୁ ବାରମ୍ବାର ଦୁର୍ଘଟଣା ଘଟିବା ସହ ଅକାଳରେ ବହୁ ବ୍ୟକ୍ତିଙ୍କ ମୃତ୍ୟୁ ହେଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି।

### ସ୍କୁଲରେ ଝାଡ଼ାବାନ୍ତି...

ଓ ବିଷମକଟକ ମେଡିକାଲ ଟିମ ବିଦ୍ୟାଳୟରେ ପହଞ୍ଚି କେଉଁ କାରଣରୁ ଏଭଳି ଝାଡ଼ାବାନ୍ତି ବ୍ୟାପୁଛି, ତାହାର ତଦନ୍ତ କରିଛନ୍ତି। ପାଣି ଓ ଖାଦ୍ୟ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି। ଉଲ୍ଲେଖଯୋଗ୍ୟ, ନଳିନୀ ବିଦ୍ୟାମନ୍ଦିରରେ ମୋଟ ୨୮୧ଜଣ ଛାତ୍ରୀ ଆଶ୍ରମରେ ରହି ଅଧ୍ୟୟନ କରୁଛନ୍ତି।

### ୬ ଜଣଙ୍କୁ ବାନ୍ଧିଲା...

ହୋଇଥିବା ଅଭିଯୋଗ ହୋଇଥିଲା। ଏହି ପରୀକ୍ଷାକୁ ଏକ ଆଉଟ୍‌ସୋର୍ସିଂ ଏଜେନ୍ସି ଦ୍ୱାରା ପରିଚାଳନା କରାଯାଇଥିବା ବେଳେ ଅନେକ ଅନିୟମିତତା ଧରାପଡ଼ିଥିବା ନେଇ ମାମଲା ରୁଜୁ କରାଯାଇଥିଲା। କେତେକ ପରୀକ୍ଷାର୍ଥୀଙ୍କ ଉତ୍ତରପତ୍ର ଯାଞ୍ଚ ବେଳେ ପୁଲିସ ଦେଖିବାକୁ ପାଇଥିଲା ଯେ କିଛି ପ୍ରାର୍ଥୀ ମଡେଲ୍ ଉତ୍ତର ବା ଲିକ୍ ହୋଇଥିବା ଉତ୍ତରକୁ ସିଧାସଳଖ ଟିପିଛନ୍ତି ଏବଂ ପରୀକ୍ଷା କଠିନ ହୋଇଥିବା ବେଳେ ପରୀକ୍ଷାର୍ଥୀମାନେ ଅସାଧାରଣ ଭାବେ ଅଧିକରୁ ଅଧିକ ମାର୍କ ପାଇଛନ୍ତି। ପ୍ରାଯୁକ୍ତିକ ତଦନ୍ତ, ଫୋନ୍ କଲ୍ ରେକର୍ଡ ବିଶ୍ଳେଷଣ ସହ ଏଜେନ୍ସିର କର୍ମଚାରୀ, ମଧ୍ୟସ୍ଥ ଓ ପ୍ରାର୍ଥୀମାନଙ୍କ ମଧ୍ୟରେ ସନ୍ଦେହଜନକ ଯୋଗାଯୋଗ ସଂଯୋଗ ଥିବା ତଦନ୍ତ ସମୟରେ ଜଣାପଡ଼ିଥିଲା। ଏହାପରେ ପୁଲିସ ଉପରୋକ୍ତ ୬ ଅଭିଯୁକ୍ତଙ୍କୁ ଗିରଫ କରିଛି।

**AFFIDAVIT**

By virtue of an affidavit sworn before The Executive Magistrate, G.udayagiri, Dist: Kandhamal, Odisha, dated: 19/01/2026, I, **Dhirarani Digal,** resident of Village: College Colony, Back Side, Madikunda, Phulabani, P.O.: Phulabani, P.S.: Phulabani, Dist: Kandhamal, State: Odisha, PIN-762001, Odisha declare that I have changed my son name from Blesson Kumar Digal to Precious **Blesson Digal**. Henceforth, he shall be known as Precious **Blesson Digal** for all purposes.

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated-31/01/2026. I, **Kumadini Bhoi** (new name), W/o Udit Parabhue, permanent & current resident of AT: Bineikela, PO: Kashrupada, PS: Kesinga, Dist: Kalahandi, State: Odisha, PIN: 766012 declare that I have changed my name from **Urmila Parabhue to Kumadini Bhoi.** Henceforth, I shall be known as **Kumadini Bhoi** (new name) for all future purposes.

**Kumadini Bhoi**

**AFFIDAVIT**

By virtue of an affidavit sworn before executive magistrate, puri, dated 24/06/2025 I DEBENDRA KUMAR SAHOO, Adress Madhusudan Nagar, Talabania, PS - Talabania, dist-Puri Declare that I have changed the name of my daughter from SUBHASHNEE SAHU to ANKITA PRIYADARSANI SAHOO. Henceforth, She shall be known as **ANKITA PRIYADARSANI SAHOO** For all purposes.

**ANKITA PRIYADARSANI SAHOO**

**AFFIDAVIT**

By virtue of an affidavit sworn before Notary Public, Puri, dated 14.11.2025,I SURYAKANTA MAHARANA, Nua Sahi, Champagada, PS-Ranapur, DIST- Nayagarh declare that I have changed my name from BADAL KUMAR MAHARANA To SURYAKANTA MAHARANA. Henceforth, I shall be known as **SURYAKANTA MAHARANA** for all purposes.

**SURYAKANTA MAHARANA**

**AFFIDAVIT**

BY VIRTUE OF AN AFFIDAVIT BEFORE THE EXECUTIVE MAGISTRATE CUTTACK, I GOLAKHA CHANDRA PARIDA, S/O – LATE BINOD PARIDA, RESIDENT OF AT- NUAGARH, P.O. TELENGAPENTHA, P.S. CUTTACK SADAR, DIST-CUTTACK-754001, ODISHA, DECLARE BY THIS AFFIDAVIT NO - 500, DATED- 28/01/2026, THAT NOW ONWORDS I SHALL BE KNOWN AS **GOLEKH CHANDRA PARIDA** FOR ALL FUTURE PURPOSES.

**AFFIDAVIT**

BY VIRTUE OF AN AFFIDAVIT SWORN BEFORE THE EXECUTIVE MAGISTRATE, CUTTACK , I SIDDHARTHA PARIDA, S/O – GOLEKH CHANDRA PARIDA, RESIDENT OF AT- NUAGARH, P.O. TELENGAPENTHA, P.S. CUTTACK SADAR, DIST-CUTTACK-754001, ODISHA, DECLARE BY THIS AFFIDAVIT NO - 501, DATED- 28/01/2026, THAT NOW ONWORDS I SHALL BE KNOWN AS **SIDDHARTH PARIDA** FOR ALL FUTURE PURPOSES.

**AFFIDAVIT**

BY VIRTUE OF AN AFFIDAVIT BEFORE THE EXECUTIVE MAGISTRATE CUTTACK, I SOBHABATI PARIDA, W/O – GOLEKH CHANDRA PARIDA PARIDA, RESIDENT OF AT- NUAGARH, P.O. TELENGAPENTHA, P.S. CUTTACK SADAR, DIST-CUTTACK-754001, ODISHA, DECLARE BY THIS AFFIDAVIT NO - 502, DATED- 28/01/2026, THAT NOW ONWORDS I SHALL BE KNOWN AS **SOVABATI PARIDA** FOR ALL FUTURE PURPOSES.

**AFFIDAVIT**

By virtue of an affidavit sworn before NOTARY PUBLIC, PURI, dated 10/11/2025 I YASH NANDA, Adress - Nua Sahi, Chakratirtha Road, PS-Sea Beach, DIST-Puri, PIN-752001, ODISHA declare that I have changed my name from SOMANATH NAYAK To YASH NANDA. Henceforth, I shall be kown as **YASH NANDA** for all purposes.

**YASH NANDA**

**AFFIDAVIT**

By virtue of an affidavit sworn before the Notary Public, Jeypore, dtd- 13.01.2026, I, Ashraf Khan, S/o- Haji Ibrahim Khan, At-Hydrabadi Lane, Jeypore, Dist.- Koraput- 764001 do hereby declare that my correct name is Ashraf Khan, S/o Haji Ibrahim Khan as per my Aadhaar Card. But in my Passport wrongly mentioned as Ashraf Alli Khan, S/o Ebrahim Alli Khan. That both Ashraf Khan, S/o Haji Ibrahim Khan & Ashraf Alli Khan, S/o Ebrahim Alli Khan is one and same person.

**Notice for Minor**

By virtue of an affidavit sworn before the Executive Magistrate, Place- Balasore, Dated 30/01/2026, I Sambit Kumar Giri, Address- At. Sanapatpur, Po. Hatasahi, Ps. Nilagiri, Dist. Balasore, Pin-756040, Odisha, Declare that I have changed the name of my Daughter from S SANAYA to SIDDHI SANAYA GIRI . Henceforth, she shall be known as SIDDHI SANAYA GIRI for all purposes.

**SAMBIT KUMAR GIRI**

**AFFIDAVIT**

By virtue of an affidavit sworn before The Executive Magistrate, Purushottampur, Ganjam AF.NO-87/26, dated 30-01-2026 I, **G.KABERI REDDY**, W/o G.Kalia Reddy Permanent resident of At- Jhadabai, Po- Jhadabai, PS- Kabisuryanagar, Dist- Ganjam, State- Odisha, PIN- 761104, declare that I have changed my Son's name from **G.SUBHAM REDDY (Old name)** to **G.AYUSH REDDY (New name)**, Henceforth, he shall be known as **G.AYUSH REDDY** for all purposes.

**( Sd- G.KABERI REDDY)**

# ବ୍ରାଉନସୁଗର ଜବତ; ୪ ଅଭିଯୁକ୍ତ ଗିରଫ

ଝାରସୁଗୁଡ଼ା,୩୧।୧(ସମିସ):



ଝାରସୁଗୁଡ଼ା ଜିଲ୍ଲାରେ ବେଆଇନ କାର୍ଯ୍ୟକଳାପ ସମେତ ଅପରାଧ ନିୟନ୍ତ୍ରଣ ପାଇଁ ପୁଲିସ ପକ୍ଷରୁ ଅପରେସନ ନେତ୍ର ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ଝାରସୁଗୁଡ଼ା ଟାଉନ ଥାନା ପୁଲିସ ବିଶ୍ୱସ୍ତସୂତ୍ରରୁ ଖବରପାଇ ବିଜୁନଗର ଅଞ୍ଚଳରେ ବ୍ରାଉନସୁଗର ବିକ୍ରି କାରବାର ଚଳାଇଥିବା ବିହାର ରାଜ୍ୟର ୨ ଜଣ ଓ ଝାରସୁଗୁଡା ସହରର ଜଣେ ଏବଂ ବାଲେଶ୍ୱରର ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଥିବା ନେଇ ସୂଚନା ଦିଆଯାଇଛି। ପୁଲିସ ସୂଚନା ଅନୁଯାୟୀ ବିହାରର ଭୋଜପୁର ଜିଲ୍ଲା ଆରା ଗ୍ରାମର ଅନୁରାଗ ସିଂ ଓରଫ ମଞ୍ଜୟ (୩୫) ଓ ଘୋଷଗାଞ୍ଜ ଗ୍ରାମର ଅବିନାଶ କୁମାର ଓରଫ ଜିତୁ (୩୩) ବହୁ ଦିନରୁ ଝାରସୁଗୁଡା ବିଜୁନଗର ଅଞ୍ଚଳରେ ରହି ବ୍ରାଉନସୁଗର ବିକ୍ରି କରୁଥିଲେ। ଏଥିରେ ସହରର ପୁରୁଣାବସ୍ତିର ମଣ୍ଟୁ ଦାଶ(୩୧) ଓ ବାଲେଶ୍ୱର ଜିଲ୍ଲା ମହାରୁଦ୍ରପୁର ଗ୍ରାମର ଅନନ୍ତ ପଣ୍ଡା (୫୨) ସହଯୋଗ କରୁଥିବା ପୁଲିସକୁ ଖବର ମିଳିଥିଲା। ଏହାକୁ ନେଇ ଗତ ଶୁକ୍ରବାର ଅଭିଯୁକ୍ତମାନେ ଝାରସୁଗୁଡା ସହରରେ ବ୍ରାଉନସୁଗର ବିକ୍ରି କରୁଥିବା ବେଳେ ପୁଲିସ ହାତରେ ଧରା ପଡ଼ିଥିଲେ । ଏହାସହ ଅଭିଯୁକ୍ତମାନଙ୍କ ନିକଟରୁ ୬.୩୬ ଗ୍ରାମ ବ୍ରାଉନସୁଗର ଜବତ କରିଛି ପୁଲିସ। ଏନେଇ ପୁଲିସ ଏକ ମାମଲା ରୁଜୁ କରି ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

● ଗୋ-ଚାଲାଣ ବେଳେ ଚଢ଼ଉ

## ୮ ଗୋରୁ ଉଦ୍ଧାର; ଜଣେ ଗିରଫ

**ଝାରସୁଗୁଡ଼ା,୩୧।୧(ସମିସ):** ଝାରସୁଗୁଡ଼ା ଜିଲ୍ଲାରେ ବେଇଆନ କାର୍ଯ୍ୟକଳାପ ଏବଂ ଅପରାଧ ନିୟନ୍ତ୍ରଣ ପାଇଁ ଅପରେସନ ନେତ୍ର ଜାରି ରହିଛି। ଏହି ପରିପ୍ରେକ୍ଷୀରେ ରେଙ୍ଗାଲି ପୁଲିସ ପକ୍ଷରୁ ଅନେକ ସମୟରେ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି। ଶୁକ୍ରବାର ବେଇଆନ ଗୋ ଚାଲାଣ ହେଉଥିବା ନେଇ ରେଙ୍ଗାଲି ପୁଲିସକୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ରେଙ୍ଗାଲି ଥାନା ଭାରପ୍ରାପ୍ତ ଅଧିକାରୀ ସମରେନ୍ଦ୍ର ନାୟକଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଗଠନ କରାଯାଇ ଜାତୀୟ ରାଜପଥ ୪୯ର ବାଉସେନପାଳି(ଖ) ଛକ ନିକଟରେ ପୁଲିସ ଚଢ଼ଉ କରିଥିଲା। ଏହି ଚଢ଼ଉ ସମୟରେ ଏକ ପିକଅପ୍ ଭ୍ୟାନରେ ବେଇଆନ ଭାବରେ ଗୋରୁ ନେଇ ଯାଉଥିବା ବେଳେ ୮ ଗୋରୁଙ୍କୁ ଉଦ୍ଧାର କରାଯାଇଥିଲା। ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ଅଞ୍ଚଳର ଏମ୍‌ଡି ଇସ୍‌ମାଇଲଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ ଛତିଶଗଡ଼ରୁ ରାଉରକେଲାକୁ ଏକ ପିକ୍‌ଅପ୍‌ରେ ବେଆଇନ ଗୋ ଚାଲାଣ ହେଉଥିବା ବେଳେ ରେଙ୍ଗାଲି ଥାନା ପୁଲିସ ସୂଚନା ପାଇ ରେଙ୍ଗାଲି ଥାନା ଭାରପ୍ରାପ୍ତ ଅଧିକାରୀ ସମରେନ୍ଦ୍ର ନାୟକଙ୍କ ନିର୍ଦ୍ଦେଶରେ ଚଢ଼ଉ କରାଯାଇଥିଲା।



## ରେମେଣ୍ଡା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

**ଥୁଆପାଲି, ୩୧।୧(ସମିସ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ୍ ରେମଣ୍ଡା ଉଚ୍ଚ ମାଧମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଂରାଜୀ ଅଧ୍ୟାପକ ତଥା କବି ମୁନୀରାମ କୁମ୍ଭାର ଅତିଥି ପରିଚୟ ପ୍ରଦାନ କରିଥିଲେ। ରେମଣ୍ଡା ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷା ରାଜଲକ୍ଷ୍ମୀ ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ମନୋହର ସାଂସ୍କୃତିକ ସଂସଦ ଭେଡେନର ସଭାପତି ତଥା ଚାଷୀ ନେତା ଉତ୍ପନ୍ନ କୁମାର ଭୋଇ, ମୁଖ୍ୟବକ୍ତା ଭାବେ ପଲ୍ଲୀଶ୍ରୀ ମହାବିଦ୍ୟାଳୟ ଚିଚିଣ୍ଡାର ଅଧକ୍ଷ ରାମଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ କ୍ରାନ୍ତି ତଥା ବିପ୍ଳବୀ କବି ହରିଲାଲ ସାହୁ ଓ ହାସ୍ୟ ଓ ବ୍ୟଙ୍ଗ କବି ନକୁଳ ମେହେର ଯୋଗ ଦେଇଥିଲେ। ଅଧ୍ୟାପକ ରମେଶ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।



## କ୍ଲଷ୍ଟରସ୍ତରୀୟ ମାସିକ ବୈଠକରେ ଶିକ୍ଷୟିତ୍ରୀ ପୁରସ୍କୃତ

**ଇଵଥର୍ମାଲ,୩୧।୧(ସମିସ):** ବନ୍ଧବାହାଲ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ସରକାରୀ ପ୍ରାଥମିକ ବିଦ୍ୟାଳୟ ମାଝୀପଡ଼ା ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଲଖନପୁର ଗୋଷ୍ଠୀ ଶିକ୍ଷାଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଅଭିନବ ପ୍ରୟାସ ଓ ବିଶ୍ଳେଷଣାତ୍ମକ ଚିନ୍ତନ କରିବାପାଇଁ ପରାମର୍ଶ ଦେଇଥିଲେ। ମାସିକ ବୈଠକରେ ସିଆରସିସି ତୀର୍ଥବାସୀ ପଧାନ ମୁଖ୍ୟତଃ ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ପାଇଁ ହେବାକୁ ଯାଉଥିବା ବାର୍ଷିକ ପରୀକ୍ଷାର ମୂଲ୍ୟାୟନରେ ଦିଆଯାଇଥିବା ଗୁରୁତ୍ୱ, ମୌଳିକସ୍ତର ଶିକ୍ଷଣର ସର୍ବେକ୍ଷଣ, ଶିକ୍ଷଣ ସୋପାନ ରେଜିଷ୍ଟର ପୂରଣ ବିଷୟଗୁଡିକ ଉପସ୍ଥାପନା କରିବା ସହ ବୈଠକ ପରିଚାଳନା କରିଥିଲେ। ଉକ୍ତ ବୈଠକରେ ୯ଟି ସ୍କୁଲର ୧୮ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ବନ୍ଧବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୁକଦେବ ପଧାନ ଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରଧାନଶିକ୍ଷକ ସୁରେଶ ପଧାନ ଧନ୍ୟବାଦ ଦେଇଥିଲେ।



## ପିଏମଶ୍ରୀ ବିଦ୍ୟାଳୟରେ ବାର୍ଷିକ ଉତ୍ସବ




**ଝାରସୁଗୁଡା, ୩୧।୧(ସମିସ):** ଝାରସୁଗୁଡ଼ା ସଦର ବ୍ଲକ୍‌ସ୍ଥିତ ପିଏମଶ୍ରୀ ବାପୁଜୀ ସରକାରୀ ବିଦ୍ୟାଳୟ ଶ୍ରିପୁରାଠାରେ ବିଦ୍ୟାଳୟସ୍ତରୀୟ ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଇଓ ଅନୀଲ କୁମାର ପଟେଲ, ମୁଖ୍ୟବକ୍ତା ଭାବେ ହାସ୍ୟ କବି ଦେବେନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ହାସ୍ୟକବି ଶିଶିର କୁମାର ପୁରୋହିତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବେଣୁଧର କାଲୋ, ଶ୍ରିପୁରା ସରପଞ୍ଚ ଯଶୋବନ୍ତୀ ପାଣ୍ଡେ, ଅବସରପ୍ରାପ୍ତଶିକ୍ଷକ ଅକ୍ରୁର ପାଢ଼ୀ, ନିମାଇଁ ଚରଣ ଦୁବେ, ସମାଜସେବୀ ମିନତୀ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବେବିସ୍ମିତା ଗିରି, ସମସ୍ତ ଅତିଥିଙ୍କୁ ସମ୍ମାନିତ କରିଥିବାବେଳେ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଚିତ୍ତରଞ୍ଜନ ମେହେର ସଭା ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ସଞ୍ଜୀବ କୁମାର ତ୍ରିପାଠୀ ଏକ କବିତା ମାଧ୍ୟମରେ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ମାନସୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ନିଉ ଡନ୍‌ବସ୍କୋ ଏକାଡେମୀ ପକ୍ଷରୁ ବାର୍ଷିକ ଉତ୍ସବ

**ଥୁଆପାଲି,୩୧।୧(ସମିସ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ୍ ଝରାପାଲି ମାର୍କେଟ ଥୁଆପାଲି ଠାରେ ନିଉ ଡନ୍‌ବସ୍କୋ ଏକାଡେମୀ ପକ୍ଷରୁ ୩୮ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନିଉ ଡନ୍‌ବସ୍କୋ ଏକାଡେମୀ ଶିକ୍ଷୟିତ୍ରୀ ମିନତୀ ପାଢ଼ୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ।




ମୁଖ୍ୟଅତିଥି ଭାବେ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଧର୍ମରାଜ ପ୍ରଧାନ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାମଚଣ୍ଡୀ ସେବା ସଦନ ନର୍ସିଂ ହୋମ୍ ଉପଦେଷ୍ଟା ପ୍ରଫୁଲ୍ଲ ପ୍ରଧାନ ଓ ସମ୍ମାନିତ ଅତିଥି ସୁନୀଲ ସିଂ ଯୋଗଦେଇ ଥିଲେ। ପ୍ରଧାନଶିକ୍ଷକ ବସନ୍ତ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ସୁନୀଲ ସିଂଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଶିକ୍ଷକ ମୁରଲି କ୍ରିଷ୍ଣା ଧନ୍ୟବାଦ ଅର୍ପଣ କରିଥିଲେ।

## ହିନ୍ଦୀ ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ଝାରସୁଗୁଡ଼ା,୩୧।୧(ସମିସ): କୋଲାବିରା ବ୍ଲକ୍ ଅଧୀନ ପରମାଣପୁର ଚକ୍ରଧର ବିର୍ତ୍ତିଆ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଲଳିତ କୁମାର ମେହେରଙ୍କୁ ଶନିବାର ବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଚକ୍ରଧର ବିର୍ତ୍ତିଆ ଉଚ୍ଚ ବିଦ୍ୟାଳୟରୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କ୍ଷେତ୍ରପାଳ ମେହେର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ପଟେଲ, ଅବସରପ୍ରାପ୍ତ ଗଣିତ ଶିକ୍ଷକ ଜ୍ଞାନରଂଜନ ମିଶ୍ର, ଅବସରପ୍ରାପ୍ତ ଖେଳଶିକ୍ଷକ ରବୀନ୍ଦ୍ର ତଣ୍ଡକାର, ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ପଟେଲ, ଅବସରପ୍ରାପ୍ତ କିରାଣୀ ଅଶୋକ ନାଏକ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମୁକେଶ ଖମାରୀ, ସମାଜସେବୀ ରାଜ କୁମାର ସେଟ୍, ଖବରଦାତା ପ୍ରକାଶ ପଧାନ , ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉମାକାନ୍ତ କିସାନ ପ୍ରମୁଖ ମଞ୍ଚାସିନ ଅତିଥି ଭାବରେ ଯୋଗ ଦେଇଥିଲେ। ବିଦ୍ୟାଳୟରେ ତାଙ୍କର କାର୍ଯ୍ୟକାଳରେ ୨୦୦୦ରେ ହୋଇଥିବା ବେଳେ ଜନଗଣନା ପାଇଁ ରାଷ୍ଟ୍ରପତି ପୁରସ୍କାର ମଧ ଗ୍ରହଣ କରିଥିଲେ। ସେ ବିଦ୍ୟାଳୟରୁ କେବଳ କାଗଜ କଲମରେ ବିଦାୟ ନେଉଛନ୍ତି , ବିଦ୍ୟାଳୟ ର ଉନ୍ନତି ପାଇଁ ବଞ୍ଚିଥିବା ପର୍ଯ୍ୟନ୍ତ କାମ କରିବା ସହ ବିଦ୍ୟାଳୟରେ କେମିତି ଯୁକ୍ତ ଦୁଇ ପାଠ୍ୟକ୍ରମ ଆରମ୍ଭ କରାଯିବ ସେଥିପ୍ରତି ବିଶେଷ ଧ୍ୟାନ ଦେବେ ବୋଲି ତାଙ୍କର ମତ ରଖିଥିଲେ।

## ଦୁର୍ଘଟଣା ରେ ଜଣେ ମୃତ, ୧ ଆହତ

ଝାରସୁଗୁଡ଼ା,୩୧।୧(ସମିସ): ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ୍ ଅଧୀନ ଚାନ୍ଦନୀମାଲ ଗ୍ରାମ ନିକଟରେ ଶୁକ୍ରବାର ରାତିରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତ ଯୁବକ ଜଣକ ବ୍ରଜରାଜନଗର ଥାନା ଗାନ୍ଧିଛକ ଫାଣ୍ଡି ଲୋଇସିଂହ ଅଞ୍ଚଳର ଦୟାସାଗର ସୁନାନୀ(୧୮) ଓ ଆହତ ଯୁବକ ଜଣକ ସମୀର ନାୟକ(୨୦) ବୋଲି ଜଣାପଡ଼ିଛି। ଖବରପାଇ ଗାନ୍ଧୀଛକ ଫାଣ୍ଡି ପୁଲିସ ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିବାବେଳେ ମୃତକଙ୍କ ମୃତଦେହ ଜବତ କରି ଶନିବାର ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଶୁକ୍ରବାର ରାତି ପ୍ରାୟ ସାଢେ ୯ଟା ସମୟରେ କେଛୋବାହାଲ ପଟରୁ ବାଇକ୍‌ରେ ଆସୁଥିବାବେଳେ ଚାନ୍ଦନିମାଲ ଗ୍ରାମ ନିକଟ ରାସ୍ତାକଡ଼ରେ ଥିବା ଏକ ଖୁଣ୍ଟରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଶନିବାର ମୃତକଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

## ବିଲେଇପଡ଼ାରେ ହିନ୍ଦୁ ସମ୍ମିଳନୀ ଓ ଧର୍ମରକ୍ଷା ଯଜ୍ଞ

**ଲହୁଣିପଡ଼ା,୩୧।୧(ସମିସ):** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବାର୍ଷିକୀ ଅବସରରେ ସ୍ଥାନୀୟ ସମଗ୍ର ହିନ୍ଦୁ ସମାଜ ଦ୍ୱାରା ବିଲେଇପଡା ଶିଶୁ ମନ୍ଦିର ପରିସରରେ ଆଜି ହିନ୍ଦୁ ସମ୍ମିଳନୀ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏକ ଧର୍ମରକ୍ଷା ଯଜ୍ଞର ଅନୁଷ୍ଠାନ କରାଯିବା ସହ ସକାଳେ ଉକ୍ତ ଯଜ୍ଞ ଉଦ୍ଦେଶ୍ୟରେ ୩୦୧ ଟି କଳସ ସହିତ ବାସିଆମହୁଲିସ୍ଥିତ ତୀରୁପତି ସ୍ୱପ୍ନେଶ୍ୱର ମନ୍ଦିର ଠାରୁ ମହିଳାଙ୍କ ଦ୍ୱାରା ଏକ କଳସ ଶୋଭାଯାତ୍ରା ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ବିଲେଇପଡା ଆଖପାଖ ଅଞ୍ଚଳର ବିଭିନ୍ନ ଗ୍ରାମର ମୋଟ ୪୦୦ ଜଣ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ଉକ୍ତ ଯଜ୍ଞରେ ମୁଖ୍ୟକର୍ତ୍ତା ଭାବରେ ଚିତ୍ତରଞ୍ଜନ ମାହାନ୍ତଙ୍କ ସହ ତାଙ୍କ ଧର୍ମପତ୍ନୀ ଏବଂ ଭୋଳେଶ୍ୱର ମାହାନ୍ତଙ୍କ ସହ ତାଙ୍କ ଧର୍ମପତ୍ନୀ ଯୋଗଦାନ କରିଥିଲେ। ସ୍ଥାନୀୟ ଲୋକଙ୍କ ଦ୍ୱାରା ମୋଟ୍ ୧୧ ଜଣଙ୍କୁ ନେଇ ୩ ଥର ସାମୂହିକ ହନୁମାନ ଚାଳିଶା ପାଠ କରାଯାଇ ଥିଲା। ସଭାକାର୍ଯ୍ୟ ହୋଇ ମଞ୍ଚରେ ମୁଖ୍ୟ ଅତିଥି ଭାବେ ସନ୍ଥ ଶ୍ରୀହରି ଦାଶ ଯୋଗ ଦେଇଥିଲେ। ରାଉରକେଲା ବିଭାଗ ସଂଘ ଚାଳକ ଅନାଦି ଚରଣ ମାହାନ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ପୂର୍ବବିଭାଗ ସଂଘ ଚାଳକ ରାଜେନ୍ଦ୍ର ମାହାନ୍ତ ମଧ ଏଠାରେ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ରାଉରକେଲା ବିଭାଗ ସେବା ପ୍ରମୁଖ ଜଗନ୍ନାଥ ବେହେରା ପଞ୍ଚ ପରିବର୍ତ୍ତନ ନେଇ ବକ୍ତବ୍ୟ ରଖିଥିଲେ। ହେମନ୍ତ କୁମାର ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଖଣ୍ଡ କାର୍ଯ୍ୟବାହୀ ଫକିର ମୋହନ ମାହାନ୍ତ ମଞ୍ଚ ପରିଚାଳନା କରିଥିଲେ। ଗୋବର୍ଦ୍ଧନ ମାହାନ୍ତ ମଣ୍ଡଳ ସଂଯୋଜକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଘାଶିନି ମାହାନ୍ତ, ମଞ୍ଜୁଲତା ମାହାନ୍ତ, ସାବିତ୍ରୀ ମାହାନ୍ତ ଓ ସମସ୍ତ ଗୁରୁମା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଇଂରାଜୀ ପ୍ରଫେସର ରାଜେନ୍ଦ୍ର ପାଢ଼ୀଙ୍କ ପରଲୋକ

**ପଦ୍ମପୁର, ୩୧।୧(ସମିସ):** ଇଂରାଜୀ ପ୍ରଫେସର ରାଜେନ୍ଦ୍ର କୁମାର ପାଢ଼ୀଙ୍କ ପଦ୍ମପୁର ସ୍ଥିତ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ମାତ୍ର ୬୪ ବର୍ଷ ବୟସ ହୋଇଥିଲା। ସେ ବ୍ରେନ୍‌ଟ୍ୟୁମର ଅସ୍ତ୍ରୋପଚାର ହୋଇ ପଦ୍ମପୁରର ଘରେଥିଲେ। ପ୍ରଫେସର ପାଢୀ କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ମହାବିଦ୍ୟାଳୟରୁ ଇଂରାଜୀ ଅଧ୍ୟାପକ ଭାବେ ଯୋଗଦେଇ ଓଡ଼ିଶାର ବିଭିନ୍ନ କଲେଜରେ ଅଧ୍ୟାପନା କରିଥିଲେ। ଅବସର ଗ୍ରହଣ ପରେ ସମ୍ବଲପୁର ମୁକ୍ତ ବିଶ୍ୱବିଦ୍ୟାଳୟରେ ଇଂରାଜୀ ଭାଷା ମୁଖ୍ୟ ଭାବେ ଯୋଗ ଦେଇଥିଲେ। ପ୍ରଫେସର ପାଢୀ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷା ସାହିତ୍ୟ ରେ ନିଜର ପାଣ୍ଡିତ୍ୟ ଅର୍ଜନ କରିଥିଲେ। ଆଫ୍ରିକା ମହାଦେଶ ଆକ୍ରା ଠାରେ ଅନୁଷ୍ଠିତ ଆନ୍ତର୍ଜାତିକ କବିତା ମହୋତ୍ସବରେ ବିଶ୍ୱର ୧୧ଜଣ କବି ମଧ୍ୟରେ ସମ୍ମାନିତ ହୋଇଥିଲେ। ସେ ସର୍ବମୋଟ ୪ଗୋଟି ଇଂରାଜୀ କବିତା ପୁସ୍ତକ ଗୋଟିଏ ଇଂରାଜୀ ଉପନ୍ୟାସ ରଚନା କରିଛନ୍ତି। ସେ ବିଶ୍ୱସ୍ତରୀୟ ୭ଗୋଟି ପୁସ୍ତକର ସଂପାଦନା କରିଥିବା ବେଳେ ତାଙ୍କର ରଚିତ ଓଡିଆ କବିତା -ଶୂନ୍ୟତା ର ପ୍ରିୟତମା ବେଶ ଆଦୃତ ହୋଇଥିଲା। ସେ ବହୁ ଜାତୀୟ /ଆନ୍ତର୍ଜାତିୟ ସମ୍ମାନ ରେ ସମ୍ମାନୀତ ହେବା ସହିତ ଭାରତ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଭାଷା ବିଶେଷଜ୍ଞ ଭାବେ ଯୋଗଦାନ କରିଥିଲେ। ତାଙ୍କର ଅନେକ ଇଂରାଜୀ ପ୍ରବନ୍ଧ ଓ କବିତା ଦେଶ ବିଦେଶର ପ୍ରାୟ ୮୦ଗୋଟି ପୁସ୍ତକ ଓ ପତ୍ରିକାରେ ସ୍ଥାନିତ ହୋଇଛି। ସେହିପରି ସନ୍ଥ ଅରକ୍ଷିତ ଦାସଙ୍କ ଜିବନୀ ଓ ମହି ମଣ୍ଡଳେ ଓଡିଆ ପୁସ୍ତକକୁ ଇଂରାଜୀ ରେ ଅନୁବାଦ କରିଥିଲେ। ଶ୍ରୀ ପାଢ଼ୀ ପଦ୍ମପୁରର ପୂର୍ବତନ ବିଧାୟକ ସଚ୍ଚିଦାନନ୍ଦ ପାଢ଼ୀଙ୍କ କନିଷ୍ଠ ପୁତ୍ର ଥିଲେ। ସେ ତାଙ୍କ ପଛରେ ସ୍ତ୍ରୀ ମମତା, ଏକମାତ୍ର ଝିଅ ଡାକ୍ତର ନଭସ୍ୱାତୀକୁ ଛାଡ଼ି ଚାଲି ଯାଇଛନ୍ତି। ତାଙ୍କର ଅନ୍ତିମ ସଂସ୍କାର ସ୍ଥାନୀୟ ସ୍ୱର୍ଗଦ୍ୱାରରେ କରାଯାଇଥିଲା। ଝିଅ ନଭସ୍ୱାତୀ ଓ ପୁତୁରା ପ୍ରତ୍ୟୁଷ ମୁଖାଗ୍ନି ଦେଇଥିଲେ।



## କଟାପାଲି ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଉଦ୍‌ଯାପିତ




ବରଗଡ଼,୩୧।୧(ସମିସ): ଗୁରୁବାର କଟାପାଲି ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ “ଅଭ୍ୟୁଦୟ” ଅତ୍ୟନ୍ତ ଉତ୍ସାହ ଓ ଆଡମ୍ବର ସହିତ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଡ .ସୁରେନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବରେ ପ୍ରଦୀପ୍ତ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ କଟାପାଲି କ୍ଲଷ୍ଟର ସିଆରସିସି ସଞ୍ଜୀବ ପଣ୍ଡା, ପଞ୍ଚସଖା ଶିକ୍ଷା ସେତୁ ସଂଗଠନର ଅଧକ୍ଷ ବାଳଗୋବିନ୍ଦ ସାହୁ, ସ୍କୁଲ ପରିଚାଳନା କମିଟିର ଅଧକ୍ଷ ବିକ୍ରମ ବଢେଇ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସମୀର କୁମାର ସାହୁ ଓ ଅନ୍ୟାନ୍ୟ କଟାପାଲି ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅମ୍ବିକା ପାଇକ ଓ ଶିକ୍ଷକ ଭୁବନେଶ୍ୱର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସମୀର କୁମାର ସାହୁ ବିବରଣୀ ପାଠ କରି ବିଦ୍ୟାଳୟର ଶିକ୍ଷାଗତ ଓ କ୍ରୀଡ଼ାଗତ ସଫଳତା ବିଷୟରେ ଅବଗତ କରାଇଥିଲେ। ଶିକ୍ଷୟିତ୍ରୀ ରୀତା ବାଗ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ ଶିଶୁ ସାହିତ୍ୟିକ ସମ୍ମିଳନୀ ପ୍ରସ୍ତୁତି ବୈଠକ

**ବରପାଲି,୩୧।୧(ସମିସ):** ବରପାଲି ଲିଟିଲ୍ ଏଞ୍ଜେଲସ୍ ପବ୍ଲିକ ସ୍କୁଲ୍‌ର ୨୫ତମ ବର୍ଷ ପୂର୍ତ୍ତି ଅବସରରେ ତଥା ବିଦ୍ୟାଳୟର ପ୍ରତିଷ୍ଠାତା ଡା ଧୀରେନ୍ଦ୍ର ନାଥ ମୁଣ୍ଡଙ୍କ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଜାତୀୟ ଶିଶୁ ସାହିତ୍ୟିକ ସମ୍ମିଳନୀ ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ହୋଇଯାଇଛି। ଫେବୃୟାରୀ ୧୮ ରୁ ଦ ଏକ ଜାତୀୟ ଶିଶୁ ସାହିତ୍ୟିକ ସମ୍ମିଳନୀ କାର୍ଯ୍ୟକ୍ରମ ପରିଚାଳନା ପାଇଁ ଧାର୍ଯ୍ୟ କରାଯାଇଥିବା ବେଳେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ପ୍ରତିଷ୍ଠିତ ଶିଶୁ ସାହିତ୍ୟିକ ତଥା ଗବେଷକମାନେ ଯୋଗଦେବେ। ସମ୍ମିଳନୀରେ ଶିଶୁ ସାହିତ୍ୟିକଙ୍କ କବିତାକୁ ଶିଶୁମାନେ ପାଠ କରିବେ ଓ ଯୋଗଦାନ କରିଥିବା ସମସ୍ତ ଶିଶୁ ସାହିତ୍ୟିକମାନଙ୍କୁ ସ୍ମୃତିଫଳକ ପ୍ରଦାନ ସହ ସମ୍ମାନିତ କରାଯିବା କାର୍ଯ୍ୟକ୍ରମ ରଖାଯାଇଛି। ଆଲୋଚକଙ୍କ ଦ୍ୱାରା ‘ଓଡ଼ିଆ ଶିଶୁ ସାହିତ୍ୟର ଗତି ଓ ପ୍ରଗତି’ ଶୀର୍ଷକ ଉପରେ ଆଲୋଚନା କରାଯିବା ସହିତ ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସ୍ୱର୍ଗତ ଡ଼ାକ୍ତର ଧୀରେନ୍ଦ୍ର ନାଥ ମୁଣ୍ଡଙ୍କ ଅବଦାନ ସମ୍ପର୍କରେ ମଧ ଆଲୋକପାତ କରାଯିବ।

## ବୁବୁଡାରେ ନୂତନ ଶିବଲିଙ୍ଗ ସ୍ଥାପନ

**ଦହିତା, ୩୧।୧ (ସମିସ) :** ପଦ୍ମପୁର ବ୍ଲକ୍ ଅଧୀନ ବୁବୁଡା ଗ୍ରାମ ନିକଟସ୍ଥ ନଦୀକୂଳରେ ନୂତନ ଶିବ ଲିଙ୍ଗ ସ୍ଥାପିତ ହୋଇ ଯାଇଛି। ତ୍ରିନାଥ ବୁଡେକ ଓ ତାଙ୍କ ଧର୍ମପତ୍ନୀ କର୍ତ୍ତା ଭାବରେ କାର୍ଯ୍ୟ ତୁଲାଇଥିଲେ। ପଣ୍ଡିତ ଅରକ୍ଷୀତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସମସ୍ତ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। କାରିଗର ସରୋଜ ବୁଡେକ ଶିବ ଲିଙ୍ଗ ନିର୍ମାଣ କରିଛନ୍ତି। ଗ୍ରାମର ରିତା ବୁଡେକ, ଅହଲ୍ୟା ବୁଡେକ, ସରସ୍ୱତୀ ବୁଡେକ, କାନ୍ତୀ ବୁଡେକ, କେତକୀ ସାହୁ, ସୀତା ବୁଡେକ, ଡେଭା ବୁଡେକ, ପଦ୍ମା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଅସୁସ୍ଥ ଗାଈର ଚିକିତ୍ସା କଲା ‘ଗୋ ମାତା ସେବା ସମିତି’

**କୋଲାବିରା,୩୧।୧(ସମିସ):** ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟରେ ଏକ ଗାଈ ଅସୁସ୍ଥ ଅବସ୍ଥାରେ ପଡ଼ିଥିଲା। ଗାଈର ଲାଞ୍ଜ ନିକଟରେ ବଡ଼କ୍ଷତ ହୋଇ ତାହା ଘା’ ଆକାର ଧାରଣ କରିସାରିଥିଲା। ଅସହାୟ ଗାଈଟି କଷ୍ଟରେ ଛଟପଟ ହେଉଥିଲେ। ଏ ସଂକ୍ରାନ୍ତରେ ଗୋ ମାତା ସେବାର ମୁଖ୍ୟ କିଶୋର ପୁହାଣ ସୂଚନା ପାଇବାପରେ ସେ ପହଞ୍ଚି ଗୋ-ମାତ ସେବା ସମିତିର ସଦସ୍ୟଙ୍କ ସହାୟତାରେ ଗାଈର ତୁରନ୍ତ ଉପଚାର କରିଥିଲେ। ବିନା ପାରିଶ୍ରମିକରେ ଏମାନଙ୍କ ଏତାଦୃଶ କାର୍ଯ୍ୟ ସମାଜରେ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବା ସହିତ ଏକ ମିଶାଲ କାୟମ କରୁଥିବା କୁହାଯାଉଛି।

ସର୍ବଭାରତୀୟ ନକ୍‌ଆଉଟ୍ କ୍ରିକେଟ ପ୍ରତିଯୋଗିତା

# ସେମିରେ ଶୋଭନ ଇଲେଭେନ ସୁନ୍ଦରଗଡ଼

ଝାରସୁଗୁଡ଼ା,୩୧।୧(ସମିସ):



ବ୍ରଜରାଜନଗର ଓପିଏମ୍ ଖେଳପଡ଼ିଆ ଠାରେ ଗତ ବୁଧବାର ଠାରୁ ଆରମ୍ଭ ହୋଇଥିବା ବ୍ରଜରାଜନଗର ଚ୍ୟାଲେଞ୍ଜରସ କ୍ଲବ୍ ଦ୍ୱାରା ସର୍ବ ଭାରତୀୟ ନକ ଆଉଟ୍ କ୍ରିକେଟ ପ୍ରତିଯୋଗିତାରେ ଗୁରୁବାର ଆଦିତ୍ୟ ଇଲେଭେନ ଭୁବନେଶ୍ୱର ଓ ଏଚ୍‌ବୁଲ ସୁନ୍ଦରଗଡ଼ ସହ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ନକଆଉଟ୍ କ୍ୱାର୍ଟର ଫାଇନାଲ ମ୍ୟାଚରେ ଏଚ୍‌ବୁଲ ସୁନ୍ଦରଗଡ଼ ଦଳ ପ୍ରଥମେ ବ୍ୟାଟିଂ କରି ୪ ୱିକେଟ ହରାଇ ସମସ୍ତ ଓଭର ଖେଳି ୧୦୯ ରନ୍ ସଂଗ୍ରହ କରିଥିଲେ। ଭୁବନେଶ୍ୱର ଆଦିତ୍ୟ ଇଲେଭେନ ଦଳ ସମସ୍ତ ୱିକେଟ ହରାଇ ୯୫ ରନ୍ ସଂଗ୍ରହ କରିଥିଲା। ଫଳରେ ଏଚ୍‌ବୁଲ ସୁନ୍ଦରଗଡ଼ ୧୪ ରନ୍‌ରେ ବିଜୟୀ ହୋଇ ସେମି ଫାଇନାଲକୁ ପ୍ରବେଶ କରିଛି। ସେହିପରି ଶୁକ୍ରବାର ଗ୍ରୁପ ବିର ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଗ୍ରୁପ ବି,ର ପ୍ରଥମ ଲିଗ୍ ମ୍ୟାଚ୍ ଝାରସୁଗୁଡ଼ା ସହ ଏକାମ୍ର ଭୁବନେଶ୍ୱର ର ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଲିଗ୍ ମ୍ୟାଚରେ ବ୍ରଜରାଜନଗରର ସାମ୍ବାଦିକ ଉପନ ଚରଣ ସାହୁ, ତ୍ରିଲୋଚନ ଦାଶ, ବିଜୟ ବରାଡ, ଅରୁଣ ମିଶ୍ର, ବିଜୟ ସାହୁ, ସଞ୍ଜୟ ବାହୁ ବଳେନ୍ଦ ମୁଖ୍ୟ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ପ୍ରଥମେ ଝାରସୁଗୁଡ଼ା ବ୍ୟାଟିଂ କରି ସମସ୍ତ ୧୦ ଓଭର ଖେଳି ୭ ୱିକେଟ ହରାଇ ୧୦୯ ରନ୍ ସଂଗ୍ରହ କରିଥିଲା। ଜବାବରେ ଏକାମ୍ର ଭୁବନେଶ୍ୱର ଦଳ ସମସ୍ତ ୧୦ ଓଭର ଖେଳି ୯ ୱିକେଟ ହରାଇ ୯୨ ରନ୍ ସଂଗ୍ରହ କରିଥିଲା। ଫଳରେ ଝାରସୁଗୁଡ଼ା ୧୭ ରନ୍ ରେ ବିଜୟୀ ହୋଇ କ୍ୱାର୍ଟର ଫାଇନାଲ ଖେଳିବା ପାଇଁ ବିବେଚିତ ହୋଇଥିଲେ। ସେହିପରି ଗ୍ରୁପ ବି’ ର ଦ୍ୱିତୀୟ ଲିଗ୍ ମ୍ୟାଚ୍ ନୂଆପଡ଼ା ସହ ସୁନ୍ଦରଗଡ଼ ଦଳର ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଝାରସୁଗୁଡ଼ା ଜିଲ୍ଲା ବିଜେଡିର ଉପସଭାପତି ତଥା ବରିଷ୍ଠ ଆଇନଜୀବୀ ବିଶ୍ୱନାଥ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ନୂଆପଡ଼ା ପ୍ରଥମେ ବ୍ୟାଟିଂକରି ସମସ୍ତ ୧୦ ଓଭର ଖେଳି ୮ ୱିକେଟ ହରାଇ ୭୯ ରନ୍ ସଂଗ୍ରହ କରିଥିଲା। ଯବାବରେ ସୁନ୍ଦରଗଡ଼ ଦଳ ୬.୪ ବଲ ଖେଳି ୩ ୱିକେଟ ହରାଇ ୮୧ ରନ୍ ସଂଗ୍ରହ କରି ୭ ୱିକେଟରେ ବିଜୟୀ ହୋଇ ନକ ଆଉଟ୍ କ୍ୱାଟର ଫାଇନାଲ ଖେଳିବାକୁ ପହଞ୍ଚିଛି। ଝାରସୁଗୁଡ଼ା ସହ ଶୋଭନ ଇଲେଭେନ ସୁନ୍ଦରଗଡ଼ ଦଳ ସହିତ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଝାରସୁଗୁଡ଼ା ଦଳ ବ୍ୟାଟିଂ କରି ସମସ୍ତ ୧୦ ଓଭର ଖେଳି ୫ ୱିକେଟ ହରାଇ ୬୩ ରନ୍ ସଂଗ୍ରହ କରିଥିଲା। ଯବାବରେ ଶୋଭନ ଇଲେଭେନ ସୁନ୍ଦରଗଡ଼ ୩.୫ ବଲ ଖେଳି ୧୦ ୱିକେଟରେ ବିଜୟୀ ହୋଇ ସେମିଫାଇନାଲ ମ୍ୟାଚ ଖେଳିବା ପାଇଁ ବିବେଚିତ ହୋଇଛି। ଅମ୍ପାୟାର ଭାବରେ ଜି ଆଭିଦ ଆନସରୀ, ସମୀର ସେଠୀ ଓ ସୌରଭ ପାଣ୍ଡେ ରହିଥିଲେ। ଚ୍ୟାଲେଞ୍ଜରସ କ୍ଲବ୍ ର ମନିଷ ରାୟ, ଅମରେନ୍ଦ୍ର ନାଥ, ସଞ୍ଜୟ ବାହୁ ବଳେନ୍ଦ, ଏନ୍ ଲିଙ୍ଗରାଜ, ଗୁଲୁ ପଟିଶିଆ, ଶାଶ୍ୱତ ତ୍ରିପାଠୀ, ବିକି ରୁଙ୍ଗଟା, ନରେଶ ଗୁପ୍ତା ମ୍ୟାଚ ପରିଚାଳନା କରିଥିଲେ। ଅନୀଲ୍ ବାବୁ ଖସେର ଓ ଗୋଲୁ ପଟିଶିଆ ଧାରା ବିବରଣୀ ପ୍ରଦାନ କରିଥିଲେ।

ଧାନ ସଂଗ୍ରହକୁ ୨ ମାସ ପୂରିଲା

# ଚାଷୀ ବିକିଛନ୍ତି ମାତ୍ର ୫୩ଲକ୍ଷ ୩୩ ହଜାର କୁଇଣ୍ଟାଲ



## ଧାନ ରଖିବାର ବିକଳ୍ପ ବ୍ୟବସ୍ଥା ନାହିଁ

## ୧୨ଲକ୍ଷ କୁଇଣ୍ଟାଲ ଧାନ କେମିତି ବିକ୍ରି ହେବ

**ଭବାନୀପାଟଣା,୩୧ ।୧(ସମିସ):** କଳାହାଣ୍ଡି ଜିଲ୍ଲାରେ ଚଳିତ ଖରିଫ ଧାନ ବିକ୍ରିବଟା ବହୁ ସମସ୍ୟାଦେଇ ଗତି କରୁଛି । ବିଳମ୍ବରେ ମଣ୍ଡି ଆରମ୍ଭ ହୋଇଥିଲା । ଇତିମଧ୍ୟରେ ଜିଲ୍ଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ୨ମାସ ପୁରିଛି । ଏବେ ମଧ୍ୟ ମଣ୍ଡିରେ ଚାଷୀ ସଂକଟରେ ପଡି ଦିନ ଗଣୁଛି । ମିଲରେ ସ୍ଥାନାଭାବ ଧାନବିକ୍ରି ସମସ୍ୟାକୁ ଦ୍ୱିଗୁଣିତ କରିଛି । ଚଳିତ ବର୍ଷ ସବୁଠାରୁ ବଡ ଦୁଃଖର ବିଷୟ ଟୋକନ ଅଭାବରୁ ଚାଷୀମାନେ ମଣ୍ଡିରେ ଧାନ ବିକ୍ରି କରି ନ ପାରି ଘରକୁ ଧରି ଆଣୁଛନ୍ତି । ଅଧିକାଂଶ ଚାଷୀଙ୍କ ଟୋକନ ଯେତେ ପରିମାଣରେ ଧାନ ବିକ୍ରି ପାଇଁ ଆସିବା କଥା ସେତେ ପରିମାଣରେ ଆସିନାହିଁ । ଫଳରେ ଟୋକନର ପରିମାଣ ଅନୁଯାୟୀ ଚାଷୀ ଧାନ ଦେଇ ବଳକା ଧାନ ଧରି ଘରକୁ ଚାଲି ଆସୁଛି ଚାଷୀ । ଯେତିକି ଧାନ ଅଛି ମିଲର୍ସ ମାନେ ଧାନ ସାଇତି ରଖିବାକୁ ସ୍ଥାନ ନାହିଁବୋଲି ପ୍ରଶାସନକୁ ସିଧାସଳଖ ଜଣାଇଦେଇଛନ୍ତି । ପ୍ରାୟ ୧୨ଲକ୍ଷ କୁଇଣ୍ଟାଲ ଧାନ ବିକ୍ରି ହେବା ସମସ୍ତଙ୍କ ଚିନ୍ତା ବଢ଼ାଇଦେଇଛି । ଜିଲ୍ଲାପାଳ ମିଲର୍ସଙ୍କୁ ଅତିରିକ୍ତ ଗୋଦାମ ଘର ନେବାକୁ ଅନୁମତି ଦେଇଛନ୍ତି । ତିନୋଟି ଅତିରିକ୍ତ ଗୋଦାମଘରେ ମଧ୍ୟ ଧାନ ଭର୍ତ୍ତି ହୋଇଗଲାଣି । ଧାନ ପ୍ରଶାସନ କୌଣସି ପ୍ରକାରେ ନାଉଠାଇଲେ ଶେଷରେ ଶାଗ ମାଛ ଦରରେ ବାହାର ରାଜ୍ୟକୁ ଧାନ ଚାଲାଣ ହେବା ନିଶ୍ଚିତ । ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଉଦବେଗ ଓ ଅସନ୍ତୋଷ ପ୍ରକାଶ ପାଇଛି । ମିଳିଥିବା ସୂଚନା ଅନୁଯାୟୀ, ଜିଲ୍ଲାରେ ଶୁକ୍ରବାର ସୁଦ୍ଧା ୧ଲକ୍ଷ ୪ ହଜାର ଜଣ ଚାଷୀ ୫୩ଲକ୍ଷ ୩୩ ହଜାର ୭୫୪ କୁଇଣ୍ଟାଲ ଧାନ ବିକ୍ରି କରିଥିବା ଜଣାପଡିଛି । କେବଳ ଶୁକ୍ରବାର ଗୋଟିଏ ଦିନରେ ୧୪୭୮ ଜଣ ଚାଷୀଙ୍କ ୧ଲକ୍ଷ ୩ହଜାର ୩୦୨ କୁଇଣ୍ଟାଲ ଧାନ ଉଠାଣ କରାଯାଇଛି । ସରକାରୀ ରିପୋର୍ଟ ଅନୁଯାୟୀ ଜିଲ୍ଲାର ଟାର୍ଗେଟ ବର୍ତ୍ତମାନ ୬୧ ଲକ୍ଷ ୫୮ ହଜାରରୁ ବୃଦ୍ଧି ଘଟି ୬୪ଲକ୍ଷ କୁଇଣ୍ଟାଲରେ ପହଁଞ୍ଚିବା କଥା ଯୋଗାଣ ବିଭାଗ ପ୍ରକାଶ କରିଛି । ଚଳିତ ଖରିଫରେ ଧାନ ବିକ୍ରି କରିବା ପାଇଁ ୧ ଲକ୍ଷ ୨୧ ହଜାର ୧୮୧ ଜଣ ଧାନ ବିକ୍ରି କରିବା ପାଇଁ ପଞ୍ଜୀକରଣ କରିଛନ୍ତି । ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ମଧ୍ୟ ପ୍ରାୟ ୭ ଲକ୍ଷରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ ମଣ୍ଡିରେ ପଡିଥିବାବେଳେ ୧୨ ଲକ୍ଷ କୁଇଣ୍ଟାଲ ଧାନ ବିକ୍ରି କେମିତି ହେବ ତାହା ଜଟିଳ ଗଣିତ ହୋଇପଡିଛି । ଗତ ବର୍ଷ ଖରିଫ ଠାରୁ ଚଳିତ ବର୍ଷ ଖରିଫରେ ଅଧିକ ଧାନ ସଂଗ୍ରହ ହେବ ବୋଲି ଯୋଗାଣ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ଅନୁମାନ କରୁଥିଲେ ସୁଦ୍ଧା ଧାନ ରଖିବାକୁ ବିକଳ୍ପ ବ୍ୟବସ୍ଥା ପାଇଁ ଚିନ୍ତା ନକରିବା ଦୁର୍ଭାଗ୍ୟଜନକ । ଯାହା ଜଣାପଡିଛି,ଧାନ ଉଠାଣ କ୍ଷେତ୍ରରେ ମନ୍ଥରତାକୁ ନେଇଁ ସରକାର ପୂର୍ବରୁ ଅବଗତ ଅଛନ୍ତି ।

ମିଲର୍ସ ସମସ୍ୟାକୁ ସମାଧାନ କରିନପାରିବା ଧାନ ରଖିବାରେ ସ୍ଥାନାଭାବ ବିଷୟ ସମସ୍ତେ ଜାଣିଥିଲେ ମଧ୍ୟ ଚତୁରତାର ସହିତ ଧାନ ବିକ୍ରିକୁ ଭିନ୍ନ ରୂପଦେଇ ନିଜ ଅକ୍ଷମତାପଣକୁ ଲୁଚାଉଛନ୍ତି । କିଛି ଦିନ ଧରି ଉନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଅଧିକାଂଶ ମଣ୍ଡି ଦିନରାତି ବୁଲିବାପରେ ବ୍ୟବସ୍ଥା ଦାୟିତ୍ୱରେ ଥିବା କର୍ମଚାରୀ ଅଧିକାରୀଙ୍କ ଉପରେ ବର୍ଷିଛନ୍ତି । ଗତ ସରକାର ସମୟରେ ଧାନ କ୍ରୟ ନୀତି ସୁରୁଖୁରୁରେ ଚାଲିଥିବାବେଳେ ଡବଲ ଇଞ୍ଜିନ ସରକାରରେ ତାହା ସମ୍ପୂର୍ଣ୍ଣ ଫେଲ ମାରିଛି ବୋଲି ପ୍ରକାଶ କରିଛନ୍ତି । ଚାଷୀଙ୍କୁ ହତାସାର ଦ୍ୱାର ଦେଶରେ ଠିଆ କରିଦେଇଛି ବିଜେପି ସରକାର । ଅନ୍ୟପକ୍ଷରେ ବିଭିନ୍ନ ବ୍ଲକରେ ଯେଉଁ ଚାଷୀମାନେ ପୋଷ୍ଟାଲ ଆକାଉଣ୍ଟ ଖୋଲିଛନ୍ତି ସେମାନଙ୍କ ପାଇଁ ମାତ୍ର ଦୁଇ ଲକ୍ଷ ଟଙ୍କା ଉଠାଇବା ବ୍ୟବସ୍ଥା ଥିବା କାରଣରୁ ଯେଉଁ ଚାଷୀଙ୍କ ଦୁଇ ଲକ୍ଷ ଟଙ୍କାରୁ ଅଧିକ ଟଙ୍କା ପୋଷ୍ଟାଲ ଆକାଉଣ୍ଟକୁ ଆସୁଛି ସେତେବେଳେ କେବଳ ଦୁଇ ଲକ୍ଷ ଟଙ୍କା ଚାଷୀ ପାଉଛି । ବଳକା ଟଙ୍କା କେବେ ପାଇବା ତାହା ଜାଣିବା ମୁସ୍କିଲ । ଏମିତି ୩୦କୋଟି ଟଙ୍କା ଚାଷୀଙ୍କ ବକେୟା ରହିଥିବା ଯୋଗାଣ ବିଭାଗ ସ୍ପଷ୍ଟ କରିଛି । କେଉଁ ଚାଷୀର ଏମ ଏସ ପି ଟଙ୍କା ପଡୁଥିବାବେଳେ ଇନପୁଟ ସହାୟତା ରାଶି ବିଳମ୍ବରେ ପଡୁଛି । ଏଯାବତ ୩୮ଲକ୍ଷ ୨୦ହଜାର କ୍ୱିଣ୍ଟାଲ ଧାନର ଟଙ୍କା ଚାଷୀଙ୍କ ନିକଟରେ ପହଞ୍ଚିଛି ଏଥିରୁ ପରିସ୍କାର ଭାବେ ଅନୁମାନ କରାଯାଇଛି ଯେ ସରକାର ଧାନ ରଖିବାରେ ଅସମର୍ଥ ଯେମିତି ଟଙ୍କା ପୈଠ କରିବାରେ ଅଡୁଆରେ ପଡୁଛନ୍ତି ।

ଜିଲ୍ଲାପାଳଙ୍କ ଶିକ୍ଷା ସମୀକ୍ଷା ବୈଠକ

# ଜନ ଶୁଣାଣି ଅଭିଯୋଗର ୭ ଦିନ ମଧ୍ୟରେ ସମାଧାନ

**ନୂଆପଡ଼ା,୩୧ ।୧(ସମିସ):** ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ଶିକ୍ଷା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକର ଆରମ୍ଭରେ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼.ପ୍ରଶାନ୍ତ କୁମାର ମହାନ୍ତି ସମସ୍ତ ଉପସ୍ଥିତ ଅଧିକାରୀଙ୍କୁ ସ୍ୱାଗତ କରିବା ସହ ବିଭାଗ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ଯୋଜନା ଓ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ତଥ୍ୟ ରଖିଥିଲେ । ବୈଠକର ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ଦାଶ ଜନ ଶୁଣାଣି ପୋର୍ଟାଲ ମାଧ୍ୟମରେ ଶିକ୍ଷା ସମ୍ପର୍କିତ ଆସୁଥିବା ସମସ୍ତ ଅଭିଯୋଗକୁ ୭ ଦିନ ମଧ୍ୟରେ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଶିକ୍ଷା ବିଭାଗରେ ଗୁଣାଗକ ସେବା ପ୍ରଦାନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।ଆଗାମୀ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଜିଲ୍ଲାରେ ଶୂନ୍ୟ ଅନିୟମିତତା ସୁନିଶ୍ଚିତ କରିବାକୁ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ବିଦ୍ୟାଳୟଗୁଡ଼ିକରେ ମଧ୍ୟାହ୍ନ ଭୋଜନ ପ୍ରଦାନ କାର୍ଯ୍ୟରେ ନିୟୋଜିତ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ମାନଙ୍କୁ ଠିକ ସମୟରେ ପାଉଣା ଦେବା ଉପରେ ମଧ୍ୟ ସେ ଗୁରୁତ୍ୱ ଦେଇଥିଲେ ।ସମସ୍ତ ପ୍ରଧାନଶିକ୍ଷକଙ୍କୁ ଠିକ ଓଜନ ଯାଞ୍ଚ କରି ଚାଉଳ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ସମସ୍ତ ଅଧିକାରୀ ଓ ଶିକ୍ଷକଙ୍କୁ 'ଆହେ ଦୟାମୟ ବିଶ୍ୱ ବିହାରୀ'ଗୀତକୁ ମୋବାଇଲ ଡାଏଲର ଟ୍ୟୁନ ଭାବେ ସେଟ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା ।ବୈଠକରେ ସମ୍ଭାବନା-୨୦୨୬ କାର୍ଯ୍ୟ ଯୋଜନା, ଏକ ଶିକ୍ଷକ ବିଦ୍ୟାଳୟ, ବକେୟା ପେନ୍ସନ୍ ମାମଲା, ପିଏମ୍ ପୋଷଣ, ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା, ଶିକ୍ଷା ସେବିକା ନିଯୁକ୍ତି, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଖାଲି ପଦ ପୂରଣ, ପିଏମ ଶ୍ରୀ ବିଦ୍ୟାଳୟର ଭିତ୍ତିଭୂମିର ବିକାଶ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ପର୍କରେ ବିସ୍ତୃତ ଆଲୋଚନା ଓ ସମୀକ୍ଷା କରାଯାଇଥିଲା ।ସମୀକ୍ଷା ବୈଠକରେ ଜିଲ୍ଲା କଲ୍ୟାଣ ଅଧିକାରୀ ଦୀପ୍ତିମନ୍ତ ଭୋଇ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ଏବଂ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

## ବ୍ଲକ୍ ଅଧ୍ୟକ୍ଷଙ୍କ ସହାୟତାରେ ଗାଁକୁ ଫେରିଲା ମୃତଦେହ

**ଗୋଲାମୁଣ୍ଡା,୩୧ ।୧(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ଚହକା ଗ୍ରାମର ଚନ୍ଦ୍ରମଣି ବାଗଙ୍କ ପୁଅ ସିଦ୍ଧାନ୍ତ ବାଗ (୧୭) ଦୀର୍ଘ ଦିନ ଧରି ରକ୍ତହୀନତା ରୋଗରେ ପୀଡିତ ଥିଲେ । ହଠାତ ଅସୁସ୍ଥତା କାରଣରୁ ଆନ୍ଧ୍ରପ୍ରଦେଶ ରାଜ୍ୟର ବିଶାଖାପାଟନମର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ ।ବୁଧବାର ଚିକିତ୍ସାଧିନ ଅବସ୍ଥାରେ ହିଁ ସିଦ୍ଧାନ୍ତଙ୍କ ମୃତ୍ୟୁ ଘଟିଥିଲା । ବିଧାତା ସେହି ଗରୀବ ଅସହାୟ ପରିବାର ପ୍ରତି ଦାଉ ସାଧିଲା । ବୋଝ ଉପରେ ନଳିତା ବିଡ଼ା ସଦୃଶ୍ୟ ଦୁଃଖ ଉପରେ ପୁଣି ଦୁଃଖ ଦେଇ ଚାଲିଗଲା ଭେଣ୍ଡିଆ ପୁଅ । ଉକ୍ତ ପରିବାର ଅତି ଗରିବ ପରିବାର ହେତୁ ମୃତଦେହ ନିଜ ଗାଁ ମାଟିକୁ ଆଣିବାପାଇଁ ସକ୍ଷମ ନଥିଲେ । ଏନେଇ ପରିବାର ଲୋକେ ଗୋଲାମୁଣ୍ଡା ବ୍ଲକ୍ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କୁ ସାହାଯ୍ୟ ମାଗିଥିଲେ । ଏହି ବିଷୟକୁ ଗମ୍ଭୀରତାର ସହ ନେଇ ମୃତଦେହ ନିଜ ଗାଁକୁ ଆଣିବା ପାଇଁ ନିଜସ୍ୱ କର୍ପସ ପାଣ୍ଠିରୁ ଆର୍ଥିକ ସହାୟତା ରାଶି ଯୋଗାଇ ଦେଇଥିଲେ । ଅର୍ଥ ରାଶି ପାଇବା ପରେ ଯୁବକ ଜଣକର ମୃତଦେହ ଗାଁରେ ପହଞ୍ଚିବା ପରେ ଗାଁ ଶ୍ମଶାନରେ ସତ୍କାର କରାଯାଇଥିବା ଜଣାପଡିଛି ।

## ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲରେ ସହିଦ ଦିବସ

**ଭବାନୀପାଟଣା,୩୧ ।୧(ସମିସ):** ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲରେ ମହାତ୍ମାଗାନ୍ଧୀଙ୍କ ବଳିଦାନ ଦିବସ ତଥା ସହୀଦ ଦିବସ ପାଳିତ ହୋଇଯାଇଛି । ଗାନ୍ଧୀଜୀଙ୍କ ଅହିଂସା, ସତ୍ୟ ଏବଂ ସ୍ୱଦେଶୀ ଆଦର୍ଶକୁ ସମସ୍ତ ଛାତ୍ରଛାତ୍ରୀ ପାଳନ କରିବା ସହ ରାଷ୍ଟ୍ରଗଠନ ରେ ନିୟୋଜିତ ରହିବାକୁ ସ୍କୁଲର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଡ. ଶିବରାମ ନାୟକ ଉଦ୍‌ବୋଧନ ଦେଇଥିଲେ । ଗାନ୍ଧିଜୀଙ୍କ ଫୋଟୋ ଚିତ୍ରରେ ପୁଷ୍ପାଞ୍ଜଳି ପରେ ସଭା ଆରମ୍ଭ ହୋଇଥିଲା । ସ୍କୁଲର ସମସ୍ତ ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିବା ସହଯୋଗ କରିଥିଲେ । ଶିକ୍ଷୟିତ୍ରୀ ସରିତା ବାଗେଲ ସଭା ପରିଚାଳନା ଓ ଶିକ୍ଷୟିତ୍ରୀ ଚନ୍ଦ୍ରପ୍ରଭା ମିଶ୍ର,ଭବାନୀ ନାଏକ,ସମିଷ୍ଠାରାଣୀ ବେହେରା ସହଯୋଗ କରିଥିଲେ । ବନ୍ଦେ ମାତରମ୍ ସହ ସଭା ସାଙ୍ଗ କରାଯାଇଥିଲା ।

## ଉଦ୍ୟୋଗପତି ରାଜେନ୍ଦ୍ର ପାଟ୍‌ଯୋଷୀଙ୍କ ପରଲୋକ

**କୋକସରା,୩୧ ।୧(ସମିସ):** କୋକସରା ବ୍ଲକ୍ ମୋଟେର ଶାନ୍ତିନଗରର ବିଶିଷ୍ଟ ଉଦ୍ୟୋଗପତି ତଥା ବରିଷ୍ଠ ଆଇନଜୀବୀ ରାଜେନ୍ଦ୍ର ପାଟ୍‌ଯୋଷୀଙ୍କର ୭୨ ବର୍ଷ ବୟସରେ ଶୁକ୍ରବାର ରାତିରେ ପରଲୋକ ଘଟିଛି । କିଛି ଦିନ ହେଲା ସେ ଅସୁସ୍ଥ ଥାଇ ଚିକିତ୍ସିତ ହେଉଥିଲେ ।ସେ ଜଣେ ବରିଷ୍ଠ ଆଇନଜୀବୀ, ସଫଳ ଉଦ୍ୟୋଗପତି, ପରୋପକାରୀ ତଥା ସହୃଦୟର ବ୍ୟକ୍ତିତ୍ୱ ଭାବେ ଜିଲ୍ଲାରେ ବେଶ୍ ସୁନାମ ଅର୍ଜନ କରିଥିଲେ । କୋକସରାର ପୂର୍ବତନ ବିଧାୟକ ସୁରେନ୍ଦ୍ର ପାଟ୍‌ଯୋଷୀ, ଧର୍ମଗଡ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ରବିନ୍ଦ୍ର ପାଟ୍‌ଯୋଷୀ ତଥା ଶ୍ରମିକ ନେତା ଦେବେନ୍ଦ୍ର ପାଟ୍‌ଯୋଷୀଙ୍କ ଭାଇ ଅଟନ୍ତି । ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଜ୍ଞାତି କୁଟୁମ୍ବ, ପରିଜନ, ବନ୍ଧୁବାନ୍ଧବ, ଗ୍ରାମବାସୀ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶବାଧାରରେ ଶତାଧିକ ଲୋକ ସାମିଲ ହୋଇଥିଲେ । ତାଙ୍କ ବଡ ପୁଅ ରୋହନ ପାଟ୍‌ଯୋଷୀ ଓ ସୋହନ ପାଟ୍‌ଯୋଷୀ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟ୍‌ଯୋଷୀ, କୋକସରା ବ୍ଲକ୍ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଶୋକ ପ୍ରକାଶ କରିଛନ୍ତି ।

ସର୍ବ ଭାରତୀୟ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ମାରକୀ ଫୁଟବଲ

## ଫାଇନାଲରେ ସୋନପୁର ରାମଧୂନ କ୍ଲବ୍



**ବଲାଙ୍ଗିର,୩୧ ।୧(ସମିସ):** ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟରେ ସର୍ବଭାରତୀୟ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଚାଲଇଛି । ଦ୍ୱିତୀୟ ସେମିଫାଇନାଲ ଖେଳରେ ସୋନପୁର ରାମଧୂନ କ୍ଲବ୍ ବରଗଡ ୟୁନାଇଟେଡ କ୍ଲବ୍‌କୁ ହରାଇ ଫାଇନାଲରେ ପ୍ରବେଶ କରିଛି ।

ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ତହସିଲଦାର ଲଗ୍ନଜିତ ବେହେରା, ସଦର ବ୍ଲକ ଉପାଧ୍ୟକ୍ଷା ପୁଷ୍ପାଞ୍ଜଳି ହୋତା, ଯୁବନେତା ଗିରିରାଜ ସିଂମାଝି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କମିଟିର ବରିଷ୍ଠ ସଦସ୍ୟ ପ୍ରଭାସ ପାଣିଗ୍ରାହୀ, ବରିଷ୍ଠ ସଦସ୍ୟ ରାଜେନ୍ଦ୍ର ପ୍ରସାଦ ହୋତା, ସଂପାଦକ ସାଗର ସଂଗମ ଶତପଥୀ ମଞ୍ଚାସୀନ ଥିଲେ । ବିଧୂ ଭୂଷଣ ତ୍ରିପାଠି ସଭାପତିତ୍ୱ କରିଥିଲେ । ସୁବ୍ରତ ପୁରୋହିତ, ଦେବାଶିଷ ବାଗ, ଜିତେନ୍ଦ୍ର ପାତ୍ର ଓ ସୁଶାନ୍ତ ନାଗ ପରି.ଳନା କରିଥିଲେ । ସୋନପୁର ଦଳର ଗୋଲକିପର ସୁନିଲ ବାଘାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ଟ୍ରଫି ସହ ୨ହଜାର ଟଙ୍କା ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା । ଉମେଶ ଚନ୍ଦ୍ର ପ୍ରଧାନ, ଭିକାରୀ ଚରଣ ବାଗ ଓ ଅଭିମନ୍ୟୁ ପାଣ୍ଡେଙ୍କୁ ମାନପତ୍ର ସହ ସମ୍ମାନିତ କରାଯାଇଥିଲା । ଶରତ ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିବା ବେଳେ ହେମନ୍ତ ବେହେରା ମଞ୍ଚ ପରି.ଳନା କରିଥିଲେ । ରବିବାର କୁଚିଣ୍ଡା ବିଏଫ୍‌ସି ବନାମ ସୋନପୁର ରାମଧୂନ କ୍ଲବ୍ ମଧ୍ୟରେ ଫାଇନାଲ ଖେଳ ହେବ ।

## ସରସ୍ୱତୀଙ୍କୁ ଆଦିବାସୀ ପ୍ରତିଭା ସମ୍ମାନ



**ନୂଆପଡା, ୩୧ ।୧ (ସମିସ):** ନୂଆପଡା ଜିଲ୍ଲା ସଦର ମହକୁମାର ସରସ୍ୱତୀ ଶବରଙ୍କୁ ରାଜ୍ୟ ସରକାରଙ୍କ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ତରଫରୁ ଆୟୋଜିତ ଆଦିବାସୀ ମେଳାରେ ଆଦିବାସୀ ପ୍ରତିଭା ସମ୍ମାନ ପ୍ରଦାନ କରାଯିଛି ।ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହି ପୁରସ୍କାର ପ୍ରଦାନ କରିଛନ୍ତି । ପ୍ରକାଶଯେ ନୂଆପଡା ଜିଲ୍ଲା ସଦର ମହକୁମାସ୍ଥିତ ସାଲେଭଟା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଭାବରେ ଅବସ୍ଥାପିତ ସରସ୍ୱତୀ ଆଜିକୁ ବାଇଶ ବର୍ଷ ଧରି ଶିକ୍ଷକତା କରୁଥିବା ବେଳେ ବିଭିନ୍ନ ସମୟରେ ସାହିତ୍ୟ, ସଂସ୍କୃତି ସୁରକ୍ଷା କ୍ଷେତ୍ରରେ କାମ କରିଆସୁଥିବା ବେଳେ ରାଜ୍ୟସରକାରଙ୍କ ତରଫରୁ ବିଭିନ୍ନ ସମୟରେ ସମ୍ମାନିତ ହୋଇଆସୁଛନ୍ତି । ପୁରସ୍କାର ପ୍ରଦାନ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନିର୍ଦ୍ଦେଶକ ସୁଧାକର ଶବର ପ୍ରମୁଖ ଉପସ୍ଥିତ ଥିଲେ ।

## ୨ରୁ ଝଲସିବ ପାଟଣେଶ୍ୱରୀ ମନ୍ଦିର



**ବଲାଙ୍ଗିର,୩୧ ।୧(ସମିସ):** ୨ରୁ ଝଲସିବ ପାଟଣେଶ୍ୱରୀ ମନ୍ଦିର । ସ୍ଥାନୀୟ ସରକାରୀ ଟାଉନ ମହିଳା ବିଦ୍ୟାଳୟରେ ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି । ପାଟଣା ରାଜ୍ୟର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀଙ୍କ ମନ୍ଦିରର ୧୫୦ ବର୍ଷ ପୂର୍ତ୍ତି ଅବସରରେ ପୀଠର ଭବ୍ୟ ଉତ୍ସବ ଆୟୋଜନ ଲାଗି ଏଥିରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି । ୧ତାରିଖ ଅପରାହ୍ନ ୪ଟାରେ କଳସଧିବାସ ରହିଛି । ୨ତାରିଖ ଯଜ୍ଞ ଓ ଚଣ୍ଡିପାଠ ଆରମ୍ଭ ହେବ । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି । ୩ ତାରିଖ ପୂଜା ଓ ଚଣ୍ଡିପାଠ ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ମହା ଆଳତି ରହିଛି । ୪ ତାରିଖ ଚଣ୍ଡିପାଠ ଓ ହୋମଯଜ୍ଞ ହେବ ବୋଲି ଏଥିରେ ସୂଚନା ଦିଆଯାଇଛି । ସଂପାଦକ ପ୍ରଶାନ୍ତ ମହାକୁର ଏହି କାର୍ଯ୍ୟକ୍ରମ ପରି.ଳନା କରିଥିଲେ । ଦେବାଳୟ ଐତିହ୍ୟ ସୁରକ୍ଷା କମିଟିର ସଭାପତି ଜୟକୃଷ୍ଣ ମିଶ, ଜୟକୁମାର ଆ.ର୍ଯ୍ୟ, ଭବାନୀ ଶଙ୍କର ଭୋଇ, ଦିନେଶ ଶର୍ମା, ଅଶ୍ୱିନୀ ପଟ୍ଟନାୟକ, ରିଣ୍ଟୁ ସାହୁ ପ୍ରମୁଖ ଉପସ୍ଥିତ ରହି ବିଭନ୍ନ ସୂଚନା ଦେଇଥିଲେ ।

ମନ୍ତ୍ରୀଙ୍କ ବାସଭବନରେ ସହଯୋଗୀଙ୍କ ମୃତ୍ୟୁ ଘଟଣା

## ମୃତକଙ୍କ ପରିବାରଙ୍କୁ ଭେଟିଲେ ବିଜେଡି ଜିଲ୍ଲା ସଭାପତି



**ପାଟଣାଗଡ଼,୩୧ ।୧ (ସମିସ):** ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ତାଙ୍କର ଜଣେ ସହଯୋଗୀ ଶଙ୍କର୍ଷଣ ନାଗଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି । ସମ୍ପୃକ୍ତ ସହଯୋଗୀଙ୍କ ଘର ବଲାଙ୍ଗୀର ଜିଲ୍ଲା ପାଟଣାଗଡ ନିର୍ବାଚନ ମଣ୍ଡଳୀ ବେଲପଡା ବ୍ଲକ୍ ଭରୁଆପାଲି ପଞ୍ଚାୟତ ଫୁଲକାନୀ ଗ୍ରାମରେ । ଶନିବାର ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ପାଟଣାଗଡ଼ ବିଧାୟକ ସରୋଜ ମେହେର ମୃତକଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଛନ୍ତି । ଶ୍ରୀ ମେହେର କହିଛନ୍ତି ଯେ ଶଙ୍କର୍ଷଣଙ୍କ ପରିବାର ୩୫ ବର୍ଷ ଧରି ମନ୍ତ୍ରୀଙ୍କ ସହ ଜଡିତ । ଏ ପର୍ଯ୍ୟନ୍ତ ପରିବାର ଲୋକଙ୍କୁ ଆର୍ଥିକ ସହାୟତା ମିଳିନାହିଁ । ଏହା ସ୍ୱାଭାବିକ ମୃତ୍ୟୁ ହୋଇ ନ ପାରେ । ଏଣୁ ରାଜ୍ୟ ସରକାର ଏହାର ସତ୍ୟାସତ୍ୟ ଓଡିଶାବାସୀଙ୍କ ନିକଟରେ ରଖନ୍ତୁ । ପରିବାରଙ୍କୁ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ କରନ୍ତୁ ।

## ରୁପ୍ରାରୋଡ ୟଙ୍ଗ ବ୍ଲଡ଼ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ




**ଭବାନୀପାଟଣା,୩୧ ।୧(ସମିସ):** ରୁପ୍ରାରୋଡ ୟଙ୍ଗ ବ୍ଲଡ଼ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ନର୍ଲା ବ୍ଲକ୍ ଲାଖଗୁଡାସ୍ଥିତ ସ୍କୁଲର ନୂତନ କ୍ୟାମ୍ପସରେ ଶନିବାର ସନ୍ଧ୍ୟାରେ ଆୟୋଜିତ ବାର୍ଷିକ ଉତ୍ସବ ସମାରୋହରେ ମୁଖ୍ୟଅତିଥି ଭାବେ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ନିବେଦିତା ନାଥ ଯୋଗ ଦେଇଥିଲେ । ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରିନ୍ସପାଲ ବିଭୁ ରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ବକ୍ତା ଭାବେ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ଼ଃ କୈଳାସ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ବିଡ଼ିଓ ବିପିନ ବିହାରୀ ଦୀପ, ରୁପ୍ରାରୋଡ ସରପଞ୍ଚ ହେମନ୍ତ ଭୋଇ, ୟଙ୍ଗ ବ୍ଲଡ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ରାମ କୁମାର ଜୈନ, ରୁପ୍ରାରୋଡ ୟଙ୍ଗ ବ୍ଲଡ ପବ୍ଲିକ ସ୍କୁଲର ସଚିବ ସୁମିତ କୁମାର ଅଗ୍ରୱାଲ, କେସିଙ୍ଗା ୟଙ୍ଗ ବ୍ଲଡ ପବ୍ଲିକ ସ୍କୁଲର ପ୍ରିନ୍ସପାଲ ଡ଼ଃ ଦିପ୍ତିରାଣୀ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ । ଶିକ୍ଷୟିତ୍ରୀ ଅନିମା ଅଗ୍ରୱାଲ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଆକାଂକ୍ଷା ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ପଦ୍ମନାଭ ଝାଙ୍କର । ସ୍କୁଲର ଭାଇସ୍ ଚେୟାରମ୍ୟାନ ରତନ କୁମାର ଅଗ୍ରୱାଲ, ବରିଷ୍ଠ ସଦସ୍ୟ ଆନନ୍ଦ କୁମାର ଅଗ୍ରୱାଲ, ମହେଶ ଅଗ୍ରୱାଲ, କୈଳାଶ କୁମାର ଅଗ୍ରୱାଲ, ରୂପଚନ ଜୈନ, ପ୍ରଦୀପ କୁମାର ଅଗ୍ରୱାଲ, ଦେବେଶ କୁମାର ଅଗ୍ରୱାଲ, ପରିଚାଳନା କମିଟିର କାର୍ଯ୍ୟକର୍ତ୍ତାମାନେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଉପଦେଷ୍ଟା ଦେବୀଦେବ ଶର୍ମା ଓ ସୁବାସ ଚନ୍ଦ୍ର ଅଗ୍ରୱାଲ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗିନ ବିକାଶ ଦିଗରେ କାର୍ଯ୍ୟ କରିବାକୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବାର୍ତ୍ତା ପ୍ରେରଣ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ସ୍କୁଲ ପରିଚାଳନା କମିଟିର କାର୍ଯ୍ୟକର୍ତ୍ତା ଓ ସଦସ୍ୟମାନେ ପୁରସ୍କୃତ କରିଥିଲେ । ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଶିକ୍ଷକ ବିଜୟ ମହାପାତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ଲମ୍ବୋଦର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷୟିତ୍ରୀ ନିବେଦିତା ସାହୁ, ତୁଳସୀ ବେହେରା, ପ୍ରେମାଞ୍ଜଳୀ ପୋଢ, ପୂଜା ଅଗ୍ରୱାଲ, ଅଞ୍ଜୁ ବେହେରା, ନିଳାମ୍ବିକା ସାହାଣୀ, ଶିକ୍ଷକ ଚୈତନ୍ୟ ସାହୁ, ଦେବେନ୍ଦ୍ର ସେନାପତିଙ୍କ ସମେତ ବିଦ୍ୟାଳୟର କର୍ମଚାରୀ ଧିରୋଜ ସେଠୀ, ସୁମିତ୍ରା ପୋଢ, ବୃନ୍ଦାବନ ସା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବିଧାୟକ ନିଜ ଲୋକଙ୍କୁ କାମ ବାଣ୍ଟୁଛନ୍ତି

## ରାଜ୍ୟ ବିଜେପି ପ୍ରଭାରୀଙ୍କୁ କର୍ମୀଙ୍କ ଫେରାଦ



**ନୂଆପଡା,୩୧ ।୧(ସମିସ):** ନୂଆପଡା ବିଧାୟକ ଜୟ ଢୋଲକିଆ ନିଜ ଲୋକଙ୍କୁ କାମ ବାଣ୍ଟୁଛନ୍ତି ଏବଂ ପୁରୁଣା କର୍ମୀଙ୍କୁ ହତାଦର କରୁଛନ୍ତି ବୋଲି ଅଭିଯୋଗ ଆଣୁଛନ୍ତି ବିଜେପି କମକର୍ତ୍ତା । ଶନିବାର ନୂଆପଡା ଜିଲ୍ଲା ଗସ୍ତ ସମୟରେ ବିଜେପି ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମର ଏବଂ ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ସତପଥିଙ୍କ ନିକଟରେ କର୍ମୀମାନେ ଭେଟି ଏଭଳି ବିଷୋଦଗାର କରିଛନ୍ତି । ସୂଚନା ଯୋଗ୍ୟ ଯେ ଉପନିର୍ବାଚନ ଶେଷ ହେବା ପରେ ପ୍ରଥମ ଥର ପାଇଁ ଡବ୍ଲ୍ୟୁଡିସି ଏବଂ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୬୦କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଅନୁଦାନ ଆସିଥିଲା ।ଏଥିରେ କୁଆଡେ ବିଧାୟକ, କଳାହାଣ୍ଡି ସାଂସଦ ଏବଂ ଜିଲ୍ଲା ବିଜେପି ସଭାପତି ନିଜ ନିଜର କର୍ମୀମାନଙ୍କୁ କାମ ଯୋଗାଇ ଦେବାକୁ ସୁପାରିଶ କରିଥିଲେ । ହେଲେ ଏପରି ହେଲା ଯେ ଗୋଟିଏ ଗୋଟିଏ କାମକୁ ତିନି ଜଣଙ୍କର ସୁପାରିଶ ପତ୍ର ଯାଇଥିଲା । ଏଥିରେ ବିଜେପିର ପୁରୁଣା କର୍ମକର୍ତ୍ତା ଏବଂ ବିଜେଡିରୁ ଆସି ନୂଆକରି ବିଜେପିରେ ଯୋଗ ଦେଇଥିବା କର୍ମକର୍ତ୍ତାଙ୍କ ମଧ୍ୟରେ ଠେଲା ପେଲା ଚାଲିଛି । ଉଲ୍ଲେଖ ଯୋଗ୍ୟ ଯେ ଶନିବାର ସନ୍ଧ୍ୟାରେ ସ୍ଥାନୀୟ ବିଜେପି କାର୍ଯ୍ୟାଳୟରେ ବିଜେପି ଜିଲ୍ଲାର ସମସ୍ତ କାର୍ଯ୍ୟ କର୍ତ୍ତାଙ୍କୁ ନେଇ ରାଜ୍ୟ ପ୍ରଭାରୀ ବୈଠକ କରିଥିଲେ । ଏଥିରେ ଜିଲ୍ଲା ସଭାପତି କମଲେଶ ଦୀକ୍ଷିତ,ରାଜ୍ୟ ପ୍ରଭାରୀ ତୋମର, ସାରଦା ଶତପଥି, ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡା, ନବ ନିର୍ବାଚିତ ବିଧାୟକ ଜୟ ଢୋଲକିଆ, ପୂର୍ବତନ ଖଡ଼ିଆଳ ବିଧାୟକ ହିତେଶ କୁମାର ବଗର୍ତ୍ତୀ, ଲମ୍ବୋଦର ନିଆଲ ପ୍ରମୁଖ ଯୋଗ ଦେଇଥିଲେ ।ଏହି ଅବସରରେ ରାଜ୍ୟ କାର୍ଯ୍ୟକର୍ତ୍ତା ଉପନିର୍ବାଚନ ସମୟରେ ସମସ୍ତ କାର୍ଯ୍ୟକର୍ତ୍ତାଙ୍କର ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ସଫଳ ହୋଇଥିଲା ବୋଲି ଧନ୍ୟବାଦ ଜଣାଇଥିବା ବେଳେ ଓଲଟା ବିଜେପିର ପୁରୁଖା କର୍ମକର୍ତ୍ତା ଅସନ୍ତୋଷ ଜାହିର କରିଥିଲେ । ଦଳକୁ ଆମଦାନୀ ହୋଇ ଆସିଥିବା ନେତା ଆମକୁ ଦରକାର ନାହିଁ, ଖୋଲା ଖୋଲି ପିସି କାରବାର ଚାଲିଛି ବୋଲି ବିଷୋଦଗାର କରିଥିଲେ ।ଏଭଳି ଅସନ୍ତୋଷକୁ କିଛି କ୍ଷଣ ପାଇଁ ସମ୍ଭାଳିବା ମୁସ୍କିଲ ହୋଇଥିଲା । ରାଜ୍ୟ କାର୍ଯ୍ୟକର୍ତ୍ତା ବିଜେପିରେ କର୍ମି ଠିକାଦାରୀ ଚାଲେ ନାହିଁ । ଆପଣମାନେ ଦୀର୍ଘ ବର୍ଷ ଧରି ଶାଳୀନତା ରଖି କାମ କରିଛନ୍ତି ଅଧୈର୍ଯ୍ୟ କାହିଁକି ହେଉଛନ୍ତି ବୋଲି ବୁଝାଇଥିଲେ । ଆଜି ନୂଆପଡା ବିଜେପି ମଧ୍ୟରେ ଅନ୍ତଃ କନ୍ଦଳ ଘୁମୁରୁ ଥିବାବେଳେ ବୈଠକ ଏକ ପ୍ରକାର ଘିଅ ଢାଳି ଦେଇଛି ।

# ପିଏମ୍ ଉଷା ପକ୍ଷରୁ ଆଲୋଚନାଚକ୍ରର ଉଦ୍‌ଘାଟିତ




ଭବାନୀପାଟଣା, ୩୧ ।୧(ସମିସ): ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଇତିହାସ ଓ ରାଜନୀତିବିଜ୍ଞାନ ବିଭାଗର ମିଳିତ ଆନୁକୂଲ୍ୟରେ 'ୱିସଡମ୍ ଥ୍ରୋ ଦି ଏଜେସ୍ : ଏକ୍ସପ୍ଲୋରିଙ୍ଗ ଦି ଏସେନ୍ସ, ସ୍କୋପ୍ ଆଣ୍ଡ ରିଲେଭେଣ୍ଟ ଅପ୍ ଇଣ୍ଡିଆନ୍ ନଲେଜ ସିଷ୍ଟମ' ଶୀର୍ଷକରେ ଜାତୀୟ ଆଲୋଚନାଚକ୍ରର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ କୁଳପତି ଡ. ନିବେଦିତା ନାଥ ସଭାପତିତ୍ୱ କରି ଭାରତୀୟ ଜ୍ଞାନକୌଶଳ ସଂପର୍କରେ ଅଭିମତ ପ୍ରକାଶ କରିଥିଲେ। କୁଳସଚିବ ଡ. ଗୁଣନିଧି ନାଏକ , ଉପକୁଳସଚିବ ମେଜର ଡ. ଜୟଦେବ ସାହୁ ଉପସ୍ଥିତ ଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ କିସ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଦୀପକ କୁମାର ବେହେରା ଉକ୍ତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରଫେସର ଡ. ରମ୍ୟାରଞ୍ଜନ ପଟେଲ ସମ୍ମାନିତ ଅତିଥି, ଭାରତୀୟ ପ୍ରାଦ୍ୟୋଗିକ ସଂସ୍ଥାନ, ଧନବାଦ, ଝାରଖଣ୍ଡର ପ୍ରଫେସର ଅଜିତ କୁମାର ବେହୁରା ମୁଖ୍ୟ ବକ୍ତାଭାବେ ଉପସ୍ଥିତ ହୋଇ ଭାରତୀୟ ଜ୍ଞାନକୌଶଳ ବିଷୟରେ ନିଜର ଅଭିମତ ପ୍ରକାଶ କରିଥିଲେ। ଇତିହାସ ବିଭାଗର ମୁଖ୍ୟ ଡ. ନଳିନୀକାନ୍ତ ରଣା ଆଲୋଚନାଚକ୍ରର ଉଦ୍ଦେଶ୍ୟ ଓ ସାରାଂଶ ଉପସ୍ଥାପନ କରିଥିବା ବେଳେ ରାଜନୀତି ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ.ସରିତା ବାଗ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ।ଉଦ୍‌ଘାଟନୀ ଉତ୍ସବରେ ସ୍ନାତକ ଛାତ୍ରୀ ସୁଶ୍ରୀ ସ୍ମୃତି ରଥ ଓ ସୁଶ୍ରୀ ଲିଲି ନାଏକ ମଞ୍ଚ ପରିଚାଳନା କରିଥିବା ବେଳେ ପିଏମ ଉଷାର ନୋଡାଲ ଅଫିସର ଡ. ରାଜକିଶୋର ମାହାନା ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନାଚକ୍ରରେ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ,ଅଧ୍ୟାପିକା, ଗବେଷକ,ଗବେଷିକା ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

# ଟିମନପୁରରେ ବର୍ତ୍ତନ୍ ବ୍ୟାଙ୍କ୍ ଉଦ୍‌ଘାଟିତ



ସିନାପାଲି,୩୧ ।୧(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ଟିମନପୁର ପଞ୍ଚାୟତ ଆନୁକୁଲ୍ୟରେ ଏକକ ଥର ବ୍ୟବହାର ହେଉଥିବା ପ୍ଲାଷ୍ଟିକ ନିଷେଧ ଅଭିଯାନ ତଥା ବର୍ତ୍ତନ ବ୍ୟାଙ୍କ ଉଦଘାଟିତ ହୋଇଯାଇଛି।ମୁଖ୍ୟ ଅତିଥି ଭାବେ ନୂଆପଡ଼ା ଜିଲ୍ଲାପାଳ ମଧୁସୁଦନ ଦାସ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ସିନାପାଲି ବିଡିଓ କାର୍ମୀ ଓରାମ,ଏସଇ ଆରଡବ୍ଲ୍ୟୁଏସଏସ, ଡିଡି ପ୍ଲାନୀଙ୍ଗ, ଡିପିଏମ,ଏନଏଚଏମ, ଡିଡବ୍ଲ୍ୟୁଓ ନୂଆପଡ଼ା ସମେତ ବିଆରସି ସିନାପାଲି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପିଇଓ ଏବଂ ସରପଞ୍ଚ ତଥା ସ୍ୱୟଂ ସହାୟକ ମହିଳା ଗୋଷ୍ଠି ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଜଙ୍ଗଲ ଅଗ୍ନି ନିର୍ବାପନ ସଚେତନତା କାର୍ଯ୍ୟକ୍ରମ

ଭବାନୀପାଟଣା, ୩୧ ।୧(ସମିସ): କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ଜୁନାଗଡ଼ ବନାଞ୍ଚଳର ଜାରିଙ୍ଗ ନର୍ସରୀ ଠାରେ "ଜଙ୍ଗଲ ଅଗ୍ନି ନିର୍ବାପନ ସମ୍ବନ୍ଧିୟ ସଚେତନତା କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ଏବଂ ଏହାର ଉପକାରୀତା ଓ ଅପକାରୀତା ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଜୁନାଗଡ଼ ବନାଞ୍ଚଳ ଅଧିକାରୀ ସିମାଞ୍ଚଳ ମିଶ୍ର ମଞ୍ଚ ପରିଚାଳନା କରିବା ସହ ଜଙ୍ଗଲ ସୁରକ୍ଷା ଉପରେ ଉପସ୍ଥିତ ବନକର୍ମଚାରୀ ଓ ସ୍ଥାନୀୟ ଲୋକଙ୍କୁ ବୁଝାଇଥିଲେ। ସ୍ୱାସ୍ଥ୍ୟ ଅଧିକାରୀ ଡ. ବି ପାଣିଗ୍ରାହୀ ଜଙ୍ଗଲରେ ନିଆଁ ଲାଗିବା ସମୟରେ ବନ କର୍ମଚାରୀଙ୍କ ସ୍ୱାସ୍ଥ୍ୟର ଯତ୍ନ ସମ୍ବନ୍ଧରେ ବୁଝାଇ ଥିଲେ। କାର୍ଯ୍ୟକ୍ରମରେ ଦକ୍ଷିଣ ବନଖଣ୍ଡ ଅଧିକାରୀ ଆର କଲାଇଭାନନ, ଏସିଏଫ ଓଁକାର ଦାସ ଜଙ୍ଗଲରେ ନିଆଁ ଓ ଏହାର ଅଧିନିୟମ ବିଷୟରେ ଆଲୋକପାତ କରିଥିଲେ।ସମସ୍ତ ଫରେଷ୍ଟର, ଫରେଷ୍ଟ ଗାର୍ଡ ଓ ବନ ସୁରକ୍ଷା କର୍ମୀ ସାମିଲ ହୋଇଥିଲେ। ଗ୍ରୀଷ୍ମ ଋତୁରେ ଜଙ୍ଗଲକୁ କିପରି ନିଆଁ ଦାଉରୁ ରକ୍ଷା କରାଯାଇ ପାରିବ ପ୍ରଶିକ୍ଷଣ ଶିବିରରେ ଆଲୋଚନା ହୋଇଥିଲା।

## ଆବାସ ଯୋଜନାରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀ

# ଝାଟିମାଟି ଚାଳଛପର ଘରେ ବିତୁଛି ଜୀବନ

ଥୁଆମୂଳରାମପୁର,୩୦ ।୧(ସମିସ):





ସରକାରଙ୍କ ଆବାସ ଯୋଜନାରେ ଘର ପାଇବାକୁ ଯୋଗ୍ୟ ଥିବା ଅନେକ ଗରିବ ପରିବାର ଆଜି ଯାଏଁ ବଞ୍ଚିତ ହୋଇ ରହିଛନ୍ତି। ଭଙ୍ଗା ଦଦରା ଝାଟିମାଟି କୁଡିଆ ତଥା ଚାଳଛପର ଘରେ ଜୀବନ କାଟୁଥିବା ହିତାଧିକାରୀମାନେ ବାରମ୍ବାର ଆବେଦନ କରିଥିଲେ ମଧ୍ୟ ସରକାରୀ ସୁବିଧା ପାଇବାରୁ ବଞ୍ଚିତ। ଗରିବଙ୍କ ମୁଣ୍ଡ ଉପରେ ଛାତ ଦେବାର ସ୍ୱପ୍ନ ନେଇ ସରକାର ଆରମ୍ଭ କରିଥିଲେ ଆବାସ ଯୋଜନା ।ହେଲେ ଆଜି ମଧ୍ୟ ଅନେକ ଯୋଗ୍ୟ ହିତାଧିକାରୀ ସେହି ସ୍ୱପ୍ନରୁ ବଞ୍ଚିତ ।କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଥୁଆମୂଳ ରାମପୁର ବ୍ଲକ୍ କର୍ଲାପାଟ ପଞ୍ଚାୟତ କୁଆଙ୍ଗ ଗ୍ରାମରେ ବସବାସ କରୁଥିବା ଦୁଇ ଗରିବ ଅସହାୟ ପରିବାର ପାଇଁ ଆବାସ ଯୋଜନା ସ୍ୱପ୍ନ ପାଲଟିଛି। ଗ୍ରାମର ବେଲାଲସେନ୍ ପାଲଙ୍କ ପରିବାର ଏକ ଅସୁରକ୍ଷିତ ଚାଳଛପର ଘରେ ବସବାସ କରୁଥିବା ଦେଖିବାକୁ ମିଳିଛି। ସରକାରଙ୍କ ଆବାସ ଯୋଜନାରୁ ପକ୍କା ଘର ଖଣ୍ଡେ ମିଳିବ ଏଇ ଆଶା ନେଇ ଅନେକ ଥର ଆବେଦନ କରିଛନ୍ତି। ହେଲେ ଆଜି ବି ଏମାନଙ୍କ ପାଇଁ ସାତସପନ ସାଜିଛି। ବର୍ଷ ପରେ ବର୍ଷ ବାତିଯାଉଥିଲେ ମଧ୍ୟ ଆଜିଯାଏ ହତାଶ ହେବାକୁ ପଡିଛି। ପରିବାରରେ ସ୍ତ୍ରୀ ଜାନକୀ ଏବଂ ଦୁଇ କୋମଳମତୀ ପୁଅ ଶିବାସନ ଓ ଟୋନିଙ୍କୁ ନେଇ ବହୁ କଷ୍ଟରେ ପରିବାର ପ୍ରତିପୋଷଣ କରୁଥିବା ବେଲାଲସେନଙ୍କ ପାଖରେ ଘର ସଜାଡିବା ପାଇଁ ସମ୍ବଳ ନିଅଣ୍ଟ। ସରକାରୀ ସହାୟତା କହିଲେ ମାସକୁ ୨୦ କେଜି ଚାଉଳ ବ୍ୟତୀତ ନା ମିଳୁଛି ରୋଜଗାରର ସାଧନ ନା କୌଣସି ଆର୍ଥିକ ସହାୟତା। ସେହିପରି ଗାଁର ରାଇ ମାଝୀଙ୍କ ପରିବାର ମଧ୍ୟ ଏଭଳି ଦୟନୀୟ ଅବସ୍ଥାରେ ଏମିତି ଚାଳଛପର ଘରେ ରହୁଛନ୍ତି। ନିଜର ସ୍ତ୍ରୀ ବିନୋଦିନୀଙ୍କ ସହିତ ପୁଅ ସନୁ, ଝିଅ ପଙ୍କଜିନୀ ଏବଂ ସାନ ପୁଅ ସୁବ୍ରତ ଏହି ତିନି ଛୁଆଙ୍କୁ ନେଇ ଦୁର୍ବିସହ ଜୀବନ କାଟୁଛନ୍ତି ରାଇ ମାଝୀ। କାମଧନ୍ଦାର ଅନ୍ୱେଷଣରେ ବାହାର ଜିଲ୍ଲାକୁ ଯାଇ ଦାଦନ ଖଟି ପରିବାର ଚଳାଉଥିବା ଏହି ଗରିବ ପରିବାର ପାଖରେ ଭଲ ଘର ଖଣ୍ଡେ ତିଆରି କରିବା ପାଇଁ ରହିଛି ଘୋର ସମ୍ବଳର ଅଭାବ। ସରକାର ସମସ୍ତ ଗରିବଙ୍କୁ ଆବାସ ଯୋଜନାରେ ପକ୍କା ଘର ଦେଉଥିବା ବେଳେ ବେଲାଲସେନଙ୍କ ପରିବାର ଏବଂ ରାଇ ମାଝୀଙ୍କ ପରିବାର ଆଜି ବି ଆଶା ବାନ୍ଧିଛନ୍ତି। ଇତି ମଧ୍ୟରେ ଅନେକ ଥର ସର୍ଭେ ହେଇସାରିଛି। ହେଲେ ଏହି ଦୁଇ ପରିବାରକୁ କାହିଁକି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇନାହିଁ? ଏହା କେବଳ ଯୋଜନାର ବିଫଳତା ନୁହେଁ, ବରଂ ସମାଜିକ ନ୍ୟାୟ ପ୍ରତି ଏକ ଗଭୀର ପ୍ରଶ୍ନ। ଯୋଜନା ସଫଳ ହେବାକୁ ହେଲେ ସଠିକ୍ ସର୍ବେକ୍ଷଣ,ପାରଦର୍ଶୀତା ଓ ଦାୟିତ୍ୱବୋଧ ଆବଶ୍ୟକ। ନହେଲେ ସମସ୍ତଙ୍କ ପାଇଁ ଆବାସ ଯୋଜନାରୁ ଘର ଖଣ୍ଡେ ସ୍ୱପ୍ନ ହୋଇ ରହିଯିବ। ବ୍ଲକ ପ୍ରଶାସନ ତଥା ଜିଲ୍ଲା ପ୍ରଶାସନ ଏହି ଦୁଇ ଗରିବ ପରିବାର ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଚତୁର୍ଥ ହରଭଙ୍ଗା ଲୋକ ମହୋତ୍ସବ ଉଦ୍‌ଯାପିତ

ହରଭଙ୍ଗା,୩୧ ।୧(ସମିସ): ହରଭଙ୍ଗା ହାଇସ୍କୁଲ୍ ପଡ଼ିଆରେ ଅନୁଷ୍ଠିତ ପଞ୍ଚଦିବସୀୟ "ଚତୁର୍ଥ ହରଭଙ୍ଗା ଲୋକ ମହୋତ୍ସବ' ଶନିବାର ଉଦ୍‌ଯାପିତ ହୋଇଛି। ବିଜେପି ନେତା ସୁଶାନ୍ତ ପ୍ରଧାନ, ଯୁଗଳ ସାହୁ, କୁସଙ୍ଗ ସରପଞ୍ଚ ରଞ୍ଜିତ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସଂଗ୍ରାମ କେଶରୀ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସରୋଜ ଭୋକ୍ତା ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। ଏହି ଅବସରରେ ମା' ରୁଦ୍ରକାଳୀଙ୍କ ମନ୍ଦିରରୁ ଆସିଥିବା ମଶାଲକୁ ବିଦାୟ ଦିଆଯାଇଥିଲା। ସୁଶୀଲ ଗୁପ୍ତା, ପ୍ରମୋଦ ଖମାରି, ଅନୀଲ ସିଂ, ବାବୁଲୁ ଖଡିରତ୍ନ, ସଂଜୀବ ସାହୁ, ମାନରଞ୍ଜନ ନାଏକ, ଶିବାଜୀ ବାରିକ, ମକୁନ୍ଦ ବାରିକ, ରାଜୀବ ନାଏକ, ପ୍ରଦୀପ ନାୟକ, ସୌମ୍ୟରଞ୍ଜନ ସାହୁ, ସିଦ୍ଧାନ୍ତ ନାଏକ, ଶାନ୍ତନୁ ମହାରଣା ପ୍ରମୁଖ ସହଯୋଗ କରିଥିଲେ।

## ■ ପୁରୁଣାକଟକ ଭୈରବୀ ଡିଗ୍ରୀ କଲେଜ

# ଆତ୍ମରକ୍ଷା ତାଲିମ୍ ଶିବିର ଉଦ୍‌ଯାପିତ




ହରଭଙ୍ଗା,୩୧ ।୧(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ର ପୁରୁଣା କଟକ ଭୈରବୀ ଡିଗ୍ରୀ କଲେଜରେ ଗତ ୧୬ ତାରିଖରୁ ଚାଲିଥିବା ଆଲସୁରକ୍ଷା ତାଲିମ୍ ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼କ୍ଟର ରମେଶ ଚନ୍ଦ୍ର ତାରିଣୀଆଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଅଧ୍ୟାପକ ଲଳିତ କୁମାର ମେହେର, ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ଶୁଭ୍ରମଲ୍ଲିକା ପ୍ରଧାନ, ପୂଜାରାଣୀ ଦେଓ, ସୁଶ୍ରୀ ଦମୟନ୍ତୀ ନାଏକ ଉପସ୍ଥିତ ରହି ଆତ୍ମସୁରକ୍ଷା କୌଶଳର ଗୁରୁତ୍ୱ ଉପରେ ଆଲୋକପତ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ସୁଷମାରାଣୀ ବହିଦାର ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ମଧୁସୂଦନ ବେହେରା ଶିବିରର ସମସ୍ତ କାର୍ଯ୍ୟକୁ ସମ୍ପାଦନ କରି ସଭାରେ ଧନ୍ୟବାଦ ଅର୍ପଣ କରିଥିଲେ। ମାଷ୍ଟର ଟ୍ରେନର ପ୍ରିୟଙ୍କା ସାହୁ, ରୋଶନା ଗାଇଗୌରିଆ ଉପସ୍ଥିତ ଥିଲେ।

# ଯୁଗ ଯାତ୍ରୀ ସାହିତ୍ୟ ସଂସଦର ବୈଠକ

ମ.ରାମପୁର,୩୧ ।୧(ସମିସ): ଆମ ଅସ୍ମିତା:ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ବାର୍ତ୍ତା ନେଇ ଓଡ଼ିଶାର ତିରିଶ ଜିଲ୍ଲାରେ ଥିବା ସମସ୍ତ ସାହିତ୍ୟ ସଂସଦକୁ ଏକ ସୂତ୍ରରେ ବାନ୍ଧିବାର ପ୍ରୟାସରେ ଓଡିଶାର ସାହିତ୍ୟ ଅନୁଷ୍ଠାନ ଏକକ ସମ୍ପର୍କ ଅଭିଯାନରେ ଯୁଗ ଯାତ୍ରୀ ସାହିତ୍ୟ ସଂସଦର ସମ୍ପାଦକ ବାହାରିବେ। ଗୁରୁବାର କଳାହାଣ୍ଡି ର ଅନ୍ୟତମ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଯୁଗ ଯାତ୍ରୀ ସାହିତ୍ୟ ସଂସଦ ପକ୍ଷରୁ ସଭାପତି ପଦ୍ମଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏ ବିଷୟ ଆଲୋଚନା ହୋଇଥିଲା। ବୈଠକରେ ସମ୍ପାଦକ ହେମନ୍ତ ସାହୁ ନିଜସ୍ୱ ଉଦ୍ୟମରେ ଓଡ଼ିଶାରେ ଥିବା ସମସ୍ତ ସାହିତ୍ୟ ଅନୁଷ୍ଠାନକୁ ଯାଇ ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଆଲୋଚନା ପୂର୍ବକ ଅନୁଷ୍ଠାନ ଗୁଡିକର ସବିଶେଷ ବିବରଣୀ ସଂଗ୍ରହ କରିବା ସହ ଅଭିଯାନ ପରେ ଓଡ଼ିଶାର ସାହିତ୍ୟ ଅନୁଷ୍ଠାନ:ଓଡ଼ିଆ ଭାଷା ସାହିତ୍ୟକୁ ଅବଦାନ ଶୀର୍ଷକରେ ଏକ ପୁସ୍ତକ ସମ୍ପାଦନା ପାଇଁ ଯୋଜନା କରିଥିବା ପ୍ରକାଶ କରିଥିଲେ। ଯୁଗ ଯାତ୍ରୀ ସାହିତ୍ୟ ସଂସଦ ସାହିତ୍ୟ ସେବାରେ ୫୧ ବର୍ଷ ପୂର୍ତ୍ତି କରିଥିବା ବେଳେ ଏହାର ସମ୍ପାଦକ ଶ୍ରୀ ସାହୁଙ୍କ ଉଦ୍ୟମ ପ୍ରଶଂସା ଯୋଗ୍ୟ ବୋଲି ଉପସ୍ଥିତ ଉପଦେଷ୍ଟା ସୁରେନ୍ଦ୍ର ମହାଖୁଡ଼, ବରିଷ୍ଠ ସଦସ୍ୟ ,କୋଷାଧ୍ୟକ୍ଷ ଉଦୟ ନାୟକ, କୀର୍ତ୍ତନ ଘିଭେଲା, ସହ ସଂପାଦକ ପରମାନନ୍ଦ ବିଶି, ସଦସ୍ୟ ନାରାୟଣ ମହାଲିକ, ଜଗଦୀଶ ମାଝୀ ପ୍ରମୁଖ ପ୍ରକାଶ କରିଥିଲେ। ଫେବୃଆରୀ ୧୬ ତାରିଖରେ ଅଭିଯାନ ଯୁଗ ଯାତ୍ରୀ ସାହିତ୍ୟ ସଂସଦ ଠାରୁ ଆରମ୍ଭ ହେବ ଏବଂ ବାଇକ୍ ଯୋଗେ ଅଭିଯାନ କରିବେ ବୋଲି ସମ୍ପାଦକ ଶ୍ରୀ ସାହୁ ସୂଚନା ଦେଇଛନ୍ତି।

# ବିଭିନ୍ନ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ



କୋକସରା,୩୧ ।୧(ସମିସ): ଧର୍ମଗଡ଼ ବିଧାୟକ କୋକସରା ବ୍ଲକର ବିଭିନ୍ନ ରାସ୍ତା ସହିତ ବ୍ରିଜ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।କୋକସରା ବ୍ଲକର ବିଜୁ ଏକ୍ସପ୍ରେସୱେ ଠାରୁ ମଙ୍ଗଳପୁର ଭାୟା ସାନପୋଡାଗୁଡା ଓ ସାନକେନ୍ଦୁଗୁଡା ଠାରୁ ପଦ୍ମପୁର, ମଙ୍ଗଳପୁର ବ୍ରିଜ୍ ଓ ବାଙ୍କିମୁଣ୍ଡା ଠାରୁ ଦାବ୍ରିଗୁଡା ରାସ୍ତାର ଭିତ୍ତିପ୍ରସ୍ତର ଧର୍ମଗଡ଼ ବିଧାୟକ ସୁଧୀର ପାଟଯୋଶୀ କରିଛନ୍ତି ।ଧର୍ମଗଡ଼ ଗ୍ରାମ୍ୟଉନ୍ନୟନ ବିଭାଗ ଦ୍ୱାରା ସମସ୍ତ କାର୍ଯ୍ୟର ସମ୍ପାଦନ କରାଯାଉଥିବା ବେଳେ ମଙ୍ଗଳପୁର ଭାୟା ସାନକେନ୍ଦୁଗୁଡା ରାସ୍ତା , ବିଜୁ ଏକ୍ସପ୍ରେସୱେ ଠାରୁ ମଙ୍ଗଳପୁର ଭାୟା ସାନପୋଡାଗୁଡା ରାସ୍ତା ଓ ପିଡବୁଡି ବାଙ୍କିମୁଣ୍ଡା ଠାରୁ ଦାବ୍ରିଗୁଡା ରାସ୍ତା ରହିଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ପ୍ରକାଶ ଯେ' ବିଜୁ ଏକ୍ସପ୍ରେସୱେ ମଙ୍ଗଳପୁର ଭାୟା ସାନପୋଡାଗୁଡା ରାସ୍ତା ଓ ମଝିରେ ଥିବା ଏକ ନାଳରେ ବ୍ରିଜ ନିର୍ମାଣ ଲାଗି ଅଞ୍ଚଳବାସୀ ଦୀର୍ଘ ବର୍ଷରୁ ଦାବି କରି ଆସୁଥିଲେ ।ବର୍ତ୍ତମାନ ଉକ୍ତ ରାସ୍ତା ଓ ମଝିରେ ଥିବା ବ୍ରିଜ୍ ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ପାଟଯୋଷୀଙ୍କ ସହିତ ଧର୍ମଗଡ଼ ବ୍ଲକ୍ ଅଧ୍ୟକ୍ଷା ବବିତା ପାଟଯୋଷୀ, ଜିଲ୍ଲା ସମ୍ପାଦକ ହିମାଂଶୁ ପଣ୍ଡା, ଜିଲ୍ଲା ସାଧାରଣ ସମ୍ପାଦକ ହେମନ୍ତ ମାଝୀ, ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, ଯୁବମୋର୍ଚ୍ଚା ସଭାପତି ତ୍ରୈଲୋକ୍ୟ ବେଶ୍ରା, ସନ୍ତୋଷ ମାଝୀ, ଅର୍ଜୁନ ଭାଟି, ଚୌବନ ମେହେର, ଟେଣ୍ଡାପାଲି ସରପଞ୍ଚ ଗୌଲୋଚନ ଗୋପାଳ, ପୋଡାଗୁଡା ସରପଞ୍ଚ ଜୟରାମ ନାଏକ, ସମିତି ସଭ୍ୟ ରାଜୀବ ଖମାରୀ ସ୍ଥାନୀୟ ଗ୍ରାମବାସୀ ସୁଭମ ପାଣିଗ୍ରାହୀ ସମେତ ଗ୍ରାମ୍ୟଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ କାନନ ପ୍ରଧାନ, ସହକାରୀ ଯନ୍ତ୍ରୀ ତରୁଣ ନାଏକ, କନିଷ୍ଠ ଯନ୍ତ୍ରୀ ସନ୍ତୋଷ ସାହୁ, କେଦାର ଦାସ ଓ ଆଶିଷ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ

# ଯୁବାବର୍ଗ ଉଦ୍ୟୋଗୀ ହେବାକୁ ଆହ୍ୱାନ

ନୂଆପଡ଼ା,୩୧ ।୧(ସମିସ):





ନୂଆପଡ଼ା ଜିଲ୍ଲାପାଳ ମଧୁସୁଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିଭାଗ ଆନୁକୁଲ୍ୟରେ"ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ" ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ସଦଭାବନା ସଭା ଗୃହରେ ଆୟୋଜିତ ବୈଠକରେ ନୂଆପଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଖରିଆରରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ସୋନିଆ ଜୈନ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଉଦ୍ୟୋଗୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଜିଲ୍ଲା ଶିଳ୍ପ କେନ୍ଦ୍ର ପରିଚାଳକ ସମିର ମୁଦୁଲି ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବୈଠକରେ ବିଭିନ୍ନ ଶିଳ୍ପପତି, ସାଧାରଣ ଉଦ୍ୟୋଗୀ , ଟ୍ରାନ୍ସଜେଣ୍ଡର, ମହିଳା, ଭିନ୍ନକ୍ଷମ ଉଦ୍ୟୋଗୀ ମାନଙ୍କ ସମାବେଶ ହୋଇଥିଲା। ବିଭାଗୀୟ ଅଧିକାରୀ ମାନେ ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ, ପ୍ରଧାନମନ୍ତ୍ରୀଙ୍କର ସୂକ୍ଷ୍ମ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟମ, ମୁଖ୍ୟମନ୍ତ୍ରୀ ଆଖନିର୍ଭର ରଣ ସୁଧ ରିହାତି ଯୋଜନା, ପ୍ରଧାନମନ୍ତ୍ରୀ ବିଶ୍?କର୍ମା ଯୋଜନା ସମ୍ବନ୍ଧରେ ଉଦ୍ୟୋଗୀଙ୍କୁ ପାୱାର ପଏଣ୍ଟ ମାଧ୍ୟମରେ ବୁଝାଇଥିଲେ। ଅନୁସୂଚିତ ଜାତି, ଜନଜାତି, ମହିଳା, ଭିନ୍ନକ୍ଷମ ଉଦ୍ୟୋଗୀଙ୍କ ପାଇଁ ଥିବା ସୁବିଧା ବାବଦରେ ଜଣାଇଥିଲେ। ଜିଲ୍ଲା କୃଷି ଅଧିକାରୀ ସତ୍ୟ ଭୂଷଣ ନାଗ, ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ଡ଼ କେ ପାର୍ଥସାରଥୀ ଦୋରା, ଡିପିସି ମିଶନ ଶକ୍ତି ସୁନୀଲ କୁମାର ମଲ୍ଲିକ ପ୍ରମୁଖ ନିଜ ନିଜ ବିଭାଗର ଉଦ୍ୟମୀ ଯୋଜନା ସମ୍ବନ୍ଧରେ ଆଲୋଚନା କରିଥିଲେ। ଅତିଥିମାନେ ଯୁବା ବର୍ଗଙ୍କୁ ସ୍ୱାବଲମ୍ବୀ ତଥା ଆତ୍ମନିର୍ଭରଶୀଳ ହେବା ପାଇଁ ପ୍ରେରଣା ଦେଇଥିଲେ। ଜିଲ୍ଲାପାଳ ଉଦ୍ୟୋଗୀଙ୍କୁ ଏକକ ବ୍ୟବହୃତ ପ୍ଲାଷ୍ଟିକର ବର୍ଜନ ପାଇଁ ସହାୟକ ଉଦ୍ୟୋଗ ତଥା ଫ୍ଲାଇଆସ ଇଟା ୟୁନିଟ୍ ସ୍ଥାପନ ପାଇଁ ଆହ୍ୱାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉଦ୍ୟମୀ ମାନଙ୍କୁ ୫୦ ଲକ୍ଷ ଟଙ୍କାର ଋଣ ମଞ୍ଜୁରୀ ପତ୍ର ତଥା ୬ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ସମ୍ବନ୍ଧିୟ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଛି। ପୁନଶ୍ଚ ଦୁଇ ଜଣ ସଫଳ ଉଦ୍ୟୋଗୀ କୁନ୍ତୀ ସାହୁ ଓ ଟିକେରାମ ସାହୁଙ୍କୁ ବୈଠକରେ ସମ୍ବର୍ଦ୍ଧିତ କରାଗଲା।

# ତୋର୍ଶା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ନୂଆପଡା,୩୧ ।୧(ସମିସ): ତୋର୍ଶା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରେମଲାଲ ସାହୁଙ୍କ ଅଧ୍ୟକ୍ଷତାରେ ବାର୍ଷିକ ଉତ୍ସବ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ ଉତ୍ସବରେ ନୂଆପଡା ବିଧାୟକ ଜୟ ଢୋଲକିଆ ମୁଖ୍ୟ ଅତିଥି, ବ୍ଲକ୍ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ବ୍ଲକ୍ ଉପାଧ୍ୟକ୍ଷ ଦିଲୀପ କୁମାର ନିର୍ମଳକର,ନୂଆପଡା ଜିଲ୍ଲା ପରିଷଦ (ଜୋନ-୯) ଭରତଲାଲ ରାଉତ,ମୋଟା ନୂଆପଡ଼ା ସରପଞ୍ଚ ମୋତିଲାଲ ଉଜୀର, ଟୁଲାଭାଟ ସରପଞ୍ଚ ଚମ୍ପାବାଇ ଠାକୁର, ମୋଟନୁଆପଡା ସିଆରସିସି ପଦ୍ମନ ବିଶି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ନୂଆପଡା ବ୍ଲକ୍‌ର ଅବସରପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉତ୍କଳମଣି ଅଗସ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ପ୍ରଧାନ ଶିକ୍ଷକଙ୍କ ବିବରଣୀ ପାଠ ଶୁଣି ବିଧାୟକ ଅତିରିକ୍ତ ଶ୍ରେଣୀ ଗୃହ ପାଇଁ ପାଞ୍ଚ ଲକ୍ଷ ଟଙ୍କା ଅନୁଦାନ ରାଶି ଘୋଷଣା କରିଥିଲେ। କେନ୍ଦୁବାହାରା ଉଚ୍ଚ ବିଦ୍ୟାଳୟର ଶିକ୍ଷକ କିଶୋର ଚନ୍ଦ୍ର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ସଂଗ୍ରାମ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ମଞ୍ଚ ପରିଚାଳନା କରିଥିଲେ ଟାନ ୱାଟ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟକୃଷ୍ଣ ଶୁନାନୀ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ସହକାରୀ ଶିକ୍ଷକ ଅରବିନ୍ଦ ପ୍ରଧାନ,ପଙ୍କଜ ସତନାମୀ,ସିଦ୍ଧାନ୍ତ ସାହୁ, ଅପରାଜିତା ବେହେରା ,ସରୋଜିନୀ ସେନାପତି,ମନିଶ କୁମାର ସାହୁ ,ଲକ୍ଷ୍ମୀ ଚନ୍ଦ ପଟେଲ,ମନୋଜ କୁମାର ପଟେଲ ସାହାଯ୍ୟ କରିଥିଲେ। ଟୋମଲ ମାଝୀ, ଗୋବିନ୍ଦ ମାଝୀ ପ୍ରମୁଖ ସାହାଯ୍ୟ କରିଥିଲେ। ଆଲୁମନିମାନେ ସମ୍ପୂର୍ଣ୍ଣ ଭାବେ ସାହାଯ୍ୟ କରିଥିଲେ।

# ନାଟକରୁ ସିନେମା
# କାନ୍ଦ ମାଷ୍ଟ୍ରେ



ଓଡ଼ିଆ ସଂସ୍କୃତି, ପରମ୍ପରାର ଏକ ସ୍ୱତନ୍ତ୍ର ପରିଚୟ ସାରା ବିଶ୍ୱରେ ଅଛି। ଓଡ଼ିଶାରେ ଝିଅମାନେ ବିବାହ ବିଦାୟ ବେଳେ ବାପା,ମା, ବନ୍ଧୁବାନ୍ଧବଙ୍କୁ ଧରି କାନ୍ଦି ଉଠନ୍ତି। ଏହି ପରମ୍ପରା ଧୀରେ ଧୀରେ ନବେ ଦଶକରୁ ଏକପ୍ରକାର ଲୋପ ପାଇ ବସିଲାଣି। ଏବେ ଏହି ପରମ୍ପରା ସେତେ ବେଶି ଆଉ ଦେଖିବାକୁ ମିଳୁ ନାହିଁ। ଏପରି ଏକ କାହାଣୀକୁ ନେଇ 'କାନ୍ଦ ମାଷ୍ଟ୍ରେ' ଚଳଚ୍ଚିତ୍ରରେ ଚିତ୍ରଣ କରାଯାଇଛି। ଏହାର ପ୍ରଯୋଜନା ଭାର 'ବିଶ୍ୱଜିତ ଇତିଶ୍ରୀ ସିନେମା' ନେଇ ଥିବାବେଳେ ପ୍ରଯୋଜକ ଅଛନ୍ତି ବିଶ୍ୱଜିତ ପଣ୍ଡା। ନାଟ୍ୟକାର ତଥା ସାହିତ୍ୟିକ କାଳିର ଖାନ୍ଙ୍କ ସଫଳ ନାଟକ 'କାନ୍ଦ ମାଷ୍ଟ୍ରେ'କୁ ନେଇ ଚଳଚ୍ଚିତ୍ର ନିର୍ମାଣ କରାଯାଇଛି। କାହାଣୀ ଓ ସଂଳାପ କାଳିର ଖାନ୍ ରଚନା କରିଥିବାବେଳେ ଚିତ୍ରନାଟ୍ୟରେ ମଧ୍ୟ କାଳିର ଓ ବିଶ୍ୱଜିତ ଅଛନ୍ତି। ନିର୍ଦ୍ଦେଶନାରେ ବିଶ୍ୱଜିତ ପଣ୍ଡା ଅଛନ୍ତି। ସିନେମାର ମୁଖ୍ୟ ଚରିତ୍ରରେ ଲିପ୍ସା ମିଶ୍ର, ବିଷ୍ଣୁ ପ୍ରସାଦ, ପୃଥ୍ୱୀରାଜ ନାୟକ, ଧରିତ୍ରୀ ଖଣ୍ଡୁଆଲ, ଶ୍ୱେତାଶ୍ରୀ ପାଢ଼ୀ ଅଛନ୍ତି। ସିନେମାର ଚିତ୍ରାୟନ ସ୍ୱର୍ଣ୍ଣ ପ୍ରସାଦ କରିଥିବାବେଳେ, ସଙ୍ଗୀତରେ ବିକାଶ ଦାସ ଓ ଶାନ୍ତନୁ ନାୟକ ଅଛନ୍ତି। ଏଥିରେ ଗୀତ ରଚନା କରିଛନ୍ତି ବାପୁ ଗୋସ୍ୱାମୀ ଏବଂ ସନ୍ତୋଷ ନାୟକ। ସିନେମାଟି ଫେବୃଆରୀରେ ପ୍ରେକ୍ଷାଳୟକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି।

# ପ୍ରେକ୍ଷାଳୟରେ ପରୀ



ଜାନୁଆରୀ ୩୦ ତାରିଖରେ ମୁକ୍ତିଲାଭ କରିଛି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ପରୀ'। ସମାଜରେ କ୍ରମାଗତ ଭାବରେ କୋମଳମତି ଶିଶୁମାନଙ୍କ ଉପରେ ଯୌନ ନିର୍ଯାତନା ବଢ଼ିବାରେ ଲାଗିଛି। 'ପରୀ' ଏକ ନିରୀହ, କୋମଳ ଫୁଲ କଢ଼ି। ତାକୁ ନେଇ ଅନେକ ସ୍ୱପ୍ନ ଥିଲା ବାପାମାଆଙ୍କର। ମାତ୍ର ଅକାଳରେ ସେ ଝରି ପଡ଼ିଲା କିଛି ଯୌନ ରାକ୍ଷସଙ୍କ ଅତ୍ୟାଚାରରେ। ହେଲେ ପରିଶେଷରେ କ'ଣ ପରୀକୁ ନ୍ୟାୟ ମିଳିଛି? ଏଭଳି ଏକ ହୃଦୟସ୍ପର୍ଶୀ କାହାଣୀ ଉପରେ ଏହି ସିନେମାର କାହାଣୀ ପରିଶୀଳ। ଏହାର କାହାଣୀ ରଚନା ସହିତ ପ୍ରଯୋଜନା କରିଛନ୍ତି ସଞ୍ଜୟ ମହାନ୍ତି। ସହ ନିର୍ମାତା ରହିଛନ୍ତି ଚନ୍ଦନ ସ୍ୱାଇଁ ଏବଂ ଅନିଲ ବଳିୟାରସିଂହ। ସଂଳାପ ଓ ରଜନୀ ରଞ୍ଜନ ରଚନା କରିଛନ୍ତି ଏବଂ ଜାପାନୀ ଭାଇ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ପ୍ରମୋଦ ପରିଡ଼ାଙ୍କ ଗୀତରେ ତାରିକ୍ ଅଜିଜ୍, ଅନ୍ତରା ଚକ୍ରବର୍ତ୍ତୀ, ଜ୍ୟୋତିର୍ମୟୀ ନାୟକ, ରୁକୁ ସୁନା, ଡକ୍ଟର ରୋହନ ବିଶାଳ କଣ୍ଠଦାନ କରିଛନ୍ତି। ଚିତ୍ରନାଟ୍ୟ ଏବଂ ନିର୍ଦ୍ଦେଶନାରେ ଅଛନ୍ତି ତ୍ରିପତି କୁମାର ସାହୁ। କୋରିଓଗ୍ରାଫର୍ ଏସ୍. କେ. ମୁରଲୀଧରନ୍ ଏବଂ ଅମିତ ନାୟକ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି। ସିନେମାରେ ଜ୍ୟୋତି, ଅନୁରାଧା ପାଣିଗ୍ରାହୀ, ଶ୍ରୀତମ ଦାସ, ନୀଳମଣି ସାହୁ, ପ୍ରଦ୍ୟୁମ୍ନ ଲେଙ୍କା, ସୌମ୍ୟ ଅଧିକାରୀ, ଗୁଡ୍ଡୁ, ଜଗନ୍ନାଥ ସାହୁ, ନରେଶ ରାଉତରାୟ, ନିରଞ୍ଜନ ଆଚାର୍ଯ୍ୟ, ବିଶାଳ, ପପି ସାନ୍ତୁକା, ଶିଶୁ କଳାକାର ଦିବ୍ୟାଂଶୀ ଓ ସ୍ନେହା ପ୍ରମୁଖ ଅଭିନୟ କରିଛନ୍ତି।

# ଆସୁଛି 'ରୁଦ୍ରାଭିଷେକ'

ଖୁବ୍ ଶୀଘ୍ର ଆସିବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ରୁଦ୍ରାଭିଷେକ'। କୁମ୍ ମହାପାତ୍ର ସିନେ ପ୍ରଡକ୍ସନ୍ ଏବଂ ଏସ୍ ପିକଚର୍ସ ସହ ମିଶି ଏହି ସିନେମାଟି ନିର୍ମାଣ କରୁଛି। ସିନେମାର ମୁଖ୍ୟ ଚରିତ୍ରରେ ସାନୁ ଓ ପୂନମ୍ ଅଛନ୍ତି। ଏଥିରେ ନବାଗତ କଳାକାର ଭାବେ ରିକି ଏବଂ ରେଖାଙ୍କୁ ପରିଚିତ କରାଯାଇଛି। ତା'ସହ ବିଷ୍ଣୁ ମୋହନ କବିଙ୍କୁ ମଧ୍ୟ। ସିନେମାର କାହାଣୀ, ଚିତ୍ରନାଟ୍ୟ ଏବଂ ନିର୍ଦ୍ଦେଶନାରେ ସୁଧାକର ବସନ୍ତ ଅଛନ୍ତି। ସିନେମାର ସଂଳାପ ରଚନା କରିଛନ୍ତି ମନୋରଞ୍ଜନ ରାଉଳ। ତେବେ ସିନେମାଟିରେ ସଂଗୀତ ଦେଇଛନ୍ତି ସ୍ୱର୍ଗତ ଅଭିଜିତ୍ ମଜୁମଦାର।

# 'ଅପେକ୍ଷା'ରେ ଗୀତର ଯାଦୁ

ଓଡ଼ିଆ ସିନେମା ପ୍ରେମୀଙ୍କ ପାଇଁ ଏକ ନୂଆ ଆକର୍ଷଣ ନେଇ ଆସୁଛି ଚଳଚ୍ଚିତ୍ର 'ଅପେକ୍ଷା'। ଆକାଂକ୍ଷା, ବିଶ୍ୱାସଘାତ ଓ ଅପୂରଣୀୟ ସ୍ୱପ୍ନର ଭାବଗଭୀର କାହାଣୀକୁ ନେଇ ଗଢ଼ା ଏହି ଫିଲ୍ମର ସଂଗୀତ ପୂର୍ବରୁ ଦର୍ଶକଙ୍କ ମନକୁ ଛୁଇଁବା ଆରମ୍ଭ କରିଛି। ସଂଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାଶଙ୍କ ସୁମଧୁର ସଂଗୀତରେ ହ୍ୟୁମାନ ସାଗରଙ୍କ କଣ୍ଠଦାନ ଦର୍ଶକଙ୍କୁ ଭାବନାର ସାଗରରେ ଭସାଇ ନେଉଛି। ଅସୀମା ପଣ୍ଡା, ଚିରାଗ, ଇପ୍ସିତା ସାହୁ ଓ ଉମାକାନ୍ତ ବାରିକଙ୍କ କଣ୍ଠ ସ୍ୱର ଫିଲ୍ମର ସଙ୍ଗୀତକୁ ଅଧିକ ରଙ୍ଗୀନ କରିଛି। ଉମାକାନ୍ତ ବାରିକ ଓ ଇପ୍ସିତା ସାହୁଙ୍କ ଆଇଟମ୍ ସଂଗୀତ ଯୁବପିଢ଼ି ମଧ୍ୟରେ ବେଶ୍ ଲୋକପ୍ରିୟ ହେଉଥିବାବେଳେ ଚିରାଗଙ୍କ କଣ୍ଠରେ ଶୀର୍ଷକ ସଂଗୀତ 'ଅପେକ୍ଷା' ହୃଦୟସ୍ପର୍ଶୀ ହୋଇଛି। ଡ. କେ. ତମନ୍ନାଙ୍କ ପ୍ରଯୋଜନା ଓ ଆନନ୍ଦ କୁମାରଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଚଳଚ୍ଚିତ୍ରରେ ସାର୍ଥକ, ଶୁଭାଙ୍ଗୀ, ଶକ୍ତି ବରାଳ, ପୁଷ୍ପା ପଣ୍ଡା, ଚୌଧୁରୀ ବିକାଶ ଦାସ, ସୌମ୍ୟ, ବନ୍ଦନା, ଅଲିଭା, ଐଶ୍ୱର୍ଯ୍ୟା, ଟୁନା ଟନ ଟନ, ପ୍ରଦୀପ ଦେବତା ଓ ଗୁଡ୍ଡୁ ମୁଖ୍ୟ ଭୂମିକାରେ ନଜର ଆସିବେ। ଗ୍ରାମ୍ୟ ପୃଷ୍ଠଭୂମିରେ ଏକ ଯୁବକଙ୍କ ସିନେ ନାୟକ ହେବାର ସ୍ୱପ୍ନ ଓ ଏକ ଯୁବତୀଙ୍କ ତାରକା ହେବାର ଆକାଂକ୍ଷା-ଯେଉଁଥିରେ ଲୁଚିଥାଏ ଫିଲ୍ମ ଜଗତର ଅନ୍ଧାର ସତ୍ୟ। ବିଶ୍ୱାସଘାତ ଓ ଅନ୍ୟାୟର ଶିକାର ହୋଇ ଯୁବତୀର ଆତ୍ମା ନ୍ୟାୟ ପାଇଁ ଫେରି ଆସେ। ଏହି ରୋମାଞ୍ଚକର କାହାଣୀ ଦର୍ଶକଙ୍କୁ ଆକର୍ଷିତ କରିବ। 'ଅପେକ୍ଷା' ଆସନ୍ତା ଫେବୃଆରୀ ୬ରେ ରାଜ୍ୟର ବିଭିନ୍ନ ସିନେମା ହଲ୍‌ରେ ମୁକ୍ତିଲାଭ କରିବ।



# ଟ୍ରେଲରରେ ରେକର୍ଡ



ମେଣ୍ଟିସ୍ ଫିଲ୍ମର ନୂଆ ଓଡ଼ିଆ ଚଳଚ୍ଚିତ୍ର 'ମୁରବି' ଓଡ଼ିଆ ନୂଆବର୍ଷ ତଥା ପଣାସଂକ୍ରାନ୍ତି ଅବସରରେ ଏପ୍ରିଲ୍ ୧୪ ତାରିଖରେ ମୁକ୍ତିଲାଭ କରିବ। ତେବେ ଏହାର ଟ୍ରେଲର ରିଲିଜ୍ ହୋଇସାରିଛି। ଯାହାକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ତେବେ ଏହି ଟ୍ରେଲର ଓଡ଼ିଆ ସିନେମାରେ ଏକ ନୂଆ ରେକର୍ଡ ସୃଷ୍ଟି କରିଛି। ମାତ୍ର ତିନି ଦିନରେ ଏହାର ଟ୍ରେଲରକୁ ଦଶ ଲକ୍ଷ ଲୋକଙ୍କ ଭଲପାଇବା ମିଳିଛି। ଅର୍ଥାତ୍ ଏହାର ଟ୍ରେଲରକୁ ଦଶ ଲକ୍ଷ ଦର୍ଶକେ ଦେଖିଛନ୍ତି। ଦୁଇ ପରିବାରର ବିପରୀତଧର୍ମୀ କାହାଣୀକୁ ନେଇ ସିନେମାଟି ଗତିଶୀଳ। ଚୌଧୁରୀ ଜୟ ପ୍ରକାଶ ଦାସ ଏବଂ କୁନା ତ୍ରିପାଠୀଙ୍କ ଦମ୍‌ଦାର ଅଭିନୟ ଏଥିରେ ଦେଖିବାକୁ ମିଳିବ। ଅନ୍ୟପଟେ ଅନ୍ୟ ସିନେମା ଭଳି ଏଥିରେ କୌଣସି ନାୟକ ତଥା ନାୟିକା ନାହାନ୍ତି। ହେଲେ ସିନେମାଟି ଦର୍ଶକଙ୍କୁ ପସନ୍ଦ ଆସିବ ବୋଲି ଏହାର ଟିମ୍ ଆଶାବାଦୀ ଅଛି। ଓଡ଼ିଆ ଘରର ନିଛକ କାହାଣୀ ଏଥିରେ ଦେଖିବାକୁ ମିଳିବ।

ପରଦା ପଛର କାହାଣୀ

# ଭୀଷଣ ଗରମରେ ଖାଲିପାଦରେ ଗୀତ ସୁଟିଂ



ନିଜ ଅଭିନୟ ଜୀବନରେ ବଲିଉଡ୍‌ର ଡ୍ରିମ୍‌ଗର୍ଲ ହେମା ମାଳିନୀ ଅନେକ ସୁପରହିଟ୍ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛନ୍ତି। ତନ୍ମଧ୍ୟରୁ 'ଶୋଲେ' ଅନ୍ୟତମ। ଏହି ଆଇକନିକ୍ ଫିଲ୍ମ ସୁପରହିଟ୍ ହେବା ସହ ବକ୍ସ ଅଫିସ୍‌ରେ ବର୍ଷ ବର୍ଷ ଧରି ରାଜ୍ କରିଥିଲା। ନିକଟରେ ଏହି ଫିଲ୍ମକୁ ୫୦ ବର୍ଷ ପୂରିଛି। ଏହି ପରିପ୍ରେକ୍ଷୀରେ ହେମା ମାଳିନୀ ଫିଲ୍ମର ଏକ ଆଇକନିକ୍ ଗୀତ 'ଜୈବ୍ ତକ୍ ହେ ଜାନ୍...' ସୁଟିଂର କିଛି ଅଭୁଲା ଅନୁଭୂତି ପ୍ରକାଶ କରିଛନ୍ତି। ତହ ତହ ଖରାରେ ଖାଲି ପାଦରେ ପଥର ଉପରେ ନାଚିବା ତାଙ୍କ ଜୀବନର କଷ୍ଟକର ଅନୁଭୂତି ମଧ୍ୟରୁ ଅନ୍ୟତମ ବୋଲି ସେ କହିଛନ୍ତି। ତାଙ୍କର ଏଭଳି ଅବସ୍ଥା ଦେଖି ତାଙ୍କ ମାଆ ମଧ୍ୟ ଚିନ୍ତିତ ହୋଇପଡ଼ିଥିଲେ। ବାଲି, ଗୋଡ଼ି, ପଥର ଆଦି ଏତେ ଗରମ ଥିଲା ଯେ, ତା ଉପରେ ଖାଲିପାଦରେ ଚାଲିବା ଖୁବ୍ ଯନ୍ତ୍ରଣାଦାୟକ ଥିଲା। ପାଦର ଯନ୍ତ୍ରଣା କମ୍ କରିବା ପାଇଁ ପାଦ ତଳେ ଏକ ପତଳା ସୋଲ ରଖିବାକୁ ତାଙ୍କ ମାଆ ହେମାଙ୍କୁ ପରାମର୍ଶ ଦେଇଥିଲେ। ତେବେ ଏହି ଉପାୟ ମଧ୍ୟ ଦୀର୍ଘ ସମୟ କାର୍ଯ୍ୟ କରି ନ ଥିଲା। ନିର୍ଦ୍ଦେଶକ ରମେଶ ସିପି ଏହାକୁ ଦେଖି ବିରକ୍ତ ହୋଇ କହିଥିଲେ- "ନୃତ୍ୟ କରିବା ସମୟରେ ଏହି ସୋଲ୍ ସ୍କ୍ରିନ୍‌ରେ ଦେଖାଯିବ। ଏହା ପରଦାରେ ଦେଖିବାକୁ ଭଲ ଲାଗିବନି।" ତେଣୁ ତୁରନ୍ତ ପାଦରୁ ସୋଲ୍ କାଢ଼ିବାକୁ ସେ କହିଥିଲେ। ରମେଶଙ୍କୁ ବୁଝାଇବାକୁ ହେମାମାଳିନୀ ପ୍ରୟାସ କରିଥିଲେ। ଏହି ଗୀତକୁ ନଭେମ୍ବର କିମ୍ବା ଡିସେମ୍ବର ମାସରେ ସୁଟ୍ କରିବାକୁ କହିଥିଲେ। ତେବେ ହେମାଙ୍କ କଥା ରମେଶ ଶୁଣି ନଥିଲେ। ସେ ମଇ ମାସରେ ହିଁ ଏହି ନୃତ୍ୟ ଭିଡିଓ ସୁଟ୍ କରିବା ପାଇଁ ଅଡି ବସିଥିଲେ। ସୁଟିଂ ପରେ ହେମା ମାଳିନୀ ପାଦରେ ଗଭୀର ଯନ୍ତ୍ରଣା ଅନୁଭବ କରିଥିଲେ। ତେଣୁ ସୁଟିଂ ପରେ ସେ ଥଣ୍ଡା ପାଣି ଏବଂ ଓଦା ଟାୱେଲରେ ପାଦ ରଖୁଥିଲେ। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଗୀତ ପାଇଁ ହେମା କୌଣସି ପ୍ରକାର ଅଭ୍ୟାସ ମଧ୍ୟ କରି ନଥିଲେ। ଏଥିରେ ଅଧିକରୁ ଅଧିକ ଅଭିନୟ ଦୃଶ୍ୟ ଥିଲା। ପାଦରେ ଯନ୍ତ୍ରଣା ସତ୍ତ୍ୱେ ସେ ଏହାକୁ ସୁଟ୍ କରିଥିଲେ। ଏହା 'ଶୋଲେ' ଫିଲ୍ମ ସୁଟିଂ ସମୟର ସବୁଠୁ ସ୍ମରଣୀୟ ସ୍ମୃତି ହୋଇ ରହିଛି।

ସାକ୍ଷାତକାର

# "ପ୍ରତ୍ୟେକ ଚରିତ୍ର ମୋ ପାଇଁ ଡ୍ରିମ୍ ରୋଲ୍"

ସାର୍ଥକ, ଅଭିନେତା



"କପାଳ ଲିଖନ କେ କରିବ ଆନ" - ଭାଗ୍ୟରେ ଯାହା ଲେଖା ଥାଏ ତାକୁ କେହି ବି ବଦଳାଇ ପାରନ୍ତିନି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଯାଜପୁର ଜିଲ୍ଲା ଅନ୍ତର୍ଗତ ନାରୀଗାଁ'ର ସାର୍ଥକ। ଇଞ୍ଜିନିୟରିଂ ପାଠ ପଢୁ ଥିଲେ। ଭବିଷ୍ୟତରେ ଜଣେ ଇଞ୍ଜିନିୟର ହୋଇଥାନ୍ତେ। ହେଲେ କେଜାଣି କେମିତି ସେ ଟାଣି ହୋଇ ଆସିଲେ ଅଭିନୟ ଜଗତକୁ। ଅଡିସନ୍ ମାଧ୍ୟମରେ ପ୍ରଥମ କରି ସେ ସିନେମାରୁ କାମ ଆରମ୍ଭ କଲେ। ଏବେ ସୁଦ୍ଧା ପ୍ରାୟ ତିନିଟି ସିନେମାରେ ଅଭିନୟ କରିଛନ୍ତି। ହେଲେ ସିନେମାଗୁଡ଼ିକ ରିଲିଜ୍ ହୋଇ ନାହିଁ। ତେବେ ଖୁବ୍ ଶୀଘ୍ର ସାର୍ଥକଙ୍କ ଅଭିନୀତ 'ଅପେକ୍ଷା' ଚଳଚ୍ଚିତ୍ର ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ। ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ସାର୍ଥକ। ଅନେକ ଆଶା ଆଉ ଉଦ୍ଦୀପନା ନେଇ ଅଭିନୟ ଜଗତକୁ ଆସିଥିବା ସାର୍ଥକଙ୍କ ଆଗାମୀ ଯୋଜନା କ'ଣ ରହିଛି ଜାଣିବା ତାଙ୍କ ମୁହଁରୁ।

**ଅଭିନେତା ହେବାକୁ କାହିଁକି ମନ ବଳାଇଲେ?**

- ଏକ ସାଧାରଣ ପରିବାରରେ ମୋର ଜନ୍ମ। ମୋ ବାପା ଜଣେ କୃଷକ। ମା' ଜଣେ ସୁଗୃହିଣୀ। ସ୍କୁଲ, କଲେଜରେ ପଢ଼ିବା ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଭିନୟ କରୁଥିଲି। ହେଲେ ଅଭିନେତା ହେବି ବୋଲି ଚିନ୍ତା କରିନଥିଲି। ଇଞ୍ଜିନିୟରିଂ ପାଠ ପଢୁଥିଲି। ଇଞ୍ଜିନିୟର ହୋଇଥାନ୍ତି। କିନ୍ତୁ ପଢ଼ା ସରିଲା ପରେ ମୋର ନିଷ୍ପତ୍ତି ବଦଳି ଯାଇଥିଲା। ସିନେମାରେ କାମ କରିବାକୁ ଇଚ୍ଛା କରି ବିଭିନ୍ନ ପ୍ରଡକ୍ସନ୍ ହାଉସ୍‌କୁ ଯାଉଥିଲି। ସିନେମା ନିର୍ମାତାଙ୍କୁ ଭେଟୁଥିଲି। ଅଡିସନ୍ ମଧ୍ୟ ବହୁତ ଦେଇଛି। କେ. ତମନ୍ନା ସାର୍ ମୋତେ ପ୍ରଥମେ ଏହି ଲାଇନ୍‌ରେ ଆଗକୁ ଯିବାକୁ ସୁଯୋଗ ଦେଇଥିଲେ। ଯଦିଓ ଏବେ ସୁଦ୍ଧା ମୁଁ ତିନିଟି ସିନେମାରେ କାମ କରିସାରିଛି ହେଲେ ତନ୍ମଧ୍ୟରୁ 'ଅପେକ୍ଷା' ସିନେମାଟି ପ୍ରଥମେ ରିଲିଜ୍ ହେବାକୁ ଯାଉଛି। ଆଶା କରୁଛି ଦର୍ଶକ ଏହି ସିନେମାକୁ ବହୁତ ସାରା ଭଲପାଇବା ଦେବେ।

**କ୍ୟାମେରା ସାମ୍ନାରେ ପ୍ରଥମେ ଭୟ କରିଥିଲେ?**

- ପ୍ରଥମେ କ୍ୟାମେରା ସାମ୍ନାରେ ଟିକେ ଭୟ ଲାଗିଥିଲା। ସଂଳାପର ସାରମର୍ମକୁ ବୁଝିଲି। ସଂଳାପକୁ ଏକାଧିକ ଥର ଅଭ୍ୟାସ କରିବାକୁ ହେଉଥିଲା। ସିନେମା ନିର୍ମାତା ଓ ନିର୍ଦ୍ଦେଶକ ଆନନ୍ଦ କୁମାର ବହୁତ ଭଲ ଭାବେ ମୋତେ ବୁଝାଉଥିଲେ। ସକାଳେ ସୁଟିଂ ହେଉଥିଲେ ବି ସନ୍ଧ୍ୟାରେ ନିର୍ଦ୍ଦେଶକ ମୋତେ ପ୍ରସ୍ତୁତ କରୁଥିଲେ। ଏହାଦ୍ୱାରା ଅଭିନୟ ଜୀବନ୍ତ କରିବାକୁ ମୁଁ ଚାହିଁଥିଲି।

**ରିଲିଜ୍ ହେବାକୁ ଥିବା 'ଅପେକ୍ଷା' ସମାଜକୁ କ'ଣ ବାର୍ତ୍ତା ଦେବ?**

- 'ଅପେକ୍ଷା' ସିନେମାଟି ବିଶେଷ କରି ଯୁବପିଢ଼ିଙ୍କ ଉପରେ ସକାରାତ୍ମକ ପ୍ରଭାବ ପକାଇବ। ଏଥିରେ ମୁଁ ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ନଜର ଆସୁଛି। ଯେଉଁଠି ମୋର ବାପା ଓ ମା' ପୁଅକୁ ନେଇ କିଛି ଅଲଗା କଥା ଚିନ୍ତା କରିଛନ୍ତି। ହେଲେ ମୋର ଅନ୍ୟ କିଛି ସ୍ୱପ୍ନ ରହିଛି। ନିଜର ସ୍ୱପ୍ନକୁ ପୂରା କରିବାକୁ ମୋତେ କେତେ କଷ୍ଟ କରିବାକୁ ପଡୁଛି ଆଉ ଶେଷରେ ସଫଳ ହେଉଛି କି ନାହିଁ ତାହା ଏହି ସିନେମାରେ ଦେଖିବାକୁ ମିଳିବ। 'ଅପେକ୍ଷା' ସିନେମାଟି ଚଳିତ ଫେବୃୟାରୀ ୬ ତାରିଖରେ ରିଲିଜ୍ ହେବ। ଏଥିରେ ମୋ ବିପକ୍ଷରେ ଅଛନ୍ତି ଶୁଭାଙ୍ଗୀ।

**ଫିଟ୍ ରହିବାର ଫର୍ମୁଲା?**

- ସୁଟିଂ ନଥିଲେ ସକାଳୁ ବ୍ୟାୟାମ କରେ। ସାଧାସିଧା ଘରୋଇ ଖାଦ୍ୟ ଖାଏ।

**ଅଭିନେତା ହେବାକୁ କେତେ ସଂଘର୍ଷ କରିଛନ୍ତି?**

- ଅଭିନେତାଟିଏ ହେବା ପାଇଁ ଅନେକ ସଂଘର୍ଷ କରିଛି। ଏବେ ବି ସଂଘର୍ଷ ଜାରି ରହିଛି। କାମ ପାଇବା ପାଇଁ ସଂଘର୍ଷ କରୁଛି, ସଂଘର୍ଷ ସବୁବେଳେ ଜାରି ରହିବ।

**ଡ୍ରିମ୍ ରୋଲ୍?**

- ଗୋଟେ ଭଲ ଚରିତ୍ରକୁ ନିଖୁଣ ଭାବେ ନିଭାଇବା ମୋର ସ୍ୱପ୍ନ। ତେଣୁ ପ୍ରତ୍ୟେକ ଚରିତ୍ର ହିଁ ମୋ ପାଇଁ ଡ୍ରିମ୍ ରୋଲ୍। ପ୍ରତ୍ୟେକ ଚରିତ୍ର ମାଧ୍ୟମରେ ଦର୍ଶକଙ୍କୁ ବାନ୍ଧି ରଖିବା ମୋର ପ୍ରଥମ ଲକ୍ଷ୍ୟ।

**ଆଗାମୀ ଯୋଜନା?**

- ଆଗକୁ ଦର୍ଶକ ମୋତେ 'ମୋହନଗିରି'ରେ ଦେଖିବାକୁ ପାଇବେ। ଏଥିରେ ପୁନଃଜନ୍ମ କଥା ଦେଖିବାକୁ ମିଳିବ।

**କଳାକାର ହେବାକୁ ମନ ବଳାଉଥିବା ପିଲାଙ୍କୁ କ'ଣ କହିବେ?**

- ଯଦି କିଛି ସ୍ୱପ୍ନ ଦେଖୁଛନ୍ତି ଆଉ ନିଜ ଉପରେ ସେତିକି ଭରସା ରହିଛି, ତେବେ ସ୍ୱପ୍ନ ନିଶ୍ଚୟ ଦିନେ ପୂରଣ ହେବ। ତା' ସହିତ କର୍ମ ପ୍ରତି ସେତିକି ଦୃଢ଼ତା ରହିଥିବା ଦରକାର। ଏ ଲାଇନ୍‌କୁ ଆସୁଥିଲେ କାମ କରିବା ମନୋଭାବ ନେଇ ଆସନ୍ତୁ। ଧୈର୍ଯ୍ୟ ରଖି କାମ କରନ୍ତୁ।

## ୧୯ ବର୍ଷରୁ କମ୍ ବିଶ୍ୱକପ୍

# ଆଜି ଭାରତ-ପାକିସ୍ତାନ ମହାମୁକାବିଲା

**ମେଲବୋର୍ଣ୍ଣ, ୩୧।୧ (ଏଜେନ୍ସି):** ଚଳିତ ଆଇସିସି ୧୯ ବର୍ଷରୁ କମ୍ ଦିନିକିଆ ବିଶ୍ୱକପର ଶେଷ ସୁପର୍-୬ ମ୍ୟାଚରେ ରବିବାର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବ। ଜିମ୍ବାୱେର କୁଇନ୍ସ ସ୍ପୋର୍ଟ୍ସ କ୍ଲବରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଉଭୟ ଦଳ ପାଇଁ ଗୁରୁତ୍ୱବହନ କରୁଛି। ଏଠାରେ ବିଜୟୀ ଦଳ ସେମିଫାଇନାଲ ଟିକଟ୍ ହାସଲ କରିବ। ପୂର୍ବରୁ ସୁପର୍-୬ ପର୍ଯ୍ୟାୟରେ ଉଭୟ ଭାରତ ଓ ପାକିସ୍ତାନ ନିଜ ନିଜର ପ୍ରଥମ ମ୍ୟାଚରେ ବିଜୟୀ ହୋଇଥିଲେ। ସୁପର୍-୬ରେ ଭାରତ ୨୦୪ ରନରେ ଜିମ୍ବାୱେ ଏବଂ ପାକିସ୍ତାନ ୮ ୱିକେଟ୍‌ରେ ନ୍ୟୁଜିଲାଣ୍ଡକୁ ହରାଇଥିଲା। ତେବେ ଗ୍ରୁପ୍ ପର୍ଯ୍ୟାୟରେ ଭାରତ ସମସ୍ତ ୩ଟି ଯାକ ମ୍ୟାଚ୍ ଜିତି ଅପରାଜେୟ ରହିଥିଲା। କିନ୍ତୁ ପାକିସ୍ତାନ ଗୋଟିଏ ମ୍ୟାଚରେ ହାରିଯାଇଥିଲା। ତେଣୁ ପଏଣ୍ଟ ଟେବଲରେ ପାକିସ୍ତାନଠାରୁ ଭାରତ ଉପରେ ସ୍ଥାନିତ ହୋଇଛି। ସେହିଭଳି ଭାରତର ରନରେଟ୍ ମଧ୍ୟ ବେଶ୍ ଭଲ ରହିଛି। ତେଣୁ ଯଦି ଭାରତ ବଡ଼ ବ୍ୟବଧାନରେ ପରାସ୍ତ ନ ହୁଏ ତେବେ ସେମିଫାଇନାଲ ଖେଳିବା ଆଶା ଦୃଢ଼ ରହିଛି। ଆୟୁଷ ମହାତ୍ରେଙ୍କ ନେତୃତ୍ୱାଧୀନ ଭାରତ ପାଇଁ ମଧ୍ୟ ଏସିଆ କପ୍ ଫାଇନାଲ ପରାଜୟର ପ୍ରତିଶୋଧ ନେବା ଲାଗି ସୁଯୋଗ ଅଛି। ଡିସେମ୍ବରରେ ଅନୁଷ୍ଠିତ ଏସିଆ କପ୍ ଫାଇନାଲରେ ପାକିସ୍ତାନ ୧୯୧ ରନରେ ଭାରତକୁ ହରାଇ ଚାମ୍ପିଅନ ହୋଇଥିଲା। ଅପରପକ୍ଷରେ କିମ୍ବଦନ୍ତୀ ଭାରତୀୟ କ୍ରିକେଟର୍ ସଚିନ ତେନ୍ଦୁଲକର ଶନିବାର ଜିମ୍ବାୱେରେ ଭାରତୀୟ ଖେଳାଳିଙ୍କୁ ଭେଟି ଏହି ହାଇଭୋଲଟେଜ ମ୍ୟାଚ୍ ପୂର୍ବରୁ ମନୋବଳ ବଢ଼ାଇଛନ୍ତି।

## ଟି-୨୦ ବିଶ୍ୱକପ୍ | ଆହତ ଲାଗି କମିନ୍ସ ନିରାଶ; ସ୍ମିଥ୍ ବିଦା

**ମେଲବୋର୍ଣ୍ଣ, ୩୧।୧ (ଏଜେନ୍ସି):** ଆଉ ଗୋଟିଏ ସପ୍ତାହ ପରେ ଆରମ୍ଭ ହେବ ଆଇସିସି ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ। ଏଥିଲାଗି ଚୂଡ଼ାନ୍ତ ଦଳ ଘୋଷଣାର ଶେଷ ତାରିଖ (ଜାନୁଆରୀ ୩୧) ଶନିବାର ଥିଲା। ଏହି ଅବସରରେ ଅଷ୍ଟ୍ରେଲିଆ ଏହାର ପୂର୍ବ ଘୋଷିତ ଦଳରେ ସାମାନ୍ୟ ପରିବର୍ତ୍ତନ କରିଛି। ପିଠି ଯନ୍ତ୍ରଣା ଲାଗି ଅଭିଜ୍ଞ ଦ୍ରୁତ ବୋଲର ପ୍ୟାଟ୍ କମିନ୍ସଙ୍କୁ ଘୋଷିତ ୧୫ ଜଣିଆ ଦଳରେ ସ୍ଥାନ ମିଳିନି। ସେହିଭଳି ଚୟନ କମିଟି ଏକ ବଡ଼ ନିଷ୍ପତ୍ତିକ୍ରମେ ଅଭିଜ୍ଞ ବ୍ୟାଟର୍ ଷ୍ଟିଭେନ ସ୍ମିଥ ଓ ସ୍ପିନ ଅଲ୍‌ରାଉଣ୍ଡର ମାଥ୍ୟୁ ସର୍ଟଙ୍କୁ ଚୂଡ଼ାନ୍ତ ଦଳରୁ ବାଦ୍ ଦେଇଛନ୍ତି। ସର୍ଟ ପୂର୍ବରୁ ପ୍ରାରମ୍ଭିକ ବିଶ୍ୱକପ୍ ଦଳରେ ସାମିଲ ଥିଲେ। କିନ୍ତୁ ଏବେ ତାଙ୍କୁ ଚୂଡ଼ାନ୍ତ ଦଳରୁ ବାଦ୍ ଦିଆଯାଇ ମାଥ୍ୟୁ ରେନଶା'ଙ୍କୁ ନିଆଯାଇଛି। ମିଚେଲ ମାର୍ଶଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ବିଶ୍ୱକପ୍‌ରେ ଗ୍ରୁପ୍-ବି'ରେ ଫେବୃଆରୀ ୧୧ରେ ଆୟର୍ଲାଣ୍ଡ ସହ ପ୍ରଥମ ମ୍ୟାଚ୍ ଖେଳିବ।

**ଅଷ୍ଟ୍ରେଲିଆ ଦଳ:** ମିଚେଲ ମାର୍ଶ (ଅଧିନାୟକ), ଜାଭିଅର ବାର୍ଟଲେଟ୍, କୁପର କୋନୋଲୀ, ଟିମ୍ ଡେଭିଡ୍, ବେନ୍ ଡାରୱିସ, କାମେରନ ଗ୍ରୀନ, ନାଥନ ଏଲିସ୍, ଜୋଶ୍ ହାଜଲେଉଡ୍, ଟ୍ରାଭିସ ହେଡ୍, ଜୋଶ୍ ଇଂଲିଶ, ମାଥ୍ୟୁ କୁନେମାନ୍ନ, ଗ୍ଲେନ ମ୍ୟାକ୍ସୱେଲ, ମାଥ୍ୟୁ ରେନଶା, ମାର୍କସ ଷ୍ଟୋଇନିସ ଓ ଆଦାମ ଜାମ୍ପା।

## ଇଶାନ ଓ ସୂର୍ଯ୍ୟକୁମାରଙ୍କ ବିସ୍ଫୋରକ ବ୍ୟାଟିଂ ପରେ ଅର୍ଶଦୀପ ଓ ଅକ୍ଷରଙ୍କ ସୁନ୍ଦର ବୋଲିଂ

# ଭାରତ ୪-୧ରେ ଜିତିଲା ଟି୨୦ ସିରିଜ୍

**ତିରୁଅନନ୍ତପୁରମ,୩୧।୧(ଏଜେନ୍ସି):**

ଇଶାନ କିଶାନ-ସୂର୍ଯ୍ୟକୁମାର ଯାଦବଙ୍କ ବିସ୍ଫୋରକ ବ୍ୟାଟିଂ ପରେ ଅର୍ଶଦୀପ ସିଂହ -ଅକ୍ଷର ପଟେଲଙ୍କ ସୁନ୍ଦର ବୋଲିଂ ବଳରେ ଏଠାରେ ଶନିବାର ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ୫ମ ତଥା ଶେଷ ଟି-୨୦ ମୁକାବିଲାରେ ଭାରତ ୪୬ ରନ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଏହା ଫଳରେ ଏଠାରେ ଆଜି ଶେଷ ହୋଇଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌କୁ ଭାରତ ୪-୧ ବ୍ୟବଧାନରେ ଜିତିନେଇଛି। ଏହି ମ୍ୟାଚ୍‌ରେ ଇଶାନ କିଶାନ ୪୩ବଲ୍‌ରୁ ୧୦୩ ରନ୍ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ସେହିପରି ସୂର୍ଯ୍ୟକୁମାରଙ୍କୁ ସିରିଜର ଶ୍ରେଷ୍ଠ ପୁରସ୍କାର ମିଳିଛି। କିଶାନଙ୍କ ଶତକ, ସୂର୍ଯ୍ୟକୁମାର ଯାଦବଙ୍କ ୩୦ ବଲ୍‌ରୁ ୬୩, ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ୧୭ ବଲ୍‌ରୁ ୪୨ ରନ୍ ମିଳିବା ଫଳରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୭୧ ରନ୍ ସଂଗ୍ରହ କରିଥିଲା। ଜବାବରେ ଫିନ୍ ଆଲେନ (୩୮ ବଲ୍‌ରେ ୮୦ ରନ୍, ୮ଚୌକା, ୬ଛକା)ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ନ୍ୟୁଜିଲାଣ୍ଡ ୧୯.୪ ଓଭରରେ ୨୨୫ ରନ୍ କରିଅଲଆଉଟ ହୋଇଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦୁଇ ଭାରତୀୟ ବଂଶୋଦ୍ଭବ ଖେଳାଳି ଇସ୍ ସୋଧି ୧୫ବଲ୍‌ରୁ ୩୩ ଓ ରାଚିନ ରବୀନ୍ଦ୍ର ୧୭ ବଲ୍‌ରୁ ୩୦ ରନ୍‌ର ସହାୟତା ଦେଇଥିଲେ ମଧ୍ୟ ତାହା କାମ ଦେଇ ନ ଥିଲା। ଦଳୀୟ ସ୍କୋର ୧୧୭ ରନ୍‌ରେ ଫିନ୍ ଆଲେନଙ୍କୁ ଅକ୍ଷର ପଟେଲ ଆଉଟ କରିବା ପରେ ନ୍ୟୁଜିଲାଣ୍ଡର ରନ ଚେଜ୍ ବିଗିଡି ଯାଇଥିଲା। ସେ ମଧ୍ୟ ଅନ୍ୟ ବିପଜ୍ଜନକ ଗ୍ଲେନ୍ ଫିଲିପ୍ସଙ୍କୁ ଆଉଟ କରିଥିଲେ। ଏହି ସମୟରେ ଦ୍ୱିତୀୟ ସ୍ପେଲ ବୋଲିଂ କରିବାକୁ ଆସି ଅର୍ଶଦୀପ ଗୋଟିଏ ଓଭରରେ ୨ଟି ୱିକେଟ ନେଇ ଭାରତର ବିଜୟ ରାସ୍ତା ପରିଷ୍କାର କରିଦେଇଥିଲେ। ସେ କିନ୍ତୁ ୪ ଓଭରରେ ୫୧ ରନ୍ ଦେଇ ସର୍ବାଧିକ ୫ଟି ଓ ଅକ୍ଷର ପଟେଲ ୩୩ ରନ୍‌ରେ ୩ଟି ୱିକେଟ ନେବା ଫଳରେ ଭାରତର ବିଜୟ ସହଜ ହୋଇଯାଇଥିଲା। ଏହି ସିରିଜ୍ ପରେ ଫେବୃଆରୀ ୭ରୁ ମାର୍ଚ୍ଚ ୮ ତାରିଖଯାଏ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପରେ ଉଭୟ ଦଳ ଅଂଶଗ୍ରହଣ କରିବେ। ଆସନ୍ତା ୩ରେ ଭାରତୀୟ ଦଳ ମୁମ୍ବଇରେ ଏକତ୍ର ହେବେ ଓ ୪ରେ ଦକ୍ଷିଣ ଆଫ୍ରିକା ସହ ବିଶ୍ୱକପ୍ ୱାର୍ମ ଅପ୍ ମ୍ୟାଚ୍ ଖେଳିବ।


ମ୍ୟାନ ଅଫ୍ ଦି ସିରିଜ୍ ସୂର୍ଯ୍ୟକୁମାର ଓ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଇଶାନ


ଅର୍ଶଦୀପ ସିଂହ: ୪-୦-୫୧-୫

ଏହି ମ୍ୟାଚ୍‌ରେ ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେବା ପରେ ୫ମ ଓଭର ସୁଦ୍ଧା ୪୮ ରନ୍‌ରେ ଦୁଇ ଓପନର ଅଭିଷେକ (୩୦) ଓ ସଞ୍ଜୁ ସାମସନ (୬)ଙ୍କ ୱିକେଟ ହରାଇଥିଲା। ଏହି ସମୟରେ ଇଶାନ କିସାନ ଓ ସୂର୍ଯ୍ୟକୁମାର ଯାଦବ ତୃତୀୟ ୱିକେଟରେ ବିସ୍ଫୋରକ ବ୍ୟାଟିଂ କରି ଭାରତକୁ ଏକ ବିଶାଳ ସ୍କୋର ଦେଇଥିଲେ। ଇଶାନ ମାତ୍ର ୨୮ ବଲ୍‌ରେ ୫୦ ଓ ୪୨ ବଲ୍‌ରେ ୧୦୦ ରନ୍ ପୂରଣ କରିଥିଲେ। ସେ ୯୧ ରନ୍‌ରେ ଥିଲାବେଳେ କ୍ରମାଗତ ୨ଟି ଛକା ମାରି ଟି-୨୦ କ୍ୟାରିୟରରେ ପ୍ରଥମ ଶତକ ସହ ହଜାରେ (୧୦୧୧) ରନ୍ ପୂରଣ କରିଥିଲେ। ଏହାର ପରବର୍ତ୍ତୀ ବଲରେ ବା ୪୩ ବଲ୍‌ରୁ ୬ ଚୌକା ଓ ୧୦ ଛକା ସହ ୧୦୩ ରନ୍ କରିଆଉଟ ହୋଇଥିଲେ। ତାଙ୍କ ପୂର୍ବରୁ ୨୬ ବଲ୍‌ରେ ୨୪ତମ ଅର୍ଦ୍ଧଶତକ ପୂରଣ କରିଥିବା ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୩୦ ବଲ୍‌ରୁ ୪ ଚୌକା ଓ ୬ ଛକା ସହ ୬୩ ରନ୍‌ରେ ଆଉଟ ହୋଇଥିଲେ। ଏତିକିରେ ଭାରତୀୟ ବ୍ୟାଟରଙ୍କ ରନ୍ ସଂଗ୍ରହ କମି ନ ଥିଲା। ହାର୍ଦ୍ଦିକ ପାଣ୍ଡ୍ୟା ଏଥିରେ ସାମିଲ ହୋଇ ମାତ୍ର ୧୭ ବଲ୍‌ରୁ ୧ ଚୌକା ଓ ୪ ଛକା ବଳରେ ୪୨ ରନ୍ କରି ଆଉଟ ହୋଇଥିଲେ। ଏମାନଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁଁ ନ୍ୟୁଜିଲାଣ୍ଡ ବିପକ୍ଷରେ ରେକର୍ଡ ଟି-୨୦ ରନ୍ ସଂଗୃହୀତ ହୋଇଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ଲକି ଫର୍ଗୁସନ ସର୍ବାଧିକ ୨ଟି, ଜ୍ୟାକବ ଡଫି, କାଏଲ ଜାମିସନ ଓ ମିଚେଲ ସାଣ୍ଟନର ବ୍ୟୟବହୁଳ ସାବ୍ୟସ୍ତ ହେବା ସହ ଗୋଟିଏ ଲେଖାଏଁ ୱିକେଟ ପାଇଥିଲେ।

**ଭାରତର ବିଶ୍ୱକପ୍ ଗ୍ରୁପ୍ କାର୍ଯ୍ୟସୂଚୀ**

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ |
|---|---|---|
| ୭।୨ | ଆମେରିକା | ମୁମ୍ବଇ |
| ୧୨।୨ | ନାମିବ୍ୟା | ଦିଲ୍ଲୀ |
| ୧୫।୨ | ପାକିସ୍ତାନ | କଲମ୍ବୋ |
| ୧୮।୨ | ନେଦରଲାଣ୍ଡସ | ଅହମ୍ମଦାବାଦ୍ |

**ସଂକ୍ଷିପ୍ତ ସ୍କୋର**

**ଭାରତ: ୨୭୧/୫, ୨୦ ଓଭର** (ଇଶାନ- ୧୦୩, ସୂର୍ଯ୍ୟକୁମାର- ୬୩, ପାଣ୍ଡ୍ୟା- ୪୨, ଅଭିଷେକ- ୩୦, ସାମସନ- ୬, ଫର୍ଗୁସନ- ୨/୪୧, ଡଫି- ୧/୫୩, ଜେମିନସନ- ୧/୫୯)।

**ନ୍ୟୁଜିଲାଣ୍ଡ- ୨୨୫/୧୦, ୧୯.୪ ଓଭର** (ଆଲେନ- ୮୦, ସୋଧୀ- ୩୩, ରବୀନ୍ଦ୍ର- ୩୦, ମିଚେଲ- ୨୬, ସେଫର୍ଟ- ୫, ଫିଲିପ୍ସ- ୭, ଅର୍ଶଦୀପ୍- ୫/୫୧, ଅକ୍ଷର- ୩/୩୩, ରିଙ୍କୁ- ୧/୭)

## ୟୁବି କ୍ରିକ୍ ଲିଗ୍‌ରେ ୧୦ ଲକ୍ଷ ଟଙ୍କା ପୁରସ୍କାର

**ଭୁବନେଶ୍ୱର, ୩୧।୧ (ସମିସ):** ଭୁବନେଶ୍ୱର ଉପକଣ୍ଠ ଭଗବାନପୁରସ୍ଥିତ ୟୁବି ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ ୟୁବି କ୍ରିକ୍ ପ୍ରିମିଅର ଲିଗ୍ ମାର୍ଚ୍ଚ ୨୫ରୁ ଆରମ୍ଭ ହେବ। ୧୦ ଓଭରବିଶିଷ୍ଟ ଏହି ଫ୍ରାଞ୍ଚାଇଜ୍‌ଭିତ୍ତିକ ଟେନିସ ବଲ୍ କ୍ରିକେଟ୍ ଲିଗ୍‌ର ସମସ୍ତ ମ୍ୟାଚ୍ ପାତ୍ରପଡ଼ାସ୍ଥିତ ମହାରାଜା କ୍ରିକେଟ ଆସୋସିଏସନ ପଡ଼ିଆରେ ଖେଳାଯିବ। ଏଥିରେ ମୋଟ୍ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଚାମ୍ପିଅନ ଦଳକୁ ଟ୍ରଫି ସହ ୪ ଲକ୍ଷ ଓ ରନର୍ସଅପ୍ ଦଳକୁ ୨ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଲିଗ୍‌ର ଖେଳାଳି ନିଲାମୀରେ ନାମ ପଞ୍ଜିକରଣ କରିବାକୁ ଚାହୁଁଥିବା ଆଗ୍ରହୀ ଖେଳାଳି ୫୯୯ ଟଙ୍କା ଦେଇ yubisports.comରେ ନାମ ରେଜିଷ୍ଟର କରିପାରିବେ। ଏହି ସାମ୍ବାଦିକ ସମ୍ମିଳନୀରେ ଆୟୋଜକ ଏକାଡେମୀ ପକ୍ଷରୁ ମନ୍ଦାକିନୀ କର, ଶେଖ ଅବଦୁଲ, ଦେବ ପ୍ରସାଦ ଓ ଯୁଧିଷ୍ଠିର ମଲ୍ଲିକ ଉପସ୍ଥିତ ରହିଥିଲେ।

## ରାଜ୍ୟ ମିନି ଗଲ୍ଫ: ଓଡିଏମ୍ ଚାମ୍ପିଅନ




**ଭୁବନେଶ୍ୱର, ୩୧।୧ (ସମିସ):** ରାଜ୍ୟ ମିନି ଗଲ୍ଫ ଚାମ୍ପିଅନସିପ୍ ଶନିବାର ଉଦଯାପିତ ହୋଇଯାଇଛି। ଗୌରୀ କଟେଜ ପରିସରରେ ଅନୁଷ୍ଠିତ ଏହି ଦୁଇଦିନିଆ ଚାମ୍ପିଅନସିପ୍‌ର ଦଳଗତ ବିଭାଗରେ ଓଡିଏମ୍ ଗ୍ଲୋବାଲ ସ୍କୁଲ ଚାମ୍ପିଅନ ହୋଇଥିଲା। ସେହିଭଳି କେଟି ଗ୍ଲୋବାଲ ସ୍କୁଲ ରନର୍ସଅପ୍ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ଅଲିମ୍ପିକ ସଂଘର ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ମିନିଗଲ୍ଫ ମହାସଂଘର ସାଧାରଣ ସମ୍ପାଦକ ଡ. ସୂରଜ ସିଂହ ଯୋଟିକର, କର୍ପୋରେଟର ଲିଟୁ ମହାସୁପକାର, ପୀୟୂଷ ମହାନ୍ତି, ରାଜ୍ୟ ସଂଘର ସଭାପତି ସତ୍ୟବ୍ରତ ମୀନକେତନ, ସମ୍ପାଦକ ବିକାଶଚନ୍ଦ୍ର ପଟ୍ଟନାୟକ, ପ୍ରସନ୍ନଜିତ ପତି ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଚାମ୍ପିଅନସିପ୍‌ରେ ଓଡ଼ିଶାର ୧୨ ଜିଲ୍ଲାରୁ ୧୫୦ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ।

## ଜାଗୃତି- ଟାଉନ୍‌କ୍ଲବ ଫାଇନାଲ ମୁକାବିଲା

**ଭୁବନେଶ୍ୱର, ୩୧।୧ (ସମିସ):** ପତିରାଜପୁର ଷ୍ଟାଡିୟମରେ ଚାଲିଥିବା ଚିରନ୍ତନ ଚନ୍ଦ୍ରଶେଖର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ରବିବାର ଟାଇଟଲ ପାଇଁ ଭୁବନେଶ୍ୱରର ଜାଗୃତି କ୍ରିକେଟ କ୍ଲବ ଓ ଟାଉନ୍ କ୍ଲବ ପରସ୍ପରକୁ ଭେଟିବେ। ସେମିଫାଇନାଲରେ ଟାଉନ୍ କ୍ଲବ ୩ ୱିକେଟରେ ବାଲେଶ୍ୱର ମର୍ଣ୍ଣିଷ୍ଟାରକୁ ପରାସ୍ତ କରିଥିଲା। ମର୍ଣ୍ଣି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ୱିକେଟ ହରାଇ ୨୦୬ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଜଗଦୀଶ ବାରିକ ୫୫ ରନ ଓ ନୌତମ ଭଞ୍ଜ ୫୩ ରନ କରିଥିଲେ। ଟାଉନ କ୍ଲବର ରାଜେଶ ବାରିକ ଓ ବିଶାଳ କର ୨ଟି ଲେଖାଏ ୱିକେଟ ନେଇଥିଲେ। ଜବାବରେ ଟାଉନ୍ କ୍ଲବ ୧୯.୩ ଓଭରରେ ୮ ୱିକେଟ ହରାଇ ବିଜୟୀ ହୋଇଥିଲା। ଦୀପକ ମାଝୀ ୮୫, ସରୋଜ ପଣ୍ଡା ୪୦, ରବି ରାଜ ୩୦, ପ୍ରତ୍ୟୁଷ ଦାସ ୨୦ ରନ କରିଥିଲେ। ଦୀପକ ମାଝୀ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ପୂର୍ବରୁ ପ୍ରଥମ ସେମିରେ ବିଜୟୀ ହୋଇ ଜାଗୃତି ଫାଇନାଲରେ ପ୍ରବେଶ କରିଥିଲା।

## ଅଷ୍ଟ୍ରେଲିଆନ୍ ଓପନ ଟେନିସ ମହିଳା ଫାଇନାଲ

# ସାବାଲେଙ୍କାଙ୍କୁ ହରାଇ ରିବାକିନା ଚାମ୍ପିଅନ



**ମେଲବୋର୍ଣ୍ଣ, ୩୧।୧ (ଏଜେନ୍ସି):** ବିଶ୍ୱର ନଂ-୧ ଖେଳାଳି ବେଲାରୁଷର ଆରିନା ସାବାଲେଙ୍କାଙ୍କୁ ହରାଇ କାଜାଖସ୍ତାନର ଏଲେନା ରିବାକିନା ଅଷ୍ଟ୍ରେଲିଆନ୍ ଓପନ ମହିଳା ଏକକ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଶନିବାର ଖେଳାଯାଇଥିବା ଫାଇନାଲରେ ରିବାକିନା ୬-୪, ୪-୬, ୬-୪ ସେଟ୍‌ରେ ସାବାଲେଙ୍କାଙ୍କୁ ହରାଇବା ସହ ଅଷ୍ଟ୍ରେଲିଆନ୍ ଓପନରେ ପ୍ରଥମ ଓ କ୍ୟାରିୟରରେ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ଟାଇଟଲ ବିଜୟୀ ହୋଇଛନ୍ତି। ଏହା ସହ ସେ ଏଠାରେ ଖେଳାଯାଇଥିବା ୨୦୨୩ ଅଷ୍ଟ୍ରେଲିଆନ୍ ଓପନ ଫାଇନାଲରେ ସାବାଲେଙ୍କାଙ୍କଠାରୁ ପରାଜୟର ମଧୁର ପ୍ରତିଶୋଧ ନେବାରେ ସମର୍ଥ ହୋଇଛନ୍ତି। ୩ ବର୍ଷ ପୂର୍ବେ ସେ ଫାଇନାଲରେ ପ୍ରଥମ ସେଟ୍ ଜିତି ଭଲ ଆରମ୍ଭ କରିଥିଲେ। କିନ୍ତୁ ସାବାଲେଙ୍କା ପରବର୍ତ୍ତୀ ୨ଟି ସେଟ୍ ଜିତି ଟାଇଟଲ ଜିତିନେଇଥିଲେ। ଏଥର କିନ୍ତୁ ଏହାର ପୁନରାବୃତ୍ତି ହେବାକୁ ଦେଇ ନ ଥିଲେ। ଆସନ୍ତାକାଲି ପୁରୁଷ ବିଭାଗ ଏକକ ଫାଇନାଲ ମୁକାବିଲା ହେବ। ଏଥିରେ ବିଶ୍ୱର ନଂ-୧ ଖେଳାଳି ସ୍ପେନ୍‌ର କାର୍ଲୋସ ଆଲକାରାଜ ଓ ୨୫ତମ ଟାଇଟଲ ଜିତି ରେକର୍ଡ କରିବାକୁ ଆଶାୟୀ ଥିବା ବିଶ୍ୱର ନଂ-୬ ଖେଳାଳି ସର୍ବିଆର ନୋଭାକ ଜୋକୋଭିଚ୍‌ଙ୍କ ମଧ୍ୟରେ ଖେଳାଯିବ। ବ୍ରିଟେନର କ୍ରିଷ୍ଟିଆନ ହ୍ୟାରିସନ ଓ ଆମେରିକାର ନିଲ ସ୍କୁପସ୍କିଙ୍କ ଯୋଡି ପୁରୁଷ ଡବଲ୍ସ ଟାଇଟଲ ବିଜୟୀ ହୋଇଛନ୍ତି।

ମହିଳା ବିଭାଗ ଫାଇନାଲରେ ଏଥର ମଧ୍ୟ ରିବାକିନା ପ୍ରଥମ ସେଟ୍‌ରେ ସାବାଲେଙ୍କାଙ୍କ ସର୍ଭିସ ବ୍ରେକ୍ କରି ୬-୪ରେ ଜିତିନେଇଥିଲେ। ଦ୍ୱିତୀୟ ସେଟ୍‌ରେ ସାବାଲେଙ୍କା ଲଢ଼ୁଆ ଖେଳ ପ୍ରଦର୍ଶନ କରି ୬-୪ରେ ଦ୍ୱିତୀୟ ସେଟ୍‌କୁ ଜିତିବା ସହ ଖେଳକୁ ସମାନସ୍ତରକୁ ନେଇଆସିଥିଲେ। ତୃତୀୟ ସେଟ୍‌ରେ ନାଟକୀୟ ସ୍ଥିତି ଦେଖିବାକୁ ମିଳିଥିଲା। ସାବାଲେଙ୍କା ଏଥିରେ ଦମ୍ ଦେଖାଇ ୩-୦ ଗେମ୍‌ରେ ଆଗୁଆ ହୋଇଥିଲେ। କିନ୍ତୁ ରିବାକିନା ଏଥିରେ ବିଚଳିତ ନ ହୋଇ ଆତ୍ମବିଶ୍ୱାସର ସହ ଖେଳି ମ୍ୟାଚ୍‌କୁ ନିୟନ୍ତ୍ରଣରେ ରଖିଥିଲେ। ଯାହା ଫଳରେ ସେ କ୍ରମାଗତ ୫ଟି ଗେମ୍‌ରେ ଜିତି ସାବାଲେଙ୍କାଙ୍କୁ ବ୍ୟାକ୍‌ଫୁଟ୍‌କୁ ଠେଲିଦେଇଥିଲେ। ହାରିବା ଭୟରେ ସାବାଲେଙ୍କା ରକ୍ଷଣାତ୍ମକ ଖେଳିଥିଲେ। କିନ୍ତୁ ଏକ ଚମତ୍କାର ଏସ୍ ସଟ୍ ମାରି ରିବାକିନା ତୃତୀୟ ସେଟ୍‌କୁ ୬-୪ ଓ ମ୍ୟାଚ୍‌କୁ ୨-୧ରେ ଜିତିନେଇଥିଲେ।

## ଶୁଭ୍ରାଂଶୁଙ୍କ ଅର୍ଦ୍ଧଶତକ, ଅନୁକୂଳଙ୍କୁ ୪, ଆଦିତ୍ୟଙ୍କୁ ୩ ୱିକେଟ

# ଝାଡ଼ଖଣ୍ଡ ସ୍ପିନ୍ ଜାଲରେ ଛନ୍ଦି ହେଲା ଓଡ଼ିଶା

**ଭୁବନେଶ୍ୱର, ୩୧।୧ (ସମିସ):**

ଜାମ୍‌ସେଦ୍‌ପୁରର କିନାନ ଷ୍ଟାଡିୟମ୍‌ରେ ଚାଲିଥିବା ଏଲିଟ ରଣଜୀ ଟ୍ରଫି ମୁକାବିଲାରେ ଘରୋଇ ଝାଡ଼ଖଣ୍ଡର ସ୍ପିନ୍ ଜାଲରେ ଛନ୍ଦି ହୋଇଛି ଓଡ଼ିଶା। ଏହା ଫଳରେ ପ୍ରଥମ ଇନିଂସରେ ୧୯ ରନ୍‌ରେ ଅଗ୍ରଣୀ ନେବା ଓ ଦ୍ୱିତୀୟ ଇନିଂସରେ ୩ ୱିକେଟରେ ୧୬୨ ରନ୍ କରିଥିଲେ ମଧ୍ୟ ତୃତୀୟ ଦିନ ଖେଳ ଶେଷବେଳକୁ ୮ ୱିକେଟରେ ୨୦୨ ରନ୍ ସଂଗ୍ରହ କରି ବିପଦରେ ପଡ଼ିଛି। ଖେଳ ଆଉ ଗୋଟିଏ ଦିନ ବାକି ରହିଛି। ଏହି ସମୟରେ ଓଡ଼ିଶା ହାତରେ ଆଉ ୨ଟି ୱିକେଟ ବାକିଥାଇ ମାତ୍ର ୨୨୧ ରନ୍‌ରେ ଆଗୁଆ ରହିଛି। ଓଡ଼ିଶାର ଦ୍ୱିତୀୟ ଇନିଂସ ଯେ କୌଣସି ସମୟରେ ଶେଷ ହୋଇପାରେ। ଏଭଳି ହେଲେ ବାକିଥିବା ଗୋଟିଏ ଦିନ ଖେଳରେ ଝାଡ଼ଖଣ୍ଡ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେବାର ଯଥେଷ୍ଟ ସମ୍ଭାବନା ରହିଛି। ଓଡ଼ିଶାର ଦ୍ୱିତୀୟ ଇନିଂସରେ ଅଧିନାୟକ ଶୁଭ୍ରାଂଶୁ ସେନାପତି ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ପ୍ରଥମଶ୍ରେଣୀ କ୍ରିକେଟରେ ୧୭ତମ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ମୋଟ ୧୪୫ବଲ୍‌ର ସମ୍ମୁଖୀନ ହୋଇ ୫ ଚୌକା ସହ ୭୩ ରନ୍ କରି ଓଡ଼ିଶାକୁ ଏକ ଲଢ଼ୁଆ ସ୍ଥିତିକୁ ନେଇଯାଇଥିଲେ। ଏପରିକି ଦଳ ୩ ୱିକେଟରେ ୧୬୨ ରନ୍ କରିଥିଲାବେଳେ ବ୍ୟାଟିଂ କରୁଥିବା ଦୁଇ ବରିଷ୍ଠ ଖେଳାଳି ବିପ୍ଳବ ସାମନ୍ତରାୟ ୧୩ ଓ ଶୁଭ୍ରାଂଶୁ ଆଉଟ ହେବା ପରେ ୪୦ ରନ୍‌ରେ ଓଡ଼ିଶା ୫ ୱିକେଟ ହରାଇ ମ୍ୟାଚ୍ ଉପରୁ ନିୟନ୍ତ୍ରଣ ହରାଇଥିଲା। କେବଳ ଗୋବିନ୍ଦ ପୋଦ୍ଦାର ୨୨ ରନ୍‌ରେ ଅପରାଜିତ ଥିଲେ ମଧ୍ୟ ଆସନ୍ତାକାଲି ବାକିଥିବା ସୁନୀଲ ରାଉଳ ଓ ଡେବ୍ୟୁଟାଣ୍ଟ ସ୍ପିନର ସୟଦ ତୁଫେଲଙ୍କ ବ୍ୟାଟ୍‌ଚାଳନା ଉପରେ ଓଡ଼ିଶାର ଭାଗ୍ୟ ନିର୍ଣ୍ଣୟ କରିବ। ଅନ୍ୟମାନଙ୍କ ମଧ୍ୟରେ ଅନିଲ ପରିଡା ୨୮, ସନ୍ଦୀପ ପଟ୍ଟନାୟକ ୨୦ ଓ ସ୍ୱସ୍ତିକ ସାମଲ ୧୮ ରନ୍ କରି ଭଲ ଆରମ୍ଭ ପାଇଥିଲେ ମଧ୍ୟ କେହି ବଡ଼ ସ୍କୋର କରିପାରି ନ ଥିଲେ। ଝାଡ଼ଖଣ୍ଡ ପକ୍ଷରୁ ଦୁଇ ସ୍ପିନର ଯଥା ବାମହାତୀ ଅନୁକୂଳ ରୟ ୪ଜଣଙ୍କୁ ଓ ଅଫ୍‌ସ୍ପିନର ଆଦିତ୍ୟ ସିଂ ୩ଟି ୱିକେଟ ମିଳିଛି। ଅନ୍ୟ ୱିକେଟଟି ମଧ୍ୟ କାମଚଳା ଅଫ୍ ସ୍ପିନର ରଷଭ ରାଜଙ୍କୁ ମିଳିଥିଲା। ଓପନର ସ୍ୱସ୍ତିକ ସାମଲଙ୍କୁ ଆଉଟ କରି ସେ ଝାଡଖଣ୍ଡକୁ ବ୍ରେକ୍‌ଥ୍ରୁ ଦେଇଥିଲେ।


ସୟଦ ତୁଫେଲ


ଶୁଭ୍ରାଂଶୁ ସେନାପତି

### ଇନିଂସ ଅଗ୍ରଣୀ ଦେଲେ ତୁଫେଲ, ପୋଦ୍ଦାର

ଝାଡ଼ଖଣ୍ଡ ପ୍ରଥମ ଇନିଂସରେ ୨୬୩ ରନ୍ କରିଥିଲାବେଳେ ଯୁବ ସ୍ପିନର ସୟଦ ତୁଫେଲ ଅହମ୍ମଦ୍ ୪ଜଣଙ୍କୁ ଓ କାମଚଳା ସ୍ପିନର ଗୋବିନ୍ଦ ପୋଦ୍ଦାର ୩ଜଣ ଖେଳାଳିଙ୍କୁ ଆଉଟ କରିବା ଫଳରେ ପ୍ରଥମ ଇନିଂସରେ ଓଡ଼ିଶା ୧୯ ରନ୍‌ରେ ଅଗ୍ରଣୀ ନେଇଥିଲା। ଫାଷ୍ଟ ବୋଲର ରାଜେଶ ମହାନ୍ତି ମଧ୍ୟ ୨ଜଣଙ୍କୁ ଆଉଟ କରିଥିଲେ। ଝାଡଖଣ୍ଡର ଓପନର ଶିଖର ମୋହନ ସର୍ବାଧିକ ୮୦, ରବିନ ମିଞ୍ଜ୍ ୫୨ ଓ କୁମାର କୁଶାଗ୍ର ୪୭ ରନ୍ କରିଥିଲେ। ଓଡ଼ିଶାକୁ ଏହି ମ୍ୟାଚ ଜିତିବାକୁ ହେଲେ କିମ୍ବା ପ୍ରଥମ ଇନିଂସ ଅଗ୍ରଣୀ ନେବାକୁ ହେଲେ ତୁଫେଲ-ପୋଦ୍ଦାରଙ୍କ ଯୋଡି ସଫଳ ହେବାକୁ ପଡ଼ିବ।

## ସିକେ ନାଇଡୁ ଟ୍ରଫିରେ ବାଦଲଙ୍କୁ ୭ ୱିକେଟ

# ରାଜସ୍ଥାନକୁ ଓଡ଼ିଶାର ଲଢ଼ୁଆ ଜବାବ





**ଭୁବନେଶ୍ୱର, ୩୧।୧ (ସମିସ):** ଜୟପୁରରେ ଚାଲିଥିବା ସିକେ ନାଇଡୁ ଟ୍ରଫିରେ ଘରୋଇ ରାଜସ୍ଥାନକୁ ଓଡ଼ିଶା କଡ଼ା ଜବାବ ଦେଇଛି। ପ୍ରଥମ ଇନିଂସରେ ରାଜସ୍ଥାନର ୩୫୫ ରନ୍‌ର ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା ଓଡ଼ିଶା ପ୍ରଥମ ଇନିଂସରେ ୨ ୱିକେଟ ହରାଇ ୧୪୭ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଶ୍ରେୟାଂଶ ଭରଦ୍ୱାଜ ୭୨ ରନ୍‌ରେ ଅପରାଜିତ ରହିଥିଲାବେଳେ ଅଧିନାୟକ ଓମ୍‌ଟି ମୁଣ୍ଡେ ୬୨ ରନ୍‌ରେ ଆଉଟ ହୋଇଛନ୍ତି। ପୂର୍ବରୁ ରାଜସ୍ଥାନର ପ୍ରଥମ ଇନିଂସରେ ରଜତ ବାଘେଲ ସର୍ବାଧିକ ୭୪, ଏଜି ଚୋହାନ ୭୧ ଓ ସୁମିତ ଗୋଦରା ୭୦ ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ସ୍ପିନର ବାଦଲ ବିଶ୍ୱାଳ ସର୍ବାଧିକ ୭ଟି ୱିକେଟ ନେଇ ନିଜ କ୍ୟାରିୟରର ଶ୍ରେଷ୍ଠ ବୋଲିଂ ସଫଳତା ହାସଲ କରିଥିଲେ। ମହମ୍ମଦ୍ ସୋହେଲ ଖାନ୍ ଓ ସାଇଦୀପ ମହାପାତ୍ରଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS